
# ବେଦାନ୍ତା

Spreading Knowledge Amongst Mankind......

ଫେବୃୟାରୀ-୨୦୧୯ FEBRUARY - 2019



[ ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ- ପତ୍ରିକା...

( ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର




ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

vedantimagazine@gmail.com

editor.vedantimagazine@gmail.com



ମମତା ଦାଶ

## ହନୁମାମୁଁ ରିପୋର୍ଟିଙ୍ଗ.......

ପ୍ରିୟ ପାଠକବନ୍ଧୁ,

ମା ସରସ୍ୱତୀ ହିନ୍ଦୁ ଧର୍ମରେ ପ୍ରଚଳିତ ପ୍ରମୁଖ ଦେବୀମାନଙ୍କ ମଧ୍ୟରୁ ଅନ୍ୟତମ । ମା ସରସ୍ୱତୀଙ୍କ ଜନ୍ମ ଭଗବାନ ବ୍ରହ୍ମାଙ୍କ ମୁଖରୁ ହୋଇଥିଲା । ମା ସାହିତ୍ୟ, ସଂଗୀତ, କଳାର ଦେବୀ ଭାବରେ ପରିଚିତ । ତାଙ୍କ ମଧ୍ୟରେ ବିଚାର, ଭାବନା, ସମ୍ବେଦନାର ତ୍ରିବିଧ ସମନ୍ୱୟ ହୋଇ ରହିଛି । "ବୀଣା" ସଙ୍ଗୀତର "ପୁସ୍ତକ" ବିଚାରର ଏବଂ "ମୟୁର ବାହାନ" କଳାକୁ ସର୍ବଦା ଅଭିବ୍ୟକ୍ତ କରୁଥାଏ । ଲୋକମାନଙ୍କ ମତରେ ମା ସରସ୍ୱତୀଙ୍କୁ ଶିକ୍ଷାଦେବୀ ହିସାବରେ ମାନ୍ୟତା ପ୍ରାପ୍ତ ହୋଇଛି । ପଶୁ ପ୍ରବୃତିରୁ ମନୁଷ୍ୟଆଡକୁ ଗତି କରିବା ଏବଂ ଅନ୍ଧକୁ ନେତ୍ର ପ୍ରଦାନ କରିବା ଉପାଧି ଶିକ୍ଷାକୁ ମିଳିଥାଏ । ମନନ୍ ରୁ ମନୁଷ୍ୟ ବନିଥାଏ । ମନନ୍ ବୁଦ୍ଧି ରୂପରେ ପରିଚିତ । ବୁଦ୍ଧିର ଉପଲବ୍ଧି ବିନା ମନୁଷ୍ୟ ବାନର ରୂପରେ ପରିଚିତ ହୋଇଥାଏ । ଶିକ୍ଷାର ମହତ୍ୱ ଏବଂ ଗାରିମା ବୁଦ୍ଧିର ଆବଶ୍ୟକତା ହେତୁ ମା ସରସ୍ୱତୀଙ୍କୁ ଆରାଧନା କରାଯାଇଥାଏ । କଥାରେ ଅଛି ମହାକବି କାଳିଦାସ, ବରଦରାଜାଚାର୍ଯ୍ୟ ଆଦି ମନ୍ଦବୁଦ୍ଧି ଲୋକ ସରସ୍ୱତୀ ଉପାସନାକରି ଉଚ୍ଚକୋଟିର ବିଦ୍ୱାନ ହୋଇପାରିଥିଲେ ।

ମା ସରସ୍ୱତୀଙ୍କ ପୂଜା ଅବସରରେ ପ୍ରକୃତିର ରଙ୍ଗରୂପ ହସି ଉଠେ । ହାସ୍ୟ ଏବଂ ମଧୁର ହର୍ଷର ଫୁଲ ଫୁଟେ । ଉଲ୍ଲାସ ଏବଂ ଉତ୍ସାହର ପ୍ରତୀକ ନବୀନପଲ୍ଲଭ ପ୍ରତ୍ୟେକ ବୃକ୍ଷରେ ଦେଖାଯାଏ । ମନୁଷ୍ୟ ମଧ୍ୟରେ ମଧ୍ୟ ଜ୍ଞାନ ଏବଂ ଶିକ୍ଷାର ପ୍ରବେଶ ହୁଏ । ମା ସରସ୍ୱତୀଙ୍କ ଅନୁଗ୍ରହ ଦେଖାଯାଏ ସ୍ୱଭାବରେ, ଦୃଷ୍ଟିକୋଣରେ । ବସନ୍ତ ଋତୁର ଆଗମନ ପ୍ରତ୍ୟେକ ଜଡ

ବସ୍ତୁରେ ମଧ୍ୟ ପ୍ରାଣ ସଂଗ୍ରହ କରିଦିଏ । ମା ସରସ୍ୱତୀଙ୍କ ପୂଜା ଅବସର ବସନ୍ତର ଅବତରଣ, କୋଇଲିର ମଧୁର ଗାନ, ଭଅଁରର ଗୁଣୁଗୁଣୁ ସ୍ୱର, ମନମୁଗ୍ଧକର ପରିବେଶ ପ୍ରକୃତିକୁ କରିଦିଏ ଅତ୍ୟନ୍ତ ମନୋରମ ।

ପୃଥିବୀ ପୃଷ୍ଠରେ କରୋଡ଼ ପ୍ରଜାତିର ଜୀବ ନିବାସ କରନ୍ତି । ସମସ୍ତ ଜୀବଙ୍କର ଅଲଗା-ଅଲଗା ମହତ୍ୱ ଅଛି । କିନ୍ତୁ ମନୁଷ୍ୟକୁ ସୃଷ୍ଟିର ସର୍ବଶ୍ରେଷ୍ଠ ପ୍ରାଣୀ ରୂପରେ ସମ୍ମାନ ମିଳିଛି । ନିଃସନ୍ଦେହ ମନୁଷ୍ୟକୁ ଏହି ଉପାଧି ତାର ଅଦ୍ଭୁତ ବିଶେଷତା ଏବଂ ମହତ୍ ବୁଦ୍ଧି ପାଇଁ ପ୍ରାପ୍ତ ହୋଇଛି । ଏହି ପ୍ରଖର ଏବଂ ଅତ୍ୟନ୍ତ ବିକସିତ ବୁଦ୍ଧି ପାଇଁ ମନୁଷ୍ୟକୁ ହିଁ ସଂସାରର ସର୍ବଶ୍ରେଷ୍ଠ ପ୍ରାଣୀ ଭାବରେ ଗଣନା କରାଯାଇଛି ।

ମାନବୀୟ ବୁଦ୍ଧିର ଅନେକ ସ୍ୱରୂପ ଏବଂ ଅନେକ ବିଶେଷତା ଦେଖିବାକୁ ମିଳେ ଯାହାର ବଳରେ ଏହି ବିଶାଳ ବ୍ରହ୍ମାଣ୍ଡର ବିଶାଳ ରହସ୍ୟ ଜାଣିବାକୁ ବିଶାଳ ବୁଦ୍ଧି ସମ୍ପନ୍ନ, ବିଶାଳ ମାନବୀୟ ମାନବୀକତାର ବିଶାଳ ସ୍ୱରୂପକୁ ବିଶାଳ ବୌଦ୍ଧିକ କ୍ଷମତାର ସହିତ ବିଶାଳ ଦୃଷ୍ଟିକୋଣଯୁକ୍ତ ବିଶାଳ ବୁଦ୍ଧିର ଆବଶ୍ୟକ ।

ବୁଦ୍ଧିର ସାମାନ୍ୟ ରୂପ ପଢିବା, ଲେଖିବା, ଖାଇବା, କମାଇବା ଏବଂ ଆତ୍ମରକ୍ଷା ପାଇଁ ବୌଦ୍ଧିକ କ୍ଷମତା ପ୍ରାୟ ସମସ୍ତ ମନୁଷ୍ୟମାନଙ୍କ ମଧ୍ୟରେ ଦେଖିବାକୁ ମିଳେ । କିନ୍ତୁ କେବଳ ସାମାନ୍ୟ ବୌଦ୍ଧିକ କ୍ଷମତାକୁ ପ୍ରଜ୍ଞାଯୁକ୍ତ ଆମେ କରିପାରିବା ନାହିଁ । ମନୁଷ୍ୟର ସାମାନ୍ୟ ବୁଦ୍ଧି କେବଳ ସ୍ୱାର୍ଥପରତା, ସ୍ୱହାନିଲାଭର ନିର୍ଣ୍ଣୟ କ୍ଷମତାରେ ସମ୍ପନ୍ନ ହୁଏ । ଠିକ୍ ସେତିକବେଳେ ବିଶେଷ ବୁଦ୍ଧି ସମ୍ପନ୍ନ ବିବେକଶୀଳ ବୁଦ୍ଧି ପରମାର୍ଥିକ ଦୃଷ୍ଟିକୋଣରେ ପରିପୂର୍ଣ୍ଣ ସହିତ ଅନ୍ୟମାନଙ୍କ ପ୍ରଗତିରେ ମଧ୍ୟ ହିତୈଷୀ ବୋଧ କରନ୍ତି ।

ସତ କହିବାକୁ ଗଲେ ସମାଜ ଏବଂ ସଂସାରରେ ଯେତିକ ଉନ୍ନତି ସମ୍ଭବ ହୋଇପାରିଛି ଏମିତି ବିଶେଷ ବୁଦ୍ଧିସଂପନ୍ନ ମନୁଷ୍ୟ ପାଇଁ । ବୁଦ୍ଧି ହେଉଛି ଖଣ୍ଡାର ଦୁଇଧାର ସଦୃଶ । ଯଦି ଆମେ ଏହାକୁ ପ୍ରକୃତ ଉନ୍ନତି ଦିଗରେ ନେବା, ଏହାର ସତ୍ ଉପଯୋଗ କରିପାରିବା, ଏହା କେବଳ ନିଜର ଜୀବନ ନୁହେଁ, ସଂସାରର ସମସ୍ତ ଦିଗରେ ଏହା ପରିବର୍ତ୍ତନ ଆଣିବାରେ

ସମ୍ଭବ ହୋଇପାରିବ । କିନ୍ତୁ ଆମେ ଯଦି ଏଇ ବୁଦ୍ଧିକୁ ବିଧ୍ୱଂସ ଦିଗରେ ନେବା, ଏହା ନିଜର ସହିତ ପୁରା ସୃଷ୍ଟିର ନାଶ କରିବାରେ ପଛଘୁଞ୍ଚା ଦେବନାହିଁ । ଏହି ଅସ୍ତ୍ରକୁ ଆମେ କିପରି ଧାରଣ କରିବା ଏହି ନିର୍ଣ୍ଣୟ ସ୍ୱୟଂ ହି ନେବା ଉଚିତ । ବେଳେବେଳେ ତିକ୍ଷଣ୍ ଧାରଯୁକ୍ତ ଅସ୍ତ୍ର ସ୍ୱୟଂର ହସ୍ତକୁ କ୍ଷତିଗ୍ରସ୍ଥ କରିଥାଏ ।

ସଂସାରରେ ମନୁଷ୍ୟ ଦୁଇ ଶ୍ରେଣୀରେ ମିଳନ୍ତି । ବୁଦ୍ଧିମାନ ଏବଂ ମୂର୍ଖ । କୌଣସି ମନୁଷ୍ୟ କେବଳ ବୁଦ୍ଧିମାନ ହୋଇଥାଏ କିମ୍ବା କେବଳ ମୂର୍ଖ ହୋଇଥାଏ । ଏହି ଦୁଇଟା ଗୁଣକୁ ବାଦ ଦେଲେ ତୃତୀୟ ଶ୍ରେଣୀର ମନୁଷ୍ୟ ପୃଥିବୀରେ ମନୁଷ୍ୟ ରୂପରେ ଗଣାହୋଇ ନଥାନ୍ତି । ବୁଦ୍ଧିମାନ ବ୍ୟକ୍ତି ସର୍ବଦା ସମସ୍ତ ଜ୍ଞାନକୁ ଗ୍ରହଣ କରିବାକୁ ଆଗଭର ହୋଇଆସେ । ମୂର୍ଖ ବ୍ୟକ୍ତି ପାଇଁ ପୁସ୍ତକ ଏବଂ ଜ୍ଞାନର ପରିଭାଷା ସବୁ ବ୍ୟର୍ଥ । ମୂର୍ଖ ବ୍ୟକ୍ତି ଜ୍ଞାନର ପରିଭାଷାକୁ ନବୁଝି ଅଯଥାରେ ତର୍କ ବିତର୍କ କରିବାରେ ଲାଗିଥାନ୍ତି । ଅତଃ, କୌଣସି ମୂର୍ଖ ବ୍ୟକ୍ତି ସମ୍ମୁଖରେ ଜ୍ଞାନଚର୍ଚ୍ଚା କରିବା ଅଯଥାରେ ସମୟ ବ୍ୟର୍ଥ କରିବା ସହିତ ସମାନ ।

ବୁଦ୍ଧିମାନ ବ୍ୟକ୍ତି ତିନି ପ୍ରକାର ପ୍ରଣାଳୀରେ ନିଜ ବୁଦ୍ଧିର ପରିଚୟ ଦିଅନ୍ତି । ପ୍ରଥମ ପ୍ରଣାଳୀ ହେଉଛି ନିଜର ଚିନ୍ତନ ଶକ୍ତି, ସବୁଠାରୁ କଠୋର ପ୍ରଣାଳୀ । ଏହି ଚିନ୍ତନ ଶକ୍ତି ଦ୍ୱାରା ମନୁଷ୍ୟ ନିଜର ବୁଦ୍ଧି ବିବେକର ପରିଚୟ ନିଜ ଚିନ୍ତନ, ମନନ ଏବଂ ଆତ୍ମବଳ ଦ୍ୱାରା ହିଁ ନିଜ ବୁଦ୍ଧିର ପରିଚୟ ଦିଅନ୍ତି । ଏହା ମନୁଷ୍ୟର ସଂପୂର୍ଣ୍ଣ ନିଜସ୍ୱ । ଦ୍ୱିତୀୟ ପ୍ରଣାଳୀ ହେଉଛି ଅନୁକରଣ । ଏହା ସବୁଠାରୁ ସରଳ ପ୍ରଣାଳୀ ରୂପେ ପରିଚିତ । ସଂସାରର ସମସ୍ତ ବସ୍ତୁକୁ ଦେଖିବାହିଁ ଅନୁକରଣ କରି ନିଜ ବୁଦ୍ଧିର ପରିଚୟ ମନୁଷ୍ୟ ଦେଇଥାଏ । ଏଥିରେ ତାର ନିଜସ୍ୱ କିଛି ନଥାଏ । ଧିରେ ଧିରେ ଏହି ପ୍ରଣାଳୀକୁ ପ୍ରୟୋଗ କରି ମନୁଷ୍ୟ ଅନୁକରଣପ୍ରୀୟ ହୋଇଯାଏ । ତୃତୀୟ ଶ୍ରେଣୀର ବୁଦ୍ଧିମାନ ହେଉଛି ଅନୁଭବ, ଯେଉଁଟାକି ସବୁଠାରୁ କଷ୍ଟପ୍ରଦ । ମନୁଷ୍ୟ ନିଜେ ଉଠିପଡି ନିଜ ଅନୁଭବ ଦ୍ୱାରା ହିଁ ବୁଦ୍ଧିମାନର ପରିଚୟ ଦେଇଥାଏ । ଭଲ- ମନ୍ଦ ହାନି- ଲାଭ ରୁ ଅନୁଭବ ଗ୍ରହଣ କରି ବୁଦ୍ଧିମାନର ପରିଚୟ ଦେଇଥାଏ । ଯେଉଁପ୍ରକାର କମଳ ପଙ୍କରେ ଫୁଟି ମଧ ପଙ୍କକୁ ସ୍ପର୍ଶ କରିପାରିନଥାଏ, ଠିକ୍ ସେହିପରି ଏକ ଜ୍ଞାନୀ ବ୍ୟକ୍ତିର ଅନ୍ତଃର୍ମନକୁ ମୂର୍ଖତା କେତେବେଳେବି ସ୍ପର୍ଶ କରିପାରି

ନଥାଏ । ଯେ କୌଣସି ପରିସ୍ଥିତି ପରିବେଶରେ ରହି ମଧ୍ୟ ଏକ ବୁଦ୍ଧିମାନ ବ୍ୟକ୍ତି ନିଜ ବୁଦ୍ଧିମତାର ପରିଚୟ ଦେଇଥାଏ । ଠିକ୍ ଅନ୍ଧକାରକୁ ଆଲୁଅ ଯେପରି ଚିରି ବାହାରକୁ ଆସେ ।

ବୁଦ୍ଧି ଏକ ମାନସିକ ଶକ୍ତି । ଯେଉଁଟାକି ତଥ୍ୟକୁ ବୁଝିବା ଏବଂ ତା ମଧ୍ୟରେ ସଂବନ୍ଧ ବନାଇବାରେ ସହାୟକ ତଥା ତର୍କପୂର୍ଣ୍ଣ ତଥ୍ୟ ପ୍ରାପ୍ତ କରିବାରେ ସକ୍ଷମ ହୋଇଥାଏ । ବୁଦ୍ଧି ହିଁ ମନୁଷ୍ୟକୁ ନବୀନ ପରିସ୍ଥିତିକୁ ସଠିକ୍ ରୂପେ ବୁଝିବା ଏବଂ ତା ସହିତ ଅନୁକୂଳ ପରିସ୍ଥିତିରେ ସହାୟକ କରିଥାଏ । ବୁଦ୍ଧି ଯୋଗ୍ୟତାର ଅନୁରୂପ ହିଁ ହୋଇଥାଏ । କୁହାଯାଏ ଯାହା ପାଖରେ ବୁଦ୍ଧି ଅଛି, ସିଏ ହିଁ ବଳବାନ । ବୁଦ୍ଧି ଯୋଗୁଁ ହିଁ ମାନବ ଅନ୍ୟପ୍ରାଣୀଠାରୁ ଶ୍ରେଷ୍ଠ ହୋଇଥାଏ । ବୁଦ୍ଧିର ସ୍ୱରୂପକୁ ବୁଝିବା ବଡ କଠିନ କାମ ଅଟେ । ବୁଦ୍ଧିକୁ ଆମେ ବିବେକ ଅଥବା ତର୍କଶକ୍ତି କହିପାରିବା । ବୁଦ୍ଧିଦ୍ୱାରା ନିଆଯାଇଥିବା ନିର୍ଣ୍ଣୟରେ ବିଶ୍ୱାସ କରିବା ହେଉଛି ଶ୍ରଦ୍ଧା ଭାବ । ବୁଦ୍ଧିର ବଳ ହିଁ ସବୁଠାରୁ ଶ୍ରେଷ୍ଠ । କୌଣସି କାରଣରୁ ଯଦି ବୁଦ୍ଧି ଭ୍ରଷ୍ଟ ହୋଇଯାଏ, ତେବେ ମନୁଷ୍ୟ ଭଲ- ମନ୍ଦ ବୁଝିବାରେ ଅକ୍ଷମତା ପ୍ରଦର୍ଶନ କରେ ଏବଂ ପତନର ସମୀପ ହୋଇଥାଏ । ବୁଦ୍ଧି ଭ୍ରଷ୍ଟ ଯୋଗୁଁ ହିଁ କୌରବ ମାନଙ୍କ ବିନାଶ ହୋଇଥିଲା । ବୈଦିକ ବିଚାରଧାରାରେ କୁହାଯାଇଛି ବୁଦ୍ଧି ଈଶ୍ୱରଙ୍କର ସର୍ବଶ୍ରେଷ୍ଠ ବରଦାନ । ବୁଦ୍ଧି ଦ୍ୱାରା ମନୁଷ୍ୟ ନିଜ ସହିତ ସମାଜ ଏବଂ ରାଷ୍ଟ୍ରର କଲ୍ୟାଣରେ ଆସିଥାଏ । ମେଧାପ୍ରାପ୍ତ ବ୍ୟକ୍ତି କଠିନ ଏବଂ ସୂକ୍ଷ୍ମ ବିଷୟକୁ ସରଳତା ପୂର୍ବକ ବନାଇଥାଏ ଏବଂ ଈଶ୍ୱରଙ୍କ ପ୍ରିୟଭାଜନ ମଧ୍ୟ ହୋଇଥାଏ । ବିଦ୍ୟା, ଅବିଦ୍ୟା, ଧର୍ମ, ଅଧର୍ମ, ସତ୍ୟ, ଅସତ୍ୟର ମର୍ମକୁ ଜାଣିବାର କ୍ଷମତା ରହିଥାଏ । ଈଶ୍ୱର ଉପାସନା ସଦବୁଦ୍ଧି ପ୍ରାପ୍ତର ସର୍ବୋତ୍ତମ ମାଧ୍ୟମ ଅଟେ । ଈଶ୍ୱର ଜ୍ଞାନ ସ୍ୱରୂପ, ଜ୍ଞାନର ସୀମା ନାହିଁ । ଆମ ପାଖରେ ଯେଉଁ ଜ୍ଞାନ ଅଛି, ତାର ମୂଳ ସ୍ରୋତ ସର୍ବବ୍ୟାପକ ଈଶ୍ୱର । ଯଦି ଆମେ ଏକାଗ୍ର ମନରେ ପ୍ରତିଦିନ ସ୍ୱାତିକ ରୂପରେ ଈଶ୍ୱର ଉପାସନା କରିବା, ତେବେ ଆମ ଭିତରେ ଜ୍ଞାନର ପ୍ରକାଶ ବଢେ । ଈଶ୍ୱର ଉପାସନାରେ ବୁଦ୍ଧି ପବିତ୍ର ବନେ ଏବଂ ବିବେକ ଯାଗୃତ ହୁଏ । ବିବେକବାନ ହେଲେ ଆମଦ୍ୱାରା କୌଣସି ଭୁଲ କର୍ମ ହୁଏନାହିଁ । ବିବେକ ହିଁ ଆମକୁ ସତ୍ୟ- ମିଥ୍ୟାର ଅନ୍ତର

ଦେଖାଇଥାଏ । ଧର୍ମ- ଅଧର୍ମର ବିଗ୍ଭର ମଧ୍ଯ ବିବେକରୁ ଜାଗୃତ ହୁଏ । ସଂକଟ ସମୟରେ ଧୈର୍ଯ୍ୟ ଏବଂ ବିବେକ ସହିତ ଆତ୍ମବଳ ମଧ୍ଯ ସଂଗ୍ରହ ହୋଇଥାଏ । ଆଧୁନିକ ଯୁଗର କଠିନପୂର୍ଣ୍ଣ ଜୀବନଧାରଣରେ ମଧ୍ଯ ମେଧାଶକ୍ତିକୁ ଜାଗୃତ କରିଥାଏ । ମାନବର ବିଶେଷତା ହିଁ ତାର ବୁଦ୍ଧି ଯୋଗୁ । ସଂସାରର ସମସ୍ତ ପ୍ରାଣୀମାନଙ୍କ ମଧ୍ଯରେ ଶ୍ରେଷ୍ଠ ହେଉଛି ମନୁଷ୍ୟ । ମନୁଷ୍ୟ ମନର ବଡ ଶକ୍ତି ହେଉଛି ବିବେକ । ଯାହା ସହିତ ମନ ଏବଂ ବୁଦ୍ଧିର ଭୂମିକା ବିଦ୍ୟମାନ । ମନକୁ ବିଗ୍ଭରର ପୁଞ୍ଜି କୁହାଯାଏ । ଭ୍ଵବନା ଦ୍ଵାରା ବାହାର ଦୁନିଆର ଅନୁଭବ କରାଯାଇପାରେ । ଯେତେବେଳେ ମନ, ଭ୍ଵବନା ଏବଂ ବିଗ୍ଭରକୁ ସ୍ଵୀକାର କରେ, ସେତେବେଳେ ଏହାର ନିୟମନ ବୁଦ୍ଧିଦ୍ଵାରା ହୋଇଥାଏ । ବୁଦ୍ଧି ନିଜ ରାୟ ଦିଏ ଏବଂ ବିବେକ ତାକୁ ମାପିଚୁପି ଭୁଲ- ଠିକ୍ ର ଅର୍ଥ ବତାଏ । କିନ୍ତୁ ମନ ଏହାକୁ ସ୍ଵୀକାର କରିବା ତା ଉପରେ ନିର୍ଭର କରେ ।

ବୁଦ୍ଧି ଦ୍ଵାରା ଆମେ ସମସ୍ୟା ସମାଧାନର ଶକ୍ତି ରଖୁ । ବ୍ୟକ୍ତିତ୍ଵ ନିର୍ଦ୍ଧାରିତ ତତ୍ତ୍ଵରେ ବୁଦ୍ଧି ମଧ୍ଯ ସହାୟତା କରେ । ବୁଦ୍ଧି ଶବ୍ଦର ପ୍ରୟୋଗ ଜ୍ଞାନ, ପ୍ରତିଭ୍ଵ, ପ୍ରଜ୍ଞା ଆଦି ଅର୍ଥରେ ପ୍ରୟୋଗ ହୋଇଥାଏ । ସମସ୍ତ ବ୍ୟକ୍ତି ବୌଦ୍ଧିକ ରୂପରେ ଅଲଗା ଅଲଗା ହୋଇଥାନ୍ତି । ମାନବ ଜୀବନର ସମସ୍ତ ସମସ୍ୟା ଖାଲି ବୁଦ୍ଧି ସହିତ ନୁହେଁ। ସେଥିପାଇଁ ହୃଦୟର ମଧ୍ଯ ଆବଶ୍ୟକତା ଅଛି । ବୁଦ୍ଧି ସହିତ ହୃଦୟ ମଧ୍ଯ ପବିତ୍ର ହେବା ଉଚିତ ସଂସ୍କାରି ମଧ୍ଯ । କାରଣ ଭଗବାନ କେବଳ ହୃଦୟ ଦେଖନ୍ତି, ଏବଂ ମନୁଷ୍ୟ ବୁଦ୍ଧି । ବିଗ୍ଭର ଶକ୍ତି ସହିତ ଭ୍ଵବନା ଶକ୍ତି ମଧ୍ଯ ଆବଶ୍ୟକ । ବିଗ୍ଭର ଏବଂ ଭ୍ଵବନାର ସମନ୍ଵୟରେ ସଦବୁଦ୍ଧି ଉତ୍ପନ୍ନ ହୁଏ । ବୁଦ୍ଧି ସଂସାରରେ କୁଶଳତାର ନାମ ହେଲାବେଳେ ସଦବୁଦ୍ଧି ପରମାତ୍ମାଙ୍କର କୁଶଳତାର ପର୍ଯ୍ୟାୟ । ବୁଦ୍ଧି ଗ୍ଭଲାକ ହେଲେ ସଦବୁଦ୍ଧି ସଦ୍ ବିଗ୍ଭର । ମାନବ ସମାଜକୁ ଏମିତି ସଦବୁଦ୍ଧିର ଆବଶ୍ୟକ ଯିଏ କି ବ୍ୟକ୍ତିକ ଜୀବନକୁ ପରିଷ୍କୃତ କରି ସମାଜକୁ ବିକଶିତ କରିପାରିବ ଯଦ୍ଵାରା ଆନ୍ତରିକ ଏବଂ ବାହ୍ୟ ଜୀବନ ପୂର୍ଣ୍ଣତା ପ୍ରାପ୍ତ କରିବା ସହିତ ବିଗ୍ଭର ଏବଂ ଭ୍ଵବନାକୁ ମଧ୍ଯ ସମ୍ମାନ ମିଳିବ । ଏହି ସଦବୁଦ୍ଧି ଦ୍ଵାରା ହିଁ ମାନବ ଏବଂ ବିଶ୍ଵର ଭବିଷ୍ୟ ଉଜ୍ଜ୍ଵଳ ହୋଇପାରିବ । ଯୁଗର ସବୁଠାରୁ ବଡ ଆବଶ୍ୟକତା ହେଉଛି ସଦବୁଦ୍ଧି ।

ପ୍ରତ୍ୟେକ ବ୍ୟକ୍ତି ଚାରୋଟି ସ୍ତରରେ ଜୀବନଧାରଣ କରନ୍ତି । ଶରୀର, ବୁଦ୍ଧି, ମନ ଏବଂ ଆତ୍ମା । ମନ ଏବଂ ଆତ୍ମାର ସ୍ତର ଏକ । ଯାହାକୁ ଆମେ ମନ କହୁ, ସତ୍ତ୍ୱଗୁଣୀ, ତମଗୁଣୀ, ରଜୋଗୁଣୀ । ଶରୀର ବୁଦ୍ଧିର ନିର୍ଦ୍ଦେଶରେ କାର୍ଯ୍ୟ କରେ । କିନ୍ତୁ ମନ ନିଜ ଇଚ୍ଛାର ଅଭିବ୍ୟକ୍ତ ଶରୀର ଏବଂ ଇନ୍ଦ୍ରିୟ ମାଧ୍ୟମରେ କରେ । ମନ ସର୍ବଦା ଚାହେଁ ଆନନ୍ଦମୟ ରହିବାକୁ, ରସଯୁକ୍ତ, ନିର୍ମଳ ଏବଂ ସ୍ୱଚ୍ଛ । ବିନା ମନରେ କରାଯାଇଥିବା କର୍ମକୁ ନିରସ କୁହାଯାଏ । ଏଥିରେ ରସ ନଥାଏ । ମନରୁ ବନାଯାଇଥିବା ଚିତ୍ର ହଜାର ମାଇଲ ଦୂରରେ ରହି ମଧ୍ୟ ଦର୍ଶକ ମନକୁ ମୋହିନିଏ । ମନ ମୂଲ୍ୟବାନ । ବ୍ୟକ୍ତିର ସରଣି । ଜୀବନର ସମସ୍ତ ଲକ୍ଷ୍ୟ ମନରେ ହିଁ ହୋଇଥାଏ । ଅନ୍ତଃର୍ମନରେ ଈଶ୍ୱର ମିଳେ । ଏହାକୁ ସାଧିବାକୁ ହେଲେ ଶରୀର ଏବଂ ବୁଦ୍ଧିର ଆବଶ୍ୟକତା ରହିଛି । ଜୀବନର ପ୍ରତ୍ୟେକ ସ୍ତର ଏକ ଦିଶା, ଏକ ଗତିରେ ଚାଲିଲେ ଜୀବନରେ ସରସତା ଆସେ । ଏହା ତପସ୍ୟା, ସାଧନା ଏବଂ ସୁଖର ମୂଳ ଆଧାର ।

ଜୟ ଉତ୍କଳ, ଜୟ ଓଡିଶାବାସୀ ।

ମମତା ଦାଶ



# ଭିତର ପୃଷ୍ଠାରେ....


| | | |
|---|---|---|
| ଆମ ପର୍ବ ପର୍ବାଣୀ ଓ ବିଭିନ୍ନ ପୃଷ୍ଠଭୂମି ରେ ତାହାର ମହତ୍ତ୍ୱ | ପ୍ରତିଭା ପ୍ରିୟଦର୍ଶିନୀ | ୧୩ |
| ମୁଁ ପର ଅଛି | ଅନୁସୂୟା ମିଶ୍ର | ୧୯ |
| ମୋ ଗାଁ ଡାକେ ମୋତେ | ଶଶଧର ମହାପାତ୍ର | ୨୧ |
| ଏ ଶବ୍ଦ ମାନେ ବଡ଼ ମନୁଆ | ଅମ୍ବିକା ସ୍ୱାଇଁ | ୨୫ |
| କୋରାପୁଟର ମାଳ ( ଶେଷ ଭାଗ) | ଅଶୋକ ବିଶ୍ୱାଳ | ୨୬ |
| ସ୍ମୃତି | ଡ଼ଃ ଅମ୍ରେଶ ପଟ୍ଟନାୟକ | ୩୪ |
| କାଶତଣ୍ଡୀ ପ୍ରତି | ଭାସ୍କର ଚନ୍ଦ୍ର ଖଣ୍ଡା | ୩୬ |
| ଟାକୁଆର ସ୍ୱପ୍ନ | ରଞ୍ଜିତ ସାହୁ | ୩୭ |
| ପୁଣି ସେଇ ଶାଢୀ ଗହଣା | ଶାନ୍ତିଲତା ମିଶ୍ର | ୩୮ |
| ପ୍ରିୟେ | ଆଶୁତୋଷ ମେହେର | ୪୩ |
| କୁହୁଡି | ସାଗରିକା ମହାନ୍ତି | ୪୪ |
| ତୁମେ ଆସିବ ବୋଲି | କାର୍ତ୍ତିକ ପାଣିଗ୍ରାହୀ | ୪୫ |
| କ୍ଷୁଦ୍ରଗଳ୍ପ - "ଧୃତରାଷ୍ଟ୍ର" | ବିନୟ ମହାପାତ୍ର | ୪୬ |
| ଶୀତ ର କବିତା | ଇଂ. ସାରଦା ପ୍ରସାଦ ପରିଡା | ୫୩ |
| ଜୀବନ ଆଉ ଯନ୍ତ୍ରଣା | ସୀତାରାମ ଦାଶ | ୫୬ |

| | | |
|---|---|---|
| ମାଙ୍କଡର ବାର୍ତ୍ତା | ନରେନ୍ଦ୍ର ସାହୁ | ୫୭ |
| ସତ୍ୟର ସନ୍ଧାନ | ବରଦା ପ୍ରସନ୍ନ ଦାସ | ୫୯ |
| ଜୀବନର ଧର୍ମ | ସନ୍ତୋଷ ପଟ୍ଟନାୟକ | ୬୭ |
| ମା ପରି ନାହିଁ କେହି | ସାଗର ପ୍ରଧାନ | ୬୮ |
| ମୁଁ କାନ୍ଦିଲେ ସେ ହସନ୍ତି | ସତ୍ୟବ୍ରତ ସାହୁ | ୭୦ |
| ଜୀବନର ଚଠା | ସୁଲୋଚନା ପଟ୍ଟନାୟକ | ୭୨ |
| ହସର ଉଦ୍ଦେଶ୍ୟ | ସସ୍ମିତା ସାହୁ | ୭୯ |
| ତାଜା ରକ୍ତର ଛିଟା | ପ୍ରଫୁଲ୍ଲ କୁମାର ନାହାକ | ୮୧ |
| ମାନବ | ପ୍ରକାଶ ଚନ୍ଦ୍ର ପଣ୍ଡା | ୮୩ |
| ବଣଫୁଲ | ଡକ୍ଟର ବିଜ୍ଞାନୀ ଦାସ | ୮୪ |
| ନାରୀ ହୋଇଯିବେ ଲୁପ୍ତ | କେ. ନର୍ମଳ | ୯୪ |
| ଏଇତ ଜୀବନ | ଅରୁଣ କୁମାର ମହାନ୍ତି | ୯୫ |
| ସ୍ମୃତି | ସୋନାଲି ସ୍ୱାଇଁ | ୯୭ |
| ଭାରତ ବନ୍ଦ | ସୁଧାଂଶୁ ଶେଖର ଦ୍ୱିବେଦୀ | ୯୯ |
| ମରୁଡି ପରିସ୍ଥିତି ରେ କୃଷୀ ର ଦୁଃଖ | ଡମ୍ବରୁଧର ବାଗ | ୧୦୧ |
| ନାରୀ ଅଟେ ପୂଜନୀୟା | ହରେରାମ ପଣ୍ଡା | ୧୦୩ |
| ଆଖିରୁ ମୋ ଲୁହ ଝରେ | ଧିରେନ୍ଦ୍ର ମଲ୍ଲିକ | ୧୦୪ |
| ନୋଳଆ ଗାଁ ଓ ନୀଳ ସମୁଦ୍ର | ପ୍ରିୟବ୍ରତ ପାତ୍ର | ୧୦୬ |
| ଶୀତର ଛୁଆଁ | ତପନ କୁମାର ସ୍ୱାଇଁ | ୧୧୫ |
| ପାର୍କର୍ ଆଉ ମୁଁ | ସୌମ୍ୟ ରଞ୍ଜନ ପାଲ | ୧୧୬ |
| ତୃଷିତ ହୃଦୟ ବ୍ୟଥା | ସିଦ୍ଧେଶ୍ୱର ତ୍ରିପାଠୀ | ୧୧୮ |
| ଆସ୍କା ଫୋଟି | ସୁବଳ ମହାପାତ୍ର | ୧୧୯ |

| | | |
|---|---|---|
| ନଦ | ବିଭୁତି ଭୁଷଣ ସାମଲ | ୧୨୦ |
| ନବବର୍ଷ ତବାୟୁଷ | ଚନ୍ଦ୍ର ଶେଖର ଗୋ | ୧୨୨ |
| କୋକିଳ କାକଳି | ରାଜଶେଖର ସି. "ଚମା" | ୧୨୪ |
| ଅଭିଶପ୍ତ ଜୀବନ | ଶାଶ୍ୱତୀ ସାମଲ୍ | ୧୨୬ |
| ପ୍ରେମ | ଖଗେଶ୍ୱର ବାଗ | ୧୩୧ |
| ମାର ଅବା ତାର | କବି ପ୍ରସାଦ | ୧୩୨ |
| ବାଆ ବାଆ ରେ ଟୋକା | ଅଜୟ କୁମାର ବେହେରା | ୧୩୩ |
| ଅଳ୍ପ ଦିନ ର ଗଳ୍ପ | ପ୍ରକାଶ ସାହୁ | ୧୩୫ |
| ନାରୀ | ଭାସ୍କର ପ୍ରଧାନ | ୧୪୨ |
| ତୁମ ଅପେକ୍ଷାରେ | ପ୍ରଶାନ୍ତ କୁମାର ପଧାନ | ୧୪୩ |
| ମୁଁ ବହି | ପ୍ରେମଶିଲ୍ ରାଉତ | ୧୪୪ |
| ଏକ ଦାଦନ ର କାହାଣୀ | ପୁଷ୍ପିତା ଭୂୟାଁ | ୧୪୬ |
| ଜଳୁଛି ଜୁଇ ହୋଇ | ଧିରେନ୍ ବାଗ | ୧୫୩ |
| ମାଁ ମୋର ମହାନ୍ ଭାରତ | ବିନୋଦ ବିଶି | ୧୫୫ |
| ଏ ବଣମଲ୍ଲୀ | ପୂର୍ଣ୍ଣଚନ୍ଦ୍ର ରଣା | ୧୫୬ |
| ପାପ ଉପରେ ପୁଣ୍ୟ | ଆକାଶ କୁମାର ଭୋଳ | ୧୫୭ |
| ଦୋଷ କାହାର | କେଶରୀ ପ୍ରସାଦ ମହାନ୍ତି | ୧୬୧ |
| ଶିହରଣ | ରାମ କଲତା | ୧୬୨ |
| ଅତିତ ଅତିଥି | ପ୍ରବୀଣ୍ ରମେଶ୍ | ୧୬୪ |
| ପରିବର୍ତ୍ତନଶିଳ ଏ ସଭ୍ୟତା | ଶୁଭସ୍ମିତା ବେହେରା | ୧୬୫ |
| ତୁମେ ଚାଲିଗଲ୍ ପରେ | ରୋହିତ୍ ମାଝୀ | ୧୬୭ |
| ମୋ ଗାଆଁର ଶୀତ ଖରା | ଶିଶିର କୁମାର ପଣ୍ଡା | ୧୬୯ |

| | | |
|---|---|---|
| ମା | ପ୍ରଶାନ୍ତ କୁମାର ନାଥ | ୧୭୦ |
| ସେଇ ମୋ ଉତ୍କଳ | ସତ୍ୟବ୍ରତ ପ୍ରଧାନ | ୧୭୨ |
| କବିତା | ପ୍ରସନ୍ନ ପ୍ରୟାସ ଭୁଏ ( ପ୍ରୟାସ) | ୧୭୩ |
| ହେ ମୋ'ର ମାଟିଦୀପ | ନଶିକାନ୍ତ କହଲସିଂହ | ୧୭୪ |
| ଛୋଟ ମୋର ନାଆଟି ( ଧାରାବାହିକ) | ପ୍ରଫେସର ଅନତା ପଣ୍ଡା | ୧୭୬ |
| ଭେକ | ବିକେଶ ସାହୁ | ୧୮୯ |
| ମୋ ହୃଦୟର ସ୍ପନ୍ଦନ | ପ୍ରିୟବ୍ରତ କର | ୧୯୧ |
| ଅନୁଗୋଳ ଓ ମକର ସଂକ୍ରାନ୍ତି | ଧୀରେନ୍ଦ୍ର କୁମାର ପ୍ରଧାନ | ୧୯୨ |
| ଭାଗ୍ୟ ନୟନ୍ତା | ଆଶା ସାହୁ ( ଆରତୀ) | ୧୯୪ |
| ମେରୀ କ୍ରିସମସ୍ | ସନାତନ ମହାକୁଡ | ୨୦୨ |
| ତମେସଥେଁ ଭଲଲୋକ ! | ଏମ୍. ବିଜୟ କୁମାର | ୨୦୩ |
| ସମ୍ବଲପୁରୀ ନନୀ | ଫିରୋଜ କୁମାର ପଟେଲ | ୨୦୫ |
| ଆଧ୍ୟାତ୍ମିକ ଧର୍ମର କବଳରୁ ମୁକ୍ତିର ପ୍ରୟାସ | ବାଲ୍ମୀକ ନାୟକ | ୨୦୬ |
| ଗ୍ରୀଷମ ମହିମାଁ | ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ | ୨୧୧ |
| ଶେଷ ବେଲବୁଡା | ଅଶୋକ କୁମାର ପଧାନ | ୧୨୧ |
| ଧାନ କ୍ଷେତରେ ଗୃଷୀ ସମସ୍ୟା | ଡ଼ି ଶୁଭମ୍ | ୨୧୪ |
| ବିଦେଶ ଖବର | ବେଦାନ୍ତୀ ପରିବାର | ୨୧୯ |
| ପୁସ୍ତକ ପରିଚୟ | ଡ଼ି ଶୁଭମ୍ | ୨୨୧ |
| ପୁସ୍ତକ ପରିଚୟ | ବରଦା ପ୍ରସନ୍ନ ଦାସ | ୨୨୩ |
| ପୁସ୍ତକ ପରିଚୟ | ସନ୍ତୋଷ କୁମାର ମହାନ୍ତି | ୨୨୪ |

| | | |
|---|---|---|
| ପୁସ୍ତକ ପରିଚୟ | କେଶରୀ ପ୍ରସାଦ ମହାନ୍ତି | ୨୨୬ |


# ଶିଶୁ ବିଭାଗ


| | | |
|---|---|---|
| ମକର ଗଲାଣି ଆ ବସନ୍ତ | ସତ୍ୟବ୍ରତ ସାହୁ | ୨୨୯ |
| ଶୀତ ଆ ବସିବା ମିତ | ଚନ୍ଦ୍ର ଶେଖର ଗୋ | ୨୩୦ |
| ଆସନ୍ତୁ ବୁଲିଯିବା ନନ୍ଦନକାନନ | ରାଜଶେଖର ସି "ଚମା" | ୨୩୨ |
| ମଶା ମାଛି କଳ | ଅବିନାଶ ବେହେରା | ୨୩୪ |
| ଜଣା ପଡେନା ବେଳ | ଶେଖର କୁମାର ସ୍ୱାଇଁ | ୨୩୬ |
| ଫେବୃୟାରୀ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୨୩୭ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୨୩୮ |

# ଆମ ପର୍ବ ପର୍ବାଣୀ ଓ ବିଭିନ୍ନ ପୃଷ୍ଠଭୂମି ରେ ତାହାର ମହତ୍ତ୍ୱ



ପ୍ରତିଭା ପ୍ରିୟଦର୍ଶିନୀ

ଏଇମାତ୍ର ଆମେ ପାଳନ କରିଛେ ମକର ସଂକ୍ରାନ୍ତି। ଏହା ପଛରେ ଥିବା ବିଭିନ୍ନ ପୃଷ୍ଠଭୂମି ବାବଦରେ ଏହି ଆଲେଖ୍ୟ ରେ ବିଷଦ ଆଲୋଚନା କରିବା। ମକର ସଂକ୍ରାନ୍ତି ସାରା ଦେଶରେ ପାଳିତ ହେଉଥିବା ଏକ ମୂଖ୍ୟ ପର୍ବ ଅଟେ। 'ସଂକ୍ରାନ୍ତି' ଶବ୍ଦର ଅର୍ଥ ହେଉଛି ଗତି ବା movement। ଆମେ ଜୀବନ ବୋଲି ଚିହ୍ନିଥିବା ଜାଣିଥିବା ସବୁକିଛି ଗତିଶୀଳ। ଆମ ପୂର୍ବଜ ମାନେ ଚାଲିଗଲେ ଆଉ ଆମ ଉତ୍ତରପିଢି ନିଃସନ୍ଦେହ ଆମ ଯିବା ବାଟ କୁ ଅପେକ୍ଷା କରିଛନ୍ତି। ପୃଥିବୀ ଘୁରୁଛି ଏବଂ ତା ସହିତ ଘୁର୍ଣ୍ଣାୟମାନ ଆମ ଜୀବନ। ପୃଥିବୀ ସ୍ଥିର ହୋଇଥିଲେ ଏଠାରେ ଜୀବନ ସମ୍ଭବ ହୋଇନଥାନ୍ତା। ତେଣୁ ଏକ ନିର୍ଦ୍ଦିଷ୍ଟ ଚଳନ ରେ ପ୍ରତ୍ୟେକ ଜୀବ ଅନ୍ତର୍ଭୁକ୍ତ। ଆଉ ଏହି ଚଳନ ସମ୍ଭବ ହୁଏ ଏକ ସ୍ଥିର ପୃଷ୍ଠଭୂମି ରେ। ତେଣୁ, ଯେଉଁ ଜୀବ ସେହି ଅସୀମ ସ୍ଥିରତା କୁ ନିଜ ଜୀବନରେ ଓ ଅସ୍ତିତ୍ୱ ଭିତରେ ଅନୁଭବ କରିନାହିଁ ସେ ଅଚରେ ହଜିଯାଏ ଏହି ଅବିରତ ଚଳନ ପ୍ରକ୍ରିୟାରେ।

ଆମ ଏଇ ପୃଥିବୀ ଏକ ନିର୍ଦ୍ଦିଷ୍ଟ ଗତିରେ ଗତିଶୀଳ ହୁଏ ବୋଲି ଜୀବନ ଏଠାରେ ସହଜ। ପୃଥିବୀର ଚଳନ କେବଳ ଋତୁ ପରିବର୍ତ୍ତନ କରାଇଥାଏ। କିନ୍ତୁ ତାର ଗତି ଯଦି ସାମାନ୍ୟ ଟିକିଏ ବଢିଯାଏ, ତେବେ ଆମ ସୁସ୍ଥରୁ ମସ୍ତିଷ୍କ ମଧ୍ଯ ଚହଲି ଯିବ, ସବୁକିଛିର ଭାରସାମ୍ୟ ଦୋହଲି ଯିବ। ତେଣୁ ଚଳନ ମଧ୍ଯ ଏକ ନିର୍ଦ୍ଧିଷ୍ଟ ସୀମା ଯାଏ ସୁଖଦ, ତାକୁ ଟପିଗଲେ ପାଲଟେ ନିର୍ଯ୍ୟାତନା।

## ମକର ସଂକ୍ରାନ୍ତି ର ମହତ୍ତ୍ୱ

* * * * * * * * * * * * * * *

ମକର ସଂକ୍ରାନ୍ତି ସେହି ଦିନଟିକୁ ଗୁରୁତ୍ତ୍ୱପୂର୍ଣ୍ଣ କରାଏ ଯେଉଁଦିନ ରାଶି ପୁଞ୍ଜରେ ଉଲ୍ଲେଖନୀୟ ଚଳନ ଘଟେ ଏବଂ ପୃଥିବୀ କକ୍ଷରେ ସେହି କ୍ରମବଦ୍ଧତା ରେ ପରିବର୍ତ୍ତନ ଏଠାରେ ଜୀବନ

ପ୍ରକ୍ରିୟା କୁ ମଧ୍ୟ ପ୍ରଭାବିତ କରେ। ବର୍ଷରେ ୧୨ ଟି ସଂକ୍ରାନ୍ତି ଆସୁଥିଲେ ମଧ୍ୟ ମକର ଓ କର୍କଟ ସଂକ୍ରାନ୍ତି ର ବିଶେଷତ୍ୱ ଅଧିକ। ପ୍ରତ୍ୟେକ ସଂକ୍ରାନ୍ତି ରେ ପୃଥିବୀର ଚଳନ ଧାରାବାହିକ ଭାବେ ଗୋଟିଏ ରାଶିରୁ ଅନ୍ୟ ରାଶିକୁ ହୁଏ। ଡିସେମ୍ବର ୨୨ ତାରିଖରେ ଦକ୍ଷିଣ ଅୟନାନ୍ତ ବିନ୍ଦୁରେ ପହଞ୍ଚିବା ପରେ ସୂର୍ଯ୍ୟଙ୍କ ଗତି କ୍ରମଶଃ ଉତ୍ତର ଦିଗକୁ ପରିବର୍ତ୍ତିତ ହେବା ସହିତ ଅନେକ ପରିବର୍ତ୍ତନ ଆସେ ପୃଥିବୀରେ। ତେଣୁ ମକର ସଂକ୍ରାନ୍ତି ପରେ ଶୀତ ର ପ୍ରଭାବ କ୍ରମଶଃ କମ ହୁଏ।

ପୃଥିବୀର ଚଳନ ମଧ୍ୟ ଆମେ ଧରଣୀ ଠାରୁ ପାଉଥିବା ଅମଳ କୁ ପ୍ରଭାବିତ କରେ। ସମୟ ଯେତେବେଳେ ମଣିଷ କେବଳ ସେତିକି ଖାଇ ଜୀବନଧାରଣ କରୁଥିଲା ଯେତିକି ପୃଥିବୀ ମାତା ଉତ୍ପାଦନ ଦେଉଥିଲା। କ୍ରମଶଃ ମଣିଷ ଶିଖିଲା କପରି ତା ଇଚ୍ଛା ମୁତାବକ ଉତ୍ପାଦ ପାଇବ ପୃଥିବୀ ଠାରୁ, ସେହି ପ୍ରକ୍ରିୟା ଟି ହେଉଛି କୃଷି। ଯେମିତି ଆମେ ପିଲାଦିନେ ମା ଯାହା ଦେଲେ ଖାଉଥିଲେ କିନ୍ତୁ ବଡ଼ ହେବାସହିତ ଆମେ ନିଜେ କହିଲେ କଣ ଖାଇବାକୁ ଇଛା ଏବଂ ଅଧିକ ବଡ଼ ହେବା ସହିତ ଆମେ ଜିଦ କରି ଦାବି ଜଣାଇଲେ ଆମ ଇଚ୍ଛିତ ଖାଦ୍ୟ ପାଇଁ। ତେବେ ଆମକୁ କେବଳ ସେତିକି ମିଳେ ଯାହା ମା ଖୁସିରେ ଦେବାକୁ ଚାହିଁ ଥାଏ। କିନ୍ତୁ ତା ଠୁ ବେଶୀ ଦାବି କଲେ ଇଚ୍ଛିତ ଜିନିଷ ତ ମିଳେନି ବରଂ ଆଉକିଛି ମିଳେ ଯାହା ଅପେକ୍ଷିତ ନୁହେଁ। ଏବଂ ୟାକୁ ହିଁ କୁହାଯାଏ ଶିଳ୍ପାୟନ। କୃଷି ହେଉଛି ଧରିତ୍ରୀ ମାଆକୁ ମନେଇ ଆମେ ଆମ ଆବଶ୍ୟକ ଉପାଦାନ ଲାଭ କରିବା। ଏବଂ ଶିଳ୍ପାୟନ ଏହି ପ୍ରକ୍ରିୟା କୁ ଧ୍ୱସ୍ତ କରୁଛି।

ତେଣୁ ଏହା ଏପରି ଏକ ଦିନ ଯେବେ ଆମେ ଅନୁଭବ କରିବା ଉଚତ ଯେ ଆମର ବୋଲି ଯାହାକିଛି ଆମେ କହୁ ସେସବୁ ଏଇ ପୃଥିବୀ ଠାରୁ ଆମେ ନେଇଛୁ। ଅଧିକାଂଶ ଲୋକ ଦାନ ଦେବା କଥା କୁହନ୍ତି, ତେବେ କୋଉଠୁ ଆଣି ଦାନଦେବା ? ଆମେ କେବଳ ନେଉ, କେତେବେଳେ ସହଜ ନମ୍ର ଭାବରେ ତ ଆଉକେବେ ଜୋର କରି। ଆମେ ଜନ୍ମ ହେବା ସମୟରେ କୌଣସି ସମ୍ପତ୍ତି ଧରି ଜନ୍ମ ହୋଇନଥାଏ, ତେବେ ଦାନ କେଉଁଠୁ କରିବା ? ଆମେ କେବଳ ଅର୍ପଣ କରିଥାଏ, ପ୍ରତ୍ୟେକ ଜିନିଷ ଅର୍ପିତ ହୁଏ, କାରଣ ସେସବୁ, ସବୁବେଳେ ଏହି ପୃଥିବୀରେ ହିଁ ଥିଲା।

## ଅମଳ ର ପର୍ବ

* * * * * * * * *

ମକର ସଂକ୍ରାନ୍ତି କୁ ମଧ୍ଯ ଶସ୍ୟ ଅମଳ ର ପର୍ବ ଭାବେ ପାଳନ କରାଯାଏ କାରଣ ଏହି ସମୟରେ ଫସଲ ପ୍ରସ୍ତୁତ ହୋଇ ଅମଳ ହୁଏ ଏବଂ ସମସ୍ତେ ଆନନ୍ଦ ଉଲ୍ଲାସ ରେ ମଜ୍ଜି ଯାଆନ୍ତି। ଦକ୍ଷିଣ ଭାରତରେ ତିନଦିନ ବ୍ୟାପୀ ପୋଙ୍ଗଲ ପାଳନ ହୁଏ ଏହି ସମୟରେ ଯେଉଁଥିରେ ଶସ୍ୟ ଅମଳରେ ସାହାଯ୍ୟ କରିଥିବା ସମସ୍ତଙ୍କୁ କୃତଜ୍ଞତା ଅର୍ପଣ କରାଯାଏ। ପ୍ରଥମ ଦିନଟି ଧରିତ୍ରୀ ମାଆଙ୍କ ପାଇଁ, ଦ୍ଵିତୀୟ ଦିନଟି ଆମ ମାନଙ୍କର ଏବଂ ତୃତୀୟ ଦିନଟି ପଶୁଧନ ଙ୍କ ପାଇଁ। କାରଣ ସେମାନଙ୍କ ବିନା ଆମ କାମ ଚଳବ ନାହିଁ, କନ୍ତୁ ଆମେ ନଥିଲେ ସେମାନେ ମୁକ୍ତ ଭାବରେ ବଂଚଥାନ୍ତେ।

ଏହିଭଳ ପର୍ବ ଗୁଡିକ ଆମକୁ ମନେପକାଇ ଦିଅନ୍ତି ଯେ ଆମକୁ ଆମ ବର୍ତ୍ତମାନ ଓ ଭବିଷ୍ୟତକୁ ସଚେତନ ହୋଇ ଗଢ଼ିବାକୁ ହେବ। ବର୍ତ୍ତମାନ ଆମେ ଗତବର୍ଷ ର ଫସଲ ଅମଳ କରିଛେ। ଆସନ୍ତା ବର୍ଷ ପାଇଁ କଭଳ ଯୋଜନା ପ୍ରସ୍ତୁତ କରିବାକୁ ହେବ ସେଥିପାଇଁ ଆଲୋଚନା ରେ ପଶୁଧନ ଙ୍କୁ ବି ସମ୍ମିଳତ କରାଯାଏ। ଖୁବ କ୍ଵଚତ ଗ୍ରାମାଞ୍ଚଳରେ ଏବେବି ଆଗାମୀ ଫସଲ ପ୍ରସ୍ତୁତି ଖୁବ ପାରମ୍ପରିକ ରୀତିରେ ହୁଏ। ଜୈବିକ ପଦ୍ଧତିରେ ପଶୁ ମାନଙ୍କର ବୟସ, କ୍ଷମତା ଇତ୍ୟାଦି କୁ ମଧ୍ଯ ବିଚାରକୁ ନଆଯାଇ ଯୋଜନା ପ୍ରସ୍ତୁତ ହୁଏ।

## ମହାଜାଗତିକ ସମ୍ବନ୍ଧ

* * * * * * * * * * *

ମକର ସଂକ୍ରାନ୍ତି ଶସ୍ୟ ଅମଳ ର ପର୍ବ ହେଲେବି, ଏହାର ନକ୍ଷତ୍ରିୟ ଏବଂ ଆଧ୍ୟାତ୍ମିକ ସମ୍ବନ୍ଧ ମଧ୍ଯ ରହିଛି। ଯୋଗୀ ଏବଂ ସାଧକ ମାନଙ୍କ ପାଇଁ ନୂଆ କଛି ସାଧାନା ଉଦ୍ଦେଶ୍ୟରେ ସଂକଳ୍ପ ନେବା ଓ ସାଧନା କରିବା ପାଇଁ ଏହା ପ୍ରକୃଷ୍ଟ ସମୟ। ସେହିଭଳ ସଂସାରୀ ମାନଙ୍କ ପାଇଁ ମଧ୍ଯ ନୂତନ ଉଦଯୋଗ କରିବା ର ଏ ସମୟ।

ଭାରତୀୟ ଯୋଗ ପରମ୍ପରା ଏଭଳ ଭାବରେ ବିକଶିତ ହୋଇଛି, ଯେଉଁଠି ମହାଜାଗତିକ ସଂରଚନା ଓ ମାନବ ଶରୀର ସଂରଚନା ଭିତରେ ଏପରି ତାଳମେଳ ସ୍ଥାପିତ କରାଯାଇ ପାରିବ ଯଦ୍ଵାରା ଗ୍ରହ, ନକ୍ଷତ୍ର ଓ ଅନ୍ୟାନ୍ୟ ଆକାଶୀୟ ପିଣ୍ଡର ସ୍ଥାନ ପରିବର୍ତ୍ତନ ସହିତ

ହେଉଥିବା ଉର୍ଜା ପରିବର୍ତ୍ତନ କୁ ମାନବ ଶରୀର ପ୍ରତି ଘଣ୍ଟା, ମିନଟ ଓ ମୁହୂର୍ତ୍ତରେ ନଜ ଭିତରେ ଅନୁଭବ ଓ କ୍ରିୟାନ୍ୱିତ କରି ପାରିବ।

ଉଦାହରଣ ସ୍ୱରୂପ ୧୦୮ ସଂଖ୍ୟାର ମହତ୍ତ୍ୱ ମାନବ ଶରୀର ଠାରୁ ଆରମ୍ଭ କରି ସୌରଜଗତ ଓ ବ୍ରହ୍ମାଣ୍ଡ ର ଅନେକ ସଂରଚନା ରେ ଉଲ୍ଲେଖଯୋଗ୍ୟ ଭୂମିକା ରହିଛି। କୌଣସି ମନ୍ତ୍ର ଜପ କରିବା କମ୍ବା ପ୍ରଦକ୍ଷିଣା ୧୦୮ ଥର କର୍‌ଯାଏ। କୌଣସି ମାଳାଧାରଣ କଲେ ସେଥିରେ ୧୦୮ ଟି ମାଳ ରହିଥାଏ। କାରଣ ମଣିଷକୁ ଆପଣା ଶରୀର ତନ୍ତ୍ର ଉପରେ ସମ୍ପୂର୍ଣ୍ଣ ପାରଙ୍ଗତ ହେବା ପାଇଁ ୧୦୮ ଟି ଜିନଷ କରିବାକୁ ହୁଏ। ମାନବ ଶରୀରରେ ୧୧୪ ଟି ଚକ୍ର ( ଯେଉଁଠାରେ ନାଡୀ ମାନେ ପରସ୍ପର ସହିତ ମିଶନ୍ତି) ରହିଛି। ସେଥି ମଧ୍ୟରୁ ୨ଟି ଶରୀର ବାହାରେ ରହିଛି। ଭୌତିକ ଶରୀର ମଧ୍ୟରେ ଥିବା ବଳକା ୧୧୨ ଟି ମଧ୍ୟରୁ ୧୦୮ ଟି ଉପରେ କାମ କଲେ ଆଉ ୪ଟି ସ୍ୱତଃ ଉନ୍ମୁକ୍ତ ହୋଇଯାଏ।


ଏହାର ସୁନ୍ଦର ଉଦାହରଣ ସୌରଜଗତରେ ମଧ୍ୟ ଦେଖିବାକୁ ମିଳେ। ସୂର୍ଯ୍ୟଙ୍କ ବ୍ୟାସ ପୃଥିବୀ ବ୍ୟାସ ର ୧୦୮ ଗୁଣ ଅଟେ। ପୃଥିବୀ ଓ ସୂର୍ଯ୍ୟଙ୍କ ମଧ୍ୟରେ ଦୂରତ୍ୱ ସୂର୍ଯ୍ୟଙ୍କ ବ୍ୟାସ ର ୧୦୮ ଗୁଣ। ପୃଥିବୀ ଓ ଚନ୍ଦ୍ର ମଧ୍ୟରେ ଦୂରତ୍ୱ, ଚନ୍ଦ୍ର ବ୍ୟାସର ୧୦୮ ଗୁଣ। ଗୋଟିଏ ଚନ୍ଦ୍ରବର୍ଷରେ ୧୦୮ ଟି ପାଦ ଥାଏ। ପୃଥିବୀ ସୂର୍ଯ୍ୟଙ୍କ ଗୋଟିଏ ପରିକ୍ରମା ପାଇଁ ସାଢେ ତେର ଚନ୍ଦ୍ର ପରିକ୍ରମଣ ସମାନ ସମୟ ନଏ ଏବଂ ଏହି କ୍ରମରେ ନଜ କକ୍ଷପଥରେ ୨୭ ଟି ନକ୍ଷତ୍ର ଙ୍କ ସହିତ ୧୦୮ ପାଦରେ ସଂରଚତ ହୁଏ ଠିକ ମାଳାରେ ୧୦୮ ଟି ମାଳ ଭଳ। ସଂକ୍ରାନ୍ତି ଗୋଟିଏ ଚକ୍ର ର ଶେଷ ଓ ଅନ୍ୟ ଏକ ଚକ୍ର ର ଆରମ୍ଭ କୁ ସୂଚତ କରେ। (ଏଠାରେ ୧୨ ରାଶି ଙ୍କ ସ୍ଥିତି, ପୃଥିବୀର କକ୍ଷପଥ ଓ ସୂର୍ଯ୍ୟଙ୍କ ଚକ୍ର ଦ୍ରଷ୍ଟବ୍ୟ)

## ମକର ସଂକ୍ରାନ୍ତି - ଗତିଶୀଳତା ର ପର୍ବ

* * * * * * * * * * * * * * * * * * * * * * * * *

ମକର ସଂକ୍ରାନ୍ତି ଗତିଶୀଳତା ର ପର୍ବ। ଏଥିରେ ଗତି ହିଁ ଉତ୍ସବ, ଗତି ହିଁ ଜୀବନ, ଗତି ହିଁ ଜୀବନର ଆରମ୍ଭ ଓ ଶେଷ। ସଂକ୍ରାନ୍ତି ରେ ଥିବା ଶଙ୍କର ଶବ୍ଦଟି ମନେପକାଇ ଦିଏ ଯେ ଏହା ପ୍ରଚ୍ଛଦରେ ଥିବା ଶିବ ହେଉଛନ୍ତି ସ୍ଥିର। ସ୍ଥିରତା ହିଁ ଗତିର ଆଧାର। ସମସ୍ତ ମହାଜାଗତିକ ପିଣ୍ଡ ଗତିମାନ, କନ୍ତୁ ସର୍ବାଧିକ ଗୁରୁତ୍ତ୍ୱପୂର୍ଣ୍ଣ ପିଣ୍ଡ ଟି ସ୍ଥିର। ଯଦି ସୂର୍ଯ୍ୟ ବି

ପରିକ୍ରମା ରେ ବାହାରି ପଡିବେ ତେବେ ଆମ ଜୀବନ ସଙ୍କଟ ରେ ପଡିଯିବ। ପ୍ରତ୍ୟେକ ଗ୍ରହ, ଉପଗ୍ରହ, ଆକାଶଗଙ୍ଗା ମାନେ ଚଳମାନ ହୋଇପାରନ୍ତି କନ୍ତୁ ଯେଉଁ ବିଶାଳ ମହାକାଶ ଏସବୁକୁ ଧାରଣ କରିଛି, ତାହା ସ୍ଥିର, ଚରମ ଭାବରେ ସ୍ଥିର।




ଜଣେ ମଣିଷ ନଜ ଭିତରର ସ୍ଥିରତା କୁ ଅନୁଭୂତି କରିବା ପ୍ରୟାସ କଲେ, ଗତିଶୀଳତା ର ପ୍ରକୃତ ମହତ୍ତ୍ୱ ଉପଲବ୍ଧି କରିପାରିବ। ନଚେତ ମଣିଷ ଜୀବନ ଗତିରେ ପ୍ରତ୍ୟେକ ପରିବର୍ତ୍ତନ ସହିତ ବିବ୍ରତ ହୋଇପଡେ। ଏବଂ ପ୍ରତିଟି ପରିବର୍ତ୍ତନ ସହିତ ଦୁଃଖିତ ହେବାର ସମ୍ଭାବନା ଯୋଡି ହୋଇଯାଏ ଆଧୁନକ ଜୀବନରେ। ଶୈଶବ ରେ ଚନ୍ତା, କୈଶୋର ରେ ଯନ୍ତ୍ରଣା, ଯୌବନରେ ବି ଅନେକ ଯାତନା, ପ୍ରୌଢ଼ାବସ୍ଥାରେ ଅଜସ୍ର ଦୁଷ୍ଚିନ୍ତା ଏବଂ ବୃଦ୍ଧାବସ୍ଥା ରେ ଯାବତୀୟ କଷ୍ଟ ବୋଲି ଧରିନେଇଥିବା ମଣିଷ ପାଇଁ ତେବେ ମୃତ୍ୟୁ କଣ ଏକମାତ୍ର ଉତ୍ସାହପ୍ରଦ ଘଟଣା!!! ନା, ତା ପ୍ରତି ତ ସର୍ବାଧିକ ଭୟ। ଜୀବନର ପ୍ରତ୍ୟେକ ସ୍ତରରେ ଆତଙ୍କିତ ହୁଏ ମଣିଷ କାରଣ ସେ ଭୁଲିଯାଏ ଆଗକୁ ବଢ଼ିବା ହିଁ ଜୀବନର ନୟମ। ଚଳମାନ ରହିବା ହିଁ ଜୀବନ। କେବଳ ସେହି ବ୍ୟକ୍ତି ହିଁ ଗତିକୁ ଖୁସିରେ ଅନୁଭବ କରିପାରେ ଯାହାର ଗୋଟିଏ ପାଦ ସ୍ଥିରତା ରେ ଥାଏ।

ସମସ୍ତେ ଗତିକୁ ଚହ୍ନଟ କରିବା ଚେଷ୍ଟାରେ ମାତିଛନ୍ତି। କେବେ ତାରାଙ୍କୁ ଦେଖି, କେବେ ନଜ ହସ୍ତରେଖା କୁ ଦେଖି ଆଉ କେବେ ଅନ୍ୟ ଚହ୍ନ ଏମିତିକ ଗ୍ଧ'ଗଛର ପତ୍ରକୁ ଦେଖି। ଗତିକୁ ନେଇ ଏହି ଅହେତୁକ ଭୟ ଏଇଥିପାଇଁ ଯେ ମଣିଷ ନଜ ଜୀବନର ଗତିକୁ ପ୍ରମାଣ ସହିତ ଆକଳନ କରୁଥାଏ ଯେହେତୁ ସେ ସ୍ଥିରତା ର ସ୍ୱାଦ ଗ୍ଧଖିନାହିଁ। ସ୍ଥିରତାର ଆସ୍ୱାଦନ

କରିଥିଲେ ଗତିର ଅନୁଭବ ଡଗ୍ଏ ନାହିଁ, ବରଂ ଏହା ମଣିଷ ଭିତରେ ଏକ ନର୍ଦ୍ଧିଷ୍ଟ ରିଦିମ ସୃଷ୍ଟି କରେ। ପ୍ରତ୍ୟେକ ରିଦିମ ର ଏକ ଆରମ୍ଭ ଓ ଶେଷ ଥାଏ। ସେହିଭଳ ପ୍ରତ୍ୟେକ ଗତିର ମଧ୍ୟ ଆରମ୍ଭ ଓ ଅନ୍ତ ଥାଏ। ଗତି ର ଅର୍ଥ ହେଉଛି ଯାହା ପରିବର୍ତ୍ତିତ ହେଉଥାଏ। ମକର ସଂକ୍ରାନ୍ତି ପାଳନର ଉଦ୍ଦେଶ୍ୟ ହେଉଛି ନଜକୁ ମନେ ପକାଇଦେବା ଯେ ଆମେ ଗତିଶୀଳତା କୁ ସେତେବେଳେ ହିଁ ସମ୍ପୂର୍ଣ୍ଣ ଅନୁଭବ କରି ପାରିବା ଯେବେ ଆମେ ସ୍ଥିରତା ସହିତ ସଠିକ ଭ୍ବେ ପରିଚତ ଓ ଅବଗତ ହୋଇଥିବା।

ଶକ୍ତି ନଗର, ଲିଙ୍କ୍ ରୋଡ୍, କଟକ

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ। ସେମାନଙ୍କ ସହଯୋଗ ପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ମୁଁ ପର୍ ଅଛି..



ଅନୁସୂୟା ମିଶ୍ର

ଖୁବ୍ ମନହୁଏ ଆଜି
ଧାଇଁ ଯାଆନ୍ତି
ସମୟର ଅସମୟତାକୁ ଟପି
ସେଇଠିକି
ଯେଉଁଠି ଛୁଇଁ ପାରନ୍ତାନି ମୋତେ
ଅବାଞ୍ଛିତ କେଉଁ ଅଧିକାରର ଆସକ୍ତି
କି ଉଦବେଳିତ କରନ୍ତାନି ତୁମକୁ
ଅଲଗ୍ ଗୁଡ଼ିଏ ପ୍ରଶ୍ନବାଚୀ ।
ନିରବ ତୁମେ, ନିଃଶବ୍ଦ ମୁଁ ବି
ଢେର ଗପନ୍ତେ ଦୁହେଁ
ସେମିତି ଚୁପଚୁପ ବସି...

ପୁଞ୍ଜିଭୁତ ଅନେକ ଅଲୋଡ଼ାପଣକୁ
ଆଖିକୋଣରେ ଚୁପି ରଖୁ ରଖୁ
ମୁଁ କୁହନ୍ତି, "ବହୁତ ଖାଁ ଖାଁ ଲାଗୁଛି"
ତୁମେ କୁହନ୍ତ, "ମୁଁ ପର୍ ଅଛି"

ଭିଜା ଏକ ବେଳାଭୂମି ପରେ
ଲହଡ଼ିର ଅବର୍ତ୍ତମାନକୁ ଅନୁଭବ କରୁ କରୁ
ମୁଁ କୁହନ୍ତି, "କିଏ ଜାଣେ,
କେଉଁ ଆଡ଼େ ଟାଣି ନେଇଯାଏ

ଏଇ ଜୀବନର ଗତି "
ଘୁଞ୍ଚି ଆସନ୍ତ ତୁମେ
କୁହନ୍ତ, "ମୁଁ ପର୍ ଅଛି"

ଆଖି ବୁଜିଦିଅନ୍ତି ମୁଁ
ତୁମ କାନ୍ଧର ନିଃସର୍ତ୍ତତାରେ
ଢାଳିଦିଅନ୍ତି ମୋର ଅନ୍ତର୍ଦ୍ୱନ୍ଦ୍ୱ ସବୁ
କୁହନ୍ତି "ଅନ୍ଧକାର ମାଡ଼ି ଆସେ ଯଦି..!"
ଜୋରରେ ହସିଉଠନ୍ତ ତୁମେ
କୁହନ୍ତ, "ପାଗେଳଟା, ମୁଁ ପର୍ ଅଛି..

ତୋ ନିର୍ଜନତାରେ ବି,
ପୁଣି କୋଳାହଳ ଭିତରେ ବି
ତୋ ଅନିଶ୍ଚିତତାରେ ବି
ପୁଣି ଆଶ୍ୱସ୍ତ ପ୍ରତିଟି ମୁହୂର୍ତ୍ତରେ ଛପି,
ତୋର ଅନ୍ଧାରି କ୍ଷଣରେ ବି
ପୁଣି ଆଲୋକିତ ପ୍ରତିଟି ସକାଳରେ ବି
ନିଃଶ୍ୱାସର ନିବିଡ଼ତାରେ ଛନ୍ଦି
ରହିଛି, ମୁଁ ରହିଥିବି
ତୁ ଯେତେ ଦିନ ଥିବୁ
ମୁଁ ଯେତେଦିନ ଥିବି।

ଶତାବ୍ଦୀ ନଗର, ୟୁନିଟ୍- ୮, ଭୁବନେଶ୍ୱର

# ମୋ ଗାଁ ଡାକେ ମୋତେ



ଶଶଧର ମହାପାତ୍ର

ପିଲାଦିନ –

ମୋ' ଗାଁ ଡାକେ ମୋତେ
ସତେ ହାତଠାରି
ପାଳଥିଲା, ପୋଷିଥିଲା
କେତେ ଗେହ୍ଲା କରି

ଜନ୍ମିଥିଲି ଦିନେ ମୁହିଁ
ମା'ର ଗର୍ଭରୁ
ଅତିଥି ମୁଁ ଆସିଥିଲି
( କେଉଁ ମାୟା ନଗରୀରୁ

କାନ୍ଦୁକାନ୍ଦୁ, ମାଆଟିଏ
ପିଆଇଲା କ୍ଷୀର
ଷଠିଘରେ ଶୁଭିଥିଲା
ନାରୀଙ୍କର ସ୍ୱର

ସେ' ଘଡି ବେଳାରେ ଗାଁ
ସାରା କଂପୁଥିଲା
ବାଟୋଇଟେ ଗ୍ଲୁଗ୍ଲୁ
କାନ ଡେରୁଥିଲା

ଚନ୍ଦ୍ରମାଟେ ହସୁଥିଲା
ନୀଳ ଆକାଶରେ
ଫାଟି ପଡୁଥିଲା ଗାଁ
ହସରେ, ଖୁସିରେ

କଟିଥିଲା ପିଲାଦିନ
ଅତି ଆନନ୍ଦରେ
ଭରି ଯାଇଥିଲା ମନ
ଆଶା, ବିଶ୍ୱାସରେ

ସକାଳରୁ ସଞ୍ଜଯାଏ
ଶୁଣାଇଲା ଗପ
ସଞ୍ଜବେଳେ ଗାଁ ସାରା
ଜଳୁଥିଲା ଦୀପ

ଶିଖାଇଲା ପିଲାଦିନେ
କେତେ ମିଠା ଭାଷା
ନଥିଲା ତା' ମନେ କିଛି
ପାଇବାର ଆଶା

କଥା କହି ଶିଖେଇଲୁ
ପ୍ରଥମ ବର୍ଷରେ
ଶିଖେଇଲୁ ଚାଲି ମୋତେ
ଘରେ ଓ ବାହାରେ
କଅଁଳ ଓଠରେ ମୋ'ର
ଭରିଦେଲୁ ହସ
ମୋ' ତଣ୍ଟିରେ ଭରିଦେଲୁ
ସାଗରର ଶୋଷ

ଭୋକଲୁ ହୋଇଲେ ପେଟ
ଛାଡୁଥିଲି ରଡି
ବାପା- ବୋଉ ଆସୁଥିଲେ
ଦଉଡି ଦଉଡି

ଚାହୁଁ ଚାହୁଁ ବୟସ ମୋ
ଗଲା ବଢି ବଢି
ମୋର ହାତେ ଧରାଇଲେ
ସିଲଟ ଓ ଖଡି

ବହି, ବସ୍ତାନି ଧରି
ଗଲି ପାଠ ପଢି
କିଛି ବର୍ଷରେ ଉଠିଲା
ନିଶ ଆଉ ଦାଢି

## ଯୌବନ –

ଯୌବନଟା ହେଇଗଲା
ଅଙ୍କାବଙ୍କା ନଈ
କେବେ ଆସିଲା ଜୁଆର
କେବେ ଭଟ୍ଟା ହେଇ

ଅନେକ ଫଗୁଣ ଆସି
ଗଲେ ହସି ହସି
ଲୁହର ଶ୍ରାବଣ ଧାରା
କେତେ ଗଲେ ଭାସି

ସ୍ୱପ୍ନ ସବୁ ଲମ୍ବିଥିଲା
ଆକାଶକୁ ଛୁଇଁ
କିଛି ହୋଇଲା ସାକାର
କିଛି ହେଲା ନାହିଁ

ପ୍ରେମ, ପ୍ରଣୟ ଆସି
ଦିନେ ହେଲେ ଛିଡା
ଡରାଇଲେ ମୋ' ପଥକୁ
କରିବେ ଖସଡା

ଡରିମରି କହିଲି ମୁଁ
ହେଉ ବାଆଘର
ବାପା ବୋଉ ହେଲେ ଖୁସି
ଶୁଣି ଏ' ଖବର

ଆସିଗଲେ ଦିନେ ଆମ
ଘରକୁ ଘରଣୀ
ସମସ୍ତଙ୍କ ମନକୁ ସେ'
ନେଇଗଲା କଣି

ରୂପସୀ ନାୟିକା
ହୃଦ ସିଂହାସନେ ବସି
ମିଠାମିଠା କଥା କହି
ମନ ଦେଲା ତୋଷି

ତା'ର ଉପସ୍ଥିତି ମୋତେ
ସତେକି ଲାଗିଲା
ଆକାଶରୁ ଜହ୍ନଆସି
ମୋ' ପାଶେ ବସିଲା

କେତେ ଭଲପାଏ ବୋଲି
ମୋ' କାନେ କହିଲା
ସୁଖସ୍ୱପ୍ନ ଦେଖାଇ ସେ'
ମୋତେ ଭୁଲାଇଲା

ପୁଅ, ଝିଅ ଜନ୍ମହେଲେ
ସଂସାର ବଢିଲା
ଗୃହୁଁଗୃହୁଁ ବଡ ହେଲେ
ବଢିଲା ଝାମେଲା

ପ୍ରେମରେ ଲାଗେ ଶିଉଳ
ବୟସ ବଢିଲେ
ସମୟରେ ଖେଳ ବନ୍ଧୁ
ସେ' କଥା ଭାବିଲେ

## ବାର୍ଦ୍ଧକ୍ୟ –

ବାର୍ଦ୍ଧକ୍ୟ ଡାକୁଛି ଏବେ
ମୋତେ ହାତଠାରି
କାହିଁକି ତୁ ବସିଅଛୁ
ଏତେ ମନମାରି

ବିଧାତା ଲେଖୁଛି ଭାଗ୍ୟ
ତା' ଲେଖନୀ ଧରି
ତା' ଇଙ୍ଗୀତେ ଘଟେ ସବୁ
ଯାଅନା ପାଶୋରି

ଅରଜିଛୁ ଯେଉଁ ପୂଣ୍ୟ
ସେହି ଏକା ତୋ'ର
ଛଡେଇ ନେବେନ କେହି
ନାହିଁ ଭାଗୀଦାର

କରିଅଛୁ ଯେଉଁ ପାପ
ସେ' ତୋ'ର ନଜର
ପତ୍ନୀ, ପୁତ୍ର, କନ୍ୟା କେହି
ନୁହେଁ ଅଂଶୀଦାର

ଉଡିଯିବ ପ୍ରାଣପକ୍ଷୀ
ଘଟରୁ ଘଟକୁ
ରୋକିବାକୁ କେହିନାହିଁ
ସୃଷ୍ଟି ନିୟମକୁ

ଘୁରି ବୁଲୁଥିବ ଆତ୍ମା
ଏକୁଟିଆ ହୋଇ
ମିଶିବାକୁ ପରମାତ୍ମା
ଜାଣିଥା କହ୍ନେଇ

ଜୀବନ ଶିଖେଇଥିଲା
କର୍ମ ହିଁ ଜୀବନ
ଧୈର୍ଯ୍ୟ ଧରି ସବୁ କାମ
କର ହେ ସୁମନ !

ଦୁଃଖ, ଦୁର୍ଦ୍ଦିନ ଯେବେ
ଆସେ ଜୀବନରେ
ଛାତିକୁ ପଥର କରି
ସହିଯିବ ଧୀରେ

ସୁଖଦୁଃଖ ଚୀରସ୍ଥାୟୀ
ନୁହେଁ ସଂସାରରେ
ଆସୁଥାଏ ଯାଉଥାଏ
ପ୍ରତି ଜୀବନରେ

ଯାହା ଅରଜିଲ ତୁମେ
ନିଜ, ଘର ପାଇଁ
ତୁମେ ଗଲେ ତୁମ ସଙ୍ଗେ
ଯିବ ସେ' ଗୋଡେଇ

ଯେଉଁ ଭଲ କାମ କଲ
ସମସ୍ତଙ୍କପାଇଁ
ସ୍ୱର୍ଣ୍ଣ ଅକ୍ଷରରେ ଲେଖା
ରହିଯିବ ସେହି

ହିଡେନ୍ ଭ୍ୟାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ଏ ଶବ୍ଦ ମାନେ ବଡ଼ ମନୁଆ



ଅମ୍ବିକା ସ୍ୱାଇଁ

ସତରେ ଏ ଶବ୍ଦ ମାନେ ବଡ଼ ମନୁଆ
ମନ ହେଲେ ଫୁଲର ପାଖୁଡ଼ା ପରି
ବୃନ୍ତରୁ ଝରି ଆସନ୍ତି ଝର ଝର
ବାସ ଚହଟାଇ  ମହକାଇ ଦିଅନ୍ତି ଚ୍ୱରି ଆଡ
କେତେବଳେ ଝରଣା ର ସ୍ରୋତ ପରି
ବହି ଯାଆନ୍ତି କଳ କଳ,  ମୁକ୍ତା ପରି ଝଲସି ଉଠନ୍ତି
କରି ହୁଏ ନ ତା ମୂଲ୍ୟର ଆକଳନ ।
କେତେବେଳେ ଭସା ବାଦଲ ପରି
ଜୋର୍ ରେ ଆଗକୁ ମାଡ଼ି ଚ୍ୱଲନ୍ତି
କେତେବେଳେ ଶୀତୁଆ ସଞ୍ଜରେ ତ
କେତେବଳେ ମୃଦୁ ମଳୟରେ
ଆଖି ବୁଜି ସ୍ଥିର ଚଉରେ ଶୋଇ ଯାଆନ୍ତି
ନା ତାକୁ ଜଗାଇ ହୁଏ,  ନା ସାଥେ ଖେଳ ହୁଏ
ଶବ୍ଦ ମାନଙ୍କୁ ବାର ବାର ଜଗାଇବାକୁ ଚେଷ୍ଟା କରି
କବି ଟିଏ ନିରବ ରୁହେ,
କଲମ କାଗଜ ରଖି ଦେଇ
ଅନ୍ୟ କାମରେ ମନ ଦିଏ ।
ପୁଣି କେତେବେଳେ ଶବ୍ଦ ମାନେ ଚେଇଁ ଉଠି
ଚରସ୍ରୋତା  ସ୍ରୋତସିନୀ ପରି
ଆଗ କୁ ଆଗ ମାଡି ଚ୍ୱଲନ୍ତି
ଅଥଳ ସିନ୍ଧୁ ରେ ବିନ୍ଦୁ ଟିଏ ହୋଇ ଉଭା ହୁଅନ୍ତି ।।

ଭୁବନେଶ୍ୱର

# କୋରାପୁଟର ମାଳ- ୫



ଅଶୋକ ବିଶ୍ୱାଳ

ମୁଁ ହଠାତ ମନେ ପକାଇଲି ପକ୍ଷୀ ଉପରେ ସୁନ୍ଦର ଏକ କାହାଣୀକୁ । ଲିଟିଂ ପିଟିଂ ଏହାର ନାମ ଥିଲା, ସେଇ ଛୋଟ ପକ୍ଷୀଟି ଦିନେ କାନ୍ଦିଥିଲା ଆଉ ଦୁଷ୍ଟ ଛୁଆମାନଙ୍କର ମନ ବଦଳ ଯାଇଥିଲା । ପରଜାମାନଙ୍କ ମନରେ ଜୀବଜନ୍ତୁଙ୍କ ପ୍ରତି ଏତେ ଯେ ଦୟା ।

## ଲିଟିଂପିଟିଂର କାହାଣୀ

ଲିଟିଂପିଟିଂ ଥିଲା ଏକ ସୁନ୍ଦର ପକ୍ଷୀ । ଗାଁର ଠିକ୍ ବାହାରେ, ରାସ୍ତାର ଧାରରେ ଥିବା ଶାଳ ଗଛରେ ବସା ବାନ୍ଧିଥିଲା । ସେଥିରେ ସେ ୪ଟି ଅଣ୍ଡା ଦେଲା । ମା ବହୁତ ଖୁସି ଥିଲା । ସବୁବେଳେ ନାଚୁଥିଲା ଆଉ ଗାଉଥିଲା ଲିଟିଂପିଟିଂ । ତାର ଅଣ୍ଡାରୁ ଛୁଆ ଫୁଟିବାର ଥିଲା । ଅଣ୍ଡା ଭିତରୁ ଆସୁଥିବା ଶବ୍ଦ ସେ ଶୁଣିପାରୁଥିଲା । ମା ଖୁସି ହୋଇଯାଉଥିଲା । ଥରେ ଦଳେ ଦୁଷ୍ଟ ଛୁଆ ସେପଟକୁ ବୁଲିବାକୁ ଆସିଲେ । ସେମାନେ ଲିଟିଂପିଟିଂର ଗୀତ ଶୁଣିଲେ, ଗଛପତ୍ର ଖୋଜିଲେ ଆଉ ଏକ ସୁନ୍ଦର ପକ୍ଷୀକୁ ଦେଖିଲେ । ଗଛ ଚଢି ଦେଖିଲେ ଯେ ତା ବସାରେ ଅଣ୍ଡା ଅଛି । ସେ ପିଲାମାନେ ଥିଲେ ଅତି ଦୁଷ୍ଟ । ଲିଟିଂପିଟିଂର ମଧୁର ଗୀତ ସେମାନଙ୍କ ମନକୁ ଛୁଇଁଲା ନାହିଁ । ମା'କୁ ବସାରୁ ଘଉଡାଇଦେଲେ ଆଉ ଅଣ୍ଡା ନେଇ ତଳକୁ ଓହ୍ଲାଇଆସିଲେ ।

ଅଣ୍ଡା ଭିତରୁ ଛୁଆମାନେ ଡାକୁଥିଲେ "ମା'...ମା'......ଏ ଦୁଷ୍ଟ ଛୁଆମାନେ ଆମକୁ ବସାରୁ ନେଇଯାଉଛନ୍ତି । ଆମକୁ ବଞ୍ଚାଅ ।"

ଛୋଟ ଲିଟିଂ ପକ୍ଷୀଟି ବହୁତ ଦୁଃଖି ହୋଇଗଲା ଆଉ କାନ୍ଦି କାନ୍ଦି କହିଲା "ଲିଟିଂପିଟିଂ ଲିଟିଂପିଟିଂ । ମୁଁ କ'ଣ କରିପାରିବି ଛୁଆମାନେ । ମୁଁ ତୁମମାନଙ୍କୁ ବଞ୍ଚାଇ ପାରୁ ନାହିଁ । ଏହି ଦୁଷ୍ଟ ଛୁଆମାନେ ତୁମକୁ ଦୂରକୁ ନେଇଯାଉଛନ୍ତି ।"ସେ ନିଜ ବସା ଠାରୁ ଦୂରକୁ ଉଡିଗଲା । ତା ମୁଣ୍ଡ ତଳକୁ ନଇଁଯାଇଥିଲା ଆଉ ଅଣ୍ଡାରେ ଥିବା ଛୁଆମାନଙ୍କୁ ଉପରେ ଉଡି କାନ୍ଦୁଥିଲା । କିନ୍ତୁ ତାର କାନ୍ଦ ସେଇ ଦୁଷ୍ଟ ପିଲାମାନଙ୍କ କାନକୁ ଗଲା ନାହିଁ । ସେମାନେ ତାର ସବୁ ଅଣ୍ଡା ଘରକୁ ନେଇଗଲେ । ଛୋଟ ପକ୍ଷୀଟି ତା ଅଣ୍ଡା ପଛରେ ସେମିତି ଉଡୁଥାଏ । ଦୁଷ୍ଟ ଛୁଆମାନେ ସେ ଛୋଟ ପକ୍ଷୀ ପ୍ରତି କିଛି ବି ଦୟା କଲେ ନାହିଁ ଆଉ ତା ଅଣ୍ଡା ଭାଙ୍ଗିବାକୁ ଆରମ୍ଭକଲେ ।

ଅଣ୍ଡା ଭିତରେ ଥିବା ଛୁଆ ଗୁଡିକ ପୁଣି କାନ୍ଦିଲେ "ମା...ମା.... ଏ ଦୁଷ୍ଟ ପିଲାମାନେ ଆମକୁ ଭାଙ୍ଗି ଦେଉଛନ୍ତି । ଆମକୁ ବଞ୍ଚାଅ ।"

ମା ଉତ୍ତର ଦେଲା "ଲିଟିଂପିଟିଂ ଲିଟିଂପିଟିଂ ମୁଁ କାନ୍ଦୁଛି ପିଲାମାନେ । ସେମାନେ ତୁମକୁ ଭାଙ୍ଗି ଦେଉଛନ୍ତି କିନ୍ତୁ ମୁଁ କିଛି କରିପାରୁ ନାହିଁ ।"ସେମିତି ମା' କାନ୍ଦୁଥାଏ ଲିଟିଂପିଟିଂ ଲିଟିଂପିଟିଂ ।

ତା ପରେ ସେ ଦୁଷ୍ଟ ଛୁଆମାନେ ଅଣ୍ଡା ଭାଙ୍ଗିଦେଲେ । ତା ଭିତରୁ ପୂର୍ବ ବଢିନଥିବା ଚଢେଇ ଛୁଆ ଗୁଡିକ ବାହାରି ଆସିଲେ । ଏତେ ଛୋଟ ଛୋଟ ପକ୍ଷୀ ଉପରେ ଦୁଷ୍ଟ ପିଲା ମାନେ ଦୟା କଲେ ନାହିଁ । ସେମାନଙ୍କୁ ଧରି ନେଲେ ଆଉ କାଟିବାକୁ ଆରମ୍ଭ କଲେ । ଏଇ ଛୋଟ ପକ୍ଷୀ ଗୁଡିକ ପାଟି କରୁଥାଆନ୍ତି "ମା...ମା....ସେମାନେ ଆମକୁ ମାରି ଦେଉଛନ୍ତି, ଆମକୁ ବଞ୍ଚାଅ ।"

ଲିଟିଂପିଟିଂ ପକ୍ଷୀ କାନ୍ଦୁଥାଏ । କହୁଥାଏ "ଲିଟିଂପିଟିଂ ଲିଟିଂପିଟିଂ ମୁଁ ତୁମକୁ ବଞ୍ଚାଇ ପାରୁନାହିଁ ପିଲାମାନେ, ମୁଁ ତୁମ ପାଇଁ କାନ୍ଦୁଛି ।"ତା' ପରେ ସେ ଦୁଃଖରେ କାନ୍ଦିବାକୁ ଆରମ୍ଭ କଲା । ଏପଟେ ସେ ଦୁଷ୍ଟ ଛୁଆ ଗୁଡିକ ଛୋଟ ଛୋଟ ପକ୍ଷୀଗୁଡିକୁ ଖେଷେଇ କରିବାକୁ ଆରମ୍ଭ କଲେ ।

ଗ୍ରେଷେଇ କରିବା ବେଳକୁ ସେଇ ଛୋଟ ଛୁଆମାନେ କାନ୍ଦୁଥାଆନ୍ତି, କହୁଥାଆନ୍ତି "ମା……ମା……. । ସେମାନେ ଆମକୁ କାଟି ଦେଇଛନ୍ତି । ଏବେ ଗ୍ରେଷେଇ କରୁଛନ୍ତି ।"

ଛୋଟ ମା'ଟି ସେମିତି କାନ୍ଦୁଥାଏ "ଲିଟିଂପିଟିଂ ଲିଟିଂପିଟିଂ ମୁଁ କଣ କରିପାରିବି ଛୁଆମାନେ? ମୁଁ ରାସ୍ତାର ଧାରରେ ଏକ ଗଛରେ ବସା ବାନ୍ଧିଲି । ତେଣୁ ସେମାନେ ତମକୁ ଦେଖିନେଲେ ଆଉ ତୁମକୁ ନେଇଯାଇଛନ୍ତି, ବର୍ତ୍ତମାନ ସେମାନେ ତୁମକୁ ଖାଇଦେବେ ।" ତାପରେ ସେ କାନ୍ଦିଲା ଲିଟିଂପିଟିଂ ଲିଟିଂପିଟିଂ ।

ସେହି ଦୁଷ୍ଟ ଛୁଆମାନେ ଏହି ପକ୍ଷୀଗୁଡିକୁ ଗ୍ରେଷେଇ କରିଦେଲେ । ତା'ପରେ ଖାଇବାକୁ ଆରମ୍ଭ କଲେ । ସେହି କୁନ କୁନ ଛୋଟ ଛୋଟ ପକ୍ଷୀମାନେ ପୁଣି କାନ୍ଦୁଥାଆନ୍ତି "ମା……ମା…….. । ଏ ଦୁଷ୍ଟ ପିଲାମାନେ ଆମକୁ ଖାଇବାକୁ ଆରମ୍ଭ କରୁଛନ୍ତି ।"

ଉପରେ ମା' କାନ୍ଦୁଥାଏ, ସେ ଘର ଗୁଡିକ ଉପରେ ଉଡି ବୁଲୁଥାଏ । ତା ଆଖିରୁ ଲୁହ ଝରି ପଡୁଥାଏ । ସେ କହୁଥାଏ "ମୋର ପ୍ରିୟ ଛୁଆମାନେ ମୁଁ ତୁମ ପାଇଁ କାନ୍ଦୁଛି । ମୁଁ ବହୁତ ଭୁଲ କଲି । ମୁଁ ମୋର ବସାକୁ ଲୋକମାନଙ୍କ ରାସ୍ତା ପାଖରେ ବାନ୍ଧିଲି ତେଣୁ ସେମାନେ ତୁମକୁ ଖୋଜି ନେଲେ ।"ତା'ପରେ ସେ କାନ୍ଦୁଥାଏ କହୁଥାଏ ଲିଟିଂପିଟିଂ ଲିଟିଂପିଟିଂ । ପାଖ ଆଖର ପକ୍ଷୀମାନେ ଏହି ଛୋଟ ପକ୍ଷୀର ଦୁଃଖ ଦେଖି ବହୁତ ଦୁଃଖି ହୋଇଗଲେ । ଜଙ୍ଗଲର ଦେବୀ ବି ଦୁଃଖି ହୋଇଗଲେ ।

ଦୁଷ୍ଟ ପିଲାମାନେ ଛୋଟ ଛୋଟ ପକ୍ଷୀଙ୍କର ମାଂସ ଖାଇନେଲେ । ସେମାନଙ୍କର ପେଟରୁ ଏହି ଛୋଟ ପକ୍ଷୀମାନେ ତାଙ୍କ ମା'କୁ ଡାକ ଗୁଲିଥାଆନ୍ତି ଲିଟିଂପିଟିଂ । କନ୍ତୁ ମା ବର୍ତ୍ତମାନ ଦୂରରେ, ତେଣୁ ସେମାନେ ସେଇଠୁ ଡାକ ଗୁଲିଥାନ୍ତି ମା'କୁ । ଏବେ ପିଲାମାନଙ୍କର ପେଟରୁ ଏମିତିଆ ଶବ୍ଦ ଆସିବାର ଶୁଣି ପରିବାରର ଲୋକେ ଡରିଗଲେ । ସେମାନେ ଜଙ୍ଗଲର ଦେବୀଙ୍କ ପାଖରେ ପ୍ରାର୍ଥନା କଲେ ଆଉ ପ୍ରତିଜ୍ଞା କଲେ କେବେ ବି ଛୋଟ ପକ୍ଷୀଙ୍କୁ କ୍ଷତି ପହଁଞ୍ଚାଇବେ ନାହିଁ ।

ଏକ ସୁନ୍ଦର ଛୋଟ କାହାଣୀ । ଦୁଃଖ ଭରା କାହାଣୀ, କିନ୍ତୁ ଏଠିକାର ଆଦିବାସୀମାନେ ଏଇ ଛୋଟ ଛୋଟ ଜୀବଜନ୍ତୁକୁ ବଞ୍ଚାଇବାକୁ ଯେମିତି ପ୍ରତିଜ୍ଞା କରିଛନ୍ତି । ଏକ ଛୋଟ କାହାଣୀରେ କେତେ ଯେ ଅର୍ଥ ଅଛି ।

## ଗୁମ୍ଫା ଆଉ ବକ୍ସାଇଟ୍ ଉପରେ

ମୁଁ ମୋ ସାଙ୍ଗଙ୍କୁ ଅନାଇଲି। ଭୂତତ୍ତ୍ୱ ଜ୍ଞାନ ବିନା, ଜଙ୍ଗଲର ଜ୍ଞାନ ବିନା, ଭୂଗୋଳର ଜ୍ଞାନ ବିନା ଏଠିକାର ବାତାବରଣକୁ ବୁଝିବା ପ୍ରାୟ ଅସମ୍ଭବ ଅସମ୍ପୂର୍ଣ୍ଣ । ମୋର ଇଚ୍ଛା, ଭାଲୁ ଛଡ଼ା ଏଠିକାର ବାତାବରଣକୁ ବି ବୁଝିବା, କେମିତି ବକ୍ସାଇଟ୍ ତିଆରି ହେଉଛି । ପୂର୍ବଘାଟ ଜଙ୍ଗଲରେ ଥିବା ଏଠିକାର ପଥରର ର ନାମ ହେଉଛି କଣ୍ଡୋଲାଇଟ୍ । ଏହି ନାମ କନ୍ଧ ଆଦିବାସୀମାନଙ୍କ ନାଁରୁ ଆସିଛି । କନ୍ଧମାନେ କୋରାପୁଟ, କଳାହାଣ୍ଡି ଇତ୍ୟାଦି ଜାଗାରେ ରହନ୍ତି । ଏହି ରକ୍ ଟି ଏକ ମେଟାମର୍ଫି ରକ୍ । ସେଡିମେଣ୍ଟାରୀ ରକ୍ ରୁ ପରିବର୍ତ୍ତନ ହୁଏ। ରସାୟନକ କ୍ଷୟ ଯୋଗୁ ଏହି ପାହାଡ ଗୁଡିକ ଉପରେ ଆମେ ଶୃଙ୍ଗ ଦେଖୁନାହିଁ କିନ୍ତୁ ସମତଳ ଭୂମି ଦେଖୁ । ଅନେକ ପଥର ଏଠି ପ୍ରାୟ ସିଧା, ପାଖାପାଖି ୮୦ ଡିଗ୍ରୀ କୋଣ ସମତଳ ସହ କରିଥାଏ ।

ଏହି ପଥର ମାନଙ୍କର ଭିନ୍ନ ଭିନ୍ନ ମିନେରାଲ କମ୍ପୋଜିସନ୍, ପ୍ରତି ପଥର ଅନ୍ୟ ଠାରୁ ଅଲଗା । କେତେକରେ ଆଲୁମିନିୟମ୍ ଅଧିକ ଅଛି, ଆଉ କେତେକରେ ଲୁହା ଅଧିକ ଅଛି, ତେଣୁ କ୍ଷୟର ଆକାର ଭିନ୍ନ ଭିନ୍ନ । ନରମ ଖଣିଜରେ କ୍ଷୟ ଗଭୀର ହୋଇଥାଏ । କଠିନ ଖଣିଜରେ ଏହା ମାଟିର ଉପରେ ହୋଇଥାଏ । କେତେକ କ୍ଷେତ୍ରରେ କ୍ଷୟ ବହୁତ ଗଭୀର ଆଉ କେତେକ କ୍ଷେତ୍ରରେ ଅଗଭୀର । କ୍ଷୟର ଆକାର ବଢିବା ସଙ୍ଗେ ସଙ୍ଗେ ନରମ ଖଣିଜର ଅଂଶ ଧିରେ ଧିରେ ଦୁର୍ବଳ ହୋଇଯାଏ । ତାପରେ ଦୁର୍ବଳ ଜୋନ୍ ତିଆରି ହୁଏ। ସେଠି ପଥର ଧଷିଯାଏ । ଆଉ ନରମ ଖଣିଜ ଅଂଶ ଅଧିକରୁ ଅଧିକ କ୍ଷୟ ହୋଇଯାଏ, ବର୍ଷାରେ ଧୋଇଯାଏ, ସେଇ ଗଭୀର ଅଂଶରେ ତିଆରି ହୁଏ ପାହାଡର ଗୁମ୍ଫା । ଏହି ଗୁମ୍ଫା ଗୁଡିକ ବହୁତ ଗଭୀର ନୁହେଁ, ସାଧାରଣତଃ ୩ ରୁ ୪ ମିଟର ଗଭୀର ଆଉ ଅଳ୍ପ ଚଉଡା ।

ଏମିତିଆ ଜଙ୍ଗଲରେ ଜୀବଜନ୍ତୁ, ମୁଖ୍ୟତଃ ଭାଲୁ ଆଶ୍ରୟ ନେଇଥାଆନ୍ତି । ଉପରର ଶୃଙ୍ଗ ହଜାର ହଜାର ବର୍ଷର କ୍ଷୟ ପରେ ସମତଳ ଆକାର ଧାରଣ କରେ ।

## ବକ୍ସାସାଇଟ୍ ତିଆରି

ମୋର ବହୁତ ଇଛା ଥିଲା ସେଇ ଧଳା ଧାତୁ ବିଷୟରେ ଜାଣିବା ପାଇଁ,ବକ୍ସାଇଟ୍ ଥିଲା ଏହାର ଖଣିଜ ପଦାର୍ଥ । ମିଃ ଶ୍ରୀଧରନ୍ ମୋତେ ଏ ବିଷୟରେ କହିଗ୍ଲିଥିଲେ । ଏହି ବକ୍ସାସାଇଟ୍ କୋରାପୁଟ୍, କଳହାଣ୍ଡି, ରାୟଗଡା ଆଦି ଜିଲ୍ଲାର ପାହାଡରେ ଦେଖିବାକୁ ମିଳେ। ପଞ୍ଚପଟମାଳୀରେ ହାରାହାରି ୧୪ ମିଟର ଗଭୀରତା ପର୍ଯ୍ୟନ୍ତ ବକ୍ସାଇଟ୍ ମିଳେ । କେତେକ ସ୍ଥାନରେ ଏହା କେତେକ ସେଣ୍ଟିମିଟର ଥାଏ, କେତେକ ସ୍ଥାନରେ ପ୍ରାୟ ୬୦ ମିଟର ମୋଟା । ବକ୍ସାଇଟ୍ ର ପ୍ରୋଫାଇଲରେ ଲୁହା ଅଂଶ ଉପରେ ରହେ ଆଉ ଆମେ ଯେତେ ତଳକୁ ଯିବା ଲୁହାର ଅନୁପାତ କମି କମି ଯିବ ଆଉ ଆଲୁମିନୟମ୍ କ୍ଷେତ୍ରରେ ଆମେ ଯେତେ ଗହୀରକୁ ଯିବା ଏହାର ଅନୁପାତ ବଢି ବଢି ଯିବ । ଏହାର କାରଣ ହେଉଛି ଲୁହାର ଅମ୍ଳଜାନ ପ୍ରତି ଅଧିକ ଆକର୍ଷଣ ଅଛି, ତେଣୁ ଏହା ଉପରକୁ ଉଠିଆସେ ଆଉ ଆଲୁମିନୟମ୍ ଅଣୁ ମାନଙ୍କୁ ତଳକୁ ଠେଲି ଦିଏ । ଆଲୁମିନୟମ୍ ଯେହେତୁ କମ୍ ଅମ୍ଳଜାନ ଟାଣେ, ତେଣୁ ଲୁହା ଠାରୁ ଏହା ତଳେ ରହେ । ଯେତେବେଳେ ଲୁହା ଉପରକୁ ଉଠିଆସେ ଏହାକୁ ମିନେରାଲ ଭାଷାରେ କୁହାଯାଏ ହେମାଟାଇଟ୍ ( $Fe_2O_3$), ରଙ୍ଗ କଳା ମାଟିଆ । ମାଟିଆରୁ କଳା ହୋଇପାରେ । ଆଉ ଆମେ ଯେତେ ଅଧିକ ଗଭୀରକୁ ଯିବା ଲୁହା ସେଠି ଲିମୋନାଇଟ୍ ହୋଇଯାଏ ଯାହାର ରଙ୍ଗ ହଳଦିଆ, ହଳଦି ଭଳ ରଙ୍ଗ । ଏହା ମଧ୍ୟ $Fe_2O_3$, କିନ୍ତୁ ମିନେରାଲ ଭାଷାରେ ଏହାକୁ ଆମରଫସ କୁହାଯାଏ, ଏହା ଅନେକ ନରମ । ଯେତେବେଳେ ଆମେ ଏଇ ପ୍ରକାର ମାଟି ପାଉବା ତାହାହେଲେ ଆମେ ଜାଣିବା ଏଠି ପ୍ରଚୁର ପରିମାଣରେ ଆଲୁମିନୟମ ବା $Al_2O_3$ ଅଛି । ଏହାର ରଙ୍ଗ ବାଦାମୀ ଧୂସରିଆରୁ କଳା ଯେମିତିକ ଷ୍ଟିଲ- ଗ୍ରେ ରଙ୍ଗର ହୋଇପାରେ ।

ମୁଁ ଆଲୁମିନୟମ୍ ବିଷୟରେ ଟିକଏ ଜାଣିଲ୍ ପରେ, ଆଉ ସେଇ ଉଚ୍ଚ ଜମି ହେବାର କାରଣ ଜାଣିଲ୍ ପରେ, ଗୁମ୍ଫାର ଗଠନର କାରଣ ଜାଣିଲ୍ ପରେ, ଭୂମିର ଭିନ୍ନ ଭିନ୍ନ ରୂପ ଦେଖିବା ପାଇଁ ମୋ ଆଖି ଘୂରି ବୁଲୁଥିଲ୍ । ମେଘ ଆକାଶରୁ ଅନେକ ଅଂଶରେ ହଟିଗଲ୍ଣି।ପାହାଡର ଗଡାଣୀ ଆଉ ପାହାଡ଼ର ଶ୍ରେଣୀମାନ ଟିକଏ ଭଲ କରି ଦେଖାଯାଉଛି । ଉପରର ସମାନ୍ତରାଳ ସମତଳ ଜମି ଗୁଡିକ ଆଉ ଥରେ ଦେଖାଗଲ୍ଣି । ଆଉ ସବୁଜ ଗଡାଣି ଗୁଡିକ ଭଲ ଭାବରେ ଦେଖାଯାଉଛି । ସବୁ କଳା କଳା ଅଂଶ ଗୁଡିକ ମୋର ଅନୁସନ୍ଧିତ୍ସା ବଢାଇଦେଉଛି । ଛୋଟ ଛୋଟ ତୀକ୍ଷଣ ପାହାଡ ପାଶ୍ୱମାନ ଅନେକ ଜାଗାରେ ଦେଖାଗଲ୍ଣି । ମୁଁ ଗୋଟିଏ ଛୋଟ ତୀକ୍ଷଣ ପାହାଡ ପାଶ୍ୱକୁ ଅନାଇଲି । ୧୫ ରୁ ୨୦ ଫୁଟ ଉଚ୍ଚା । ସେଠି ଅନେକ କଳା ଅଂଶ । ଭାଲୁମାନଙ୍କର ଗୁମ୍ଫା ବୋଧହୁଏ । ଶେଷରେ ମୁଁ ଗୋଟିଏ ଗୁମ୍ଫା ଆବିଷ୍କାର କଲି । ମଣିଷ ପାଦ ଚଲ୍ ରାସ୍ତାରୁ ପ୍ରାୟ ୨୦୦ ରୁ ୩୦୦ ମିଟର ଦୂରରେ, ଉପର ଧାରର ତଳେ । ଗୁମ୍ଫାର ପ୍ରାୟ୧୫ ଫୁଟ ଉପରେ ସମତଳ ଜମି ଅଛି । କେହି ଜଣେ ବିଶ୍ୱାସ କରିବନ ଏମିତିଆ ଏକ ସମତଳ ଜମିର ଠିକ୍ ତଳେ ଗୋଟିଏ ଗୁମ୍ଫା ଥାଇପାରେ । ସେହି ଗୁମ୍ଫାର ଉପର ଅଂଶ ତୋରଣ ଭଳ ହୋଇଯାଇଥିଲ୍। ତା ପରେ ଆଉ ଗୋଟିଏ ତୋରଣ, ତାପରେ ଗୋଟିଏ ଗାତ ହୋଇଯାଇଥିଲ୍ । ସେହି ଗାତଟିର ୫ ରୁ ୬ ଫୁଟ ଚଉଡା, ମୁହଁ କଳା ଦିଶୁଥିଲ୍, ଭିତର ବୋଧ ହୁଏ ଅନେକ ଫୁଟ୍ ଗଭୀର ହୋଇଥିବ । ତଳ ଅଂଶରେ ଅନେକ ବୁଦା ଥିଲ୍, ମୁହଁ ପର୍ଯ୍ୟନ୍ତ ଢାଙ୍କି ହୋଇଯାଇଥିଲ୍ । ସେ ବୁଦା ଗୁଡିକ ମୁହଁରୁ ଆରମ୍ଭ ହୋଇ ସବୁ ଦିଗକୁ ମାଡି ଯାଇଥିଲ୍ । ସେଇ ସିଧାରେ ପ୍ରାୟ ୧୦୦ ଫୁଟ ଦୂରରେ ଆଉ ଗୋଟିଏ ଗୁମ୍ଫା ଥିଲ୍। ଟିକଏ ଅପେକ୍ଷାକୃତ ଛୋଟ ତୋରଣ ଥିଲ୍ । ସେଇ ଅତି ତୀଖ ପାହାଡ ଧାରରେ ଗୋଟିଏ ପତଳା ଖୋଲ୍ ସ୍ଥାନ ଥିଲ। ।ମୁହଁ ଆଉ ଆଖପାଖ ଅଞ୍ଚଳରେ ବୁଦାମାନ ଘେରି ରହିଥିଲ୍ ।

ଭାଲୁମାନଙ୍କର ଏହି ପ୍ରଦେଶରେ ସବୁଜ ପର୍ବତମାଳା ସେମାନଙ୍କୁ ଦିଏ ଆଶ୍ରୟ, ଖାଦ୍ୟ ଓ ପାଣି । ପବନ ବୋହି ଆସୁଥିଲ୍ ଉପରୁ, ଏକ ଛୋଟ ଝରଣାର ଶବ୍ଦ, ଆଉ ଏକ ସୁମଧୁର ସଙ୍ଗୀତ ସୃଷ୍ଟି ହେଉଥିଲ୍ । ସୂର୍ଯ୍ୟାସ୍ତ ହୋଇ ଆସୁଛି ଭାଲୁମାନଙ୍କର ଆକ୍ରମଣର ଭୟଙ୍କର କାହାଣୀମାନ କାନରେ ଯେମିତି ଆଉଥରେ ପଡୁଥିଲ୍ । ମୁଁ କନ୍ତୁ ଜାଣିଥିଲି, ଏଇ

ପଶୁମାନେ କେତେ ସାଧାରଣ । ଆମେ ସେମାନଙ୍କୁ ଭୁଲ ବୁଝିଆସିଛେ । ସେମାନଙ୍କ ଉପସ୍ଥିତି ପ୍ରତି ଅଯଥାରେ ଭାବି ଘାଲିଛେ । ଏମିତି ଏକ ଆକ୍ରମଣ ସବୁ ଅନାୟସରେ ଏଡାଇ ଦେଇହେବ ଯଦି ଆମେ ଟିକେ ସେମାନଙ୍କୁ ବୁଝି ପାରିବା, ଟିକଏ ସାବଧାନତା ଅବଲମ୍ବନ କରିବା । ଏମାନଙ୍କୁ ବୁଝିବାର ଆବଶ୍ୟକତା ଅଛି, କନ୍ତୁ ଆମେ କେବେ ଭାବିନେ ଯେ ଭାଲୁ ଆଉ ଆମେ ଏକା ସାଙ୍ଗେ ବଞ୍ଚିପାରିବା ।

ମୁଁ ମୋ ଆଖି ବନ୍ଦ କରିଦେଲି, ପାହାଡର ଦେବତାମାନେ ଜଙ୍ଗଲର ଦେବତାମାନେ ଆମକୁ ଅନାଇ ରହିଛନ୍ତି । ପରଜା ଭୂମିର ନଶାଣି ମୁଣ୍ଡା ଆମକୁ ଅନାଇ ରହିଛନ୍ତି । ସେହି ଉଚ୍ଚ ଭୂମିର ଅନ୍ୟ ଦେବମାନେ ଆମର ପ୍ରତିଟି ପଦକ୍ଷେପକୁ ଅନାଇଛନ୍ତି । ସେମାନେ ଆମର ପଦକ୍ଷେପକୁ, ଆମର କାମକୁ ତଉଲୁଛନ୍ତି । ଜାନ ଡ଼ଙ୍ଗର ଦେବତାମାନଙ୍କୁ ଡାକଲାଣି । ଦିଶାରୀ ଦେବତାମାନଙ୍କ ପାଇଁ କର୍ମକାଣ୍ଡ କରୁଛି । ଶିରା କାଳେସୀ କାରଣ ଖୋଜି ବୁଲୁଛି। ଗୁରୁମାଇ ସମସ୍ତଙ୍କ ପାଇଁ ପୂଜା କରୁଛି । ପରଜା ରାଜ୍ୟର ସବୁ ଶକ୍ତିମାନେ ଆମକୁ ଅନାଇ ରହିଛନ୍ତି ଖୋଲା ଆଖିରେ ଦେଖୁଛନ୍ତି ଆମକୁ ।

ମୁଁ ଉଠୁଥିବା ମେଘମାନଙ୍କୁ ଅନାଇ ରହିଥିଲି । ତା'ପରେ ପର୍ବତମାଳାର ଏକ ଧାରକୁ ଆସଗଲି, ସବୁଜ ପର୍ବତ ଗୁଡିକ ଭଲ ଭାବରେ ଦେଖାଯାଉଥିଲା । ରହସ୍ୟମୟୀ ଛାଇ ଉଠିଯାଇଥିଲା । ସେଇ ପାହାଡ଼ମାନଙ୍କ ମଝିରେ ଗୋଟିଏ ଛୋଟ ଜନବସତି ଦେଖାଗଲା । ଏଠି ସବୁଜ ଚାଷ ଜମି ବହୁତ ନଥିଲା ବା ଅଧା ହୋଇଯାଇଥିବା ପାହାଡ ସବୁ ନଥିଲା । ଏପଟେ ଜଙ୍ଗଲ ଗଭୀର, ଗଛ ଗୁଡିକ ବଡ ବଡ, ଝରଣାର ଶବ୍ଦ ଜୋରରେ ଭାସି ଆସୁଥିଲା। ଦୁଇଟି ପାହାଡ ମଝିରେ ଗୋଟିଏ ପତଳା ସମତଳ ଜମି । ସେଥିରେ ଲାଲ୍ ଟାଇଲ୍ ଥିବା କେତେ ଗୁଡିଏ ଘର, ଦୂରରୁ ଲାଗୁଥିଲା ଘର ଗୁଡିକ ଯେମିତି ବାଉଁଶରେ ତିଆରି ହୋଇଛି ବା ଛୋଟ ଛୋଟ କାଠରେ ତିଆରି ହୋଇଛି । ମାଟି ଲିପି ଦିଆଯାଇଛି । ଆଉ ଉପରେ ଲଗାଯାଇଛି ଲାଲ୍ ଟାଇଲ୍ । ସେଠି ଅନେକ ଘର, ପାଖରେ କଛି ଚାଷ ଜମି, ଆଉ ଗୋଟିଏ ଦୁଇଟି ସଲପ ଗଛ ଥିଲା ପାଖରେ । ଆଦିବାସୀ ସମାଜ ସଲପର ମଦରେ ନଜର ସଂନ୍ଧ୍ୟାକୁ ଉପଭୋଗ କରେ । ଉଚ୍ଚ ପର୍ବତର ଲମ୍ବା ଶାନ୍ତି ଆହୁରି ଲମ୍ବି

ଯାଉଥିଲା । ବାହାର ଅଂଶକୁ ସ୍ପର୍ଶ କରୁଥିଲା । ସଂନ୍ଧ୍ୟା ଏହି ବସ୍ତିକୁ ଧିରେ ଧିରେ ଢାଙ୍କି ଦେଉଥିଲା ଆଉ ସବୁ କଛି ଶାନ୍ତ ହୋଇଯାଉଥିଲା ।

ଆମେ ଅନ୍ୟ ପଟକୁ ଆସିଗଲୁ । ସୂର୍ଯ୍ୟ ଆମ ମୁଣ୍ଡରୁ ଅନେକ ଦୂରକୁ ଗ୍ଭଲିଯାଇଥିଲା । ପାହାଡ ଗୁଡିକ ବର୍ତ୍ତମାନ କଳା ହୋଇ ଆସୁଥାନ୍ତି । ଆକାଶ ଧଳା ହୋଇ ଆସୁଥାଏ । ନୀଳ ଆଉ କଳା ଛାଇ ସବୁ ଲୁଚ ଯାଉଥାଏ । ପାହାଡ ଗୁଡିକ ଧିରେ ଧିରେ ଅଧିକରୁ ଅଧିକ କଳା ହୋଇ ଆସୁଥାନ୍ତି । କୁହୁଡି ପାହାଡଗୁଡିକୁ ଘେର୍‌ଇ ରହୁଥାଏ । ଛୋଟ ଛୋଟ ପାହାଡ ଗୁଡିକ ଲାଗୁଥିଲା ଯେମିତି କଇଁଛ ଭଳ । ମୁଁ ଆକାଶକୁ ଅନାଇଲି । ସୂର୍ଯ୍ୟ ମେଘ ପଛପଟେ ଲୁଚଯାଇଥାନ୍ତି । କେତେକ ଖୋଲାଜଗା ଥାଏ ଆକାଶର ମେଘମାନଙ୍କ ମଧରେ, ତା ମଧରୁ ଝରି ପଡୁଥାଏ ସୂର୍ଯ୍ୟାଲୋକ । ତା ମଝିରୁ ଦେଖାଯାଉଥାଏ କଛି ଗୋଲାକାର ନୀଳାଭ ଆକାଶ । ହଠାତ୍ ଆଲୋକର ସ୍ରୋତ ବୋହି ଆସିଲା । ଆଉ ପାହାଡର ଉଜ୍ଜ୍ୱଳତାକୁ ବଢାଇଦେଲା । ଦୂରରେ ଅନ୍ୟ ପାହାଡ ଗୁଡିକ ଧିରେ ଧିରେ କଳା ହୋଇଯାଇଥିଲେ । ଏତେ ଗୁଡିଏ ପାହାଡ ମୁଣ୍ଡ ଟେକଛନ୍ତି ମାଟିରୁ, ପରଜାମାନଙ୍କ ର୍‌ଜାମାନେ, କଣାଣୀ ମୁଣ୍ଡାମାନେ ବର୍ତ୍ତମାନ ଏକ ସଭାରେ ବସିଛନ୍ତି ।

- ସମାପ୍ତ-

କ୍ରମଶଃ.....

ସେକ୍ଟର- ୩, ସଲ୍ଟଲେକ, କଲିକତା

# ସ୍ମୃତି



ଡ଼ଃ ଅମ୍ରେଶ ପଟ୍ଟନାୟକ

ସ୍ମୃତି !     ସ୍ମୃତି !     ସ୍ମୃତି !
ତୁମେ କେବେ ପ୍ରଥମ ବର୍ଷାର ମାଟି ଭିଜା ବାସ୍ନା
ଆଉ କେବେ ଓଦା କାକରରେ ଶଶିର ରଶ୍ମିମନ୍ତ ଜୋସ୍ନା !
ମୃଦୁ ମଳୟର ରାଗ ଅନୁରାଗ
        ସେହି ବସନ୍ତ ସ୍ପର୍ଶରେ
ହୃଦାଘର କଠୋରତା ଅସ୍ତରାଗ
        ପୁଣି ଆନନ୍ଦର ଶୀର୍ଷରେ !

ତୁମେ ଅଟ ପ୍ରଥମ ପ୍ରେମର......
ପ୍ରଥମ ଜନ୍ମର
ପାପର
ପୁଣ୍ୟର
ସ୍ନେହର
ପ୍ରେମର
ସାଥେ ବଢ଼ିଥିବା ସମୟର
ପ୍ରଥମ ଗିତର ସ୍ୱର
ଜୀବନ ହୋଲିର ସପ୍ତରଂଗ ଅବିର
ପ୍ରେମିକା ଆଖିର ସ୍ୱପ୍ନର ଅସର
ନାଲି ଅଳତା ଗାର ପ୍ରେମିକା ପାଦର
ଲାଜ ଲାଜ ଆଖିର କଜ୍ଜଳଧାର !

ସ୍ମୃତି ତୁମେ....
ସ୍ୱପ୍ନଭରା ସ୍ପନ୍ଦନ
ଆଦ୍ୟ ଯୌବନ
ପ୍ରେମବୋଳା କଥନ
ମମତାମୟୀର ମନ
କୋହଭରା କ୍ରନ୍ଦନ
ସେଇ ମୃଗ ନୟନ
ପ୍ରିତିଭରା ଚୁମ୍ବନ.....

ସ୍ମୃତି ତୁମେ...
ପବିତ୍ର ଶଙ୍ଖର ଧ୍ୱନ
ମାଆର ପଣତକାନୀ
ପ୍ରେମିକା ନୀଳ ନୟନୀ
ଲାଜ କୁଳୀ ନାମଟି କୁନୀ
ଆଉ ଶୁଭୁନ....... ଆଉ ଶୁଭୁନ.......
ସ୍ମୃତି ତୁମେ
ପ୍ରତିବିମ୍ବିତ ଛବି ମୋ ମନ ଆଇନାର
ଅନ୍ତରଙ୍ଗ କବି ମୋ ଜୀବନ କବିତାର
ନୟନେ ଲୋତକ ଓଠରେ ହସର ଗନ୍ତାଘର
ମୃଗତୃଷ୍ଣାର ଝଲକେ ଶୋଷିଏଠି ଜୀବନ ମରୁବାଲିର !
ତୁମେ ଥିଲ ମୋ ସ୍ୱପ୍ନର, ରସର, ହସର ଓ କାନ୍ଦର
ତୁମେ ନ ଥିଲେ ମୁଁ ଲାଜ,କୋହ ଅସହାୟର ପତର !
ଏଭଳ ତୁମେ ଆସମୋ ପାସେ ସତ୍ୟ ଓ ବାସ୍ତବର
ତୁମ ବିନା ଜୀବନଟା ନିରାନନ୍ଦ ନିରାକାର !
ସ୍ମୃତି ! ସ୍ମୃତି ! ସ୍ମୃତି !

ବିଜ୍ଞାନ ଶିକ୍ଷକ, ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ
ପୋଲସରା, ଗଞ୍ଜାମ- ୭୬୧୧୦୫

# କାଶତଣ୍ଡୀ ପ୍ରତି



ଭାସ୍କର ଚନ୍ଦ୍ର ଖଣ୍ଡା


ପଡିଛିକ ଖସି ମେଘମାଳା ସତେ ନୀଳ ଗଗନରୁ ଭାସି
ସବୁଜ ଗାଲିଚା ଉପରକୁ ଆସି ମୁଣ୍ଡ ଟେକ ଯାଏ ହସି
କଅଁଳ ପରଶ ଶୀତୁଆ ପବନ ଖେଳୁଛି ପର୍ଯ୍ୟେ ଦୋଳ
ସେ ମଧୁର ସ୍ୱନ ମାଦକତା ଅବା ଦେଉଛି ଝଂକାର ତୋଳ
ନାଚେ କାଶତଣ୍ଡୀ ଦୋହଲି ଦୋହଲି ନରମ ପରଶ ଛୁଇଁ
ପ୍ରାଣ ପ୍ରିୟା ସତେ ଲାଜେଇ ପଡୁଛି ପ୍ରଥମ ଚୁମ୍ବନ ପାଇ
ଧୋବ ଫରଫର ବିଶୁଦ୍ଧ ପାଟ ତା ନାହିଁ କାଳମାର ଦାଗ
ସଂଚତ ଧନସେ କୁଆଁରୀ କନ୍ୟାର ପବିତ୍ରତାର ସରଗ
ସଜବାଜ ହୋଇ ନଦୀପଠା ଆଜି ହସୁଛି ପ୍ରକୃତି ରାଣୀ
ମେଘରାଣୀ ସତେ ମଥାକୁ ନୁଆଁଇ ଓଢଣୀ ଦେଇଛି ଟାଣି
ମନ ଚାହୁଁଅଛି ସେ ସୁନ୍ଦର ରୂପ ଦେଖନ୍ତି ଆଖି ପୂରାଇ
ପ୍ରାଣ ଯାଇଥାନ୍ତା ସେଇ ଦରଶନେ ନପାରନ୍ତି ପଛେ ଜୀଇ
ଦରଶନ ତୋର ତଥାପି କରନ୍ତି ହେଉ ପଛେ କ୍ଷଣସ୍ଥାୟୀ
କି ଲାଭ ପାଇବ ସୁଦୀର୍ଘ ଜୀବନ ସ୍ୱାର୍ଥପରତାରେ ଜୀଇ
ହୁଅନ୍ତା ସାର୍ଥକ ଏ ଜୀବନ ମୋର  ପାଇ ତୋର ଦରଶନ
ପବିତ୍ରତାର ସେ ଚରମ ପରଶ ଲଭିଥାନ୍ତି ସେଇ ଜ୍ଞାନ
କିରୂପେ ଗଢିଛି ତୋତେ ଏ ବିଧାତା ଏତେ ପବିତ୍ରତା ଦେଇ
ଗଢିଥାନ୍ତା ସତେ ଜନ ମାନସକୁ ତୋ ପରି ଅବା ବିହି

ଭୁଲିଥାନ୍ତେ ଏଠି ସଭିଏଁ ତାହେଲେ ପ୍ରତାରଣାର ସେ ସ୍ୱର
ମନ ହୋଇଥାନ୍ତା ଶିଶୁ ସମ ଆମ  କେଡେ ସରସ ସୁନ୍ଦର
ସତେ କାଶତଣ୍ଡୀ ତୁ ଅଟୁ ମହାନ ପବିତ୍ର ଆତ୍ମାର ଚହ୍ନ
ଅହୋ ଭାଗ୍ୟ ଆଜି କରିତ ପାରିଛି ତୋର ସେଇ ଦରଶନ
ତୋ ପାଖରୁ ଶିଖି ନୁଆଁଇବି ମଥା ଭକ୍ତିପୁତେ ଆଜି ମୋର
ପବିତ୍ରତାର ସେ ବସାଟି ବାନ୍ଧିବ ଆଶୀଷ ପାଇ ତାଙ୍କର
ଜୀବନେ ନ ଆସୁ କେବେ ସେ ମୂହୁର୍ତ୍ତ କରିବାକୁ ପ୍ରତାରଣା
କର ଯୋଡି ଆଜି କରଇ ବିନତି ବିଧାତା ପାଶେ ପ୍ରାର୍ଥନା
ତୋ ପରି ଶୁଭ୍ର ହୋଇଥାନ୍ତା ସବୁ ସପ୍ତ ରଂଗ ସମାହାର
ଜାତି ଧର୍ମ ବର୍ଣ୍ଣ ମାନବ ସମାଜେ ହୋଇଥାନ୍ତା ଏକାକାର
ଗଢିଛି ବିଧାତା ତୋତେ କାଶତଣ୍ଡୀ ଦେଇ ସବୁ ଗୁଣ ଭରି
ତୋ ଝଲକ ପଣ ଶିହରଣ ଖେଳ ଅନ୍ତର ଯାଉଛି ପୁରି
ବାହାରକୁ ଆସୁ ତୋ ରୂପ ମାଧୁରୀ ଦେଖନ୍ତୁ ସଭିଏଁ ତାକୁ
ଆସ୍ୱାଦନ କରି ତୋର ସେ ବୈଚତ୍ର ଏ ଜୀବନ ଜୀଇବାକୁ

ଆଲ୍ହାବାଦ ବ୍ୟାଙ୍କ, ଯୋନାଲ ଅଫିସ ଭୁବନେଶ୍ୱର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ଟାକୁଆର ସ୍ୱପ୍ନ



ରଞ୍ଜିତ ସାହୁ

ସଭିଙ୍କ ଏଠାରେ କଛି ଥାଏ ମୂଲ
ସଭିଙ୍କର ଥାଏ ଅବଦାନ,
ଟୋପା ଟୋପା ଜଳ, ସିନ୍ଧୁ ସମତୁଲ
କଛି ବଡ ନୁହେଁ ଅବା ସାନ।

ଛୋଟ କାମଟିରେ ହସେ ବସୁମତୀ
ବଦଳଯିବ ଏ ଧରାତଳ,
ଦରକାର ନାହିଁ ଅମାପ ସମ୍ପତ୍ତି
କଳ କୌଶଳ କ ଦେହବଳ।

ପକ୍ଷୀର ଆଶ୍ରୟ ଗୋଟିଏ ଗଛରେ
ଗୋଟିଏ ଗଛରୁ ସୃଷ୍ଟି ବନ,
ଆମ୍ବର ଟାକୁଆ ପୋତି ଦେଖ ଥରେ
ନକରି ତାହାକୁ ହୀନମାନ।

ଫୋପଡା ଟାକୁଆ, ଅଖିଆ ଅଲୋଡ଼ା,
ସାଜିଥାଏ ଆଖିରେ ସପନ,
ସାଜିବ ଦ୍ରୁମ ସେ, ବନରେ ସଜଡ଼ା,
ଧରାରେ ପାଳୁଥିବ ଜୀବନ।

୨୨୪୭ ସି, କମନେଓ୍ୱଲଥ୍ ଡ୍ରାଇଭ୍,
ଗ୍ଲୌଚେସଭିଲେ, ଭର୍ଜିନଆ, ଯୁକ୍ତରାଷ୍ଟ୍ର ଆମେରିକା

# ପୁଣି ସେଇ ଶାଢ଼ୀ ଗହଣା



ଶାନ୍ତିଲତା ମିଶ୍ର

"ଅମର'ର ସ୍ତ୍ରୀ "ବିଭୁ'...ବିଭୁସିନୀ ଚାଲିଗଲେ । ଚାଲିଗଲେ ମାନେ...ଆରପୁରକୁ ନୁହେଁ, ବାପଘରକୁ । ସାମାନ୍ୟ ଥଟ୍ଟା ପରିହାସରୁ ଝଗଡା, କଥା କଟାକଟିକୁ ବିରାଟ ଆକାର କରି ଦେଇ ସେ ଚାଲିଗଲେ । ଗଲେ ତ ଗଲେ ପୁଣି ବହୁତ ବଡ ଧମକ ଦେଇକ ବି ଗଲେ । ଏକ ମହିଳା ମ୍ୟାଗାଜିନରେ ବାହାରିଥିବା ବିଜ୍ଞାପନରେ ଯେମିତି ସେ ଝିଅଟି ଶାଢି ପିନ୍ଧି ଫଟ ଉଠେଇଛି ସେହିପରିତା ପାଇଁ ଦୁଇଟା ଶାଢ଼ୀ କିଣି ଦୁଇ ଦିନ ପରେ ଆସୁଥିବା ଭାଲେଣ୍ଟାଇନଡେ ଦିନ ତାଙ୍କ ଘରକୁ ଯାଇତାକୁ ଅମର, ଆଣିବ ନଚେତ ସେ ଚାରି ମାସ ପରେ ଫେରିବ ।

ସେଇ ଝିଅଟି ସେ ଶାଢ଼ୀ ପିନ୍ଧିବା ଦ୍ୱାରା ସୁନ୍ଦର ଦିଶୁଛି ତ ଦିଶୁଛି ପୁଣି ତାକୁ ଟଙ୍କା ବି ମିଳୁଛିଏପରି ବିଜ୍ଞପିତ ହୋଇ ଫଟ ଉଠେଇବାରେ । କିନ୍ତୁ ବିଭୁ କଣ ଦିଶିବ ଏ ଶାଢ଼ୀ ପିନ୍ଧିଲେ ପୁଣି ସେ ହାତରୁ ଗଦାଏ ଟଙ୍କା ବି ଖର୍ଚ୍ଚ କରିବେ । ଯୁକ୍ତିରୁ ମନାନ୍ତର ଟା ଟିକେ ଜୋର ଧରିନେଲା ।

ଯାହା ବି ହେଉ ଅମର ଏବେ ଭାବୁଛି ଝଗଡାର ସମାଧାନ ପାଇଁ ଦି ଟା ନହେଲା ନାଇଁ ଗୋଟାଏ ଶାଢି ହେଲେ କିଣି ଦେଇଥାନ୍ତା ଏ ମାସ ଦରମାରେ ନହେଲେ ବି ଆଉ କୋଉ ମାସ ଦରମାରେ । ଟିକେ ଟଣା ଟଣି କରି ପଇସା ଯୋଡା ଯୋଡି କରି । କିନ୍ତୁ ଯୋଉ ବିଭୁ କହିଲା ଭାଲେଣ୍ଟାନ ଡେ ପାଇଁ କିଣିବ ଓ ସେ ସେଇଦିନ ପିନ୍ଧି ବଜାର ବୁଲି ଯିବ ସେଇଠୁ ଅମରର ରାଗ ଚଢିଗଲା ।

ଭାଲେଣ୍ଟାଇନ ଡେ କଣ ଗୋଟାଏ ପର୍ବ ନା ପର୍ବାଣୀ ନା ଆମ ଭାରତୀୟ ସଂସ୍କୃତୀର କିଛି ପୂଜା ଅର୍ଚ୍ଚନାର ଦିନ ସେଥିପାଇଁ ବିଭୁ ନୂଆ ଶାଢ଼ୀ ଗହଣାରେ ମଣ୍ଡିତା ହୋଇ ବଜାର

ବୁଲିଯିବ । ବରଂ ସେଯାଉ ବାପଘର ଆଉ ରହୁ ସେଠି ଚ୍ଚରିମାସ କଣ ଛଅମାସ । ବଳେ ମନ ଥଣ୍ଡାହେଲେ ଆପେ ଆପେ ଫେରି ଆସିବ । ଏମିତିରେ ବି କଛି ତାର ଟଙ୍କା ବି ବଞ୍ଚିଯିବ ।

ଅମର ଆଉ ବିଭ୍ଙ୍କର ବିବାହକୁ ଛଅ ବର୍ଷ ହୋଇଗଲ୍ଣି ସତ କନ୍ତୁ ବିଭ୍ ଯେତେ ଯେତେ ପୁରୁଣା ହଉଛି ତାର ଦାବି ବଢି ବଢି ଚ୍ଚଲିଛି । ପ୍ରଥମେ ବର୍ଷକୁ ଚ୍ଚରିଖଣ୍ଡ ଶାଢୀରେ ସେ ବେଶ୍ ଖୁସି ହୋଇଯାଉଥିଲ୍ । ଏବେ ସାଙ୍ଗ ବାହାଘର, ଭ୍ଇ ବାହାଘର, ଭଉଣୀ ବାହାଘର, ରଜ, କୁମାର ପୂର୍ଣ୍ଣିମା, ଦୁର୍ଗା ପୂଜା କହି ଗଲ୍ ଛଅମାସ ଭିତରେ ଛଅ ଖଣ୍ଡ ଶାଢି ସେ କଣି ଦେଇ ସାରିଲ୍ଣି ।ଏବେ ପୁର୍ ତା ଆଖି ପାଉ ନଥିବା ଦାମୀ ଶାଢୀରେ ଆଖି ପକେଇଛି ।

ଏ ବର୍ଷ ଭ୍ଲେଣ୍ଟାଇନଡେ ଟା ରବିବାର ପଡିଥିଲ୍ । ଅମର ଘରେ ଖାଇ ପିଇ ଶୋଇଗଲ୍ ନାସେ ବିଭ୍କୁ କଲ୍ କଲ୍ ନା ଶାଢୀ କଣିଲ୍ ।

ତାପର ଦିନ ସୋମବାର, ଅଫିସରେ ବିକ୍ରମ ସହିତ ଦେଖାହେଲ୍ । ଭ୍ରି କ୍ଲାନ୍ତ ଦିଶୁଥିଲ୍, ଆଖି ନଦୁଆ ନଦୁଆ, କାମରେ ମନ ଲଗେଇ ପାରୁ ନଥାଏ । ଅମର କୌତୁହଳ ବସତଃ ବିକ୍ରମକୁ ପଚ୍ଚରିଦେଲ୍ କଣ ଭ୍ଇ ଭ୍ଲେଣ୍ଟାଇନଡେ ମନେଇ ମନେଇ କ୍ଲାନ୍ତ । ଅଧା ଦାନ୍ତ ଦେଖେଇ ଜବରଦସ୍ତିଆ କୃତ୍ରିମ ହସ ଟାଏ ହସି ବିକ୍ରମ କହିଲ୍ "ଭ୍ଇ ତୁ କହ ଏ ଭ୍ଲେଣ୍ଟାଇନ ଡେ ଆସିଲ୍ କୋଉଠୁ ? ନାସେ ଆମ ଦେଶର, ନା ଜାତିର ନା ଭଷାର ନା ସଂସ୍କୃତିର ତାକୁ ଏତେ ପ୍ରାଧାନ୍ୟ ଦେବାର ମାନେ କଣ"। ବିକ୍ରମ ସତେକ ଅମରର ମନ କଥାକୁ ପଢି ପାରି ପ୍ରାଞ୍ଜଳ ଭ୍ବରେ ବୁଝେଇଦେଲ୍ ପରି ତାକୁ ଲ୍ଗିଲ।

"ଗଲ୍ କାଲି ରବିବାର ଥିଲ୍ ଟିକେ ମଣିଷ ଶୋଇଥାନ୍ତା କ ବିଶ୍ରାମ ନେଇଥାନ୍ତା। ନା, ସ୍ତ୍ରୀ ଆସିଶନବାର ରାତିରୁ ବରାଦ କରି ଦେଇ ଗଲେ ଯେ ଆସନ୍ତା କାଲି ରବିବାରକୁ ଭ୍ଲେଣ୍ଟାଇନଡେ, ସକାଳୁତା ବାପଘରର ପରିବାର ସହିତ ମିଶି ସେମାନେ ପିକନକ୍ ଯିବେ। ତାପରେ ଶାଢୀ ଗହଣା କଣିବାକୁ ବଜାର ଯିବେ । ସନ୍ଧ୍ୟାବେଳେ ରେଷ୍ଟୁରାଣ୍ଟରେ ଖିଆ, ତାପରେ ସେକେଣ୍ଡ ସୋ ସିନେମା ।

ବିକ୍ରମର ଅନାଗ୍ରହ ଭାବ ଦେଖି ତା ସ୍ତ୍ରୀ ପୁଣି କହିଲା କଣ ନା - "ଯଦି ତୁମେ ମତେ ସତରେ ଭଲ ପାଉଥାଅ ଏସବୁ କରିବାକୁ କଛି ବି ତୁମକୁ କଷ୍ଟ ହେବ ନାହିଁ । ଆଉ କେତେ ଭଲ ପାଅ ଏଇଥିରୁ ଜଣାଯିବ ।" କାଲି ରାତିରେ ସିନେମାରୁ ଫେରୁ ଫେରୁ ରାତି ଏକ, ଆଉ ଶୋଇବି କଣ...ଛେନା ।ସକାଳୁ ପୁଣି କାମକୁ ଦୌଡ । ଭଲ ପାଇବାରେ ପୁଣି ଗୋଟାଏ ସତ ମିଛ ଥାଏ ବୋଲି ମତେ ଜଣା ନଥିଲା । ତା ପାଇଁ ଏପରି ଏକ ପରୀକ୍ଷା ଦେବାକୁ ପୁଣି ହେବ ।"

"ଆସନ୍ତା ବର୍ଷକୁ ଦି ଚାରି ଦିନ ଆଗରୁ ଟୁରରେ ଯାଉଛି କହି ଯାଇ କୋଉ ସାଙ୍ଗ ଘରେ ରହି କାମକୁ ଯିବି । ଅଯଥା ଟଙ୍କା ଖର୍ଚ୍ଚକୁ ଦେହ ବ୍ୟଥା ମୁଣ୍ଡ ବ୍ୟଥା ମନ ବ୍ୟଥା । ଥାଉ ବହୁତ ହୋଇଗଲା ଭାଲେଣ୍ଟାଇନଡେ ପାଳନ ।"

"ତୁ କନ୍ତୁ ବହୁତ ଭଗ୍ୟବାନ । ଏ ସବୁ ଡ୍ରାମାରୁ ରକ୍ଷା ପାଇ ଯାଇଛୁ । ଯୋଗକୁ ତୋ ସ୍ତ୍ରୀ ଯାଇଚାଙ୍କ ବାପଘରେ ।' - "ହଁ ବାପ ଘରେ ତ ନଷ୍ଟୟ । ନା ସେ ରକ୍ଷା ପାଇନ ବହୁତ ବଡ ବିପଦରେ ପଡିଯାଇଛି ।" ଅମର କନ୍ତୁ କଥା ନ ବଢେଇ ନିରବ ରହିଲା ।ଅଫିସ୍ କାମରେ ମନ ଦେଲା । ବହୁତ କାମ ବାକି ଅଛି ।

କନ୍ତୁ ଏକ ରକମ ସେ ଆଶ୍ୱସ୍ତ ଆଉ ଖୁସି ଯେ ବିଭାର ଏତେ ବେଶି ଫରମାସି ନଥିଲା । ଦୁଇଖଣ୍ଡ ଶାଢୀ ମାତ୍ର । ହଁ ଟିକେ ଦାମିକା ସତ । ସେ କେବେବି ତାକୁ ଏତେ ଦାମିକା ଶାଢୀ ଦେଇନ କ ଦବାର ଯୋଜନା ବି କରି ନଥିଲା । ହଉ ହେଲା ଏବେ ଯଦି ସ୍ତ୍ରୀ ହୋଇ ସେ କଛି ମାଗିଲା, ଏତିକକଣ ସେ ସ୍ୱାମୀ ହୋଇ ଇଚ୍ଛା କରିଥିଲେ ଦେଇ ପାରି ନଥାନ୍ତା !

କନ୍ତୁ ଏବେ ତ ଭାଲେଣ୍ଟାଇନ ଡେ ସରି ଗଲାଣି । ଏବେ ଆଉ କଣ ! ବିଭାକୁ କଣ କହି ସେ ମନେଇବ । ଆଉ ଏକ ସମସ୍ୟା। ଅଫିସ କାମ କରୁଥିବା ଭିତରେ ସେ ମନେ ମନେ ଏକ ଯୋଜନା ମଧ କରୁଥାଏ କପରି ଏ ଅସ୍ୱାଭାବିକ ପରିସ୍ଥିତିରୁ ରକ୍ଷା ପାଇହେବ ।

ଘରକୁ ଫେରି ଅମର ବିଭାକୁ ଫୋନ କଲା, ଜୋରରେ ଜର, କାଶ, କଫ, ଛିଙ୍କ ଧରି ଥିବାର ଅଭିନୟ କରି । "ଭେରି ସରି ଡାରଲିଙ୍ଗ" ରୁ କଥା ଆରମ୍ଭ କଲା ।"ତୁମ କହିବା ଅନୁସାରେ ତୁମ ପସନ୍ଦର ସେଇ ଦୁଇଟି ଶାଢୀ ଆଣି ଶନବାର ଦିନ ରଖିଥିଲି । ରବିବାର

ଦିନ ତୁମ ଘରକୁ ଯାଇ ତୁମକୁ ଆଶ୍ଚର୍ଯ୍ୟ ଓ ଚମତକୃତ କରିବାର ଅଭିପ୍ରାୟ ବି ଥିଲ୍ । କନ୍ତ ଦିନ ସାଗ୍ ବଜାର ବୁଲି ବୁଲିନ ଖାଇ ନପିଇ ସନ୍ଧ୍ୟା ବେଳକୁ ଘରକୁ ଫେରିଲ୍ ବେଳକୁ ଜର ସାଙ୍ଗକୁ କଫ କାଶ ସବୁ ଆସିଗଲ୍ । ଦୁଇ ଦିନ ହେବ କମ୍ବଳ ଘୋଡେଇ ହୋଇ ଶୋଇଛି। ଆଜି ଟିକେ ଭଲ ଲଗିବାରୁ ଫୋନ୍ କଲି ।''

"ଶାଢୀ ସତରେ ବହୁତ ସୁନ୍ଦର ହୋଇଛି । ଦେଖିବାକୁ ଇଛା ଥିଲେ କାଲି ଆସିଯାଅ । କନ୍ତ ତୁମ ଭ୍ଲେଣ୍ଟାଇନ ଡେ ଟା ଗ୍ଲିଗଲ୍ ସତ । ଆସନ୍ତା ପର୍ବ ପର୍ବାଣୀରେ ପିନ୍ଧି ନେବ ।' ବିଭ୍, ଅମର କଥାକୁ ସତ ଭ୍ବିନେଲ୍ କାଲି ଆସିବାର ପ୍ରତିଶୃତି ଦେଇ । ଅମରର ଖୁସି କହିଲେ ନସରେ । ଗୋଟାଏ ତୀରରେ ଦୁଇଟା ଚଢେଇ ଶୀକାର । ଶାଢୀ ଦେଖିବା ଲୋ୍ଭରେ ବିଭ୍ ନଶ୍ଚୟ ଆସିଯିବ । ଆଉ ଆସନ୍ତା ପର୍ବରେ ଶାଢୀ କଣିବାକୁ ବି ପଡିବନ । ବିଭ୍ର ହାତ ରନ୍ଧାରେ ସେ ଏତେ ଅଭ୍ୟସ୍ତ ହୋଇ ଗଲ୍ଣିଯେ ନଜ ହାତ ରନ୍ଧା ଆଉ ଭଲ ଲ୍ଗୁନ ।

ଫୋନ୍ ରଖିଦେଇ ଅମର ଗ୍ଲିଗଲ୍ ବଜାରକୁ ଶାଢୀ କଣିବାକୁ । କାରଣ ତାର ମନେ ହେଲ୍ବିକ୍ରମ ସ୍ତ୍ରୀ ଠାରୁ ତା ସ୍ତ୍ରୀ ବିଭ୍ ଯଥେଷ୍ଟ ଭଲ ବୋଲି । ସେ ଭଲ ଭ୍ବରେ ଜାଣେ କାଲି ନଶ୍ଚୟ ବିଭ୍ ଆସିଯିବ । ତା ଅସୁସ୍ଥତା ଖବର ଯୋଗୁ ହେଉ ବା ନହେଉ ଶାଢୀ ଦେଖିବାକୁ ତ ନଶ୍ଚୟ ଆସିଯିବ ।ଯଦି ବିଭ୍ର ଏ ଶାଢୀ ଗହଣା ପିନ୍ଧା ନଶା ଟା କୌଣସି ଉପାୟରେ ନ ରୁହନ୍ତା ତାଠୁ ଆଉ ଭଲ ସ୍ତ୍ରୀବା ସୁଗୃହିଣୀ ଏ ସଂସାରରେ ଦେଖିବାକୁ ବିରଳ ହୁଅନ୍ତେ ।

ତା ପର ଦି ବିଭ୍ ଆସିଗଲ୍ । ଶାଢୀ ଦେଖି ଆନନ୍ଦରେ ବିଭ୍ୋର ହେଲ୍ ସତ କନ୍ତ କହିଲ୍ ଶାଢୀ ସଙ୍ଗେ ମ୍ୟାଚଙ୍ଗ କରି ସୁନା ନହେଲ୍ ନାହିଁ ଇମିଟେସନର କାନର କଛି କଣିବାକୁ ବୁଦ୍ଧି ଦିଶିଲ୍ନ କ ବିଧାତା କହିଲ୍ନ । "ପୁଣି ସେଇ ଶାଢୀ ଗହଣା ! ଧନ୍ୟ ତୁମେ।' ସତେକ ଜୀବନରେ ଶାଢୀ ଗହଣା ବ୍ୟତୀତ ଆଉ କଛି ନାହିଁ । ଏଥରକ ଅମର ଶୁଣି ନଶୁଣିଲ୍ ପରି ଚୁପ୍ ରହିଗଲ୍ । କଥାକୁ ଯେତେ ବଢେଇବ ସେତେ ବଢି ଗ୍ଲିବ ତାର ଅନ୍ତ ନାହିଁ ।

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

# ପ୍ରିୟେ



ଆଶୁତୋଷ ମେହେର

ବାଟ କାଟି ଯଦି ଗ୍ଭଲି ଯିବ ପ୍ରିୟେ
ମୁଁ କାହିଁ କରିବି ମନା
ଗଲ୍ ବେଳେ ଖାଲି କହି ଦେଇ ଯିବ
ସତେ କ ଭଲ ପାଅ ନା ?

ସେତେ ବେଳେ ଦେବ ହସ ଧାରେ ଖାଲି
ମୋ ମନ ଆକାଶେ ସଖି
ଝଲସି ହସିବ ପଗ୍ଭଣ ମୋହରି
ଇନ୍ଦ୍ରଧନୁ ରଙ୍ଗ ମାଖି ।

ଆଉ ପାଦେ ଯାଇ  ପୋତି ଦେଇ ଯିବ
ଫୁଟିଲ୍ ଫୁଲ ର ଗଛ
ବାସନା ରେ ତା'ରି ବିମୋହିତ ହେବ
ଜୀବନ ମୋ, ଆଗ ପଛ ।।

ଆର୍ଯ୍ୟପଲ୍ଲୀ, କଟ ଛକ,
ପଟିଆ, ଭୁବନେଶ୍ୱର

# କୁହୁଡି



ସାଗରିକା ମହାନ୍ତି

ସ୍ୱପ୍ନ ଆଉ ବାସ୍ତବର ମତାନ୍ତର ଭିତରେ, ସକାଳୁ ସଞ୍ଜ ଯାଏ ମୁଁ ଏମିତି ଧନ୍ଦି ହୁଏ କାହିଁକି !
ନିଜକୁ ସମ୍ପୂର୍ଣ୍ଣ ରୂପେ ତୁମକୁ ସମର୍ପି ଦେଇ ବି ନିଜ ଭିତରେ ମୁଁ ଏମିତି ହଜି ଯାଏ କାହିଁକି!

ଭାବିନଥିଲି କେବେ, ଘର ଘର ଖେଳୁ ଖେଳୁ ସମୟର ଅଣଗ୍ଲୁଷ ବାଆଟା ବୋହିଯିବ
ଏମିତି, ମୋ କଅଁଳ ପିଠି ଉପରେ, ଏତେ ନିସଙ୍କୋଚରେ ବୋଲି !
ପ୍ରତିବନ୍ଧ ନହେଇ ବି ତନ୍ନତନ୍ନ କରି ବାଣ୍ଟିଦେବି ମୁଁ ନିଜକୁ,
ତୁମ ଅସ୍ତିତ୍ୱ ଭିତରେ ବୋଲି !

ନିଜକୁ ବାନ୍ଧିଦେଲି ତୁମ ସଂସାର ରଜ୍ଜୁରେ ।
ସାଜିଗଲି ତୁମ ଅଗଣା ତୁଳସୀ ।
ତୁମ ହୃଦୟ ତରାଜୁରେ ତଥାପି ମୋ ସ୍ୱପ୍ନ ଲାଗେ ଏତେ ହାଲ୍କା କାହିଁକି !
ତୁମ ହୃଦୟର ସ୍ପନ୍ଦନ ବି ମୋ ପାଇଁ ଥାଏ ଏତେ ନିରବ କାହିଁକି !

ଆଖି ମିଟିକା ମାରୁ ମାରୁ ସଞ୍ଜ ନଇଁ ଯାଏ ।
ନା ବୁଝିପାରେ କେବେ ମୁଁ ସମୟକୁ,
ନା ବୁଝିପାରେ ମୋ ପାଇଁ ତୁମ ହୃଦୟ ଭିତରେ ସାଇତା ହେଇଥିବା ସେ ଅଦୃଶ୍ୟ
ଭାବନାଟିକୁ ।
ତଥାପି ଚୂଡାନ୍ତରେ ପହଂଚବା ଆଗରୁ ତୁମ ହାତ ଧରିବାକୁ ମୁଁ
ହାତ ବଢେଉ ଥାଏ କାହିଁକି ?

ନବୀ ମୁମ୍ବାଇ, ମହାରାଷ୍ଟ୍ର

# ତୁମେ ଆସିବ ବୋଲି...



କାର୍ତ୍ତିକ ପାଣିଗ୍ରାହୀ

ହେ କୃଷ୍ଣ.....! !

ତମେ ଆସିବ ବୋଲି

କେତେ ଆଉ କରିବି ଅପେକ୍ଷା...

ଆସିଲେ ବା କଣ କରିପାରିବ ତୁମେ?

ନା ଶାସନ ବଦଳବ ନା ଆସନ

ନା ଭୂଷଣ ବଦଳବ ନା ବସନ,

କଂସ ମାନେ ଧଳା ପୋଷାକ ପିନ୍ଧି

ମାନବିକତାର ସେବା କରୁଥିବେ,

ଅଥଚ ବିଜୁଳିକନ୍ୟା ମାନେ ସେମିତି

ମାଆ ଗର୍ଭରୁ ଉଭାନ ହୋଇଯାଉଥିବେ

ତୁ କନ୍ତୁ ଶ୍ରୀମନ୍ଦିରର ଆବଦ୍ଧ କୋଠରୀରେ

ରହିଥିବୁ ନଜରବନ୍ଦୀ ହୋଇ.....

ତୋ ଅଭଡା ଖୋଲା ବଜାରରେ

ଚଢା ଦରରେ ବଢା ହେଉଥିବ.....

ତୋ ଟଙ୍କ ତୋରଣୀ

ପାଞ୍ଚ ଟଙ୍କାରେ ବିକା ହେଉଥିବ.....

ନାରୀ ସଶକ୍ତିକରଣ ବାହାନାରେ

ବ୍ୟଭିଗ୍ଣରର ଖୋଲା ପ୍ରଦର୍ଶନ ଗ୍ଣଲିଥିବ.....

ଆମେ ଜାଣୁ ମାନବସେବା ହିଁ ମାଧବସେବା

ତଥାପି ମାନବଙ୍କୁ ଭୁଲି ମାଧବଙ୍କୁ

ଅପେକ୍ଷା କରିଛୁ..... କାରଣ

ତୁମେ ଆସିବ ବୋଲି

ତମେ କାଲି ବି ତ ଆସିଥିଲ.....

ଆଜି ବି ଆସିଛ.....

ତଥାପି କାହିଁକି ସମସ୍ତେ ତମ ଅପେକ୍ଷାରେ

ତମେ ଆସିବ ବୋଲି.....?

*****

ବେଦାନ୍ତୀର ଆଗାମୀ ସଂଖ୍ୟା ମାର୍ଚ୍ଚ ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ଫେବୃୟାରୀ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /

editor.vedantimagazine@gmail.com

ହ୍ୱାଟସଆପ୍ ନଂ- 9594993733

# କ୍ଷୁଦ୍ରଗଳ୍ପ

# "ଧୃତରାଷ୍ଟ୍ର"



ବିନୟ ମହାପାତ୍ର

ଖବର କାଗଜ ଉପରେ ଆଖି ବୁଲଉ ବୁଲଉ ପ୍ରଥମେ ହେଡଲାଇନରେ ଆଟକଗଲେ ଅଭିମନ୍ୟୁବାବୁ, ଧେତ୍ କଣ ହେଉଛି ଏ ଦେଶରେ ? ପୁଣି ଗୋଟାଏ ଗଣଧର୍ଷଣ ! ପ୍ରତିଦିନ କେଉଁଠି ନା କୋଉଁଠି ଏମିତି କାଣ୍ଡ ଘଟୁଛି । ଦେଶ କୁଆଡକୁ ଗଲାଣି, ଦିନକୁ ଦିନ ଆମ ଯୁବସମାଜର ନୈତିକ ଅଧୋପତନ ଘଟୁଛି । କଣ କରୁଛି ଏ ଦେଶର ସରକାର ?

କଥାଟା କନ୍ତୁ ରବିବାବୁଙ୍କର ମନକୁ ପାଇଲାନ, ଗ୍ଲାହା କପ୍ ରେ ସୁଡୁକଟିଏ ଲଗେଇ କହିଲେ, ବୁଝିଲେ ଆଜ୍ଞା, ସବୁ କଥାରେ ସରକାରକୁ ମଝିରେ ପୁରାଇବା ଆମର ଗୋଟେ ବଡ ଖରାପ ଅଭ୍ୟାସ ହୋଇଗଲାଣି । ନାରୀ ସମାନତା ପାଇଁ କେତେ ଆଲୋଚନା, ସମାଲୋଚନା, ଆନ୍ଦୋଳନ ପରେ ପୁରୁଷ ପ୍ରଧାନ ଆମ ସମାଜରେ ବଡ କଷ୍ଟରେ ନାରୀଙ୍କ ପାଇଁ ସମାନ ଅଧିକାରର କାନୁନଟିଏ ତିଆରି ହେଲା । ସେପୁଣି ଅଧା ଅଧୁରା । ହେଲେ କାନୁନ୍ ତିଆରି କରିଦେଲେ କଣ ସବୁକଛି ବଦଳଯିବ ? କେବଳ କାନୁନ୍ କଣ ଯଥେଷ୍ଟ ? ଆଜିବି ପ୍ରତିଦିନ ଆମ ଦେଶରେ କେଉଁଠି ନା କେଉଁଠି ଗଣଦୁଷ୍କର୍ମ ହେଉଛି, ଆମରି ଭିତରୁ କଏ ଜଣେ ପୁରୁଷ ଦୁଷ୍କର୍ମ କରୁଛି ଏବଂ ଆମରି ମାଆ ଭଉଣୀ ଆଉ କାହାର ଝିଅଟିଏ ଏହି ଦୁଷ୍କର୍ମର ଶୀକାର ହେଉଛି । ଏତିକ କହି ରବିବାବୁ ଟିକେ ଦମ୍ ନେଲେ । ତାଙ୍କ କଥା ସରି ନଥିଲା । ମୁକୁନ୍ଦାକୁ ଡାକ ପକାଇଲେ, କହିଲେ ଆରେ ମୁକୁନ୍ଦା ଆଉ କପେ ଗ୍ଲାହା ଦେ, କହିଦେଇ ପୁଣି ଆରମ୍ଭ କଲେ, ଆମ ସମାଜରେ ଆମେ ନାରୀକୁ ଦେବୀ କହୁ, ଲକ୍ଷ୍ମୀ, ସରସ୍ୱତୀ, ଦେବୀ ଦୁର୍ଗା ରୂପରେ ପୂଜାକରୁ । କନ୍ତୁ ସତରେ କଣ ଆମେ ନାରୀକୁ ସେ ସମ୍ମାନ ଦେଉ ? ବୋହୁଟିଏ ଗର୍ଭବତୀ ହେଲେ ପ୍ରଥମେ ଗର୍ଭର ଲିଙ୍ଗ ପରୀକ୍ଷଣ

କରିବାକୁ ଆମେ ବ୍ୟସ୍ତ ହୋଇଯାଉ । ଆଜିକାଲି ତ କାନୁନ ହିସାବରେ ଏଇଟା ବେଆଇନ୍, ତଥାପି ପୂରା ଚେଷ୍ଟାରଖୁ, କେଉଁଠି କେମିତି ଲୁଗ୍ଚରେ ଗ୍ଚେଗ୍ଚରେ କାଳେ ପରୀକ୍ଷାଟା କରିହେବ । ଯଦି କେବେ ପରୀକ୍ଷାରେ ଝିଅ ବୋଲି ଜଣା ପଡିଯାଏ, ତାହେଲେ କନ୍ୟାଭ୍ରୁଣର ଗର୍ଭପାତ ତ ସୁନଶ୍ଚିତ ବୋଲି ଜାଣ । ଏଇତ ଆମର ମନୋବୃତ୍ତି ତଥାକଥିତ ଆମର ଦେବୀ ଆଉ ଝିଅମାନଙ୍କ ପ୍ରତି । ମାତୃଜାତି ବୋଲି କେତେକଥା ଶାସ୍ତ୍ର ପୁରାଣରେ ପଢୁ, କନ୍ତୁ ସେତେବେଳକୁ କଛି ମନେ ପଡେନା । ଏସବୁ ପରେ ବି ଯଦି ଝିଅଟିଏ ଜନ୍ମ ହୋଇଗଲା, ତେବେ ସରିଲା କଥା । ମାଆବାପା ଜେଜେ ଜେଜମାଆ ଠାରୁ ଆରମ୍ଭକରି ବନ୍ଧୁବାନ୍ଧବ ଯାଏ କେହିବି ଖୁସି ହୋଇ ପାରନ୍ତି ନାହିଁ । ସତେ ଯେପରି ପରିବାର ଉପରେ ଗୋଟାଏ ମସ୍ତବଡ ପାହାଡ ଖସିପଡିଲା । ୟା ଭିତରେ ମୁକୁନ୍ଦା ଗ୍ଚହା କପ୍ ଟିଏ ଆଣି ରବିବାବୁଙ୍କ ସାମ୍ନାରେ ରଖି ଦେଇ କହିଲା, ଆଜ୍ଞା ଗ୍ଚହା । ରବିବାବୁ ମୁକୁନ୍ଦା ମୁହଁକୁ ଗ୍ଚହିଁ କହିଲେ, କଣ କରେ ମୁକୁନ୍ଦା, ମୁଁ ଯାହା କହିଲି, ସତ କହିଲି ନା' ମିଛ ?

ମୁକୁନ୍ଦା ମୁଣ୍ଡ କୁଣ୍ଡଉ କୁଣ୍ଡଉ ଫିକ୍ କନା ଟିକେ ହସିଦେଇ ତାର ପାନଖିଆ ବତିଶ ନାଲିଆ ଦାନ୍ତକୁ ଦେଖେଇ କହିଲା ଆଜ୍ଞା, ଆମେ ମଳମୁଣ୍ଡିଆ ଲୋକ ଦିନସାରା ଏଇ ଚୁଲା ପାଖରେ ବସି ଗ୍ଚହା କେଟିଲ ନହେଲେ ତେଲ କଡେଇ ସାଙ୍ଗେ ଦିନ ଯାଉଛି । ଆମେ କଣ ଜାଣୁ ଦେଶ ଦୁନଆ କଥା ! ହେଲେ, ଆପଣ ଯାହା କହିଲେ ଶୋଳଅଣା ସତ କହିଲେ । ଆମେ ବାହାରେ ଯେମିତି କହୁ, ଯେମିତି ଦେଖେଇ ହେଉ, ଘରେ କନ୍ତୁ ସେମିତି କରି ପାରୁନା । ବାହାରେ ତ ପୂରା ମଡର୍ଣ୍ଣ, କନ୍ତୁ ଘରେ ପହଞ୍ଚିଗଲେ କୁଆଡେ ଉଭେଇଯାଏ ଆମର ଏଇ ଆଧୁନକ ରୂପ । ପୁଣି ସେଇ ସମାଜର ଡର । ଝିଅର ବାପ ସବୁଦିନ ବିଚରା ଟିଏ ହୋଇ ରହିଯାଏ । ପୁଅଟିଏ ଭୂଲ କଲେ କେହି ଦେଖନ୍ତିନ, କହିବେ ପୁଅ ତ ପିତଳ ଘଡା, ଧୋଇ ମାଜିଦେଲେ ପୁଣି ଚକମକ୍ ଚମକ ଉଠିବ । କନ୍ତୁ ଝିଅଟିଏ ତ ମାଟି ମାଠିଆ, କଣ ଟିକେ ବାଜିଗଲେ ଦିଖଣ୍ଡ । ଗଲା ସାରା ଜୀବନ ! କଳଙ୍କଟିପାଏ ନେଇ କେମିତି ବଞ୍ଚି ରହିବ ? କଏ ତାକୁ ବୋହୁ କରିବ ?

ଝିଅଟିଏ ଯଦି ବଡ ପାଟିରେ କଣ କହିଦେଲା କ ଜୋରରେ ଯଦି ଦି କଦମ ଗ୍ଚଲିଗଲା ତାକୁ ଅଣ୍ଡିରା ଚଣ୍ଡି କହିବାକୁ ମୁହୂର୍ତ୍ତେ ବି ଲାଗେନ କାହାକୁ । ଝିଅକୁ ତ କେହି ନଜରବୋଲି

ଭାବେନ, କହିବେ ଯେତେହେଲେ ଝିଅ ପରଘରି, ପରଘରକୁ ଯିବ । ଦେହରେ କି ଚରିତ୍ରରେ ଯେପରି ଦାଗଟିଏ ନ ଲାଗିବ ସେଥିପାଇଁ ସମସ୍ତେ ବଡ ଜତ୍ନରେ ପାଳନ୍ତି । ଝିଅପାଇଁ ବାପାର ଘରଟା କେବେ ନିଜର ହୋଇ ପାରେନା, ଶାଶୁଘର ଲୋକଙ୍କ କଥାରେ ପରଘର ଝିଅ ବୋଲି ସେଘରଟାକୁ ବି ନିଜର ବୋଲି କହିପାରେନା । ଦୁହିତା, ଦୁଇକୁଳର ହିତ କଥା ଭାବୁଭାବୁ ନିଜ ହିତ କଥା ବିଚାରୀ ଭୂଲିଯାଏ ।

ଅଭିମନ୍ୟୁବାବୁ ମୁକୁନ୍ଦ ମୁହଁର କଥା ଛଡାଇନେଇ କହିଲେ, ସତକଥା କହିଲୁ ମୁକୁନ୍ଦା, ଆମେ ବାହାରେ ତ କହିହେଉ ପୁଅ ଝିଅ ସବୁ ସମାନ । କିନ୍ତୁ ଘରେ ? କଥା କଥାକେ ଝିଅକୁ ପୁଅ ସହିତ ତୁଳନା କରିଦେଉ । କାମ ଯେପରି ବଣ୍ଟା ହୋଇଛି, ଏଇଟା ପୁଅଙ୍କ କାମ ଆଉ ଏଇଟା ଝିଅଙ୍କ କାମ । ଝିଅ ମାନଙ୍କୁ ସବୁ କାମରେ କହିଦେଉ ତୁ କଣ ପୁଅ ହେଇଚୁ ? ସେ ଯଦି କିଛି ପୁଅବାଲା କାମ କରିଦିଏ, କହୁ ଅଣ୍ଡିରାଚଣ୍ଡି, ଲାଜ ସରମଟିକେ ନାହିଁ । କେବେ ବି ଝିଅର ମନରେ ଆତ୍ମ ବିଶ୍ୱାସ ବଢାଇବାକୁ ଚେଷ୍ଟା କରୁନା, ତାକୁ ସ୍ୱାଭୀମାନ ହେବାକୁ ଦେଉନା । ତା ମନରେ 'ସେ ଶକ୍ତିଶାଳୀ ଏବଂ ସେ ସବୁକିଛି କରି ପାରିବ' ବୋଲି ତାକୁ ପ୍ରେରିତ କରୁନା ! ବରଂ ତୁ ଝିଅଟେ, ଏସବୁ କାମ ତୋ ଦେଇ ହେବନି ବୋଲି କହି ତାକୁ ନିରୁତ୍ସାହିତ କରୁ, ଏବଂ ଆଶାକରୁ ସେ ସମାଜରେ ମୁଣ୍ଡଟେକି ନିର୍ଭୀକ ଭାବେ ସୁରକ୍ଷିତ ରହି ପାରିବ । କିନ୍ତୁ କିପରି ??

ହଁ, ସତ କହିଲେ ଆଜ୍ଞା, କହି ରବିବାକୁ ତାଙ୍କର ଅଧାକଥାକୁ ପୁରା କରିବାକୁ ଆରମ୍ଭ କଲେ । ଝିଅଟିଏ ତ ତା ଜୀବନର ପ୍ରଥମ ଦିନରୁ ନିଜ ଘରେ ଝିଅଟିଏ ବୋଲି ଅପମାନିତ ହୁଏ । ତାର ଅସ୍ମିତାର ହନନ ତାର ମାଆ, ବାପା, ଭାଇ ତଥା ପରିବାରର ଅନ୍ୟ ସଦସ୍ୟ ମାନେ ଜାଣିଶୁଣି ହେଉ ଅବା ଅଜାଣତରେ କରି ଥାଆନ୍ତି । ସେ ଘରର ସଦସ୍ୟାଟିଏ ହୋଇ ମଧ୍ୟ ପରର ସମ୍ପତ୍ତିର ଆଖ୍ୟା ପାଇଥାଏ । ତାକୁ ସମାଜର ଯୋଗ୍ୟ ହେବା ପାଇଁ ଶିଖା ଯାଏନି ବରଂ ପରଘର ପାଇଁ ଯୋଗ୍ୟ ହେଲାପରି ଟ୍ରେନିଂ ଦେବା ଆରମ୍ଭ କରି ଦିଆଯାଏ । କେମିତି ବସିବ ଉଠିବ, କେମିତି ଚାଲିବ, କେମିତି କଥା କହିବ, କେମିତି ହସିବ ଏସବୁ ଶିଖାଯାଏ । ଚୁପ୍ ରହି ପଥର ପରି ସବୁକିଛି କିପରି ସହିବାକୁ ହୁଏ ତାହା ଶିଖାଯାଏ । ଅନ୍ୟାୟ ବିରୁଦ୍ଧରେ କେମିତି ଲଢିବାକୁ ହୁଏ ତାହା କେହି କେବେ ତାକୁ ଶିଖାଏନି । ତାକୁ

କୁହାଯାଏ ଝିଅ ଜନମ ପରଘରକୁ ! ସଂସାର କରିଲେ ପଥର ପଡିଲେ ସହି ! ସବୁ ଅନ୍ୟାୟକୁ ମଥାପାତି ସହିନେବାକୁ କୁହାଯାଏ । ତାକୁ ଅବଳା, ଦୁର୍ବଳାର ମୁଖା ପିନ୍ଧାଇ ଦିଆଯାଏ । କଥା କଥାରେ, ପ୍ରତି ପଦକ୍ଷେପରେ ତାକୁ ମନେ ପକାଇ ଦିଆଯାଏ, ତୁ ଝିଅ, ତୁ ଦୁର୍ବଳ, କେହିବି ତୋତେ ଅପମାନତ କରିପାରେ ! ତୁ ଦୁର୍ବଳ, ତୁ କଛି କରି ପାରିବୁନ ଇତ୍ୟାଦି ଇତ୍ୟାଦି କହି ପିଲାଟି ଦିନରୁ ତାର ମନରେ ଏକ ଅସୁରକ୍ଷିତ ଭାବନାର ମଞ୍ଜି ପୋତିଦିଆଯାଏ। ଆମେ ଏପରି କରି ତାକୁ ଅସହାୟତାର ଭାବନା ଭିତରେ ଯେମିତି ବନ୍ଦ କରିଦେଉ । ସେ ତାର ଜୀବନର ପ୍ରତି ପଦକ୍ଷେପରେ ପରିବାରିକ ପ୍ରତିବନ୍ଧର ସାମନା କରିଥାଏ । ଝିଅଟିଏକୁ ସାହାସୀ ହେବା କେବେ ବି ଶିଖାଯାଏନା । ନାରୀର ପ୍ରଥମ ଓ ଶେଷ ଶତ୍ରୁ ନାରୀ ହିଁ ହୋଇଥାଏ । ଜନ୍ମକଲା ମାଆ ଅତି ସ୍ନେହରେ ହେଉ ବା ସମାଜର ଡରରେ ହେଉ ଝିଅଟିକୁ ଦୁର୍ବଳା ଅବଳା କରିଦେଇ ସହନଶୀଳାର ମୂର୍ତ୍ତିମନ୍ତ ନାରୀଟିଏ କରିଦିଏ ଏବଂ ଶାଶୁ ଘରେ ଶାଶୁ ନଣନ୍ଦ ଏବଂ ଯାଆମାନେ ଏହି ଦୁର୍ବଳତାର ସୁଯୋଗ ନେଇ ବୋହୁର ଶୋଷଣ କରିବାରେ ପଛଘୁଞ୍ଚା ଦିଅନ୍ତି ନାହିଁ ।

ଗୋଟିଏ ଝିଅ ଭିତରେ ଭଗବାନ କଣ ସେ ସବୁ ଦେଇନ, ଯାହା ସବୁ ପୁଅଙ୍କୁ ଦେଇଛି ! ଆଜି କଣ ଏମିତି କାମ ଅଛି କୁହନ୍ତୁ ତ, ଯାହା କେବଳ ପୁଅ କରି ପାରିବେ, ଆଉ ଝିଅ କରି ପାରିବେନ ? ଘାସ କାଟିବାଠୁ ଆରମ୍ଭ କରି ଘୋଡା ଚଢିବା ଯାଏଁ ସବୁ କାମରେ ତ ଝିଅମାନେ ଆଜି ପାରଙ୍ଗମ । ଝିଅମାନେ ତ ବଦଳୁଛନ୍ତି । କନ୍ତୁ ଆମେ କେବେ ବଦଳିବା? ଆମେ ଆଜିବି ସେଇଁ ମାନ୍ଧାତା ଅମଳର ପୁରୁଷଙ୍କ ପରି ଝିଅଙ୍କର ପିନ୍ଧା ଲୁଗାରେ ଅଟକ ରହିଛେ । କଏ ଟାଇଟ୍ ଜିନ୍ସ ପିନ୍ଧିଛି, କଏ ଶାଢି ନପିନ୍ଧି ମିନ ସ୍କଟ ପିନ୍ଧିଛି । କାହାର ଜଙ୍ଘ ଦିଶୁଛି କାହାର ପେଟ ଦିଶୁଛି ! ଆମର ଆଖି କେବଳ ସେତିକ ଦେଖୁଛି । କନ୍ତୁ ସେଇଝିଅ ଯେ ସେନାରେ ଫାଇଟର ପ୍ଲେନ୍ ଉଡାଉଛି କ କଲେକ୍ଟର ହୋଇ ଜିଲ୍ଲା ଚଳଉଛି ସେକଥା ଆମ ଆଖିକୁ ଆସୁନ । ଧୀକ୍ ଏଇ ମରଦ ପଣିଆକୁ, ଯିଏ ସଂସ୍କୃତି ଆଉ ପରମ୍ପରାର ଦ୍ୱାହି ଦେଇ ନାରୀକୁ ଗୋଟିଏ ଖୁଣ୍ଟିରେ ଛେଳି କ ଗାଇଟିଏ ପରି ବାନ୍ଧି ରଖିବାକୁ ଚାହୁଁଛି !

ଅଭିମନ୍ୟୁ ବାବୁ ଆଉ ସ୍ଥିର ରହି ପାରିଲେନ, ତାଙ୍କ ଦେହ ଭିତରେ ଯେପରେ ରକ୍ତ ଗରମ ହୋଇ ଆସୁଥିଲା । ସେ ଭାବଉଦ୍ବେଳିତ ହୋଇ କହି ପକେଇଲେ "ବୁଝିଲେ ଅଜ୍ଞା, ଆମେ

ସବୁ ଗୋଟିଏ ଗୋଟିଏ ଧୃତରାଷ୍ଟ୍ର, ଆମେ ପୁତ୍ର ପ୍ରେମରେ ଏପରି ଅନ୍ଧ ହୋଇ ଯାଇଛେ ଯେ ପୁରୁଷମାନଙ୍କର ଦୋଷକୁ ଆମେ ଧ୍ୟାନ ଦେଉନା ବରଂ ସବୁ ଦୋଷ ଝିଅର କହି କାନଝାଡି ଦେଉଛେ । ସବୁ ଘଟଣା ପଛରେ ଝିଅର ଦୋଷ, କାରଣ ସେ ଉତ୍ତେଜକ ପୋଷାକ ପିନ୍ଧିଥିଲା, ସେ ସଂଧ୍ୟାପରେ ଏକୁଟିଆ ବାହାରକୁ କାହିଁକି ଯାଉଥିଲା ଇତ୍ୟାଦି ଇତ୍ୟାଦି । ତାଛଡା, ହିନ୍ଦୁ ନାରୀ କପରି ହେବା ଉଚତ୍, ସେ କଣ ପିନ୍ଧିବ, କପରି ଆଚରଣ କରିବ ଏସବୁ ତ ଶାସ୍ତ୍ର ଦେଖି ଆମେ ବଡ ଜୋରରେ କହି ପକାଉ, ମାତା ସୀତା କମ୍ବା ସତୀ ସାବିତ୍ରୀଙ୍କ ଉଦାହରଣ ଦେଇଦେଉ କନ୍ତୁ ପୁରୁଷର ତୁଳନା କେବେ ଶ୍ରୀରାମ କମ୍ବା ସତ୍ୟବାନଙ୍କ ସହିତ କରୁନା, ଆଦର୍ଶ ପୁରୁଷର ଆଚରଣ ବିଷୟରେ ଆଲୋଚନା ବେଳେ ପୁରୁଷ କଥା କଣ କେବେ ମନେ ପଡେନା ? ନା ସେସବୁ କଛି ଆମ ଶାସ୍ତ୍ରରେ ଲେଖାନାହିଁ? ଆବା ଆମ ପୂର୍ବପୁରୁଷ ମାନେ ସେସବୁ ଲେଖିବାକୁ ଭୁଲିଗଲେ ? କେତେ ଜଣ ପୁରୁଷ ଆଜି ନଜ ଛାତିରେ ହାତ ରଖି କହି ପାରିବେ ସେମାନେ ରାମଙ୍କ ପରି ସୁପୁରୁଷ ? ଲକ୍ଷ୍ମଣଙ୍କ ପରି ସଂଜମୀ ? ? ନଜ ଆଚରଣତ ରାବଣ ପରି କନ୍ତୁ ନଜପାଇଁ ସୀତାପରି ପତିବ୍ରତା ପତ୍ନୀ ଖୋଜୁଛନ୍ତି । ନଜ ଦେହର ରଙ୍ଗ ପଛେ ଜହ୍ନିମଞ୍ଜି ପରି ମିଞ୍ଜି ମିଞ୍ଜି କଳା ହୋଇଥାଉ କନ୍ତୁ ପତ୍ନୀ ଗୋରୀ ହେବା ନହାତି ଦରକାର " ।

ମାଆମାନେ ବି କଛି କମ୍ ନୁହଁନ୍ତି ଆଜ୍ଞା, ସେ ମାଆ ହେଉ କ ଶାଶୁ, ସବୁ ଜାଣି ଶୁଣି ପୁତ୍ର ପ୍ରେମର ପଟି ଆଖିରେ ବାନ୍ଧିନେଇ ଗାନ୍ଧାରୀ ପରି ହୋଇ ଯାଇଛନ୍ତି । କୁରୁସଭାରେ ଦ୍ରୌପଦୀର ବସ୍ତ୍ର ହରଣ ସମୟରେ ତାର ଆର୍ତ୍ତ କ୍ରନ୍ଦନ ଦେଖ ଶୁଣି ମଧ୍ୟ ଗାନ୍ଧାରୀ ପରୀ ଅନ୍ଧ ହେବାର ଅଭିନୟ କରୁଛନ୍ତି, ପୁରୁଷ ବିରୁଦ୍ଧରେ ବିଦ୍ରୋହ କରି ପାରୁନାହାନ୍ତି । ଝିଅର କଷ୍ଟ ତ ଦେଖୁଛନ୍ତି, ବୁଝୁଛନ୍ତି ହେଲେ ଅନ୍ଧ ହେବାର ଅଭିନୟ କରୁଛନ୍ତି, ସମାଜର ଦ୍ୱାହି ଦେଇ ନରବ ରହୁଛନ୍ତି । ଶାଶୁମାନେ ନଜ ଝିଅ ଆଉ ନଜ ବୋହୁ ଦୁଇଜଣଙ୍କୁ ସମାନ ଆଖିରେ ଦେଖିପାରନ୍ତି ନାହିଁ । କେମିତି ଭୁଲିଯାଆନ୍ତି, ବୋହୁଟି ବି ଗୋଟିଏ ମାଆର ଝିଅ ! ସବୁ ଜାଣିବି ଆଜି ଆମେ କେହି ବୁଝିବାକୁ ଚାହୁଁନେ, ଆମର ଏ ପୁତ୍ର ପ୍ରେମ ଦିନେ କୁରୁବଂଶ ପରି ଏ ସମାଜକୁ ଧ୍ୱଂସ କରିଦେବ । ପ୍ରତି ଝିଅର ପ୍ରତିଟି ଲୁହବୁନ୍ଦା ଦିନେ ଏଇ ସ୍ୱାର୍ଥପର ପୁରୁଷ ସମାଜକୁ ଜାଳଦେବ ।

ପ୍ରଥମେ ଆମେ ଆମ ନିଜଘରେ ଝିଅକୁ ଅପମାନିତ ହେବାକୁ ଦେଉ । ତାକୁ ଅବଳା ଦୁର୍ବଳା କରିଦେଉ । ପରେ ସେଇ ଝିଅ ରାସ୍ତାରେ ଅପମାନିତ ହୁଏ, ସେଥିପାଇଁ ସରକାର ଏବଂ ସମାଜ ଉପରେ ଦୋଷ ମଢିଦେଉ । ନେତାଙ୍କୁ ନେତାଗିରି କରିବାକୁ ମଉକା ଦେଉ, ବିରୋଧି ଦଳର କାଠ କଣ୍ଢେଇ ସାଜି ତାଙ୍କ ନିଚ ରାଜନୀତିର ଅଂଶ ବନିଯାଉ ଏବଂ ବନ୍ଦ ଷ୍ଟ୍ରାଇକ ଆଦି କରୁ । କିନ୍ତୁ କେବେବି ନିଜ ପୁଅକୁ ଏକଥା ଶିଖାଉନା, କି ଝିଅଟିଏ ବି ଏ ସମାଜର ଏକ ବଳିଷ୍ଠ ଅଙ୍ଗ । ନାରୀ, ଶକ୍ତିର ରୂପ, ନାରୀ ସୃଜନକାରିଣୀ, ନାରୀ ନଥିଲେ ସୃଷ୍ଟି ଅସମ୍ଭବ । ନାରୀ ପୂଜନୀୟା, ସମ୍ମାନୀୟା, ବନ୍ଦନୀୟା । ନାରୀଟିଏ ଜନନୀ, ଭଗିନୀ, ଜାୟା । ନାରୀରେ ମାଆକୁ ଦେଖିବା ପାଇଁ ପୁଅକୁ କେବେ ପ୍ରେରିତ କରିନୁ ।

କେବେ ଚିନ୍ତା କରୁନ, ଏଥିରେ ଆମର ବି ଦୋଷ ଅଛି, ଆମେ ବି ଦୋଷୀ । ସମାଜ କହିଲେ କଣ ବୁଝୁ ଆମେ ? ସମାଜରେ ପରିବର୍ତ୍ତନ କଥା କହୁ, ଆମେ ଏକଥା କହିଲା ବେଳେ କାହା କଥା ଭାବୁ ? କେଉଁ ସମାଜ କଥା କହୁ ? ମୁଁ ଆପଣ, ସେମାନେ, ଆମେ ସବୁ ମିଶିଲେ ଗୋଟିଏ ସମାଜ ହୁଏ ! ନିଜକୁ ପଚାରନ୍ତୁ, "ମୁଁ ବଦଳିବାକୁ ଚାହୁଁଛି ? ମୁଁ କିଛି ବଦଳିଛି ?? ଝିଅମାନଙ୍କ ପ୍ରତି ମୋ ଦୃଷ୍ଟିକୋଣରେ କିଛି ପରିବର୍ତ୍ତନ ଆସିଛି" ??? ଯଦି ଆପଣଙ୍କ ଉତ୍ତର 'ହଁ' ତେବେ ଜାଣନ୍ତୁ ସମାଜ ବଦଳୁଛି ଏବଂ ଏହାକୁ ଆହୁରି ଦ୍ରୁତଗତିରେ ବଦଳେଇବା ପାଇଁ ଆପଣଙ୍କ ଆଖ ପାଖର ଲୋକଙ୍କୁ ବୁଝାନ୍ତୁ ଏବଂ ଏହି ପରିବର୍ତ୍ତନରେ ସାମିଲ କରାନ୍ତୁ । କାନୁନ ତିଆରି କରିଦେଲେ କିଛି ବଦଳେ ନାହିଁ, ନିଜେ ବଦଳିଲେ ଯାଇ ଦୁନିଆ ବଦଳେ ।

କଟ୍ ସ୍କୋୟାର, ପଟିଆ
ଭୁବନେଶ୍ୱର, ଓଡ଼ିଶା

# ଶୀତ ର କବିତା



ଇଂ. ସାରଦା ପ୍ରସାଦ ପରିଡା

ଗାଁ ମୁଣ୍ଡ ରେ ହୁଳ ଘ୍ଙ୍ଗେ ଶୀତ
ଏସନ ଅସହ୍ୟ
ଜାଡ ର ମାଡ଼
ସଞ୍ଜ ବୁଡ଼ିଲେ
ଖୋଜା ପଡନ୍ତି ଈଶ୍ୱର
ହେ ଈଶ୍ୱର ତୁମେ ଅଛ ତ ?

ଥର ଥର କଣ୍ଠ ରେ
ନଆଶୀରି ବୁଢ଼ୀ ର ଗୁହାରୀ
ହାତଟେକା କମ୍ବଳ ଟାଏ ରେ
ଦୀର୍ଘ ଆୟୁଷ
ସମର୍ପି ଦିଅନ୍ତା କାହାକୁ

କ ଲୋଡ଼ା ସେ ଆୟୁଷ
ଏ ଦରପୋଡା ଦିହ ରେ
ହାଡ ଭଙ୍ଗା ଜାଡ ର ଦାଉ
ବୟସ ଗଲେ
ଥଣ୍ଡା ହୁଏ ରକତ
ସମ୍ପର୍କ ବି !

ବେଳେ ବେଳେ ନରୁଦ୍ଧିଷ୍ଟ
ଜଣାଶୁଣା ର ସେ ଠିକଣା
ଅପହଞ୍ଚ ସେ;
କେହି କେହି ଠିକଣା ଖୋଜନ୍ତି
ସବୁ ରାସ୍ତା ପଛକୁ ଫେରେନା
ସମ୍ପର୍କ ବି !

କାହାକୁ ଦେଖେଇବ
ଦୁର୍ଭାଗ୍ୟ ର ଠିକଣା !

ଏଠି ଦାୟାଦ
ସମ୍ପତ୍ତି ର ଦାଏ
କର୍ତ୍ତବ୍ୟ?
ନରୁଦ୍ଧିଷ୍ଟ !

ଖବରକାଗଜ ର
ଖବର ରେ ଉଷ୍ମତା
ସମ୍ପତ୍ତି ଲୋଭ ରେ
ବୃଦ୍ଧା ମା ର ହତ୍ୟା

.

ଇଏ କ ଖବର !

କଛି ଫରକ ନାହିଁ ହୋ
ଶୀତ କୁ ନେଇ ଖବର ଲେଖ
ଯେମିତି ଶୀତ କୁ ନେଇ
ଲେଖି ହୁଏ
ରୋମାଣ୍ଟିକ କବିତା
ସହର ର ରାସ୍ତାକଡ଼ରେ
ସେ ତିଵତ ଝିଅ ସହ
ବେମତଲବ ର ମୂଲଚାଲ

ଏଣେ
ଗାଁ ମୁଣ୍ଡ ରେ
ସଞ୍ଜ ନଇଁଲେ
ସନଆ ମା' ର ଦିହ ଥରେ
ସରକାରୀ ପକ୍କାଘରେ
ପୁଅ ବୋହୁଙ୍କୁ କହ୍ନା ।
କେତେ ଆଉ ଜାଡ ରଖନ୍ତା
ମୂଷାଖିଆ କମ୍ବଳଟା
ସଲତିଆ ଭୂଇଁଟାରୁ !

ଏବେ ସବୁ ବ୍ରେଗ ର
ଧାଁ ଧପଡ଼
ସତରେ
ଏଇ ଶୀତ ରେ ଜୁ ମିଳେ
ସେ ବେମାରଙ୍କୁ?

ଜୀବନ ଶେଷ ହେବାର ବେଳ କ?
ହେ ଈଶ୍ୱର
ତୁମେ ଅଛ ତ?
କହିବାକୁ ମୁକତି ର ପଥ

ସେମିତି
ଏ ସହର ର ରାସ୍ତାକଡ଼ ରେ ବି
ଅସହାୟ ଜୀବନ

ଜାଡ ର ମାଡ଼ ରେ
ରାତି ତମାମ
ଛୁଆ କୁକୁର ର
କୁଁ କୁଁ ଚତ୍କାର
ମା କୁକୁର ର ନରମ ପେଟରୁ
ଗରମ ଦେବା ରେ ପ୍ରୟାସ

ବୃଥା ସିନା
ଭୋକଲା ପେଟ ରେ
କେଉଁଠି ଆସିବ ଉଷ୍ମତା
ସବୁଠି ଦୂର ଦୂର
ମାର ମାର ।

ଗ୍ଡି ଗଡ଼ିଲେ
ଅଂଚ ହେଉଥିବା
ନଆସୀର ବୁଢ଼ୀଟା
ପର୍ ବାଣ୍ଟେ
ଜାଡ ଜଡ଼ ସଡ଼
କୁକୁର ଛୁଆଙ୍କୁ ।

ସମ୍ଭବତଃ
କଛି ଫରକ ନଥାଏ
ଦେଶୀୟ କୁକୁର
ଆଉ ବୁଢ଼ା ମା ବାପ ଭିତରେ
ସେ ପଟେ ଶୀତ କୁ ନେଇ
ସହର ରେ ଆସର ବସେ
ଗାଁ ରେ ଉତ୍ସବ

ଶୀତ ସେମିତି ହସେ
ହା ହା.........

କଛି ଫରକ ନାହିଁ ହୋ
ଅମାନବଙ୍କ ର
ସହର ଆଉ ଗାଁ ଭିତରେ

ଦୁର୍ଭାଗ୍ୟ ର ପୁଣି
କଣ ଗୋଟାଏ ଠିକଣା?

ହରିପା, ଜଗତସିଂହପୁର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଜୀବନ ଆଉ ଯନ୍ତ୍ରଣା



ସୀତାରାମ ଦାଶ

ସମୟ ଚହ୍ନାଏ ଏଠି କଏ ସ୍ୱାର୍ଥପର,
ନିଜର ରକତ ଆଜି ହୁଏନା ନିଜର।

ମୋ ଭଙ୍ଗା ନାଆରେ ଆଜି ମୁଁ ନିଃସ୍ୱ ନାଉରି,
ଲୁହର ସାଗର ଆଉ ପାରୁନି ପହଁରି।

ମରିଗଲା ସବୁ ଆଶା, ସବୁ ଅଭିଳାଷ,
ତୁମରି ଉପରେ ପ୍ରଭୁ ସକଳ ବିଶ୍ୱାସ।

ଏତେ ବଡ଼ ଦୁନିଆରେ ପାଉନି ଆଶ୍ରୟ,
କାହିଁକି କରିଲ ପ୍ରଭୁ ମତେ ନିରାଶ୍ରୟ।

ମୁଣ୍ଡ ଗୁଞ୍ଜିବାକୁ ଖଣ୍ଡେ ନାହିଁ ମୋର ଘର,
ଅଜଣା ପଥିକଟିଏ ମୁଁ ପାନ୍ଥଶାଳାର।

ମଧ୍ୟାହ୍ନ ରେ ନିଜ ଛାଇ ନିଜର ହୁଏନା,
ଆଖିର ଲୁହକୁ ଏଠି ଆଖି ବି ବୁଝେନା।

ଜୀବନ ମରୁରେ ଆଜି ମୁଁ କ୍ଳାନ୍ତ ପଥିକ,
ଦୟାର ସାଗର ପ୍ରଭୁ ସାଜ ମୋ ରକ୍ଷକ।

ସାନମୂଳାଇ, ଗୋବିନ୍ଦପୁର, କଟକ

# ମାଙ୍କଡର ବାର୍ତ୍ତା



ନରେନ୍ଦ୍ର ସାହୁ

ଟ୍ରେନ୍ ଲାଇନ୍ ଓ ବିଦ୍ୟୁତ୍ ତାରରେ
ଦନ୍ତା ହାତୀ ଏଠି ମରେ,
ଖାଦ୍ୟ ନ ପାଇଣ ଗାଆଁର ଦାଣ୍ଡରେ
ହନୁମାଙ୍କଡ ଯେ ଘୁରେ।୧।

ପଚ୍ଚାରିଲା କୁନା ମାଙ୍କଡ ଭାଇକୁ
ଦିଶୁନଥିଲ ତ କେବେ,
ଆଜିକାଲି ତମ ଏ ଉପଦ୍ରବକୁ
ଗାଆଁବାଲା ଦେଖେ ଏବେ।୨।

ମାଙ୍କଡ କହିଲା ନାହିଁ ଭାଇ କୁନା
ଭୁଲ୍ ତୁମେ ବୁଝୁଅଛ,
ଉପଦ୍ରବ ଆମ ବଢିଅଛି ସିନା
ସବୁ ତୁମେ କରୁଅଛ।୩।

ଗଛଲତା କାଟି ନେଲ ସବୁ ବାଣ୍ଟି
ଘରଦ୍ୱାର କରିଦେଇ,
କରି କାରଖାନା ଉଡାଉଛ ବାନା
ଡିଣ୍ଡିମକୁ ପିଟିଦେଇ।୪।

ନ ପାଇଣ ବାସ ଆହାର ସୁବାସ
ପଶିଅଛୁ ଗାଆଁ ଦାଣ୍ଡେ,
ଆହାର ଖଣ୍ଡେ ନ ପାଇଣ ଦଣ୍ଡେ
ଆମ ଜାତି ଖାଲି ଦୌଡେ।୫।

ଏହା ଉପଦ୍ରବ ଯଦି ତୁମେ ଭାବ
ତୁମ କାମ କଣ ହେବ,
ତୁମେ କର୍ମ ସର୍ବ ବଳ ଉପଦ୍ରବ
ହୋଇକ ତୁମେ ମାନବ।୬।

ଫସଲ ତୁମର ହୁଏ ଛାରଖାର
ଜାଣିଅଛୁ ଆମେ ସବୁ,
ଆମ ଖାଦ୍ୟ ବାସ ହେଲା ଯେବେ ଧ୍ୱଂସ
ଆମେ ବା କଣ କରିବୁ? ୭।

ଜଙ୍ଗଲର ହସ୍ତୀ ମରୁଅଛି ନିତି
ରେଳ ସଡକର ଦାଢେ,
ଅକାଳ ମୃତ୍ୟୁରେ ହାତୀଟିଏ ମରେ
ନ ରହି ପାରିଣ ନୀଡେ।୮।

ସ୍ୱାର୍ଥ ମଣିଷ ଯେ ସ୍ୱାର୍ଥେ ରଡି ଛାଡେ
ସ୍ୱାର୍ଥେ ଉବୁଟୁବୁ ହୋଇ,
ପରିବେଶ ତାର ସର୍ଭିଙ୍କର ଘର
କାହିଁ ଟିକେ ଭାବୁନାହିଁ।୯।

ଘଟୁଛି ପ୍ରମାଦ କରିଲେ ଯେ ଛେଦ
ବୃକ୍ଷଲତା ଯେତେ ସବୁ,
ଦେଉଛି ବାରତା ହନୁ ମାଙ୍କଡଟା
ମୋ କଥା ମନେ ରଖିବୁ।୧୦।

ସହକାରୀ ଶିକ୍ଷକ
ଉ:ପ୍ରା ବିଦ୍ୟାଳୟ, ଡଭର, ଗଂଜାମ

# ସତ୍ୟର ସନ୍ଧାନ



ବରଦା ପ୍ରସନ୍ନ ଦାସ

( ସତ୍ୟର ସନ୍ଧାନ ହେଉଛି ଲେଖକ ଶ୍ରୀବରଦା ପ୍ରସନ୍ନ ଦାସଙ୍କ ଦ୍ୱାରା ଲିଖିତ ଏକ ସଂପୂର୍ଣ୍ଣ ଭିନ୍ନ ଧରଣର ଲେଖା । ଆଜିର ମଣିଷ ମନରେ ଆସୁଥିବା ଅନେକ ପ୍ରକାରର ପ୍ରଶ୍ନର ଉତ୍ତର ଅନେକ ବିଜ୍ଞ ଏବଂ ଜ୍ଞାନୀ ବ୍ୟକ୍ତିମାନଙ୍କଠାରୁ ସାକ୍ଷାତକାର ମାଧ୍ୟମରେ ସଂଗୃହୀତ ହୋଇଥିବା ତଥ୍ୟକୁ ଲେଖକ ବ୍ୟକ୍ତ କରିଛନ୍ତି ପୁସ୍ତକ ( ସତ୍ୟର ସନ୍ଧାନ) ମାଧ୍ୟମରେ । ଏହାକୁ ସଂଗ୍ରହ କରିବାକୁ ଲେଖକଙ୍କୁ ଲାଗିଥିଲା ଦୀର୍ଘ ୨୦ ବର୍ଷ । ଲେଖକ ତାଙ୍କର ଏହି ଅମୂଲ୍ୟ ପୁସ୍ତକଟିକୁ ବେଦାନ୍ତୀ ମାଧ୍ୟମରେ ଧାରାବାହିକ ହିସାବରେ ପ୍ରକାଶିତ କରିବା ପାଇଁ ରାଜି ହୋଇଥିବାରୁ ବେଦାନ୍ତୀ ପରିବାର ତରଫରୁ ଶ୍ରୀ ବରଦା ପ୍ରସନ୍ନ ଦାସଙ୍କୁ ସାଧୁବାଦ ।)

- ଅରବିନ୍ଦ ମିଶ୍ର

**ପ୍ରଶ୍ନ - ୬ : ପୁତ୍ର ନ ଥିଲେ କନ୍ୟା ସନ୍ତାନ ବିବାହ ପୂର୍ବରୁ ବା ପରେ ମୁଖାଗ୍ନି ଦେଇପାରେ କି?**

## - ଉତ୍ତର-

- ଏହା ଗୋଟିଏ ସାମାଜିକ ଆଚରଣଭିତ୍ତିକ ପ୍ରଶ୍ନ । ପ୍ରାଚୀନ ସ୍ମୃତିକାରମାନେ ଏସମ୍ପର୍କରେ ମତ ଦେଇଛନ୍ତି । ତଥାପି ମୁଖାଗ୍ନି ଦେବା କେବଳ ଯେ ପୁତ୍ରର ଏକଚ୍ଛତ୍ରିଆଅଧିକାର ହୋଇ ରହିଥିବ, ତାହା ଅନ୍ତତଃ ମୁଁ ବିଶ୍ୱାସ କରେନାହିଁ ।

ଦେବତାଙ୍କୁ ଓପିତୃ ପୁରୁଷଙ୍କୁ ଭକ୍ତି କରିବା ଅଧିକାର ସମସ୍ତଙ୍କର ଅଛି । ତେଣୁ 'ରାମାୟଣ'ରେବର୍ଣ୍ଣିତ ଅଛି ସୀତା ନଜ ଶ୍ୱଶୁରଙ୍କୁ ପିଣ୍ଡଦାନ କରିଥିଲେ ।

[ ପଦ୍ମଶ୍ରୀ ଡ. ସତ୍ୟନାରାୟଣ ରାଜଗୁରୁ]

- ମୁଖାଗ୍ନି ଏକ ଲୋକାଚାର, ମହିମା ଧର୍ମରେ ଏହି ଲୋକାଚାର ଗ୍ରହଣୀୟ ନୁହେଁ । ମୃତ୍ୟୁ ପରେ ବିଶେଷକରି ସନ୍ନ୍ୟାସୀମାନଙ୍କ ଶରୀରକୁ ଭୂଗର୍ଭରେ ସମାଧିସ୍ଥ କରାଯାଏ । ମହିମା ଧର୍ମାବଲମ୍ବୀ ଗୃହସ୍ଥଙ୍କ ପାଇଁ ପୁତ୍ର ପରି କନ୍ୟାର ପିତାମାତାଙ୍କ ପ୍ରତି ସମାନକର୍ତ୍ତବ୍ୟ ଅଛି ।

[ ପ୍ରଫେସର ଶତ୍ରୁଘ୍ନ ନାଥ]

- ମୁଁ ଏ ବିଷୟରେ କଛି କହିପାରିବି ନାହିଁ । ତାହା ଶାସ୍ତ୍ରଜ୍ଞମାନେ ହିଁ କହିବେ ।

[ ଡ. ସଚ୍ଚି ରାଉତରାୟ]

- ପୁତ୍ର ନ ଥିଲେ ମୁଖାଗ୍ନି ଦେବା ଅଧିକାର ଅବିବାହିତା ବା ବିବାହିତା କନ୍ୟାର ନାହିଁ। ପୁତ୍ର ପୁତ୍ ନାମକ ନର୍କରୁ ତ୍ରାଣ କରେ ବୋଲି ପ୍ରବାଦ ଅଛି । ତେଣୁ ସମସ୍ତେ ପୁତ୍ରଲାଭ ଲାଗି ବ୍ୟାକୁଳ ହୁଅନ୍ତି ।

[ ଡ. ଶ୍ରୀରାମ ଚନ୍ଦ୍ର ଦାଶ]

- ଏହା ଏକ ଧର୍ମଶାସ୍ତ୍ରୀୟ ପ୍ରଶ୍ନ । ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟର ପ୍ରମାଣପତ୍ରଧାରୀଙ୍କୁ ସର୍ବ ବିଶାରଦ ମନେକରି ଏ ପ୍ରଶ୍ନ ପଚାରିବା ଯେପରି ଅବୈଧ, ସେହିପରି ଅନ୍ୟାୟ। ଶାସ୍ତ୍ର ମତ ସହିତ କୁଳାଚାର ଓ ଦେଶାଚାର ମଧ ଏ ସମ୍ପର୍କରେ ବିଚାରଯୋଗ୍ୟ ।

[ ଅଧ୍ୟାପକ ଗୌରୀକୁମାର ବ୍ରହ୍ମା]

- ହଁ, ଦେଇ ପାରିବ ।

[ ଜଷ୍ଟିସ୍ ନବକୁମାର ଦାସ]

- ନହାତି, ମୁଖାଗ୍ନିର ଯେବେ ଆବଶ୍ୟକତା ରୁହେ କନ୍ୟା ସନ୍ତାନ ଦେବା ଉଚତ । କନ୍ତମୁଖାଗ୍ନି ପ୍ରଥା କୁସଂସ୍କାର ଏବଂ ନଷ୍ଠୁରବାଚକ ବ୍ୟବହାର ।

[ ପ୍ରଫେସର ଗ୍ଧାନାଥ ରଥ]

- ଏହା ଏକ ଆଗ୍ଧରର କଥା । ଭଗବାନଙ୍କୁ ପୂଜା କରିବାର ଅଧିକାର ସମସ୍ତଙ୍କରଅଛି । ସେମିତି କନ୍ୟା ମୁଖାଗ୍ନି ଦେବାରେ କଛି ବାଧା ରହିବା ଉଚତ ନୁହେଁ ବୋଲିମୁଁ ବିଗ୍ଧର କରେ । Patriarchal ସମାଜର ଏ ବ୍ୟବସ୍ଥା ହୁଏତ matriarchal ସମାଜରେ ନ ଥାଇପାରେ ।

[ ନାଟ୍ୟକାର ମନୋରଞ୍ଜନ ଦାସ]

- କନ୍ୟା ମୁଖାଗ୍ନି ଦେବାର କେବେ ଦୃଷ୍ଟିଗୋଚର ହୋଇନାହିଁ ବା ଶୁଣାଯାଇନାହିଁ । ପୁତ୍ର ସନ୍ତାନ ମୁଖାଗ୍ନି ଦେବା ଶାସ୍ତ୍ର ସିଦ୍ଧାନ୍ତ ଓ ଲୋକ ବ୍ୟବହାରରେ ଦେଖାଯାଏ । କାରଣ - କନ୍ୟା ସ୍ତ୍ରୀ ଜାତୀୟା ହେବାରୁ ସଦା ଭୟାଳୁ, ତେଣୁ ତାଙ୍କ ନାମ ଭୀରୁ । ଶ୍ମଶାନ, ଭୂତପ୍ରେତଙ୍କର କ୍ରୀଡ଼ାଭୂମି । କନ୍ୟା ପ୍ରେତ କାର୍ଯ୍ୟରେ ଯୋଗ ଦେଲେସେମାନଙ୍କ ଦ୍ୱାର୍ ଆକ୍ରାନ୍ତ ହୁଅନ୍ତି । ତେଣୁ ସେମାନଙ୍କ ପାଇଁ ନଷିଦ୍ଧ ମୁଖାଗ୍ନି କାର୍ଯ୍ୟ, ଅନ୍ତ୍ୟେଷ୍ଟି କ୍ରିୟାର ପ୍ରାରମ୍ଭିକ କ୍ରିୟା - ସେଥିପାଇଁ କନ୍ୟାର କାର୍ଯ୍ୟ ନଷିଦ୍ଧ ।

[ ପଣ୍ଡିତ ଶ୍ରୀଯୁକ୍ତ ସୋମନାଥ ଦାଶ ଶର୍ମା]

- ଏହିସବୁ କର୍ମକାଣ୍ଡଗତ ଏବଂ ଅଣଦାର୍ଶନିକ ଆଗ୍ଧର ବିଗ୍ଧର ପ୍ରତି ମୋର କୌଣସିଆଗ୍ରହ ନାହିଁ । ତେଣୁ ଏହି ପ୍ରକାର ପ୍ରଶ୍ନ ଅବାନ୍ତର ମୋ ପାଇଁ ।

[ କଶୋରୀ ଚରଣ ଦାସ]

- ପୁତ୍ରର ଅଭାବ କମ୍ବା ଅନୁପସ୍ଥିତିରେ ଅବିବାହିତା ବା ବିବାହିତା କନ୍ୟା ମୁଖାଗ୍ନିଦେଲେ ପରଲୋକଗତ ପତିତ ଆତ୍ମା ସନ୍ତୋଷ ଲାଭ କରି ।ରେ ବୋଲି ମୋରମତ । କାରଣ କନ୍ୟା ମଧ୍ୟ ପିତାଙ୍କ ଔରସ ଜାତ ସନ୍ତା ।

[ ଡ. ମନ୍ମଥ ନାଥ ଦାସ]

- ତାହା ହେବା ଉଚତ ।

[ ଜଷ୍ଟିସ୍ ରଙ୍ଗନାଥ ମିଶ୍ର]

- ଦେବାରେ କଛି ଅନୁଚତ ହେବନାହିଁ ।

[ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ]

- ଦେଇପାରେ ।

[ ପ୍ରଫେସର ପଠାଣି ପଟ୍ଟନାୟକ]

- ପ୍ରଚଳତ ପଦ୍ଧତି ଅନୁସାରେ ବିଶେଷ ପରିସ୍ଥିତିରେ କନ୍ୟା ସନ୍ତାନ ମୁଖାଗ୍ନିଦେଇପାରେ ।

[ ଡ. ଲଡୁକେଶ୍ୱର ଶତପଥୀ]

- ପୁତ୍ର ଥାଇ କନ୍ୟା ଦେଲେ କ୍ଷତି କ'ଣ? କେହି ମୁଖାଗ୍ନି ନ ଦେଲେ ବା କ'ଣଅସୁବିଧା ହୋଇଯିବ? ଏହା କେବଳ ଏକ ସାମାଜିକ ରୁଚ ବା ସାଂସାରିକ ସଂସ୍କାର ।

[ ହରିହର ବାହିନୀପତି]

- ଏହା କର୍ମକାଣ୍ଡ ବିଷୟକ ପ୍ରଶ୍ନ । ଏଥିରେ ସ୍ମୃତିକାରମାନେ କ'ଣ ମତ ଦେଇଛନ୍ତି ମୁଁଠିକ୍ ଜାଣେନାହିଁ । ଆଗ୍ଦର ପରମ୍ପରାରୁ ଜଣାଯାଏ ଯେ ସ୍ମୃତିକାରମାନେ ବୋଧହୁଏକନ୍ୟାକୁ ସେ ଅଧିକାର ଦେଇନାହାନ୍ତି । କନ୍ୟା ଦାନାୟ କଳ୍ପତେ - କନ୍ୟା ଦାନପାଇଁ ଉଦ୍ଦିଷ୍ଟ । ତଥାପି କନ୍ୟାକୁ ମଧ ପୁତ୍ରୀ କୁହାଯାଏ । ଏଣୁ ମୁଖାଗ୍ନି ଦେବାରେଆପତ୍ତି କାହିଁକି?

[ ପଣ୍ଡିତ ରଙ୍ଗାଧର ଷଡ଼ଙ୍ଗୀ]

- ଏହା ଏକ ସାମାଜିକ ବିଧାନର କଥା । କେଉଁ ସମାଜରେ କେଉଁ ପ୍ରଥା ପ୍ରଚଳତ ତାହା ସେ ସାମାଜିକ ବ୍ୟବହାରରୁ ଜଣାପଡ଼ିବ । ଏଥିରେ ଅନ୍ୟ କଛି ବିଧାନ ନଖୋଜିବା ଭଲ । ମୁଖାଗ୍ନି କଏ ଦେବ - ଏହା ସେଇ ସମାଜ, ସେହି ବ୍ୟକ୍ତିଙ୍କ ଭାବଉପରେ ନର୍ଭର କରେ । ଏ ସମ୍ପର୍କରେ ମୋର ଧାରଣା ଏତିକ ।

[ ପ୍ରଫେସର ହୃଦାନନ୍ଦ ରାୟ]

- ଦେଇପାରେ ।

[ ଶ୍ୟାମସୁନ୍ଦର ପାଢ଼ୀ, ଆଇ.ପି.ଏସ୍]

- ପୁତ୍ର କନ୍ୟା ବନ୍ଧୁ ଯିଏ ବି ମୁଖାଗ୍ନି ଦେଲେ ଚଳବ । ମୁଖାଗ୍ନି ନ ଦେଲେ ବି ଚଳବ। କାରଣ ମୁଖାଗ୍ନି ଏକ ବିଧି ମାତ୍ର, ଏହା ସହିତ ସ୍ୱର୍ଗ ପ୍ରାପ୍ତିର କୌଣସି ସମ୍ପର୍କ ନାହିଁ । ସ୍ୱର୍ଗ ଉପରେ ମଧ୍ୟ ବିଶ୍ୱାସ ନାହିଁ ।

[ ଗିରିଜା ଭୂଷଣ ପଟ୍ଟନାୟକ]

- ଏହା ଦାର୍ଶନିକ ପ୍ରଶ୍ନ ନୁହେଁ, ଲୋକାଗ୍ଭର ସହିତ ଏହାର ସମ୍ବନ୍ଧ । କନ୍ୟାମାନେ ସ୍ୱଭାବତଃ କୋମଳ, ତେଣୁ ସେମାନେ ମୁଖାଗ୍ନି ଦିଅନ୍ତି ନାହିଁ ।

[ ବେଦବିତ୍ ଇଂ. ପ୍ରିୟବ୍ରତ ଦାସ]

- ହଁ, ମୁଖାଗ୍ନି ଯେ କେହି ଦେଇପାରେ । ମୁଖାଗ୍ନିର ଅର୍ଥ ମୃତ ଘଟକୁ ପଞ୍ଚଭୂତକୁ ପ୍ରତ୍ୟାବର୍ତ୍ତନ ପାଇଁ ପ୍ରାରମ୍ଭିକ କାର୍ଯ୍ୟାନୁଷ୍ଠାନ । ପୁତ୍ର- କନ୍ୟା ମଧ୍ୟରେ ପାର୍ଥକ୍ୟ ଦେଖିବାଏକ ସାମାଜିକ ଚଳଣି ମାତ୍ର । ପିତୃ ତର୍ପଣ ବେଳେ ଆମେ ଏପରି ମୃତାତ୍ମାମାନଙ୍କୁ ତିଳ ତର୍ପଣ ପ୍ରଦାନ କରୁ, ଯାହାଙ୍କର କେହି ଦାୟାଦ ନଥାନ୍ତି। ସେ ମଧ୍ୟ ଯେକୌଣସି ଜାତି, ଧର୍ମ ବା ସମାଜର ହୋଇପାରନ୍ତି । ତେଣୁ ଆମର ମୁଖାଗ୍ନି କେବଳ ପୁତ୍ର- କନ୍ୟା କାହିଁକି ଯେକୌଣସି ବ୍ୟକ୍ତି ଦେଇପାରନ୍ତି - ଶ୍ରଦ୍ଧା ଥିଲେ ହେଲା ।

[ ପ୍ରଫେସର ଶାନ୍ତନୁ କୁମାର ଆଗ୍ଭର୍ଯ୍ୟ]

- ଶାସ୍ତ୍ର କନ୍ୟାଙ୍କୁ ଏ ଅଧିକାର ଦେଇନାହିଁ । କନ୍ତୁ କନ୍ୟା ସନ୍ତାନ ମୁଖାଗ୍ନି ଦେବାରେ ବାଧା ନାହିଁ । ମାୟାଧର ମାନସିଂହଙ୍କ କନ୍ୟା ତାଙ୍କର ମୁଖାଗ୍ନି କ୍ରିୟା ସମ୍ପନ୍ନ କରିଥିଲେ ତାଙ୍କ ଅନ୍ତିମ ଇଚ୍ଛା ଅନୁସାରେ । କନ୍ୟା ସନ୍ତାନ ମୁଖାଗ୍ନି ଦେବାରେ ବାଧା ନାହିଁ ।

[ ଡ. ରେଖା ମହାନ୍ତି]

- ଦେବା ଉଚତ ।

[ ଶରତଚନ୍ଦ୍ର ମିଶ୍ର, ଆଇ.ପି.ଏସ୍]

- ଏଇସବୁ ଆନୁଷ୍ଠାନିକ କ୍ରିୟାକର୍ମ ବର୍ତ୍ତମାନ ନବୀନ ଯୁଗ ଅଭ୍ୟୁଦୟର ଉଷା-ଲଗ୍ନରେ ବାସ୍ତବିକ ଅବାନ୍ତର ।

[ ସୁରେନ୍ଦ୍ର ଚନ୍ଦ୍ର ଦେ, ଆଇ.ପି.ଏସ୍]

- ନିଶ୍ଚୟ, ଆମ ଧର୍ମରେ ଏଭଳି ଅନେକ ପ୍ରଥା ବା ପ୍ରଚଳିତ ବିଶ୍ୱାସ ରହିଛି ଯାହାକେତେକ ପରିସ୍ଥିତିରେ ଲାଗୁହେଲେ, ଉଚିତ ହେଲେ ମଧ୍ୟ ଅପରିବର୍ତ୍ତନୀୟ ନୁହେଁ।ଯୁଗ ପରିସ୍ଥିତି ନେଇ ପ୍ରଥା ବା ବିଶ୍ୱାସ ବଦଳିବା ଉଚିତ । କିନ୍ତୁ ମୂଳ ସତ୍ୟ ବା ତଥ୍ୟ ଅପରିବର୍ତ୍ତନୀୟ ରହେ । କନ୍ୟା, ପୁତ୍ର ପ୍ରାୟ ସମାନ କହିଲେ ଚଳେ ।

[ ଡାକ୍ତର କବି ପ୍ରସାଦ ମିଶ୍ର]

- ଜାଣେନାହିଁ ।

[ ବନବିହାରୀ ପଣ୍ଡା, ଆଇ.ପି.ଏସ୍]

- ଶାସ୍ତ୍ର ବା ପରମ୍ପରା ଅନୁସାରେ ପୁତ୍ର ମୁଖାଗ୍ନି ଦେବାର ବିଧି । କନ୍ୟା ଉପରେ ବିବାହପୂର୍ବରୁ ପିତାର ଅଧିକାର ଥିଲେ ହେଁ କନ୍ୟା ମୁଖାଗ୍ନି ଦେବାର ଅଧିକାରିଣୀ ହୋଇ ନପାରେ । ସେ ଆଜି ବା କାଲି ହେଉ, ପରଘରକୁ ଯିବାର ବିଧିନିର୍ଦ୍ଦିଷ୍ଟ । ପୁତ୍ ନାମକନରକରୁ ଉଦ୍ଧାର କରେ ବୋଲି ପୁତ୍ର ହିଁ ପିଣ୍ଡର ଅଧିକାରୀ । ଯଦି ପୁତ୍ର ନ ଥାଏ ତେବେ ଭଣଜା, ପୁତୁରା କମ୍ବା ଜ୍ଵାଇଁ ଏପରିକି ପୁତ୍ର ପ୍ରତିମ ଯେ କେହି ବ୍ୟକ୍ତି ମୁଖାଗ୍ନି ଦେଇପାରନ୍ତି ।

[ ଡ. ରତ୍ନାକର ସାହୁ]

- ହଁ ।

[ ଅନାଦି ସାହୁ, ଆଇ.ପି.ଏସ୍, ସାଂସଦ]

- ହଁ ।

[ ଡାକ୍ତର ନିରଞ୍ଜନ ତ୍ରିପାଠୀ]

- ବିବାହ ପୂର୍ବରୁ ତ କନ୍ୟା ମୁଖାଗ୍ନି ଦେଇପାରିବ । ତେବେ ବିବାହ ପରେ କନ୍ୟାର ଗୋତ୍ରାନ୍ତର ହେଉଥିବାରୁ ଧର୍ମଶାସ୍ତ୍ରବିତ୍ ମାନେ ଏକଥା କହିପାରିବେ ।

[ ଜ୍ୟୋତିର୍ବିଦ୍ ଡ. ନିମାଇଁ ବାନାର୍ଜୀ]

- ମୁଖାଗ୍ନି ଦେବାର ଅଧିକାର ପୁତ୍ରର । ଏହା ପରମ୍ପରାଗତ ।

[ ପ୍ରସନ୍ନ କୁମାର ପାଟଶାଣୀ, ସାଂସଦ]

- ଜୀବ ଏକ - ଲିଙ୍ଗ ଭିନ୍ନ, ମୁଖାଗ୍ନି ଦେଇପାରିବେ ।

[ ଠାକୁର ଶ୍ରୀ ଶ୍ରୀ ଶ୍ରୀ କେଶବ ଚନ୍ଦ୍ର]

- ପୁତ୍ର ବା କନ୍ୟା ମଧ୍ୟରେ ପାର୍ଥକ୍ୟକୁ ମୁଁ ବିଶ୍ୱାସ କରେନି । ବାଇବେଲରେ ମୁଖାଗ୍ନିବିଧି ନାହିଁ । ମଣିଷର ମୃତ୍ୟୁ ପରେ କବର ଦିଆଯାଇଥାଏ । ଏଥିପାଇଁ ପୁତ୍ର ବାକନ୍ୟାର କୌଣସି ବିଶେଷ ଭୂମିକା ନ ଥାଏ ।

[ ଧୀରେନ୍ଦ୍ର କୁମାର ମହାନ୍ତି, ବିଶପ୍]

- ବର୍ତ୍ତମାନ ସମାଜରେ ପୁତ୍ର ଓ କନ୍ୟା ସମାନ ଅଧିକାର ପାଇଁ ଦାବି କରନ୍ତି; ଯାହାବର୍ତ୍ତମାନ ସମାଜ ସ୍ୱୀକାର କରେ । ମୁଖାଗ୍ନି ଦେବା ପୁତ୍ରର କର୍ତ୍ତବ୍ୟ ବୋଲି ଧରାଯାଇଛି । ପୁତ୍ର ନ ଥିଲେ କନ୍ୟା ଏ କର୍ତ୍ତବ୍ୟ ପାଳନ କରିବାରେ କୌଣସି ସାମାଜିକ ପ୍ରତିବନ୍ଧକ ରହିବା ଉଚତ ନୁହେଁ । କନ୍ତୁ କାଥଲିକ୍ ବିଧିରେ ଶବଦାହ ପ୍ରଥା ନାହିଁ । ସୁତରାଂ ମୁଖାଗ୍ନି ଦେବାର ପ୍ରଶ୍ନ ଉଠୁନାହିଁ ।ଏ କାର୍ଯ୍ୟ ନିମନ୍ତେ ପୁତ୍ରବାନ କନ୍ୟାର ସେଭଳି ଭୂମିକା ନଥାଏ ।

[ ଡ. ଲୁଇ ସତ୍ୟସୁନ୍ଦର, କାଥଲିକ୍]

- ଇସ୍ଲାମ ଧର୍ମାବଲମ୍ବୀଙ୍କ ପାଇଁ ଏହି ପ୍ରଶ୍ନ ପ୍ରଯୁଜ୍ୟ ନୁହେଁ ।

[ ମଇନୁଦ୍ଦିନ୍ ଅହମଦ, ଆଇ.ଏ.ଏସ୍]

ମୁଖାଗ୍ନି ଦେବା ପ୍ରସଙ୍ଗ ଏକ ସାମାଜିକ ବିଧି ହୋଇଥିଲେ ହେଁ ଏଠାରେ ବିଭିନ୍ନ ମତବାଦକୁ ସ୍ୱାଗତ କରି ସତ୍ୟ ପ୍ରତିପାଦିତ କରିବା ଉଦ୍ୟମ କେବଳ କରାଯାଇଛି । ଶ୍ରୀହରିହର ବାହିନୀପତିଙ୍କ ମତରେ, କେହି ମୁଖାଗ୍ନି ନ ଦେଲେ ବା କ'ଣ ଅସୁବିଧା ହୋଇଯିବ? ବାସ୍ତବିକ ପ୍ରଳୟଙ୍କରୀ ବନ୍ୟା, ଆକାଶ- ଜଳ ଓ ସ୍ଥଳ ଭାଗରେ ଆକସ୍ମିକ ଦୁର୍ଘଟଣା ଜନତ ମୃତ୍ୟୁ, ଭୂମିକମ୍ପ ଆଦିରେ ବହୁ ବ୍ୟକ୍ତି ସାଧାରଣତଃ ପ୍ରାଣ ହରାଇଥାଆନ୍ତି । ସେତେବେଳେ ଶବର ସନ୍ଧାନ ମଧ୍ୟ ମିଳ ନ ଥାଏ । ଏତଦ୍ବ୍ୟତୀତ ଦରିଦ୍ରତମ ବ୍ୟକ୍ତିଟିଏ, ତା'ର ପରିବାରବର୍ଗ ଇହଲୀଳା ସମ୍ବରଣ କଲେ ସାମାଜିକ ପ୍ରଥା ତା' ପାଇଁ ବ୍ୟୟବହୁଳ ହୋଇଥାଏ । ସେ ମଧ୍ୟ ସବୁ ବିଧି ମାନପାରେ ନାହିଁ । ତା' ବୋଲି କ'ଣ ଆତ୍ମା ଅତୃପ୍ତହୋଇ ଘୂରିବୁଲିବ! ଇସ୍ଲାମ ଓ ଖ୍ରୀଷ୍ଟ ସମାଜ ପାଇଁ ପୁଣି ଏ ପ୍ରଶ୍ନ ପ୍ରଯୁଜ୍ୟ ନୁହେଁ। ଅନେକେ ମତ ଦେଲେ ଯେ ପୁତ୍ରୀମାନେ ପୁତ୍ର ବଦଳରେ ମୁଖାଗ୍ନି ଦେଇପାରିବେ । ମାତ୍ର ନମାଇଁ ବାନାର୍ଜୀଙ୍କ ମନ୍ତବ୍ୟ ଏଠାରେ ପ୍ରଣିଧାନଯୋଗ୍ୟ । ତାଙ୍କ ମତରେ ବିବାହପୂର୍ବରୁ ତ କନ୍ୟା ମୁଖାଗ୍ନି ଦେଇପାରିବ । ତେବେ ବିବାହ ପରେ କନ୍ୟାର ଗୋତ୍ରାନ୍ତର ହେଉଥିବାରୁ ଧର୍ମଶାସ୍ତ୍ରବିତ୍ମାନେ ଏ କଥା କହିପାରିବେ ବୋଲି ମନ୍ତବ୍ୟ ଦେଇଛନ୍ତି। ହିନ୍ଦୁ ପରମ୍ପରା କୁହେ ପୁତ୍ର ମୁଖାଗ୍ନି ଦିଏ । ତେବେ ଅନ୍ୟମାନଙ୍କ ମନ୍ତବ୍ୟ ପଠନୀୟ । ଏହି ବିଶ୍ୱାସ ଆମ୍ଭମାନଙ୍କର ବଳବତ୍ତର ହୋଇଥିବାରୁ ଆଜି ଜନସଂଖ୍ୟା ବୃଦ୍ଧିର ତାହା ଏକ ପ୍ରଧାନ କାରଣ । ବିଧି ପ୍ରଚଳତ ପୁତ୍ର ମୁଖାଗ୍ନି ଦେବ, ପିଣ୍ଡ ଦେବ ତେବେ ଆତ୍ମା ମୋକ୍ଷ ହେବ । ତେଣୁ ପୁତ୍ର ସନ୍ତାନ ଲାଭ ପାଇଁ ବହୁ ପିତାମାତା ସନ୍ତାନ ପ୍ରସବ କରି ଚାଲିଥାଆନ୍ତି । ଫଳରେ ପରିବାର ସୀମିତ ନ ରହି ଜନସଂଖ୍ୟା ବୃଦ୍ଧିର କାରଣ ହୋଇଥାଏ । ଏହା ସାମାଜିକ କୁସଂସ୍କାର କିମ୍ବା ତା'ର ଭାଗ୍ୟ ହୋଇପାରେ । ଏ ବିଷୟ କ୍ରମେ ଦୃଢ଼ ହେବାରେ ଲାଗିଛି । ବହୁ ସ୍ଥାନରେ ପୁତ୍ର ସ୍ଥାନରେ କନ୍ୟାମୁଖାଗ୍ନି ଦେବା ଦେଖିବାକୁ ମିଳୁଛି । କ୍ରମେ ଅନ୍ଧବିଶ୍ୱାସରୁ ମଣିଷ ଦୂରେଇଯିବା ଏକଶୁଭ ଲକ୍ଷଣ । ସାମାଜିକ ବିଧି ବ୍ୟବସ୍ଥାରେ ସଂସ୍କାର ଆସିବା ସ୍ୱାଗତଯୋଗ୍ୟ ।

( ଲେଖକ)
ଉପ ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା
ଦୂରଭାଷ – 9861145687

# ଜୀବନର ଧର୍ମ



ସନ୍ତୋଷ ପଟ୍ଟନାୟକ

ଜୀବନଟା ଏକ ରଙ୍ଗମଞ୍ଚ ଏଠି
ସୁଖ ଦୁଃଖ ଦୁଇ ପଥ
ମଣିଷଟା ଏଠି ଅଭିନୟ କରେ
ପେଟପାଇଁ କରି ନାଟ

ନର୍ଦ୍ଦେଶକ ଏଠି ସ୍ଵଂୟ ପରଂବ୍ରହ୍ମ
କର୍ମଟି ଅଟଇ ମୁଖ୍ୟ
ସୁକର୍ମ ଆଦରି ଅଭିନୟ କଲେ
ଥୁଆଟି ସୁଖ ସୌଭାଗ୍ୟ

କୋଟି ପୂଣ୍ୟବଳେ ମଳଅଛି ଯଦି
ଆମ ଏ ମଣିଷ ଜୀବନ
ଅନ୍ୟ ଜୀବେ ଦୟା ଭାବ ପରଶିବା
ଏହାହିଁ ଆମରି ଧର୍ମ

ସୁକର୍ମ ଆଦରି କର ଅଭିନୟ
ସାହା ହେବେ ଦୟାମୟ
ଜୀବନ ଦର୍ଶନ ମୂଲ୍ୟାୟନ ବେଳେ
ନଥିବ ପାପର ଭୟ

ହସି ହସେଇବା ହଉ ଆମ ବ୍ରତ
ମନରହୁ ପରୋପକାରେ
ମାନବ ସେବା ହିଁ ମାଧବଙ୍କ ସେବା
ଲକ୍ଷ୍ୟ ରହୁ ଜୀବନରେ

ବେଗୁନିଆପଡା ବ୍ଲକ୍, ତିରିଡା, ଗଞ୍ଜାମ

# ମା ପରି ନାହିଁ କେହି!



ସାଗର ପ୍ରଧାନ

ସନ୍ତାନ ଜନମ ପାଇଁ
ସକଳ ଯନ୍ତ୍ରଣା ନିଜେ ସହି ଯାଏ
ଧରିତ୍ରୀ ପରିକା ସେହି
ମା ପରି ନାହିଁ କେହି!

ଉଦର ବକ୍ଷକୁ ଚିରି
ବୁହାଇ ଦିଅଇ ଅମୃତ ର ଧାର
ସନ୍ତାନର ତୃଷ୍ଣାପାଇଁ
ମା ପରି ନାହିଁ କେହି!

ନିଜେ ରହି ଉପବାସ
ସନ୍ତାନ ମୁଖରେ ଦିଅଇ ଆହାର
ଦିବା ନିଶି କଷ୍ଟ ସହି
ମା ପରି ନାହିଁ କେହି!

କରେ ନାନା ପୂଜା ବ୍ରତ
ସନ୍ତାନ ମଙ୍ଗଳ କାମନା ସକାଶେ
ନିଜେ ଉପବାସ ରହି
ମା ପରି ନାହିଁ କେହି!

ଶୋଇଗଲେ ତାର କୋଳେ
ହାତେ ମିଳଯାଏ ସରଗ ର ସୁଖ
ତାହାରି ତୁଳନା ନାହିଁ
ମା ପରି ନାହିଁ କେହି!

ଗଲେ ଘର ଠାରୁ ଦୁରେ
ଫେରିବା ବାଟକୁ ଗ୍ଚହିଁ ରହିଥାଏ
ଗ୍ଚତକ ପରିକା ସେହି
ମା ପରି ନାହିଁ କେହି!

ତାର ପାଦ ଦେଲେ ଛୁଇଁ
ସବୁ ଦୁଃଖ କଷ୍ଟ ଯାଏ ବହୁ ଦୂରେ
ନମିଷେ ଯାଏ ଦୂରେଇ
ମା ପରି ନାହିଁ କେହି!

ସାଗ୍ ସଂସାର ବୁ ଲିଲେ
ସବୁତ ମିଳବ ମା କୁ ଛାଡି ଦେଇ
ତା ମମତା ତୁଳନା ନାହିଁ
ମା ପରି ନାହିଁ କେହି!

ମାଆର ବାର୍ଦ୍ଧକ୍ୟ କାଳେ
ରହିବାତାର ସାଥିରେ ସାଥି ପରି
ଆଶା ବାଡ଼ି ଟିଏ ହୋଇ
ମା ପରି ନାହିଁ କେହି।

ପାତ୍ରପୁର, ଗଂଜାମ

# ମୁଁ କାନ୍ଦିଲେ ସେ ହସନ୍ତି



ସତ୍ୟବ୍ରତ ସାହୁ

ମୁଁ କାନ୍ଦିଲେ ସେ ହସନ୍ତି

ତଥାପି ମୁଁ ତାଙ୍କୁ ଭଲପାଏ,

ତାଙ୍କ ହସକୁ ଝୁରୁହୁଏ ।

ସେ ହସିଲେ..

ଦୁନିଆ ହସେ, ଆଲୋକ ଆସେ,

ଫୁଲଟି ଫୁଟେ, ବରଷା ବର୍ଷେ,

ବୁଡି ଯାଉଥିବା ଜୀବନ ଭାସେ ।

ତାଙ୍କ ହସ ଦେଖିଲେ...

ମୋ ଲୁହ ମରିଯାଏ

ପାହାଡ ପରି ଓଜନଆ ଲାଗୁଥିବା ଯନ୍ତ୍ରଣା

ମୁହୂର୍ତ୍ତକେ ଅପସରି ଯାଏ ।

ମୁଁ ଜାଣିଛି ସେ ସର୍ବମୟ କର୍ତ୍ତା, ସର୍ବଦ୍ରଷ୍ଟା, ସର୍ବଜ୍ଞାତା,

କିଛି ପାଇବା ଆଶାରେ ମୁଁ କାନ୍ଦେ

ଦୁଃଖ ଜଣାଏ, ମନକଥା କହେ ।

ମୁଁ କାନ୍ଦିଲେ ତାଙ୍କ ଛାତି ବିଦାରି ହୋଇଯାଏ

ମୋ ଲୁହ ତାଙ୍କ ହୃଦୟ ତରଳାଇ ଦିଏ

ସେ ହସି ଦିଅନ୍ତି ତ ସବୁ ସମାଧାନ ହୋଇଯାଏ ।

ମୁଁ କାନ୍ଦିଲେ ସେ ହସନ୍ତି

ଆପଣ ଜାଣନ୍ତି ସେ କଏ!

ସେ ମୋ ହୃଦୟର ଈଶ୍ୱର ଜଗନ୍ନାଥଙ୍କ ବିନା

ଆଉ କେହି ନୁହେଁ ।

ମୁଁ ସବୁଦିନେ କାନ୍ଦୁଥାଏ ମୋର ଦୁଃଖ ନାହିଁ

ସେ କନ୍ତୁ ସବୁବେଳେ ହସୁଥାନ୍ତୁ ମୋ ପାଇଁ ।

ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଜୀବନର ଚଠା



ସୁଲୋଚନା ପଟ୍ଟନାୟକ

ପୋଟୋମାକ୍ ନଦୀ ବୋହିଯାଇଛି ମେରିଲାଣ୍ଡ ଦେଇ, ଚେସିପିକବେକୁ । ପାଞ୍ଚଟି ପ୍ରଦେଶକୁ ପାଣି ଯୋଗାଇ ଥାଏ ପୋଟୋମାକ୍ । ପୃଥିବୀର ସର୍ବୋତ୍ତମ ଜଙ୍ଗଲି ନଦୀ ହିସାବରେ ପ୍ରସିଦ୍ଧି ଅଛି ନଦୀଟିର । ପାଖରେ ଆଟଲାଣ୍ଟିକ୍ ସମୁଦ୍ର । ସତେ ଯେମିତି ସମୁଦ୍ର ସହ ତାର ମନୋମାଳିନ୍ୟ ଘଟିଛି । ମନ ଇଛା ବୋହିଯିବାରେ କେହି ତାକୁ ଅଟକାଇ ନାହାନ୍ତି ।

"ବେ" ରେ ମିଶିଯାଇଛି ତାର ଶରୀର । ନଜ ଇଛା ମତେ ନଜର ଗନ୍ତବ୍ୟ ସ୍ଥଳ ସିଏ ବାଛିଛି। ଏମିତି ସବୁ ନଦୀ ତାଙ୍କର ଗନ୍ତବ୍ୟ ସ୍ଥଳକୁ ନୟନ୍ତ୍ରଣ କରି ପାରନ୍ତି ନାହିଁ । ନଦୀଟିର ସ୍ୱତନ୍ତ୍ରତା ଆକର୍ଷିତ କରିଥିଲା ମନୋରଞ୍ଜନ ସାମନ୍ତରାୟଙ୍କୁ । ଟେକ୍ସାସରେ ପ୍ରାୟ ୪୫ବର୍ଷ ରହିବା ପରେ ବର୍ତ୍ତମାନ ଆସି ରକଭିଲ ସହରରେ ରିଟାଏର କରି ଘରଟିଏ କିଣି ରହୁଛନ୍ତି । ରକଭିଲର ପାଖେ ପାଖେ ବୋହୁଛି ପୋଟୋମାକ । ତାଙ୍କ ଝିଅ ରଚନା "ଡି ସି" ରେ କାମ କରେ । ରକଭିଲ ଏକ ମଝି ମଝିଆ ଯାଗା ମେରିଲାଣ୍ଡର । ଇଛା କଲେ ୱାସିଙ୍ଗଟନକୁ ବୁଲି ଯାଇହେବ, ଅପର ଦିଗରେ ବଲ୍ଟିମୋର ପହଞ୍ଚି ହେବ ଘଣ୍ଟାକରେ । ମନୋରଞ୍ଜନ ସାମନ୍ତରାୟ କାମରୁ ଅବସର ନେବା ପରେ ଭାବିଥିଲେ ଜୀବନ ବଦଳିଯିବ । ସମୟର ପ୍ରାଚୁର୍ଯ୍ୟତାରେ ବୁଡିଯିବେ । ଅବସର ପ୍ରାପ୍ତ ଜୀବନରେ ପ୍ରତିଦିନର କାର୍ଯ୍ୟକୁ ନେଇ ଗୋଟିଏ ଚଠା ପ୍ରସ୍ତୁତ କରିଥିଲେ । କନ୍ତୁ ଯାହା ଜଣା ପଡୁଛି ଏ ଚଠାର କୌଣସି ଆବଶ୍ୟକତା ନାହିଁ । ଏହାର କଛି ଅର୍ଥ ହୁଏନା । ଅବସର ଆରମ୍ଭ ପୂର୍ବରୁ ଏସବୁକୁ ଟିକ ନଖି କରି ବିଗ୍ଭରିବା ଉଚତ ଥିଲା । ଭାବିଥିଲେ ପାଖରେ ରହିବେ ଝିଅ ଯୋଇଁ, ଦୁଇ ନାତି। ସେମାନଙ୍କ ସହ ସମୟ କୁଆଡେ ଗଳିଯିବ ଜଣା ପଡିବ ନାହିଁ। ସମୟ ଯାଉଛି ତା

ବାଟରେ । ସେଥିରେ କଛି ଅସୁବିଧା ନାହିଁ । ହେଲେ ମନୋରଞ୍ଜନ ସାମନ୍ତରାୟଙ୍କ ଜୀବନର ଗତି ଶିଥିଳ ହୋଇ ଯାଇଛି । ଚଠା ଛାଏଁ ଚଠା ରହିଛି । ମନ ସେ ଚଠା ନେଇ କାମ କରୁନାହିଁ । ସକାଳୁ ଡେରିରେ ଉଠିବାକୁ ସିଏ ଯେତେ ଚେଷ୍ଟା କଲେ ବି ଯେମିତି ଆଲାର୍ମ୍ ଘଣ୍ଟାର ଶବ୍ଦରେ ସିଏ ପ୍ରତିଦିନ ଉଠି ପଡୁଛନ୍ତି ୫ ଟା ୩୦ ମିନଟରେ । କାହାର ବାଧ ବାଧକତା ନାହିଁ । ଏଥିପାଇଁ ତାଙ୍କର ଶରୀରର ଘଣ୍ଟାକୁ ଦାୟୀ କରୁଛନ୍ତି ସିଏ । ଅନେକ ଯୋଜନା କରିଥିଲେ ଅବସର ଜୀବନର । କନ୍ତୁ ସବୁ ଯୋଜନା କୁଆଡେ ଉଭେଇ ଗଲା । ଭାବିଥିଲେ ଜୀବନ ସବୁଦିନଆ ନୟମ ନେଇ ଆଉ କଟିବନ । ଇଚ୍ଛା ହେଲେ ଉଠିବେ, ଇଚ୍ଛା ହେଲେ ଗ୍ବଲିବା ପାଇଁ ଅବା ବୁଲିବା ପାଇଁ ଯିବେ । ପାଖରେ ଅବସର ନେଇ ରହୁଥିବା ପଡୋଶୀ ମାନଙ୍କ ସହ ଖଟି କରିବେ, ଦୂର ଦେଶକୁ ଭ୍ରମଣରେ ଯିବାର ସ୍ୱପ୍ନ ବି ସିଏ ଦେଖୁଥିଲେ । ଦେଖୁ ଦେଖୁ ଅବସର ଜୀବନ ବି ନୟମ, ତାଲିକା ନେଇ ଗତି କଲାଣି। ପାଖ ପଡୋଶୀଙ୍କ ଘରକୁ ଗଲେନଜ ଇଛାରେ ଯାଇ ପହଞ୍ଚି ହେବନ । ଯିବା ପୂର୍ବରୁ ପଗ୍ବରିବାକୁ ହେବ । ଏପରିକ ନଜ ପୁଅ ଝିଅଙ୍କଘରକୁ ଯିବାର ବି ଏକ ଯୋଜନା କଲେ ସେମାନଙ୍କର ଅନୁମତି ନେଇ କରିବାକୁ ହେବ । ପୁଣି ଏକତାଲିକା କରିବାକୁ ହେବ। ସବୁ ସେଇ ଏକା ମଣିଷର ଜୀବନ । ଅବସରର ଅର୍ଥ ନୁହେଁ ଅନ୍ୟ କାହାରତୁମ ପାଇଁ ସମୟ ଅଛି ବା ଇଚ୍ଛା ଅଛି । ତେଣୁ ପୁଣି ଗୋଟିଏ ନୂଆ ତାଲିକା ସୃଷ୍ଟି କଲେ ମନୋରଞ୍ଜନ ସାମନ୍ତରାୟ ।

ନୂଆ ବର୍ଷରେ ପୁରୁଣା କଥା । ଝିଅ ଦେଇଥିବା ଡାଇରୀଟିକୁ ବାହାରକଲେ । ଭାବିଲେ ନୂଆକଥାଟିଏ କରିବେ । ଏ ଭିତରେ ଦିନ ଦିନ କଟିଗଲାଣି । ଆଜି ଗ୍ବରି ତାରିଖ । ହଠାତ ଘର କବାଟରେଠକ୍ ଠକ୍ ଶବ୍ଦରେ ସିଏ ବିଚଳତ ହୋଇ ପଡିଲେ, ଉଠି ଦେଖିଲେ ପଡୋଶୀ ରମାକାନ୍ତ ମହାନ୍ତି ଦୁଆରେ ଠିଆ ହୋଇଛନ୍ତି । ଆଜିକାଲି ତ ଟେକ୍ସ୍ଟ ଆଉ ଫୋନରେ ସଂସାର ଆତଜାତ କରୁଛି, ତାଙ୍କର କଅଣ ହେଲା ? କବାଟ ଖୋଲି ତାଙ୍କୁ ସ୍ୱାଗତ କଲେ । କଅଣ ହେଲା କହି ଭିତରକୁ ଡାକଲେ । ଦେଖିଲେ ସିଏଖୁବ ବିବ୍ରତ

ଜଣାପଡୁଛନ୍ତି । କହିଲେ, "ମନୋରଞ୍ଜନ ବାବୁ, ମୋର ସ୍ତ୍ରୀଙ୍କର ଦେହଟା ଖୁବ ଖରାପ ଲାଗୁଛି । ତାଙ୍କୁ ଡାକ୍ତରଖାନା ନେଇ ଯିବାକୁ ହେବ । ସେତିକି ଶୁଣି, କାରଣ କଅଣ କଛି ନ ପଚାରି ଲୁଗାପଟାବଦଳ ସିଏ ବାହାରି ଆସିଲେ । ସେତେବେଳକୁ ରମାକାନ୍ତ ମହାନ୍ତି, ସ୍ତ୍ରୀ ସୁଜାତାଙ୍କ ସହ ବାହାରି ଗାଡିଷ୍ଟାର୍ଟ କଲେଣି । ସୁଜାତାଙ୍କ ମୁହଁରୁ ତୀବ୍ର ଯନ୍ତ୍ରଣାବୋଧ ଜଣା ପଡୁଥାଏ । ମଣ୍ଟଗୋମାରୀ ହସ୍ପିଟାଲର ଏମେରଜେନ୍ସିରେ ଯାଇ ସେମାନେ ପହଞ୍ଚିଗଲେ ଦଶ ମିନଟରେ । ବାଟସାରା ସୁଜାତା ଯନ୍ତ୍ରଣାରେ ଉଁ ଉଁହେଉଥାନ୍ତି । ସେତେବେଳକୁ ସମୟ ନଅଟା ପ୍ରାୟ । ସେଠି କଛି ସମୟ ବସିଲା ପରେ ରମାକାନ୍ତ ବାବୁ ଫର୍ମ ପୂରଣକରି ନର୍ସ ସହ କଥା ହେଲେ । କହାତି ସିରିଅସ୍ କେସ୍ ନହେଲେ ଡାକ୍ତର ଦେଖନ୍ତି ନାହିଁ ଏମରଜେନ୍ସିରେ ସଙ୍ଗେ ସଙ୍ଗେ । ନର୍ସ କଛି ସମୟ ପରେ ଆଇଭି ଲଗାଇ ଦେଇ ସାଲାଇନ୍ ଗ୍ଲୁ କରିଦେଲା । ପରେ ପରେ ଏକ୍ସରେ ଆଉ ସିଟି ସ୍କାନ କରାଗଲା ଏବଂ ଫଳାଫଳ ଜାଣିବାକୁ ତାଙ୍କୁ ଅପେକ୍ଷା କରିବାକୁ ପଡିଲା । ଦୁଇ ଘଣ୍ଟା ଭିତରେ ଏକ୍ସରେ ଠିକ ଅଛି ଆଉ ସିଟି ସ୍କାନରୁ ପେଟରେ ଇନଫ୍ଲାମେସନ ଅଛି ବୋଲି ଜଣାପଡିଲା । ପ୍ରାରମ୍ଭରୁ ଦିଆ ଯାଇଥିବା ଔଷଧ ବଦଳାଇ ନୂଆ ଔଷଧ ଦିଆଗଲା ଏବଂପ୍ରାୟ ଦଶ ଦିନ ପାଇଁ ଔଷଧ ଖାଇବାକୁ ହେବ ବୋଲି ଡାକ୍ତର କହିଲେ । ଏ ଭିତରେ ସୁଜାତାଙ୍କ ଅବସ୍ଥାରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହେଲାଣି । ରମାକାନ୍ତ ବାବୁ ପୂର୍ବବତ କାମକୁ ଗଲେଣି, ବୁଲାବୁଲି କଲେଣି । ଦୁଇ ବନ୍ଧୁ ସକାଳୁ ଉଠି ଗ୍ଭଲିବାକୁ ଯିବାକୁ ଆରମ୍ଭ କଲେଣି ।

ରକଭିଲ୍ ସହର ବାସିନ୍ଦାମାନଙ୍କର ଆର୍ଥିକ ସ୍ୱଛଳତା ଭଲ । ସେଠିକାର ବାସିନ୍ଦା ମାନେ ପ୍ରାୟଫେଡେରାଲ ଗଭରନମେଣ୍ଟରେ କାମ କରନ୍ତି । ସୁଜାତା ଓ ରମାକାନ୍ତ ବାବୁ ଦୁହେଁ ଏକା ବିଲ୍ଡିଂରେ ଦୁଇ ଅଲଗା ଡିପାର୍ଟମେଣ୍ଟରେ କାମ କରନ୍ତି । ଦୁହେଁ ଏକାଠି କାମକୁ ଯାଆନ୍ତି । ଫେରିବାକୁ ପ୍ରାୟ ରାତି ଆଠ ବାଜିଯାଏ । ମେଟ୍ରୋ ଷ୍ଟେସନରେ ଗାଡି ପାର୍କ କରି ସେମାନେ ଯିବା ଆସିବା କରନ୍ତି । ବେଳେ ବେଳେ ସଉଦା କରି ଘରକୁ ଫେରନ୍ତି, ତେଣୁ କାହା ସହ ଅଧିକା ବନ୍ଧୁତ୍ୱ ବଢାଇବାକୁ ସମୟ ନ ଥାଏ । କେବଳ ସପ୍ତାହନ୍ତ ଶନବାର

ରବିବାରକୁ ଅପେକ୍ଷା କରିଥାନ୍ତି । ଏବେ ସୁଜାତାଙ୍କ ସ୍ୱାସ୍ଥ୍ୟ ଖରାପ ହେତୁ ସିଏ ବର୍ଷକରେ କାମ ଛାଡି ଦେବାକୁ ସ୍ଥିର କରିଛନ୍ତି । ସ୍ୱାସ୍ଥ୍ୟ ଭଲ ନ ଥିଲେ ମନ ବି ଭଲ ରହୁନାହିଁ । ଆଜିକାଲି ସିଏ କେବଳ ଘରେ ରହିବାକୁ ଭଲ ପାଉଛନ୍ତି । ରମାକାନ୍ତ ବାବୁ ଘରକୁ ଗ୍ଗହା କପେ ପାଇଁ କାହାକୁ ନିମନ୍ତ୍ରଣ କରି ପାରୁ ନାହାନ୍ତି । ସୁଜାତାଙ୍କର ଚଡି ଚଡା ଭାବ ବି ବଢି ଗଲାଣି । ତେଣୁ ରମାକାନ୍ତ ବାବୁସ୍ଥିର କରିଛନ୍ତି ମନୋରଞ୍ଜନ ବାବୁଙ୍କ ସହ କିଛି ଅଧିକା ସମୟ କଟାଇବେ । ଜଣାଶୁଣା ପଡୋଶୀଙ୍କ ମଧ୍ୟରେ ସିଏ ଏକମାତ୍ର ବ୍ୟକ୍ତି, ଯିଏ ଆଉ କାମ କରୁନାହାନ୍ତି । ହୁଏତ ତାଙ୍କ ଜୀବନରେ ଚଠାଟିଏ ନଥିବା କଥା । ଚଠା କହିଲେ, ସକାଳୁ ଉଠିବା ପରଠାରୁ ଶୋଇବାକୁ ଯିବା ପର୍ଯ୍ୟନ୍ତ କାର୍ଯ୍ୟର ଏକ କ୍ରମ ତାଲିକା। ସକାଳ ପାଞ୍ଚଟା ତିରିଶରୁ ଉଠି ନିତ୍ୟକ୍ରମ ଶେଷ କରି, ପୂଜା ପାଠ ସାରି ସାତଟା ତିରିଶ ସୁଧା ଘରୁବାହାରି ନଗଲେ ଟ୍ରାଫିକରେ ପଡିଯିବେ । ଟ୍ରେନ ଫେଲ ହେବାର ମଧ୍ୟ ସମ୍ଭାବନା ଅଛି। ଆଗକୁ କାମକୁ ଡେରିରେ ପହଞ୍ଚିବାର ସମ୍ଭାବନା ମଧ୍ୟ ହୋଇ ପାରେ । ଯଦି ଏସବୁ ତାଲିକା ମୁତାବକ ହୋଇଗଲା କାମରେ ପହଞ୍ଚି କାମ ଆରମ୍ଭ କରିବାକୁ ଡେରି ହେବ ନାହିଁ। ଟିକଏ ଶୀଘ୍ର ବାହାରି ଗଲେ ଇମେଲ ଚେକ୍‌କରି କାହାକୁ ଦୁଇ ପଦ ଉତ୍ତର ଦେଇ ହେବ ଏବଂ ଆଠଟା ତିରିଶରୁ କାମ ଲାଗି ରହିବ ପ୍ରାୟ ଏଗାରଟା ପର୍ଯ୍ୟନ୍ତ । ଏଗାରଟାରୁ ଦଶ ପନ୍ଦର ମିନଟ୍ ବିରତିପରେ ଗୋଟେ ଅଧେ ଫୋନ୍ କଲ କରିବାର ମଧ୍ୟଦରକାର ପଡିଥାଏ। ବାରଟାରୁ ଘଣ୍ଟାଏ ଲଞ୍ଚ । ରମାକାନ୍ତ ବାବୁଙ୍କର ଗୋଟିଏ ଭଲ ଅଭ୍ୟାସ ଅଛି । ପ୍ରତିଦିନ ଲଞ୍ଚରେ ଅଧଘଣ୍ଟା ସିଏ ଟ୍ରେଡ୍‌ମିଲରେ ଚାଲନ୍ତି । ପ୍ରତିଦିନ ଏଭଳ କରିବା ଦ୍ୱାରା ସିଏ ନିଜକୁ ସୁସ୍ଥ ରଖିପାରିଛନ୍ତି । ବ୍ୟାୟାମ କରିଦେଲେ କିଛି ଫୁର୍ତ୍ତି ବି ଆସିଯାଏ । ନଚେତ ଗୋଟିଏ ଯାଗାରେ ବସି ବସିଅଣ୍ଟା ପିଠି ଲାଗିଯାଏ । ପାଞ୍ଚଟା ପନ୍ଦରରୁ କାମ ଶେଷ କରିବାକୁ ଆରମ୍ଭ ନକଲେ ପୁଣି ଘରକୁ ଆସିବାକୁ ଡେରି ହୁଏ । ପାଞ୍ଚଟା ତିରିଶ ସୁଦ୍ଧା କାମ ଛାଡିଲେ ଘରେ ପ୍ରାୟ ଆଠଟା ବେଳକୁ ପହଞ୍ଚି ହୁଏ । ଘରେ ପହଞ୍ଚି ଚାହା କପେ ପିଇ ଆରାମରେ ଟିଭି ଟିକଏ ଦେଖିଲେ ଭାରି ହାଲକା ଲାଗେ । ତାପରେ ସ୍ତ୍ରୀ ରୋଷେଇ କରି ଖାଇବାକୁ ଡାକନ୍ତି ବା ବଳକା ବଳକ ଯାହା ଥାଏ, ଦୁଇ ପ୍ରାଣୀ ଖାଇ ବିଛଣାକୁ ଯାଆନ୍ତି ।

ଏପରି ତାଲିକାଭୁକ୍ତ ଜୀବନରୁ ଟିକିଏ ଏପଟ ସେପଟ ହୋଇଗଲେ ଜାଣ ସବୁ ବିଗିଡି ଯାଏ। ପ୍ରସ୍ତୁତ ହୋଇଥିବା ସମୟ- ତାଲିକାରୁ ଗୋଟିଏ ଗୋଟିଏ କାମ କରିଚାଲ ଏବଂ କାର୍ଯ୍ୟ ଶେଷରେ ତାକୁ ଚିହ୍ନଟ କର। ତାହା ହେଲେ ଜୀବନ ମନେ ହେବ ଠିକ୍ ବାଟରେ ଚାଲିଛି । ସମୟ ଅନୁସାରେ, ପରିବର୍ତ୍ତିତ ଅବସ୍ଥିତିନେଇ ପୁଣି ନୂଆ ଏକ ତାଲିକାର ପ୍ରସ୍ତୁତି କରିବାକୁ ଚାହିଁଲେ ରମାକାନ୍ତ ମହାନ୍ତି । ଏ ନୂଆ ତାଲିକାରେ ମନୋରଞ୍ଜନ ବାବୁଙ୍କ ନାଁ ତାଲିକାଭୁକ୍ତ ହୋଇଛି । ଟିଭି ସମୟରୁ ଅଧା କାଟି "ପଢା ପଢି" ସ୍ଥାନ ପାଇଛି । ରାତି ନଅଟାରେ ଆଉ ଗୋଟିଏ ନୂଆ କାର୍ଯ୍ୟ ତାଲିକାକୁ ଆସିଛି - "ସୁଜାତାଙ୍କ ସହ କଥା ବାର୍ତ୍ତା"। ସେଥିରେ ସମୟର ଶେଷ ନାହିଁ, ଗୋଟିଏ ପ୍ରଶ୍ନବାଚ ରହିଛି । ବୋଧହୁଏ ଏ ପର୍ଯ୍ୟନ୍ତ ଏ ନୂଆ କାର୍ଯ୍ୟକ୍ରମର କାରଣ ସିଏ ମନ ଭିତରେ ଠିକ୍ କରି ନାହାନ୍ତି । ସୁଜାତାଙ୍କର ସ୍ୱାସ୍ଥ୍ୟ ଖରାପ ଦିନରୁ ରମାକାନ୍ତ ଅସ୍ଥିର ହେଉଛନ୍ତି ମନ ଭିତରେ । ବୟସ ଯଦିଓ ଖୁବ ଅଧିକ ହୋଇନାହିଁ, ତଥାପି ଶେଷ ପ୍ରର୍ଯ୍ୟାୟରେ ଦୁହେଁ ପହଞ୍ଚିଗଲେଣି । ଏଇଟା ନିଶ୍ଚୟ ଏକ ଚିନ୍ତାର ବିଷୟ ।

ସେଦି ସୁଜାତା ରମାକାନ୍ତ ବାବୁଙ୍କୁ ଖାଇବାକୁ ଡାକିଲେ ଏବଂ ଦୁହେଁ ଯାଇ ଟେବୁଲର ଦୁଇ ପଟେ ବସିଗଲେ । ଟେବୁଲ ମଝିରେ ଅନେକ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରି ରଖିଛନ୍ତି ସୁଜାତା । ରମାକାନ୍ତ ଆଶ୍ଚର୍ଯ୍ୟ ହୋଇଗଲେ । କିନ୍ତୁ ଖୁସି ହେଲେ ନିଶ୍ଚୟ । କିଛି କହିଲେ ନାହିଁ । ଖୁସିରେ ଖାଇବା ଆରମ୍ଭ କଲେ । ପଚାରିଲେ ନାହିଁ କାରଣ, ପଚାରିଲେ ନାହିଁ କେତେବେଳେ ଆଉ କାହିଁକି ଏତେ ରାନ୍ଧିଛନ୍ତି । ଧନ୍ୟବାଦଟିଏ ମଧ୍ୟ ଦେଲେ ନାହିଁ । ସୁଜାତା କିଛି କହିଲେ ନାହିଁ । ମନେ ମନେ ଭାବିଲେ, ଭାରତରେ ନ ହେଲେ ନାହିଁ, ଆମେରିକାରେ ରହିବାର ଏତେ ବର୍ଷ ବିତିଗଲାଣି, ହେଲେ ଧନ୍ୟବାଦଟିଏ ଦେବାକୁ ଶିଖିଲେ ନାହିଁ । ବାହାଘରର ୩୫ ବର୍ଷ କଟିଗଲାଣି । ପିଲା ଦୁଇଜଣ ବାହା ହୋଇ ନିଜ ନିଜର ଘର କଲେଣି । ପିଲାଙ୍କୁ ପ୍ରଶଂସା କଲେ ସେମାନେ ପିଲାଟି ଦିନୁ "ଧନ୍ୟବାଦ" କୁହନ୍ତି । ବାପ ହିସାବରେ ଶୁଣି ଶୁଣି ସିଏ ଅଭ୍ୟସ୍ତ । କିନ୍ତୁ ନିଜେ ସେସବୁ ଦିନେ ଚାହିଁନାହାନ୍ତି ନିଜର

ଭାଷାଭୁକ୍ତ କରିବାକୁ । ସୁଜାତା ଆଉ ରହିପାରିଲେନ, ଖାଇବା ଶେଷ ହେବା ପୂର୍ବରୁ କହିଲେ, "ତୁମେ ତ ଏତେ ତାଲିକା କର, ନିୟମ କାନୁନ ସବୁ କାମ ସମୟରେ କର, ଆଜି କେଉଁ ଦିନ ତମର ତାଲିକାରେ ଅଛି କି" ? ରମାକାନ୍ତ ଚିନ୍ତା କଲେ । ନିଜେ ଆଶ୍ଚର୍ଯ୍ୟ ହୋଇଗଲେ । କଅଣ ଟା ସିଏ ତାଲିକାରୁ ଭୁଲି ଯାଇଛନ୍ତି ଜାଣି ପାରିଲେନ । ବ୍ୟସ୍ତ ହୋଇ ପଚାରିଲେ, "ଆଜି କଅଣ ଝିଅର ଜନ୍ମଦିନ ? ମୁଁ ଆଜିକାଲି ସବୁ ଭୁଲି ଯାଉଛି । ଏଥର ତୁମକୁ ମତେ ସାହାଯ୍ୟ କରିବାକୁ ପଡିବ" । ସୁଜାତା ହସିଲେ, ମନେ ମନେ ଭାବିଲେ ସବୁବେଳେ ଚଠା ଦେଖିବା ଲୋକର ଆଜି କଅଣ ହୋଇଛି ? ଟିକିଏ ତାଚ୍ଛଲ୍ୟ କରି କହିଲେ, "ବୋଧେ ତୁମର ତାଲିକାରେ ପରିବାରର ସଦସ୍ୟ ଏବଂ ତାଙ୍କର କୌଣସି ବିଶେଷ ଦିନ ର ଉଲ୍ଲେଖ ନାହିଁ । ଆଉ ସେଥିରେ ପୁଣି ମୋର ସାହାଯ୍ୟ ଦରକାର ହେଲାଣି" ?

ରମାକାନ୍ତ ତାଙ୍କୁ ନିଜର ନୂଆ ତାଲିକା ଦେଖାଇଲେ । ସେ ତାଲିକାରେ ସୁଜାତାଙ୍କ ସହ କଥାବାର୍ତ୍ତା ଅନ୍ତର୍ଭୁକ୍ତ ହୋଇଛି । ସୁଜାତାଙ୍କୁ ଖୁସି ଲାଗିଲା । ଯାହା ହେଉ ସିଏ ଏବେ ତାଲିକାରେ ଅନ୍ତର୍ଭୁକ୍ତ, କିନ୍ତୁ ଆଜିତାଙ୍କର ବିବାହ ବାର୍ଷିକ ସିଏ ମନେ ରଖିନାହାନ୍ତି । ୩୫ ବର୍ଷରୁ ବୋଧେ ପାଞ୍ଚ ବର୍ଷ ପିଲା "ଶୁଭ ବାର୍ଷିକ" କହିଲାବେଳେ ତାଙ୍କର ମନେ ପଡିଯାଏ ଆଉ ବେଳେ ବେଳେ ନିଜ ବାହାଘର ଦିନର ଘଟଣା ସିଏ ମନେପକାଇ ସେ ବିଷୟରେ ଗପ କରନ୍ତି । ଆଜି ମନେ ହେଉଛି ତାହା ଅଦରକାରୀ । ସେସବୁର ଆବଶ୍ୟକତା ଜରୁରୀ ନୁହେଁ । ସେସବୁ ଖାଲି ଲୋକ ଦେଖାଣିଆ କଥା ତାଙ୍କ ପାଇଁ । ରମାକାନ୍ତ କହିଲେ, "ସୁଜାତା, ମତେ କଅଣ ଆଉ ତୁମକୁ ଜାଣିବାକୁ ବାକି ଅଛି ? ତୁମେ କଅଣ ସତରେ ଅପେକ୍ଷା କରିଛ, ମୁଁ ତୁମକୁ କହିବି "ମୁଁ ତୁମକୁ ଭଲପାଏ ବୋଲି' ? ସୁଜାତା କହିଲେ, "ସମୟେ ସମୟେ କହିଲେ ହୁଏତ ଭଲ ଲାଗିବ" । ଦୁହେଁ ଦୁହିଁଙ୍କୁ ଚାହିଁଲେ । ସୁଜାତା ରମାକାନ୍ତଙ୍କ ଆଖିର ଭାଷାକୁ ପଢିବାକୁ ଚେଷ୍ଟା କରୁଥିଲେ ଆଉ କହିଲେ,"ହଉ ଛାଡ, ଚାଲ ଶୋଇବା । ତମର ତାଲିକାର ସମୟ ଗଡି ଯାଇପାରେ" । ଦୁହେଁ ହସିଲେ । ସେଦିନର

ଉଠି ସରିଗଲା । କିଏ କେତେ ଶୋଇ ପାରିଲା ସିଏ ଜାଣିଥିବ । ପୁଣି ଜୀବନ ଗତାନୁଗତିକ ଭାବରେ ଗଡିଚାଲିଲା ।

ମନୋରଞ୍ଜନ ସାମନ୍ତରାୟଙ୍କର ଆଜି ଇଚ୍ଛା ହେଲା ଘରୁ ବାହାରିବେ । ତାଙ୍କର ନୂଆ ବିନା ଚଟାର ଜୀବନକୁ ଉପଭୋଗ କରିବେ । ୟୁନିଅନ ଷ୍ଟେସନକୁ ଯାଇ ମେଟ୍ରୋର ଟିକେଟ ମାସିକିଆ ପାସଟିଏ କିଣିଲେ । ଯେତେବେଳେ ଯୁଆଡେ ଇଚ୍ଛା ଯିବେ ବୋଲି ମନସ୍ଥ କଲେ। ରେଡ, ବ୍ଲୁ, ଗ୍ରୀନ ଲାଇନ, ଯେଉଁପଟେ ଇଚ୍ଛାହେବ ଯିବେ - ଯେତେ ବାଟକୁ ଇଚ୍ଛା ହେବ, ଟ୍ରେନେର ବସିବେ ଇଚ୍ଛା ହେଲା ପର୍ଯ୍ୟନ୍ତ । ଯେଉଁଠି ଓହ୍ଲାଇବେ, ସେ ସ୍ଥାନକୁ ବୁଲି ଦେଖିବେ, ଜୀବନକୁ ଉପଭୋଗ କରିବେ । ସମୟକୁ ନିଜ ହାତ ମୁଠାରେ ରଖିବେ ପାରୁ ପର୍ଯ୍ୟନ୍ତ । କିନ୍ତୁ ସମୟ ତାଙ୍କୁ ଅକ୍ତିଆରରେ ରଖିବାକୁ ଚାହେଁ । ସେଇଥିପାଇଁ ପ୍ରତିଦିନ ଭଳି ତାଙ୍କ ନିଦ ପାଞ୍ଚଟା ତିରିଶରେ ଭାଙ୍ଗି ଯାଉଛି । ନିଦ ଭାଙ୍ଗିଲା ପରେ ସତେକି କାମକୁ ଯିବାକୁ ହେବା ପରି ଗାଧୁଆ ପାଧୁଆ ଶେଷ କରି ସିଏ ନିଜକୁ ତିଆରି କରୁଛନ୍ତି । ସମୟର ତାଙ୍କ ଉପରେ ଏତେ ଅକ୍ତିଆର ଦେଖି ସିଏ ଆଶ୍ଚର୍ଯ୍ୟ ହେଉଛନ୍ତି । ଜୀବନର ପ୍ରତିଟି ମୂହୁର୍ତ୍ତକୁ ତାଲିକାଟିଏ କରି ସଜାଡି ଦେଲେ ଜୀବନ ସଂକୁଚିତ ହୋଇଯାଏ । ଭାବିଲେ ସବୁ ସହଜରେ କରିହେବ ବୋଲି ମନେହୁଏ । କେତେଟା କରି ହୁଏ, ଆଉ ଯାହା ନ କରି ହୁଏ ସିଏ ପୁଣି ଚଟାର ଉପରକୁ ଚାଲିଯାଏ ।

ଏଲକରିଜ, ମେରିଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ହସର ଉଦ୍ଦେଶ



ସସ୍ମିତା ସାହୁ

ସବୁ ହସ ନୁହେଁ ଖୁସି କ ଆନନ୍ଦ
ସବୁ ହସ ନୁହେଁ ସୁଖ,
ଅଧିକ ହସଟା ଗୁପି ରଖିଥାଏ
ଅକୁହା ଅଦେଖା ଦୁଃଖ ।।
କେଉଁ ହସ ଅଟେ ଥଟ୍ଟା ପରିହାସ
କଏ ଅଟେ ଅଭିମାନ,
କଏ ପୁଣି ଅଟେ ଗର୍ବ ଅହଂକାର
କଏ ଅଟେ ସ୍ୱାଭିମାନ ।।
କେଉଁ ହସ ଅଟେ ତାତ୍ସଲ୍ୟ ସମାନ
କଏ ଅଟେ ଦେଖାଣିଆ,
କେଉଁ ହସ ପୁଣି ମନ କଣି ନଏ
କେଉଁ ହସ ସାତସିଆଁ ।।
କେଉଁ ହସେ ପୁଣି ପ୍ରଶ୍ନ ରହି ଥାଏ
କେଉଁଠି ଥାଏ ଉତ୍ତର,
କେଉଁ ହସ ପୁଣି ଲାଗଇ ନଜର
କଏ କରେ ସାତ ପର ।।
କେଉଁ ହସ ଅଟେ ପ୍ରେମର ପ୍ରତୀକ
କଏ ଦିଏ ମହାନତା,
କେଉଁ ହସ ପୁଣି ତାଣ୍ଡବ ରଚଇ
କଏ ଦିଏ ସାର୍ଥକଥା ।।

କେଉଁ ହସ ଆତ୍ମବିଶ୍ୱାସ ବଢାଏ
କଏ ମାରି ଦିଏ ଗ୍ଲେଟ,
କେଉଁ ହସ ପୁଣି ବାଟ କାଢିନଏ
କଏ କରି ଦିଏ ଛୋଟ ॥
କେଉଁ ହସ ଦିଏ ମନକୁ ଆଘାତ
କଏ ଦିଅଇ ଭରସା,
କଏ ଭରି ଦିଏ ହୃଦୟେ ନିରାଶା
କଏ ଦିଏ ପୁଣି ଆଶା ॥
କେଉଁ ହସ ଦିଏ ପ୍ରତିଶ୍ରୁତି ପୁଣି
କଏ ନଏ ପ୍ରତିଶୋଧ,
କେଉଁ ହସ ଦିଏ ସମ୍ମାନ ସତ୍କାର
କଏ ସାଜଇ ଆୟୁଧ ॥
କେଉଁ ହସ ପୁଣି ହୃଦୟକୁ ଭଙ୍ଗି
କରି ଦିଏ ଚୁନା ଚୁନା,
କେଉଁ ହସ ଦିଏ ସାହସ ଆମକୁ
କେ କରେ ପୁଣି ବାହାନା ॥
ଅସଲ କଥାଟି ଜାଣିବୁ କେମିତି
କାହିଁକି ହସୁଛି କଏ,
ହୃଦୟର କଥା କେମିତି ବୁଝିବୁ
ଯଦି ତୁ ଈଶ୍ୱର ନୁହେଁ ॥

ନାଶିକ, ମହାରାଷ୍ଟ୍ର

# ତାଜା ରକ୍ତର ଛିଟା

ପ୍ରଫୁଲ୍ଲ କୁମାର ନାହାକ

ସନ୍ତ୍ରାସବାଦର ବିଭୀଷିକା ମଧ୍ୟେ

ତାଜା ରକ୍ତର ଛିଟା

କେତେଯେ ଆଉ ଧରଣୀ ଦେଖିବ

ସ୍ଵାର୍ଥ- ଲାଳସାର ଜୁଆର ଭଟ୍ଟା ।

ସାଂପ୍ରଦାୟିକତାର କଳହ ନିଆଁରେ

ମୋ ଦେଶ ଜଳୁଛି ଆଜି

ଜନତାମାନଙ୍କର ଚତ୍କାର ନାଦେ

ଥରୁଛି ଭାରତମାତାର ଛାତି ।

ରାଜନୀତିରେ ସ୍ବାର୍ଥପରତା ସଙ୍ଗେ

ପଶ୍ଚିମା ସଭ୍ୟତାର ମୋହ

ଆଶା ଭିତରେ ନିରାଶା ଦେଇ

ଭରୁଛି ହୃଦୟରେ କୋହ ।

ଗୋଷ୍ଠୀକୈନ୍ଦ୍ରିକ ଭାବନା ଏଠି

ହୋଇଛି ବ୍ୟକ୍ତିକୈନ୍ଦ୍ରିକ

ଐତିହ୍ୟ ପରମ୍ପରା ଆଜି

ଅତୀତ ସ୍ମୃତିର ବୋଝ ।

ଜଡ଼ବାଦୀ ମାୟାର ଅମୋଘ ଅସ୍ତ୍ର

କରିଛି ଅମରକୁ ମରଣଶୀଳ

ପରକାଳର ବିଜମୟ ଭିତ୍ତିରେ

ସଂସ୍ଥିତି ସାଜିଛି ଇହକାଳ ।

ବନ୍ଧୁକ ମୁନରେ ହିଂସାର ରକ୍ତ

ଉପଭୋଗ ଜନତ ବାସ୍ନା ସାଙ୍ଗକୁ

କାମିନୀ- କାଞ୍ଚନର ଲୋଭ

ମାନବକୁ କରିଛି ଆସକ୍ତ ।

ବନ୍ଦକର ଏହି ତାଣ୍ଡବର ଲୀଳା

ଅଧିକାରର ଦ୍ୱାହି

କାହାପାଇଁ କରିବ ଶେଷ ଆୟୋଜନ

ଅଥବା ନବ ନିର୍ମାଣ

ଯେବେ ମଣିଷ ନଥିବେ କେହି ?

ଗବେଷକ, ରେଭେନ୍ସା ବିଶ୍ୱବିଦ୍ୟାଳୟ

# ମାନବ



ପ୍ରକାଶ ଚନ୍ଦ୍ର ପଣ୍ଡା

ହେ ମାନବ ତୋର ସୃଷ୍ଟି କିଏ କଲା
କେଉଁ ଉଦ୍ଦେଶ୍ୟ ନେଇ
ଧନ୍ୟ ସେ ବିଧାତା ଶତ ଚେଷ୍ଟା ତାର
ତୋ ପରି ସୃଷ୍ଟି ପାଇ ।

କେଉଁ ମହତର ଭାବନା ନେଇ ସେ
ପୃଥିବୀକୁ ଆଣିଥିଲା
ନିଜ ହାତେ ନିଜ ଜିହ୍ୱାଛେଦି ଆଜି
କି ଲାଭ ଅବା ପାଇଲା ।

ଧନ୍ୟରେ ଅଧମ ନରାଧମ ସାଜି
ନିଜକୁ କରୁଛୁ ଧ୍ୱଂସ
ତୋପରି ମୁରୁଖ କିଏ ଆଉ ଅଛି
ନିଜକୁ କରେ ଯେ ନାଶ ।

ଲିଳାମୟ ପ୍ରଭୁ ବିଚିତ୍ର ତା ଲିଳା
ଲିଳାମୟ ପ୍ରଭୁ ବିଚିତ୍ର ତା ଲିଳା

ବୁଝିବା କଷ୍ଟ ତୋ ପାଇଁ
ଆଦ୍ୟ ସେଇଠାରୁ ଅନ୍ତବି ସେଇଠି
ସବୁରି ମୂଳରେ ସେଇ ।

ମୁଁ ମୁଁ ବୋଲି ଯାହା ତୁ ଭାବୁଛୁ
ସେସବୁ ତାହାରି ଇଚ୍ଛା
ତାହାରି ଆଜ୍ଞାରେ ଚାଲେ ଏ ଜଗତ
ଏକଥା ମନେ ରଖିଥା ।

କଲ୍ୟାଣପୁର, ଭୁଇଁପୁର,
ଯାଜପୁର, ପାଣିକୋଇଲି

# ବଣଫୁଲ



ଡକ୍ଟର ବିଜ୍ଞାନୀ ଦାସ

ଗୃହସ୍ୱାମୀ ଯେତେବେଳେ ରମେଶକୁ ମୋ ସହିତ ପରିଚତ କରାଇଦେଲେ, ମୁଁ ଅତ୍ୟନ୍ତ ଖୁସିହେଲି ।କାରଣ ମୁଁ ରମେଶକୁ ଆଗରୁ ଜାଣିଥିଲି । ଏବେ ଏତେବର୍ଷ ପରେ ଯଦିଓ ମୁଁ ତାକୁ ଠିକ୍ ଭାବେ ଚହ୍ନି ପାରିନଥିଲି, ସିଏ ନିଜ ଗାଁ, କଲେଜ ଇତ୍ୟାଦି ବିଷୟରେ କହି ପରିଚୟ ଦେବା ପରେ ମୁଁ ତାକୁ ଚହ୍ନିଲି । କହିଲି, "ତମକୁ ଏତେଦିନ ପରେ ଭେଟି ଅନେକ ଖୁସି ଲାଗୁଛି । ଯାହାହେଉ, ତମେ ଜଣେ ଏତେବଡ ମଣିଷ ହୋଇପାରିଛ, ଆମ ଅଞ୍ଚଳର ନାମ ବଢେଇଛ, ତମକୁ ବହୁତ ବହୁତ ଅଭିନନ୍ଦନ ।"

ରମେଶ ସେଇ ୪୦ ବର୍ଷ ତଳର ପୁରୁଣା ରମେଶ ଢଙ୍ଗରେ ଅତି ନମ୍ର ହୋଇ ଉତ୍ତର ଦେଇ କହିଲା, "ନାଁ ନକେଇ, ମତେ ଏତେ ବଡ ମଣିଷ କହି ଲଜ୍ଜିତ କରନ୍ତୁ ନାହିଁ । ଆପଣଙ୍କ ସାହାଯ୍ୟ ନ ପାଇଥିଲେ ମୁଁ କଏ ବା' ହୋଇଥାନ୍ତି ? ଆପଣଙ୍କୁ ସେଥିପାଇଁ ଅନେକ ଧନ୍ୟବାଦ ।"

ଏତିକି କହି ରମେଶ ଯେମିତି ମୋ ପାଖରୁ ପଳେଇଯିବାକୁ ବ୍ୟଗ୍ର ହୋଇପଡିଲା । ମୁଁ ପଚାରିଲି, "କଣ ଏବେ ଫେରିଯିବ ନାଁ କଣ ? ଏମିତି ବ୍ୟଗ୍ର ହେଉଛ ଯେ ?"

ରମେଶ କହିଲା, "ନା, ସେକଥା ନୁହେଁ । ମୋ ସାଙ୍ଗ ଜଣେ ଏବେ ପହଞ୍ଚିଲା, ମୁଁ ତାକୁ ଦେଖି ହାତ ଟେକି ମୋ ଉପସ୍ଥିତି ଜଣେଇବାକୁ ଚାହୁଁଥିଲି ।" ଏତିକି କହି ସିଏ ଦ୍ୱାର ପାଖରେ ପ୍ରବେଶ କରୁଥିବା ଆଉ ଜଣେ ମଧ୍ୟବୟସ୍କ ଭଦ୍ରବ୍ୟକ୍ତିଙ୍କ ପାଖକୁ ଚାଲିଗଲା ।

ହେଲେ ମତେ ଲାଗିଲା, ଯେମିତି ରମେଶ ମତେ ଏଡେଇ ଯିବାକୁ ଚାହୁଁଥିଲା । କଣ ପାଇଁ ? ସେମିତି କଣ କିଛି କାରଣ ଥାଇପାରେ ?

ରମେଶକୁ ମୁଁ ୪୦ ବର୍ଷ ପରେ ଭେଟୁଥିଲି । ସିଏ ଆମ ଗାଁ ପାଖ ଗାଁର ପିଲା । ଭଲ ପଢୁଥିଲା । ହେଲେ ତା' ବାପା ବଡ ସରଳଆ ମଣିଷ, ପିଲାଟିକୁ ସ୍କୁଲ୍ ପରେ କେଉଁ କଲେଜକୁ ପଠେଇବେ ସେମିତି କଛି ଜ୍ଞାନ ତାଙ୍କ ପାଖରେ ନଥିଲା । ସେତେବେଳେ ମୁଁ କଟକରେ ନୂଆନୂଆ ଗୋଟିଏ କରାଣୀ ଚାକରିରେ ଯୋଗ ଦେଇଥାଏ । ମୋର ବି ଚାକରି ପରେ ନୂଆନୂଆ ବାହାଘର ହୋଇଥାଏ । ଆମେ ପୁରୁଣା ରେଡିଓ ଷ୍ଟେସନ୍ ପାଖରେ ଗୋଟିଏ ଭଡାଘର ନେଇ ରହୁଥିଲୁ । ଘର ମାନେ ଗୋଟିଏ ରୁମ୍ । ରୋଷେଇ ବାରଠାରେ କରୁ । ସବୁ ଭଡାଟିଆ ମାନଙ୍କୁ ସେଇ ଏକା ପାଇଖାନା ବ୍ୟବହାର କରିବାକୁ ପଡେ । ଗାଧୋଇବାକୁ କୂଅମୂଳ, ନହେଲେ ମହାନଦୀ । ସେଇ ସମୟରେ ହଠାତ୍ ଦିନେ ଆମ ଗାଁ ସ୍କୁଲର ମାଷ୍ଟ୍ର ରମେଶକୁ ନେଇ ପହଞ୍ଚିଥିଲେ । କହିଲେ, "ପିଲାଟାର ରେଭେନ୍ସା କଲେଜରେ ଆଡ୍ମିଶନ୍ ତ ହୋଇଗଲା, ହେଲେ ହଷ୍ଟେଲ୍ ପାଇଁ କେମିତି କଣ ଦରଖାସ୍ତ ପକେଇବାକୁ ପଡେ, ସେଇଟା ଆମେ ଜାଣିପାରିଲୁନ । ଏବେ କଛିଦିନ ସିଏ ତୋ ପାଖରେ ରହି କ୍ଲାସ୍ କରୁ । ତାପରେ ନିଜେ ହଷ୍ଟେଲ୍ ବୁଝି କ ମେସ୍ ବୁଝି ଚାଲିଯିବ ।"

ସିଏ ଆମ ହାଇସ୍କୁଲର ଗଣିତ ଶିକ୍ଷକ । ମତେ ମଧ୍ୟ ପଢେଇଥିଲେ । ତାଙ୍କୁ ନା କରିପାରିଲିନ । ହେଲେ ମୋ ପତ୍ନୀଙ୍କୁ ଏସବୁ କେମିତି ଲାଗିବ ଭାବି ବିଚଳତ ହୋଇପଡିଲି। ଗୋଟିଏ ବୋଲି ରୁମ୍ ଆମର । ସେଥିରେ ଏତେ ବଡ ପିଲାଟା କୋଉଠି ରହିବ ?

ସାର୍ ନଶ୍ଚିତ ଭାବେ ରମେଶକୁ ମୋ ପାଖରେ ଛାଡି ଦେଇଗଲେ । କହିଲେ, "ଦେଖେ ଦେବ, ଏ ପିଲା ରମେଶ ଆମ ଗାଁର ଗୌରବ । ଦେଖିବୁ ଦିନେ ସିଏ ଜଣେ ବଡଲୋକ ହେବ । ଗାଁ ପାଇଁ ସୁନାମ ଆଣିଦେବ ।ହେଲେ ଆମେ ଯଦି ଟିକେ ସାହାଯ୍ୟ ନ କରିବା, ସିଏ ସେମିତି ବଣଫୁଲ ହୋଇ ବଣରେ ଝଡିଯିବ । ଏବେ ରମେଶ ତତେ ଲାଗିଲା । ତାର ଭବିଷ୍ୟତ ତତେ ଲାଗିଲା ।"

ମୁଁ ସାର୍ଙ୍କୁ ନାହିଁ କହିପାରିଲିନ । ବରଂ କହି ପକେଇଲି, "ହଁ ସାର୍, ଆପଣ ଜମା ବ୍ୟସ୍ତ ହୁଅନ୍ତୁନ । ରମେଶ ତାର ହଷ୍ଟେଲ୍ ମିଳବା ପର୍ଯ୍ୟନ୍ତ ଏଇଠି ରହି ଯିବାଆସିବା କରିବ ।"

ସାର୍ ଗ୍ଭଲିଗଲେ । ରମେଶ ଆମ ପାଖରେ ରହିଲା । ଆମର ପଡୋଶୀ ସିହ୍ନାବାବୁ ଏହି ପରିସ୍ଥିତିରେ ସାହାଯ୍ୟ କଲେ । ସିଏ ଯଦିଓ ବିବାହିତ, ତାଙ୍କ ପତ୍ନୀ ଗାଁରେ ରହୁଥିଲେ । ତାଙ୍କର ପିଲାମାନେ ଗାଁ ସ୍କୁଲରେ ପଢାପଢି କରୁଥିଲେ । ଘରେ ବୃଦ୍ଧ ବାପା, ମା ବି ଥିଲେ । ସିହ୍ନାବାବୁ କହିଲେ, "ରମେଶ ଗ୍ଭତିରେ ମୋ ରୁମ୍‌ର ତଳେ ଶୋଇପଡିବ । ଆପଣ ଜମା ବ୍ୟସ୍ତ ହୁଅନ୍ତୁନ ।"

ସେମିତି ହିଁ ହେଲା । ରମେଶ ଆମ ପାଖରେ ରହିଲା । ଆମ ପାଖରେ ଖିଆପିଆ କରେ । ଦିନବେଳେ କଲେଜ ଯାଏ ।ଗ୍ଭତିରେ ସିହ୍ନାବାବୁଙ୍କ ରୁମରେ ଶୁଏ । ମହାନଦୀରେ ଗାଧୋଇବାକୁ ଯାଏ ।

କିଛିଦିନ ପରେ ରମେଶକୁ ହଷ୍ଟେଲ୍ ମିଳିଗଲା । ସିଏ ହଷ୍ଟେଲ୍ ଗ୍ଭଲିଗଲା । ତାର ଲୋକାଲ୍ ଗାର୍ଡିଆନ୍ ଭାବେ ମୁଁ ରହିଥିଲି ।

ଥରେ ରମେଶ ଜ୍ୱରରେ କଂପିକଂପି ଆମ ବସାରେ ପହଞ୍ଚିଲା । ଆମେମାନେ ବ୍ୟସ୍ତ ହୋଇପଡିଲୁ । ସିହ୍ନା ବାବୁଙ୍କର ମାଉସୀ ଝିଅ ଜଣେ ହସ୍‌ପିଟାଲରେ ନର୍ସ ଭାବେ କାମ କରୁଥିଲା । ସିହ୍ନାବାବୁଙ୍କ ସହିତ ଯାଇ ମୁଁ ଓ ରମେଶ ତାଙ୍କୁ ଦେଖାକଲୁ । ସିଏ ଡାକ୍ତରଙ୍କୁ ଦେଖେଇବା ଯୋଗାଡ କରିଦେଲେ ଓ ରମେଶକୁ ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ଆମ ବସାରେ ରଖେଇ ତାର ଯତ୍ନନେବାକୁ ପଗ୍ଭମର୍ଶ ଦେଲେ ।

ମୋ ପତ୍ନୀଙ୍କୁ ମୁଁ ବହୁତ ଧନ୍ୟବାଦ ଦିଏ ଏଥିପାଇଁ କି ସିଏ ସେ ସମୟରେ ଯେମିତି ରମେଶର ମା' କି ବଡ ଭଉଣୀ ପାଲଟି ଯାଇଥିଲେ । ତାକୁ ଗରମ ଗରମ ଗ୍ଭନ୍ଧି ଖୁଏଇବା, ଠିକ୍ ସମୟରେ ଔଷଧ ଦେବା, ସାଗୁ କରି ପିଏଇବା ଇତ୍ୟାଦି କାମ ସିଏ ଅତି ସୁଗ୍ଭରୁ ରୂପେ ସଂପାଦନ କରିଥିଲେ । ରମେଶ ଭଲହୋଇ ପୁଣି ତା ହଷ୍ଟେଲ୍ ଫେରିଯାଇଥିଲା ।

ତାପରେ ମୋର ବାଲେଶ୍ୱରକୁ ବଦଳି ହୋଇଗଲା । ଶୁଣିଥିଲି ରମେଶ ଫାଷ୍ଟକ୍ଲାସ୍ ପାଇ ସ୍କଲାରସିପ୍ ପାଇ ଭୁବନେଶ୍ୱର ବିଜେବି କଲେଜରେ ବି.ଏସ୍.ସି. ପଢିବାକୁ ଗଲା । ସେଠି ବି ଫାଷ୍ଟକ୍ଲାସ୍ ପାଇ ବାଣୀବିହାରରେ ପଢିଲା ଓ ତାପରେ ବିଜେବିରେ ଗୋଟିଏ ବର୍ଷ ଗ୍ଭକିରି କରିଥିଲା । ତାପରେ ଆମେରିକା ଯାଇଥିଲା ଉଚ୍ଚଶିକ୍ଷା କରିବାପାଇଁ ।

ମୋ ଗ୍ଚକରିରେ ଖାଲି ବଦଳ । ବାଲେଶ୍ୱରରୁ କୋରାପୁଟ୍, ତାପରେ ସମ୍ବଲ୍‌ପୁର, ଝାର୍‌ସୁଗୁଡା ଏମିତି ହୋଇହୋଇ ମୁଁ ରାଜ୍ୟସାରା ବୁଲୁଥିଲି । ମୋର ଦୁଇଟି ପୁଅଝିଅ । ଝିଅଟି ବାହାହୋଇ ଦିଲ୍ଲୀରେ ରୁହେ । ପୁଅଟି ଏବେ ଆମେରିକାରେ ରୁହେ । ତାର ପ୍ରଥମ ପିଲାଟିଏ ହେଲା ଯେ ସେଥିପାଇଁ ଆମେ ଦୁହେଁ ତା' ପାଖକୁ ଆସିଛୁ ।

ବୋହୂର ମାମୁଁ ଜଣେ ପାଖରେ ରୁହନ୍ତି । ସିଏ ଆମକୁ ଆଜି ତାଙ୍କ ଘରକୁ ନିମନ୍ତ୍ରଣ କରିଥିଲେ । ଯୋଗକୁ ସେଇଠି ରମେଶ ସହିତ ଦେଖା ହୋଇଗଲା ।

ମୋର ରମେଶ ସହିତ କଥାହେବାକୁ ମନ ଯେତେ ବ୍ୟଗ୍ର ହେଉଥିଲା, ସିଏ କିନ୍ତୁ କିଛି ପ୍ରଭାବିତ ନଥିଲା ଭଳି ଲାଗୁଥିଲା । ମୋର ତା' ସହିତ ଯେତେବେଳେ କଥାହେବାର ସୁଯୋଗ ମିଳୁଥିଲା, କିଏ ନା କିଏ ମଝିରେ ଆସି ବାଧା ଦେଉଥିଲେ ।

ମୁଁ ଆଉ ଚେଷ୍ଟା ନକରି ଗୋଟିଏ ଚଉକିରେ ବସିଗଲି । ମୋ ସ୍ତ୍ରୀ ହଠାତ୍ ଅତି ଆନନ୍ଦିତ ହୋଇ ପାଖରେ ପହଞ୍ଚି କହିଲେ, "ଜାଣିଚ, ମୁଁ ରମେଶକୁ ଭେଟିଲି । ରମେଶ ମ, ଯିଏ ଆମ ଘରେ କଟକରେ ରହୁଥିଲେ । ମନେ ପଡୁଛି । ସିଏ ଏବେ ଏଠି ଗୋଟିଏ ୟୁନିଭର୍‌ସିଟିରେ ଡିନ୍ ଅଛନ୍ତି ।"

ମୁଁ ଅଳ୍ପ ହସି କହିଲି, "ହଁ, ତାକୁ ଭେଟିଥିଲି । ବଡ ଖୁସି ଲାଗିଲା । ଆଉ ତମେ ତା'ର ପତ୍ନୀ କିଏ ଚହ୍ନିଲ ନା ନାହିଁ ?"

ପତ୍ନୀ ଶବ୍ଦଟା ଉଚ୍ଚାରଣ କରିବା ପରେ ହଠାତ୍ ସବୁ ଘଟଣା ମୋ ମନେପଡିଗଲା । ରମେଶ ହୁଏତ ସେଥିପାଇଁ ମତେ ଏଡେଇବାକୁ ଚାହୁଁଛି ।

ରମେଶ ଆମେରିକା ଆସିବା ପୂର୍ବରୁ ତା' ବାପା, ମା ତାକୁ ଗୋଟିଏ ଗାଉଁଲୀ ଝିଅ ସହିତ ବାହା କରେଇ ଦେଇଥିଲେ । ହେଲେ ସେମାନେ ସେ ଝିଅଟିକୁ ଆମେରିକା ଛାଡିଲେନି । ସେମାନେ ଭାବିଥିଲେ, ତାହେଲେ ରମେଶ ଆଉ ଆମେରିକାରେ ରହିଯିବନି, ଭାରତ ଫେରିଆସିବ । ରମେଶର ଗୋଟିଏ ଝିଅ ବି ଜନ୍ମ ହୋଇଥିଲା ।

ରମେଶ ପାଞ୍ଚ, ଛଅ ବର୍ଷ ଭାରତ ଫେରିନଥିଲା । ଶୁଣିବାକୁ ମିଳଥିଲା ଯେ ରମେଶ ଆମେରିକାରେ ଗୋଟିଏ ଗୋରୀ ଝିଅକୁ ପୁଣିଥରେ ବାହା ହୋଇଯାଇଛି ।

ତେଣୁ ମୁଁ ଉଠି ଠିଆ ହେଲି ଓ ଏ ଲୋକ ଗହଳ ଭିତରେ ମଧ୍ୟବୟସ୍କା ବିଦେଶୀ ମହିଳା କଏ ଅଛନ୍ତି ତାଙ୍କୁ ଖୋଜିବାରେ ଲାଗିଲି ।

ବେସମେଣ୍ଟରୁ ଜଣେ ମହିଳା ଉପରକୁ ଆସିଲେ ।"ଏଇ ହିଁ ରମେଶର ପତ୍ନୀ ।" ମୁଁ ମନେମନେ ଏମିତି ଭାବିନେଲି । ମୋ ପତ୍ନୀ ସେତେବେଳେ ଆଉ ଜଣଙ୍କ ସହିତ କଥା ହେଉଥିଲେ । ମୁଁ ତାଙ୍କୁ ଚମୁଟି ଦେବାରୁ ସିଏ ବୁଲି ଗୃହିଁଲେ । ପଗ୍ଭରିଲେ, "କଣ ହେଲା? "

"ଏଇ ଦେଖ, ରମେଶର ସ୍ତ୍ରୀ ।"

ମୋ ପତ୍ନୀ ବଡ ଉତ୍ସାହିତ ହୋଇ ସେ ଗୋରୀ ସ୍ତ୍ରୀ ଲୋକଙ୍କୁ ଗୃହିଁ ମନଭରି ଦେଖିଲେ । ମୋ ପାଖକୁ ଆସି ଚୁପ୍‌କରି କହିଲେ,"ମୁଁ ତ ଇଂଲିଶ ଠିକ୍‌ଭାବେ କହିପାରିବିନ । ତମେ ଟିକେ ତା' ସହିତ ଯାଇ କଥା ହେଉନ ।"

ମତେ ସଙ୍କୋଚ ଲାଗିଲା । କାଳେ ମୋ ଇଂଲିଶ ସିଏ ବୁଝିପାରିବନ । ସିଏ ହସିବ । ତେଣୁ ମୁଁ ଆଗ୍ରହ ଦେଖେଇଲିନ । କିଛି ସମୟ ପରେ ଦେଖିଲି ସେ ଗୋରୀ ସ୍ତ୍ରୀ ସହିତ ରମେଶ ବାହାରକୁ ଗଲା । ତାପରେ ଦୁହେଁ ଫେରିଲେ ଓ ପୁଣି ବେସମେଣ୍ଟକୁ ଗଲେ । ମୁଁ ଭାବିଥିଲି ରମେଶ ଅନ୍ତତଃ ତା ସ୍ତ୍ରୀ ସହିତ ତ ମୋତେ ପରିଚତ କରେଇଦେବ । ହେଲେ ସିଏ ସେମିତି କିଛି କଲାନ ।

ରମେଶ କଣ ମତେ ପରିଚତ କରେଇବାକୁ କୁଣ୍ଠା ବୋଧ କରୁଛି ? ମୁଁ ଜଣେ କରାଣୀ ଥିଲି। କରାଣୀ ହୋଇ ରିଟାୟାର୍ଡ କଲି । ଆଉ ସିଏ ଗୋଟିଏ ୟୁନଭର୍‌ସିଟିର ଡିନ୍ । କେତେକେତେ ଆୱାର୍ଡ ପାଉଛି, କେତେକେତେ ଯାଗାରେ ଆମନ୍ତ୍ରିତ ହୋଇ ଭାଷଣ ଦେବାକୁ ଯାଉଛି । ହୁଏତ ସେଥିପାଇଁ ।

ମତେ ନିଜକୁ ଅତି ନ୍ୟୁନ ଲାଗିଲା । ମୁଁ ମୋ ପୁଅ ପାଖକୁ ଯାଇ କହିଲି, "ଚାଲେ, ଆମେ ଘରକୁ ଫେରିଯିବା ?"

ପୁଅ କହିଲା, "ବାପା, ଏପର୍ଯ୍ୟନ୍ତ ତ ଡିନର୍ ଆରମ୍ଭ ହୋଇନି । ଡିନର୍ ସରିଲେ ଯିବା ।"

କଣ ଆଉ କରିବି ମୁଁ । ଲୋକମାନେ ସମସ୍ତେ ନିଜନିଜ ଭିତରେ ଗପୁଥିଲେ । ଏବେ ବି ନୂଆନୂଆ ଲୋକ ଆସୁଥିଲେ, ମତେ ନମସ୍କାର ଜଣାଉଥିଲେ, ତାପରେ ପୁଣି ତାଙ୍କ ସାଙ୍ଗସାଥୀ ମାନଙ୍କ ସହିତ ଗପରେ ମଜ୍ଜି ଯାଉଥିଲେ ।

ରମେଶ ଏକା ନୁହେଁ । ଏବେ ଅନେକ ଲୋକ ସେମିତି ସେମାନଙ୍କର ଉପକାର କରିଥିବା ଲୋକଙ୍କୁ ଆଭଏଡ୍ କରନ୍ତି । ମତେ ଏବେକାର ସ୍ୱାର୍ଥପର ମଣିଷମାନଙ୍କ ଉପରେ ବେଳେବେଳେ ଅଭିମାନ ହେଉଥିଲା । ଏଇ ଦେଖୁନ, ଗଣେଷଟା କଣ କଲା ? ଗଣେଷର ବାପା, ମା ପିଲାଟି ବେଳରୁ ମରିଯାଇଥିଲେ । ଦାଦା, ଖୁଡୀ ନିଜପାଖରେ ରଖି ଖୁଏଇଲେ, ପିଏଇଲେ, ପାଠ ପଢେଇଲେ । ଗଣେଷ ଓକିଲ ହେଲା । ହେଲେ ଦାଦା, ଖୁଡୀଙ୍କୁ ଆଉ ପଚାରିଲାନି । ଗତଥର ଯେତେବେଳେ ତାର ଦାଦା, ଖୁଡୀ ଦେଖା ହୋଇଥିଲେ, ସେମାନେ କେତେ ଦୁଃଖ ହୋଇ କହୁଥିଲେ, "ଝିଅ ବାହାଘର ପାଇଁ ଟଙ୍କା ୧୦ ଲକ୍ଷ ମାଗିଲି ଯେ, ମନା କରିଦେଲା ।"

ଏତେ ବର୍ଷ ହେଲାଣି ସିଏ ଓକିଲାତି କଲାଣି । କଟକରେ ଦୁଇଦୁଇଟା କୋଠା । ହେଲେ ଯେଉଁ ଦାଦା, ଖୁଡୀଙ୍କ ପାଇଁ ମଣିଷ ହେଲା, ତାଙ୍କୁ ଆଉ ପଚାରିଲାନି ।

ଆଉ ରମେଶକୁ ସିଏ କଣ ଟିକେ ସେତେବେଳେ ସାହାଯ୍ୟ କରିଥିଲେ, ସେକଥାକୁ ସିଏ ଏତେ ଗୁରୁତ୍ୱ ବି କେବେ ଦିଅନ୍ତିନି । କେବଳ ଖୁସିଲାଗେ ଯେ, ସେଇ ପିଲାଟି ଏବେ ଏତେବଡ ହୋଇଛି । ଦେଶବିଦେଶରେ ନାଁ କମେଇଛି । ହୁଏତ ସେ ଗୋରୀ ସ୍ତ୍ରୀଟି ଆଗରେ ସେମାନଙ୍କ ପରିଚୟ ଦେବାକୁ ତାକୁ ଖରାପ ଲାଗୁଛି ।

ବହୁତ ସମୟ ହେଲାଣି । ହେଲେ କାହିଁକି କେଜାଣି ଏମାନେ ଡିନର୍ ବାଢୁନାହାନ୍ତି ? ଆମ ବୋହୂଟି ଉପରେ ଛୋଟଛୁଆକୁ ଖୁଏଇବାକୁ ଯାଇ ସେଠି ଶୋଇପଡିଲାଣି କି କଣ । ତାକୁ ଦେଖୁନଥିଲି ମୁଁ ।

ହଠାତ୍ ସେ ଗୋରୀ ସ୍ତ୍ରୀ ଲୋକଟି ଆସି ସମସ୍ତଙ୍କୁ ତଳକୁ ଯିବାକୁ ଡାକଲା । ସମସ୍ତେ ତଳକୁ ଗଲେ । ମୁଁ ବି ଗଲି ।

ତଳେ ଗୋଟିଏ ପାର୍ଟିରୁମ୍ ଥିଲା । ସେଠି କେକ୍ ରଖାଯାଇଥିଲା । "ଆଜି କଣ କାହାର ଜନ୍ମଦିନ କି ?" - ମୁଁ ପତ୍ନୀଙ୍କୁ ପଚାରିଲି ।

"ହେଇଥିବ ।" - ପତ୍ନୀ କହିଲେ ।

ତାପରେ ତଳକୁ ଆସିଲେ ଆଉଜଣେ ମହିଳା । ସିଏ ବୋଧହୁଏ ଏବେ ପହଞ୍ଚିଲେ । କାରଣ ପୂର୍ବରୁ ତାଙ୍କୁ ଦେଖିନଥିଲି ମୁଁ ।

ସିଏ ଆସିବା ମାତ୍ରେ ସମସ୍ତେ "ହାପି ବାର୍ଥ ଡେ" କହି ତାଙ୍କୁ କେକ୍ କଟେଇଲେ ।

ରମେଶ ସେ ସ୍ତ୍ରୀ ଲୋକଟିକୁ କେକ୍ ଖୁଏଇଦେଲା । ସେ ସ୍ତ୍ରୀ ଲୋକଟି ମଧ ରମେଶକୁ କେକ୍ ଖୁଏଇଲା ଓ କହିଲା, 'ତମେ ଏମିତି ମୋ ପଛରେ ଏତେକାମ କରୁଥିଲ ମତେ ସରପ୍ରାଇଜ୍ ଦେବାକୁ । ମାନଗଲି ତମକୁ ।"

ରମେଶ ଏବେ ପୁଲକତ ଦିଶୁଥିଲା । ସିଏ ସେ ସ୍ତ୍ରୀ ଲୋକକୁ କହିଲା, "ଆଉରି ଗୋଟିଏ ସରପ୍ରାଇଜ୍ ଅଛି ତମ ପାଇଁ ।"

ସେ ସ୍ତ୍ରୀ ଲୋକଟି ସହିତ ଅନ୍ୟ ସମସ୍ତେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, "ଆଉରି ଗୋଟିଏ ସରପ୍ରାଇଜ୍, ସେଇଟା ପୁଣି କଣ ?"

ରମେଶ କହିଲା, "ଦେବୁ କକେଇ ।"

ସମସ୍ତେ ପୁଣି ସେମିତି ଆଶ୍ଚର୍ଯ୍ୟ ହୋଇ ପଚାରିଲେ "ଦେବୁ କକେଇ ? ତା ଅର୍ଥ କଣ ?"

ରମେଶ ଏତିକ ବେଳେ ମୋ ପାଖକୁ ଆସିଲା ଓ ମୋତେ ଓ ମୋ ପତ୍ନୀଙ୍କୁ ନେଇ ସମସ୍ତଙ୍କ ସାମନାରେ ଠିଆ କରେଇଲା । ତାପରେ କହିଲା, "ଇଏ ହେଲେ ସେଇ ଦେବୁ କକେଇ, ଯାହାଙ୍କ କଥା ମୁଁ ପ୍ରାୟ ସମସ୍ତଙ୍କୁ ଶୁଣେଇଥିବି ।"

ସମସ୍ତେ ପୁଣି ପଚାରିଲେ, "ଆରେ ଇଏ ତ ଦୀପଙ୍କରର ମା, ବାପା । ତମ ଦେବୁ କକେଇ ପୁଣି କେମିତି ହେଲେ ?"

ରମେଶ କହିଲା, "ହଁ, ଇଏ ସେଇ ଦେବୁ କକେଇ ଯାହାଙ୍କ ପାଇଁ ମୁଁ ଆଜି ଜଣେ ସଫଳ ମଣିଷ ହୋଇପାରିଛି । ଆଉ ଇଏ ହେଲେ ସେଇ କାକୀ, ଯିଏ ମୋତେ ଜ୍ୱର ହୋଇଥିବା ସମୟରେ ଗୋଟିଏ ସପ୍ତାହ କାଳ ମା' ଭଳି ସେବାକରି ମୋ ପ୍ରାଣ ବଞ୍ଚେଇଥିଲେ ।"

ସେ ଗୋରୀ ସ୍ତ୍ରୀ ଲୋକଟି ପାଖକୁ ଆସି କହିଲା, "ନମସ୍ତେ ।" ତାପରେ ଇଂରାଜୀରେ କହିଲା, "ସୋ ହାପି ଟୁ ମିଟ୍ ୟୁ ।"

ମୁଁ ଓ ମୋ ପତ୍ନୀ ଦୁହେଁ ତାକୁ କହିଲୁ, "ସୋ ନାଇସ୍ ଟୁ ମିଟ୍ ୟୁ । ରମେଶ ଇଜ୍ ଭେରି ନାଇସ୍ । ଉଇ ଉଇସ୍ ୟୁ ଏ ଭେରି ଗୁଡ୍ ଲାଇଫ୍ ଟୁଗେଦର୍ ।"

ସେ ଗୋରୀ ସ୍ତ୍ରୀ ଲୋକଟି କହିଲା, "ରମେଶ ଆଣ୍ଡ୍ ମି, ନୋ ନୋ, ରମେଶ ଆଣ୍ଡ୍ ସରିତା, ୟେସ୍ ରମେଶ ଆଣ୍ଡ୍ ସରିତା ।"

ଏହି ସମୟରେ ସରିତା ଆସି ଆମକୁ ପ୍ରଣାମ କଲେ ଓ କହିଲେ, "ସତରେ ଆଜି ମୋର ବଡ ଭାଗ୍ୟ ଯେ ମୋ ଜନ୍ମଦିନରେ ଆପଣ ଦୁଇଜଣଙ୍କ ସହିତ ଦେଖାହେଲା । ମୁଁ ଆପଣମାନଙ୍କ ବିଷୟରେ କେତେ ଶୁଣିଛି, ହେଲେ ଦେଖା ହୋଇନଥିଲା ।"

ମୁଁ କହିଲି, "ହଁ, ମୋର ତ ଖାଲି ବଦଳ ହେଉଥିଲା । ସ୍ଥିର ହୋଇ କୋଉଠି ରହିଥିଲେ ସିନା କାହା ସହିତ ଯୋଜନା କରି ଦେଖା ହୋଇପାରିବ । ହେଲେ ସେତେବେଳେ ଆମେ ଶୁଣିଥିଲୁ ରମେଶ ଆମେରିକା ଆସିବା ପୂର୍ବରୁ ତାର ବାହାଘର ହୋଇଥିଲା ।"

"ହଁ, ସେକଥା ସତ । ସିଏ ତ ପାଞ୍ଚବର୍ଷ କାଳ ଓଡିଶା ଯାଇପାରିନଥିଲେ । ମୁଁ ସେତେବେଳେ ମୋ ବଡଝିଅକୁ ନେଇ ଶାଶୁଘରେ ରହୁଥିଲି । ପି,ଏଚ୍,ଡି, ସାରି ଚାକିରି କଲାପରେ ସିଏ ଆମମାନଙ୍କୁ ପାଖକୁ ଆଣିଥିଲେ ।" - ସରିତା କହିଲା ।

ମୋ ପାଟିକୁ ଆସିଯାଉଥିଲା ପଚାରିବାକୁ ରମେଶର ଅନ୍ୟ ଗୋଟିଏ ଗୋରୀ ସ୍ତ୍ରୀକୁ ବାହାହେବାର କଥା । ହେଲେ ମୋ ପତ୍ନୀ ମତେ ଚମୁଟିଦେଇ ସେ ପ୍ରଶ୍ନ ପଚାରିବାରୁ କ୍ଷାନ୍ତ କଲେ । ମୁଁ ପ୍ରକୃତିସ୍ଥ ହେଲି ।

ସରିତା ପୁଣି ସେ ଗୋରୀ ସ୍ତ୍ରୀ ଲୋକଟିକୁ ନେଇ ଆମ ପାଖକୁ ଆସିଲେ । କହିଲେ, "ୟାଙ୍କୁ ଭେଟନ୍ତୁ । ଇଏ ଆମ ସମୁଦୁଣୀ ମାର୍ଗାରେଟ୍ । ଆମ ବଡଝିଅର ଶାଶୁ ।"

ତାପରେ ଆମେ ଦୁଇଜଣ ରମେଶ ଓ ସରିତାଙ୍କ ସହିତ ଅନେକ ସମୟ ଗପିଲୁ । ଗପୁଗପୁ ଦୁଇଘଣ୍ଟା କେତେବେଳେ ବିତିଗଲା, ଜଣା ପଡିଲାନ ।

ପୁଅ ଆସି ପଚାରିଲା, "ବାପା, ତମେ ଆଉ ଆମ ଆପାର୍ଟମେଣ୍ଟକୁ ଫେରିବନ ବୋଧହୁଏ । ରମେଶ ଅଙ୍କଲଙ୍କ ସହିତ ଏତେ ଗପରେ ମଜ୍ଜିଯାଇଛ ।"

ମୁଁ ବହୁତ ଖୁସିଥିଲି । ରମେଶ ଓ ସରିତା ଆମ ଦୁଇଜଣଙ୍କୁ ତାଙ୍କ ଘରକୁ ଆସନ୍ତା ଶନିବାର ଦିନ ଆସିବାକୁ ନିମନ୍ତ୍ରଣ କଲେ । ପୁଅକୁ କହିଲେ, "ତୋର ତ ନୂଆ ପିଲାଟିଏ ହୋଇଛି । କକେଇ ଓ କାକୀଙ୍କୁ ଆମେମାନେ ସବୁଆଡେ ବୁଲାବୁଲି କରେଇଦେବୁ ।"

ଫେରିବା ବାଟରେ ପୁଅ ବତାଉଥିଲା, "ଜାଣିଛ ବାପା, ସରିତା ଆଣ୍ଟିଙ୍କ ଚମତ୍କାର କାହାଣୀ । ସିଏ ପିଲା ଦୁଇଙ୍କର ମା' ହୋଇସାରିବା ପରେ କଲେଜ ଯାଇ ପାଠପଢି ଏବେ କଲେଜରେ ପ୍ରଫେସର୍ ଅଛନ୍ତି ।"

"ସତରେ ?" - ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି ।

ବୋହୂ କହିଲା, "ହଁ ବାପା' ।ରମେଶ ଅଙ୍କଲ୍ କେବଳ ଜଣେ ଜ୍ଞାନୀ ବୈଜ୍ଞାନିକ ନୁହଁନ୍ତି, ଭଲ ମଣିଷ ମଧ୍ୟ । ସିଏ ୨୦ରୁ ଅଧିକ ପିଲାଙ୍କୁ ପି.ଏଚ୍.ଡି. ପାଇଁ ତାଲିମ୍ ଦେଇଛନ୍ତି,

୩୦ରୁ ଅଧିକ ପିଲାଙ୍କୁ ମାଷ୍ଟର୍ସ୍ ଡିଗ୍ରୀ ପାଇବା ପାଇଁ ତାଲିମ୍ ଦେଇଛନ୍ତି ଓ ଅନ୍ୟ କେତେ ଅଣ୍ଡର ଗ୍ରାଜୁଏଟ୍‌ଙ୍କୁ ତାଲିମ୍ ଦେଇଛନ୍ତି । ଆଜି ତମ ସହିତ ସେମାନଙ୍କର ଏ ସଂପର୍କ ଜାଣିବା ପରେ ଆମକୁ ବହୁତ ଖୁସି ଲାଗୁଛି । ତମେ ବହୁତ ବଡ କାମ କରିଛ ।"

ମୁଁ ମନେମନେ ଭାବୁଥିଲି "ସତରେ ତ, ସାର୍ ଯଦି ରମେଶକୁ ଧରି ମୋ ପାଖକୁ ଆସିନଥାନ୍ତେ, ରମେଶର ଏ ପ୍ରତିଭା ବଣଫୁଲ ଭଳ ବଣରେ ଝଡିଯାଇଥାନ୍ତା । ଗାଁ କଲେଜରେ ପଢିଥିଲେ ତା ପ୍ରତିଭା କଣ ଏମିତି ବିକଶିତ ହୋଇପାରିଥାନ୍ତା ଆଜି ଆଉ ନଜେ ମହକ ଅନ୍ୟର ଜୀବନରେ ମହକ ଭରିବାକୁ ସକ୍ଷମ ହୋଇନଥାନ୍ତା। କେତେକେତେ ଛାତ୍ରଛାତ୍ରୀଙ୍କୁ ତାଲିମ୍ ଦେଇଛି ସିଏ ? ଏ ସବୁ କଣ ସମ୍ଭବ ହୋଇଥାନ୍ତା ? ଏମିତି କେତେ ବଣଫୁଲ ବଣରେ ହିଁ ଫୁଟି ଝଡିଯାଉଛନ୍ତି । ତାଙ୍କର ଖବର ରଖୁଛି କଏ ?"

ରଦରେ୍‌ଫାର୍ଡ ୱେ, ଡେଟନ୍, ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ନାରୀ ହୋଇଯିବେ ଲୁପ୍ତ



କେ. ନିର୍ମଳ

ସ୍ୱାଧୀନ ଦେଶରେ ପରାଧୀନ ଆମେ
ଜୀବନର ସଙ୍ଗ୍ରାମରେ,
ଦୁରାଗ୍ରହି ଏଠି ପ୍ରବଳୁ ପ୍ରବଳ
ରାକ୍ଷସର ରୂପ ଧରେ ।

ଖିନ୍ ଭିନ୍ କରି ରକତ ଶୋଷନ୍ତି
ମେଣ୍ଟାଇ ଆଦିମ ଶୋଷ,
ତଥାପି ମେଣ୍ଟିନ ରାକ୍ଷସୀ ପିପାସା
ରହିଛି ତା ଅବଶୋଷ ।

ନାରୀ ଜନ୍ମ ସତେ ପାପ ତ ଏଇଠି
ମରତ ନରକ ଆଜି ।
କେଉଁ ଅପରାଧେ ଦଣ୍ଡ ଦିଏ ପ୍ରଭୁ
ମଣିଷ ରାକ୍ଷସ ସାଜି ।

ସଂସାରଟା ଆଜି ଲାଗୁଛି ଯେମିତି
ନାରୀଜାତି ହେବ ଲୋପ,
ଭଗିନୀ ଜନନୀ ଜାୟା ନ ରହିଲେ
ସଂସାର ହେବ ବିଲୋପ ।

ଭଦ୍ରକ, ବାସୁଦେବପୁର ( ଜଗନ୍ନାଥ)

# ଏଇତ ଜୀବନ



ଅରୁଣ କୁମାର ମହାନ୍ତି

କେବେ ଆସେ ସୁଖ        କେବେ ପୁଣି ଦୁଃଖ
କେବେ ଅସହ୍ୟ ଯନ୍ତ୍ରଣା
ଜୀବନର ଖେଳ        ଦୁଇ ଦିନ ବନ୍ଧୁ
ବିଧାତା ଗୁପ୍ତ ମନ୍ତ୍ରଣା.....! ୧।

ଅସାର ନୁହଇଁ        ମାୟାର ସଂସାର
ବନ୍ଧା କପଟ ଛଳନା
ଭରଷା ବିଶ୍ୱାସ        ଭାଙ୍ଗେ ନତି ଏଠି
ସତେକ ମାଟି ଖେଳନା.....! ୨।

ଜୀବନର ଅଙ୍କ        ନୁହଁଇ ସହଜ
କଷ୍ଟୁଥା ଧନ ମନରେ
ସଫଳତା ତୋତେ        ମିଳବ ନଷ୍ଚୟ
ଥିଲେ ସୁ ବୁଦ୍ଧି ଚତ୍ତରେ.......! ୩।

ସ୍ନେହ ଶ୍ରଦ୍ଧା ପ୍ରେମ        ମିଶାଇଲେ ଜାଣ
ଜୀବନ ହେବ ସାର୍ଥକ
କ୍ରୋଧ ହିଂସା ଛଳ        ଫେଡି ନ ପାରିଲେ
ହୋଇବ ନଷ୍ଟେ ଘାତକ......! ୪।

ଜୀବନରେ କଏ ପୁଣ୍ୟ କାମ କରି
ରଖିଯାଏ ନିଜ ନାମ
କଏ ପୁଣି ଏଠି ମରଣ ଶଯ୍ୟାରେ
ଭୋଗୁଥାଏ କଲା କର୍ମ........।୫।

କାଳ ନ ବୁଝଇ ବାଳୁତ ଯୁବକ
ହୋଇଯା ତୁ ସାବଧାନ
କେହି ରହି ନେବ ଭବ ଭୂମି ତଳେ
କାହିଁ କରୁ ଅଭିମାନ.....।୬।

ଇଷାଣପୁର, ଯାଜପୁର

ବେଦାନ୍ତୀର ଆଗାମୀ ସଂଖ୍ୟା ମାର୍ଚ୍ଚ ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ଫେବୃୟାରୀ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com / editor.vedantimagazine@gmail.com

ହ୍ୱାଟସଆପ୍ ନଂ- 9594993733

# ସ୍ମୃତି



ସୋନାଲି ସ୍ୱାଇଁ

"ସ୍ମୃତି" ଶବ୍ଦଟିଏ ନୁହେଁ ତ,

ମୋ ପାଇଁ ଭୟାବହ ପଦଟିଏ

ଲେଖକ କୁହେ କବିତା ଲେଖିବି

ଭାବୁକ କୁହେ ଚିନ୍ତାକରିବି,

ପାଗଳପ୍ରେମୀ ସବୁ କୁହନ୍ତି

ଢେର ସାଦ୍ ଗପିବି ।

ସମୟର ଅବସାଦ, ଦିନର କ୍ଲାନ୍ତି

ଶେଷ ହୋଇ ମାଡିଆସେ ସ୍ମୃତି

କାହାକୁ କଦ ସ୍ପୃହା ଦେଖାଏ ତ,

କାହାକୁ ଦିଏ ସ୍ମୃତିସାଦ୍ ଲୁହ....

ଏ ସ୍ମୃତିଟା ନା ସତେ,

ମୋ ପାଇଁ ଭାରି ଭୟାବହ,

କେବେ ବି ଶୁଆଇ ଦିଏନ

ନା ତୁମକୁ, ନା ମୋତେ....

ଖାଲି ତୁମକୁ ପାଗଳ କରେନ

ମତେ ଢେର ସାର୍ ଓଦା କରେ

ବର୍ଷାରେ ନୁହେଁ ମ ଲୁହରେ

ତକିଆଟା ପୁର୍ ଓଦା ହୋଇଯାଏ ।

କିଏ ରାତିକ ଖୋଜିବସେ

କିଏ ରୁହେ ଅପେକ୍ଷାରେ

ଆଉ ମୁଁ କହେ,

କାଲି ରାତି ନ ହୋଇ

ଏକାଥରେ ହୁଅନ୍ତା କି ସକାଳ.....

+୩ ଦ୍ୱିତୀୟ ବର୍ଷ
ବାରିଲୋ, ବୋରିକିନା
ଜିଲ୍ଲା- ଜଗତସିଂହପୁର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ଭାରତ ବନ୍ଦ



ସୁଧାଂଶୁ ଶେଖର ଦ୍ୱିବେଦୀ

ଆମ୍ବୁଲାନସ୍ ଆସିବା ପାଇଁ ଅନେକଥର ଫୋନ୍ କଲ୍ କଲାପରେ ଜୀବନ ଭାଇ ବ୍ୟସ୍ତ ବିବ୍ରତ ହୋଇପଡିଲେ । ଦୁଇଘଣ୍ଟା ହେବ ଭାଉଜ ଯନ୍ତ୍ରଣା ପାଉଛନ୍ତି । ଧାଇ ଓ ଘରୋଇ ଡାକ୍ତର ଅନେକ ପ୍ରୟାସ କଲେଣି, ହେଲେ କିଛି ସମାଧାନ ହୋଇ ପାରୁନ ।

ଶେଷରେ ଜୀବନ ଭାଇ ହରିସାହୁଙ୍କୁ ଫୋନ୍ କରି ତାହାରି ଗାଡିରେ ଭାଉଜଙ୍କୁ ହସପିଟାଲ୍ ନେଲେ । ସହରର ଉପକଣ୍ଠରେ ପହଞ୍ଚିବାମାତ୍ରେ ହଠାତ୍ ଦଳେ ମାର୍କାମରା ନେତା ଗାଡି ଅଟକେଇ ଦେଲେ । କାକୁତୀ ମିନତୀ କଲେ ମଧ ଗାଡି ଆଉ ଆଗକୁ ଗଡିଲାନ । ଅଥଚ ପିଲା ପ୍ରସବର ଯନ୍ତ୍ରଣାକୁ ସହି ନପାରି ବିଗ୍ଭରି ଭାଉଜ ଛଟପଟ ହୋଇ ଟଳପଡିଲେ ସେଇ ଗାଡି ଭିତରେ ।

କାରଣ ଆଜି ଭାରତ ବନ୍ଦ!

ପେସେଞ୍ଜର ଭର୍ତ୍ତି ବସ୍ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାପାଇଁ ସହର ରାସ୍ତାରେ ଆଗଉଥାଏ । ଦଳେ ଝଣ୍ଡାଧାରି ନେତା ସମ୍ମୁଖରେ ଠିଆହୋଇ ବସ୍ କୁ ଅଟକାଇ ଦେଲେ । ଡ୍ରାଇଭର କଲର ଧରି ଟାଣି ଆଣିଲେ ରୋଡ୍ ଉପରକୁ । ଭାରତ ବନ୍ଦ ଦିନରେ ଗାଡି ଚଳେଇବା ଅପରାଧ ବୋଲି କହି ମାଡ ମାରି ବେହାଲ କରିଦେଲେ ତାକୁ । ଝଣ୍ଡା ଓହଳଥିବା ଠେଙ୍ଗା ଦ୍ୱାରା ବସକୁ ବାଡେଇ ଭାଙ୍ଗିଦେଲେ । ଜୀବନ ଭୟରେ ପାସେଞ୍ଜରମାନେ

ବସରୁ ଓହ୍ଲେଇ ନିରାପଦ ସ୍ଥାନକୁ ଧାଇଁଲେ । ପୁଣି ବସରେ ପେଟ୍ରୋଲ ଢଳାହେଲା । ନିଆଁ ଲଗାଗଲା । ହୁ- ହୁ ହୋଇ ଜଳି ଉଠିଲା ଶୂନ୍ୟ ବସଟି ।

କାରଣ ଆଜି ଭାରତ ବନ୍ଦ !

ଅଭାବ ଦାସମାନେ ମୁଣ୍ଡରେ ଠେକା, ଅଣ୍ଟାରେ ଗାମୁଛା ବାନ୍ଧି ଦାଦନ କାମ କରିବାକୁ ସହର ରାସ୍ତାରେ ଆଗଉଥାନ୍ତି । ହେଲେ ଆନ୍ଦୋଳନକାରୀଙ୍କ କବଳରୁ ବର୍ତ୍ତିପାରିଲେନି । ଆଜିଭଳି ଦିନରେ ସହର ରାସ୍ତାରେ ଯାଉଥିବାରୁ ଟହ ଟହ ଖରାରେ ତାଙ୍କୁ ଆଣ୍ଠେଇବାକୁ ହେଲା ।

କାରଣ ଆଜି ଭାରତ ବନ୍ଦ ।

କେତେ କେତେ ଗାଡି- ମଟର, ଦୋକାନ- ବାଜାର- ମଲ୍ ଭଙ୍ଗାରୁଜାର ତୁମ୍ବିତୋଫାନ୍ ଘଟେ ଏଇ ଭାରତ ବନ୍ଦରେ । ଦଳୀୟ, ନିର୍ଦ୍ଦଳୀୟ, ସର୍ବଦଳୀୟଙ୍କ ମଧ୍ୟରେ ରାଜନୀତୀ ସଂଘର୍ଷ ଚାଲେ । ସେଇ ସଂଘର୍ଷ ଭିତରେ କେତେ କେତେ ଜୀବନ ନିର୍ବାପିତ ହୁଏ ତାର ହିସାବ କେହି ରଖେନି । ହିସାବ ନାହିଁ ମଣିଷ କେବଳ ନିଜର ଅଧିକାର ଜାହିର କରିବାପାଇଁ କେତେକଣ ନ ଘଟାଏ? କେତେକଣ ନୀତି ନକରେ? ତଥାପି ଦାବି ହାସଲ ପାଇଁ ଆନ୍ଦୋଳନ ହୁଏ । ଚକ ବନ୍ଦ, ଅଖ ବନ୍ଦ, ଭାରତ ବି ବନ୍ଦ ହୁଏ ।

ଯୋଗ ଫର ଲାଇଫ, ସେକ୍ଟର- ୧, ସଲ୍ଟ ଲେକ୍, କୋଲକତା

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ମରୁଡି ପରିସ୍ଥିତି ରେ ଗୃଷୀ ର ଦୁଃଖ



ଡମ୍ବୁରୁଧର ବାଗ

ପହିଲି ବର୍ଷାରେ କ୍ଷେତ ହସୁଥିଲା
ଚଷା ଗାଉଥିଲା ଗୀତ ।
ବରଷା ଛାଡିଲା କ୍ଷେତ ଶୁଖିଗଲା
ଚଷା ମୁଣ୍ଡେ ଦେଲା ହାତ ।
ସୁଖିଗଲା ନଈ ସୁଖିଗଲା କ୍ଷେତ
ଶୁଖିଗଲା ବିଲ ଭୂଇଁ ।
କେମିତି ବଞ୍ଚିବେ ପିଲାଛୁଆ ମୋର
ଗୃଷୀ କାନ୍ଦେ କଇଁ କଇଁ ।
ମରୁଡି ତ ହେବ ଜାଣି ଗଲା ଗୃଷୀ
ପାରୁ ନାହିଁ ସିଏ ହସି ।
କରିଥିବା ଋଣ କେମିତି ଶୁଝିବ
କହେ ଧର୍ମ ପତ୍ନୀ ପାଖେ ବସି ।
ଯାହା ଥିଲା ଘରେ ଜମିରେ ବୁଣିଲା
ଆଉ କଛି ନାହିଁ ପାଖେ ।
କଛି ପାଇବେନ ପିଲାଛୁଆ ଆମ
ମରିଯିବେ ସିଏ ଭୋକେ ।
ଅଭାବରେ ମୋର ପରିବାର ପୋଷେ
କଷ୍ଟ ସହି ସହି କେତେ ।
କରି ପାରିଲିନ କୃଷି ବୀମା ବୋଲି
ଦୁଃଖରେ ବଞ୍ଚିବି ସତେ ।

ସୁନାର ଫସଲ ଫଳଥିଲ୍ କ୍ଷେତେ
ହସୁଥିଲ୍ ଘର ମୋର ।
ଉଭେଇ ଗଲ୍‌ରୁ ବରଷା ଗ୍ରାଣୀଯେ
ବଢିଗଲ୍ କାଳ ମୋର ।
ଡାକୁଛି ତତେଲୋ ଆସି କ ଥରେ
ବରଷି ଯାଆ ମୋ କ୍ଷେତେ ।
ଆହାର ମୁଠିଏ ଯୋଗାଇ ଦେବିଲୋ
ଅଛନ୍ତି ଜଗତେ ଯେତେ।
ତୋର ଭରଷାରେ ବଞ୍ଚିଛି ଦୁନଆ
ବଞ୍ଚିଛି ପିଲ୍ କୁଟୁମ୍ବ ।
ହତାଶ ନ କରି ବଞ୍ଚେଇ ଦେ ଲୋ
ଧରେ ମୁଁ ଚରଣ ତବ।

ଚପ୍ରିଆ, ଗୋଲ୍‌ମୁଣ୍ଡା, କଳାହାଣ୍ଡି

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ନାରୀ ଅଟେ ପୂଜନୀୟା



ହରେରାମ ପଣ୍ଡା

ନାରୀ ଅଟେ ଜାୟା, ନାରୀ ତ ଜନନୀ
ସିଏ ତ ଅଟେ ଭଗିନୀ,
କେତେବେଳେ ସୀତା, କେବେ ବା ସାବିତ୍ରୀ
କେବେ ପୁଣି ଯାଜ୍ଞସେନୀ ।
କେତେବେଳେ ତା'ର ସେନେହ ପରଶେ
ସଂସାର ସରଗ ହୁଏ,
କେତେବେଳେ ତା'ର ଆଖିର ନିଆଁରେ
ଲଙ୍କାପୁରୀ ଧ୍ୱଂସ ହୁଏ ।
ଯୁଗେଯୁଗେ ନାରୀ ଜଗତ ବନ୍ଦିତା
ନାରୀ ଅଟେ ପୂଜନୀୟା,
ମନ୍ଦାକିନୀ ଧାର୍ ପ୍ରେମ ତ ତାହାର
ପ୍ରୀତି ନୁହେଁ ପରକୀୟା ।
ଯେଉଁ ନାରୀ ଭୁଲି ଲକ୍ଷ୍ମଣର ରେଖା
କରେ ପରକୀୟା ପ୍ରୀତି,
ସମାଜ କଳଙ୍କ କେହି ବି ପୁରୁଷ
ଦେଇଥାଏ ତା'ର ସାଥୀ ।
ସ୍ୱାଧିନତା ନାମେ ସ୍ୱେଚ୍ଛାଗ୍ଭରିତା ଏ
ଅଟଇ ଅପ-ସଂସ୍କୃତି,
କେହି ବି ଗ୍ଭହିଁଲେ ବି ବଦଳିବ ନାହିଁ
ଏହି ଭାରତର ନୀତି ।

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ,
ମଧୁପୁର ନୋଡାଲ ଉଚ୍ଚ ବିଦ୍ୟାଳୟ
କୁଆଁସ, ମେର୍ଦ୍ଧା କାଟିଆ ଛକ, ଯାଜପୁର

# ଆଖିରୁ ମୋ ଲୁହ ଝରେ



ଧିରେନ୍ଦ୍ର ମଲ୍ଲିକ

ରତ୍ନ ସିଂହାସନେ ବସିଛୁରେ ଧନ

ଭାଇ ଭଉଣୀଙ୍କ ସାଥେ,

ତୁ କବା ବୁଝିବୁ ମୋ ମନର କଥା

କେମିତି ମୋ ଦିନ ବିତେ,

ପାଉଛି ମୁଁ କେତେ ଦୁଃଖ ଓ ଯନ୍ତ୍ରଣା

ପଡି ଝାଟି ମାଟି ଘରେ,

ସହିପାରୁନାହିଁ ଏତେ କଷ୍ଟ ଆଉ

ଆଖିରୁ ମୋ ଲୁହ ଝରେ,

ଦୁଇପୁଅ ମୋର କରିଦେଲେ ପର

ଛାଡି ଗଲେ ଏକାକରି,

ବାହାସାହା ହେଇ ବାହାରେ ରହିଲେ

ସ୍ତ୍ରୀ ପିଲାଛୁଆ ଧରି,

ଭାବିଲେନ ଜମା ବୁଢା ବାପ କଥା

କେମିତି ଥିବ ସେ ରହି,

ମଲାକ ବଞ୍ଚିଲା ରୋଗଗ୍ରସ୍ତ ଥିଲା

ଦେଖିଆସୁ ଟିକେ ଯାଇ,

ଭାରି ଖୁସି ଥିଲି ଦୁଇପୁଅ ମୋର

ବୁଢା କାଳେ ସାହା ହେବେ,

ପିଣ୍ଡରୁ ପରାଣ ଛାଡି ଗଲାବେଳେ

ମୋ ପାଟିରେ ପାଣି ଦେବେ,

ସବୁ ଆଶା ମୋର ଅଧା ରହିଗଲା

ପୁରଣ ହୋଇଲା ନାହିଁ,

ଶେଷ ସମୟରେ ତୁ ଏକା ସାହାରା

ପ୍ରଭୁ ନୀଳଗିରି ସାଇଁ ।

ନଳକଣ୍ଠପୁର, ମଙ୍ଗଳପୁର, ଯାଜପୁର

ଚଳିତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ନୋଳଆ ଗାଁ ଓ ନୀଳ ସମୁଦ୍ର

ପ୍ରିୟବ୍ରତ ପାଢ଼ୀ

ଗାବ୍ରିଏଲ୍ ମାର୍କ୍ୱେଜ୍ ବା ଶାନ୍ତନୁ ଆଚାର୍ଯ୍ୟଙ୍କ କୁହୁକ ବାସ୍ତବତାକୁ ଯଦି ଅନୁଭବ କରିବାକୁ ଚାହାଁନ୍ତି, ତେବେ ଓଡିଶାର ଏମିତି ଏକ ଜାଗାକୁ ଯିବାକୁ ପଡିବ, ଯେଉଁଠି ଅନ୍ତତଃ ଶହେବର୍ଷ ତଳ ଓଡିଶାର ଛାପ ବହନ କରୁଥିବା ଜନବସତିଟିଏ ଥିବ । ପାଖରେ ଥିବ ଏକ ଝାଉଁବଣ, ଝାଉଁବଣ ସେକଡେ ଆଦିମ କ୍ଷୁଧାରେ ଘୋ ଘୋ ଗର୍ଜୁଥିବା ସମୁଦ୍ର ଗାଉଁଲି ବସ୍ତିର ଲୋକେ ନିଜ ନିଜ ସୁଖଦୁଃଖରେ ତିନ୍ତୁଥିବେ, ବଦଳି ଯାଇଥିବା ସମୟର କୌଣସି ପ୍ରଭାବ ସତେକି ସେମାନଙ୍କ ପାଖରେ ପହଞ୍ଚି ପାରୁନଥିବ । ସମୁଦ୍ର କଡରେ ଧୂଧୂ ମରୁବାଲି, ଲହଡି ଭଙ୍ଗାର ଅନ୍ତହୀନ କଲ୍ଲୋଳ, ଝାଉଁବଣର ସନ୍ ସନ୍ ଶବ୍ଦ, ତା ସାଙ୍ଗକୁ ମାଛ ଶୁଖୁଆ, କରେ୍ାସିନ ଡିବିରି, ମଳଛିଆ ସନ୍ତରପଟି, ଲଙ୍ଗଳା ପିଲା, ବଡବଡ ବାଉଁଶ ଅଗର ଉଡୁଥିବା ଲାଲ୍ ପତାକା... ଏସବୁ ଦୃଶ୍ୟ ଏକ ଶତାବ୍ଦୀ ବ୍ୟାପୀ ଗଭୀର ନୀରବତାକୁ କେତେ ସହଜରେ ରୂପାୟିତ କରିଥାଏ ସତରେ । ଏମିତି ଏକ କୁହୁକ- ବାସ୍ତବତାମୟ ପରିବେଶରେ ସେକ ହେଉଥିବା ଏକ ନୋଳଆ ଗାଁ ହେଉଛି ପାତିସୁନାପୁର ।

କଲମ୍ବିଆର ଔପନ୍ୟାସିକ ସ୍ୱର୍ଗତ ମାର୍କ୍ୱେଜ୍, ଦୀର୍ଘଦିନ ଧରି ସ୍ମୃତିହୀନତା ବା ଡିମେନସିଆ ଦ୍ୱାରା ଥିଲେ ଆକ୍ରାନ୍ତ । ମୁଁ ଭାବେ ଓଡିଶାର ଏହି ଅଖ୍ୟାତ ଧୀବର ପଲ୍ଲୀ "ପାତିସୁନାପୁର"ରେ ସେ ଯଦି ଗୋଟିଏ ପକ୍ଷ ରହିଥାଆନ୍ତେ, ତାଙ୍କ ସ୍ମୃତିଶକ୍ତି ପାଉଁଶ ତଳର ନିଆଁ ପରି ପୁଣି ସକ୍ରିୟ ହୋଇପାରିଥାନ୍ତା । ସ୍ମୃତି ହିଁ ତାଙ୍କର ସମ୍ପଦ, ତାଙ୍କର ପ୍ରେରଣା । ଧୀବର ପଲ୍ଲୀର ଗ୍ରାମୀଣ ଛୁଆଁରେ, ଲୁଣି ପବନର ହାଓ୍ୱାରେ ତାହା ପୁଣୀ ନିଶ୍ଚେ ଜାଗି ଉଠିଥାଆନ୍ତା ।

ବ୍ରହ୍ମପୁରଠାରୁ ସୁନପୁର ଗାଁ ୨୫ କ.ମି. । ସୁନପୁର କଡରେ ବହିଯାଇଛି ବାହୁଦା ନଈ । ବାହୁଦା ନଈ ଡଙ୍ଗାରେ ପାରହେଲେ, ଡାହାଣ ଦିଗକୁ ୩ କ.ମି. ଦୂର ଗସ୍ତାଟି ଯାଏ ପାତିସୁନାପୁର । ଘଞ୍ଚ ଝାଉଁବଣ ପାର ହୋଇ ସିଧା ଆଗକୁ ଗଲେ ଅଧା କ.ମି. ପରେ ପଡେ ସୁନପୁର ଗାଁ ର ବେଳାଭୂମି । ସୁନପୁର ବେଳାଭୂମିରୁ ସମୁଦ୍ର କଡରେ ଗ୍ଭଲିଗ୍ଭଲି ଗଲେ ତିନ କ.ମି. ଦୂରରେ ପଡେ ପାତିସୁନାପୁର ଗାଁର ବେଳାଭୂମି । ପାତିସୁନାପୁର ଗାଁ କଡରେ ରହିଛି ପାତିସୁନାପୁର ବେଳାଭୂମି । ଗୋଟିଏ ବେଳାଭୂମି ଘଞ୍ଚ ଝାଉଁବଣରେ ପୂର୍ଣ୍ଣ, ଅନ୍ୟଟି ନୋଳଆମାନଙ୍କ ଆତଯାତରେ, କାରବାରରେ ମୁଖର । ଗୋଟିକରୁ ବାହାରି ଅନ୍ୟଟି ପର୍ଯ୍ୟନ୍ତ ଗ୍ଭଲିଗ୍ଭଲି ଗଲାବେଳେ କୌଣସି ଏକ ନିର୍ଜନ ଦ୍ୱୀପରେ ପଦଗ୍ଭରଣା କଲାପରି ଲାଗିଥାଏ ।

ବାହୁଦା ନଈ ସୀମାରେଖାଟିଏ ପରି ସୁନପୁର ଓ ପାତିସୁନାପୁରକୁ ପରସ୍ପରଠୁ ଅଲଗା କରି ରଖିଛି । ଏପଟେ ସୁନପୁରରେ ଓଡିଆ ସଂସ୍କୃତି ଓ ବିଶ୍ୱାସର ପ୍ରଭାବ, ସେପଟେ ଆନ୍ଧ୍ର, ତେଲୁଗୁ ଭାଷା ଓ ସଂସ୍କୃତିର ପ୍ରଭାବ । ଏପଟେ ସୁନପୁରରେ ଲୋକେ ତାଳଗଣ୍ଡିରେ ଘର ଟେକନ୍ତି ନାହିଁ କି ଦୁଲା ଖମ୍ବ ଭାବେ ବ୍ୟବହାର କରନ୍ତି ନାହିଁ । କାରଣ ପ୍ରବାଦ ରହିଛି – "ତାଳ – ଘୋଟି ଆସିବ କାଳ ।" ସେପଟେ ପାତିସୁନାପୁରରେ ତାଳକାଠ ଓ ପତ୍ରରେ ସବୁ ଘର ଠିଆ । ସେଠି ତାଳପତ୍ରର ଛପର ଏତେ ତଳକୁ ନଇଁକରି ଥାଏ ଯେ ମଣିଷକୁ ନଇଁକରି ଘର ଭିତରକୁ ଯିବାକୁ ପଡିଥାଏ । ପିଣ୍ଡାରେ କିଏ ବସିଥିଲେ, ତାର ପାଦ ଦୁଇଟି ଖାଲି ଦିଶିଥାଏ । ଖାଇ ବସିଥିଲେ ରସ କଂସା ଓ ଶୁଖୁଆ ଭଜାଟି ଦିଶିଥାଏ ସିନା, ଖାଇବା ଲୋକର ମୁହଁଟି ଅଦେଖା ହୋଇ ରହିଯାଏ ।

ସୁନପୁର ଗାଁର ନଳକୂଅରେ ଖାରିପାଣି, ନଈ ସେପଟେ ମଧୁର ପାଣି । ସୁନପୁର ଗାଁରୁ ଲୋକେ ଡଙ୍ଗା ପାରି ହୋଇ ଆରପଟକୁ ଯାଆନ୍ତି ପିଇବା ପାଣି ଆଣିବାକୁ । ଆଉ କେତେ ଜଣ ବଡବଡ ଜାରକିନ୍ ନେଇ ସାଇକେଲ୍ ବା ମଟର ସାଇକେଲ୍ ଯୋଗେ ଦଶ- ପନ୍ଦର କ.ମି. ଦୂରରୁ ମଧୁର ପାଣି ଘରକୁ ବୋହି ଆଣନ୍ତି । କହିବାକୁ ଗଲେ ପାତିସୁନାପୁରର ଗ୍ଭରିପଟେ ସମୁଦ୍ର ଓ ନଈ, ଅଥଚ ପାଣି ମଧୁର । ଆଣ୍ଡାମାନରେ ବି ଠିକ୍ ଏଇ ଅବସ୍ଥା,

ଚାରିପଟେ ଭାରତ ମହାସାଗର । ଅଥଚ ଯୋଉଠି ଗାତ ଖୋଳିଲେ ବାହାରେ ମଧୁର ପାଣି । ମାଲ୍ ବୋଝେଇ ଜାହାଜମାନେ ପୋର୍ଟବ୍ଲେୟାରରେ ମାଲ ଓହ୍ଲେଇବାପରେ, ଆଣ୍ଡାମାନରୁ ପ୍ରଚୁର ମିଠା ପାଣି ନେଇ ମାଦ୍ରାଜ ବା କଲିକତାକୁ ଆସିଥାନ୍ତି ।

ପାତିସୁନାପୁର ଏକ ନୋଳିଆ ଗାଁ । ନୋଳିଆ ଗାଁର ରୂପଗନ୍ଧ ଅଲଗା, ଜୀବନ ଜୀବିକା ଅଲଗା, ତେଣୁ ସୁଖଦୁଃଖର କାରଣ ବି ଅଲଗା, ସ୍ତର ବି ଅଲଗା । ମୋ ଭାଗ୍ୟ, ସେମିତି ଏକ କୁହୁକ ବାସ୍ତବତା ଘେରା ଗାଁରେ ଗୋଟେ ରାତି ଓ ଗୋଟେ ଦିନ ରହିବାକୁ ସୁଯୋଗ ପାଇଥିଲି । ତାଳପତ୍ର ଘେରା କୁଡିଆରେ ମୋର ରହିବା ବ୍ୟବସ୍ଥା ହୋଇଥିଲା, ପାଣି ଢାଳ ଧରି ବଣଭିତରେ ନିତ୍ୟକର୍ମ ସାରିଥିଲି, ମାଟିଲେସା ପିଣ୍ଡାରେ ବସି ମୋଟା କଂସାରେ ପଖାଳ ଓ ଶୁଖୁଆ ଖାଇଥିଲି । ଦିନସାରା ଟେପ୍ ରେକର୍ଡର ଯୋଗେ ଗାଁ କମ୍ପାଉ ଥିବା ତେଲେଙ୍ଗା ଗୀତସବୁ ମତେ ବ୍ୟସ୍ତ କରିବା ପରିବର୍ତ୍ତେ ସଂକେନ୍ଦ୍ରିତ କରୁଥିଲେ, କାରଣ ଗୀତସବୁ ଥିଲେ ଅବୋଧ । ଅଜଣା ଗ୍ରହର ଲୋକଙ୍କ ପରି ଜୀବନ ବିତାଉଥିବା ଗାଁ ଲୋକଙ୍କୁ ଅତି ପାଖରୁ ଦେଖିଥିଲି ।

ନୋଳିଆ ପାଇଁ ନୀଳ ସମୁଦ୍ର ହେଉଛି ଉଭୟ ଜୀବନ ଓ ଜୀବିକା । ମାଛ, କଙ୍କଡା ପାଇଁ ସମୁଦ୍ର ବକ୍ଷରେ, ନୋଳିଆଙ୍କୁ ଦାନା ଦେବାକୁ ପଡେନାହିଁ, ଔଷଧ ଦେବାକୁ ପଡେନାହିଁ, ଜାଆଁଳ ହାଡିବାକୁ ପଡେନାହିଁ । ନୋଳିଆ ପାଇଁ ମାଛଚାଷର କିଛି ମାନେ ନଥାଏ । ଆଦିମ ଯୁଗରେ ମଣିଷ ସମ୍ପୂର୍ଣ୍ଣ ରୂପେ ଶିକାର ଉପରେ ନିର୍ଭର କରୁଥିଲା । ଏବେ ସ୍ଥଳଭାଗରେ ଶିକାର ଲୋକ ପାଇଗଲା ସତ, କିନ୍ତୁ ସମୁଦ୍ର ବକ୍ଷରେ ଶିକାର ହିଁ ଚାଲିଛି । ତେଣୁ ମାଛ ମାରିବା ଏବେ ଶିକାର ପର୍ଯ୍ୟାୟଭୁକ୍ତ । ମାଛ ବା ଜଳଜାତୀୟ ଜୀବ ଶିକାରରେ ସେମାନଙ୍କର ବାଛବିଚାର ନାହିଁ । ଯାହା ଖିଆ ଯାଇପାରେ, ବିକ୍ରି କରାଯାଇପାରେ ସେସବୁ ଶିକାରଯୋଗ୍ୟ, ସଂଗ୍ରହଯୋଗ୍ୟ । ନୋଳିଆ ସାରା ଜୀବନ କେବଳ ତାହା ହିଁ କରିଥାଏ ।

ଗାଁ ଭିତରେ ଓ ଗାଁ ମୁଣ୍ଡରେ ନୋଳିଆମାନଙ୍କ ଦେବଦେବୀ ମନ୍ଦିର । ସାତି ଠାକୁରାଣୀଙ୍କ ବେଢା ନିକଟରେ ନାଇଲନ୍ ସୂତା ଧରି ସତୁରୀ ବର୍ଷର ବୁଢା ଜଣେ ଜାଲ ମରାମତିରେ

ବ୍ୟସ୍ତ ଥିଲେ । ପରଳ ପଡିଯାଇଥିବା ଆଖିରେ ସତୁରୀ ବର୍ଷର ଅନୁଭୂତି, ବଖାଣି ବସିଲେ ସାଗ୍ ସମୁଦ୍ର ବି ନଅଣ୍ଟ ପଡିବ । "ଆଜି ଦିନଟି କେମିତି କଟୁଛି" ବୋଲି ତାଙ୍କୁ ପଗ୍ଭରି ଦେଲି । ତାଙ୍କ ଉତ୍ତର ଥିଲା ଅତି ସ୍ୱାଭାବିକ, କନ୍ତୁ ଆମପାଇଁ ଏହା ଥିଲା ଅତି ଅସ୍ୱାଭାବିକ ।

ପୂର୍ବ ରାତିରୁ ଗ୍ଭଲି ଯାଇଥିଲେ ମଝି ସମୁଦ୍ରକୁ । ଖରାବେଳେ ମାଛ ନେଇ ଫେରିଲେ, ଘରକୁ ଖବର ଆସିଲା । ସ୍ତ୍ରୀ ଭାତ କଂସା ନେଇ ବେଳାଭୂମିରେ ପହଞ୍ଚିଗଲେ, ସେଇ ବାଲିଶେଜରେ ହିଁ ଖିଆପିଆ ଗ୍ଭଲିଲା । ପରେ ଉଚ୍ଚା ଜାଗା ଦେଖି ମାଛ ସବୁ ଶୁଖେଇ ଦିଆଗଲା । କେବଳ କୋକଲି ମାଛକୁ ବାଲି ଉପରେ ଶୁଖାଇ ବାକି ସବୁ ମାଛକୁ ବାଲି ଉପରେ ଛପା ପାରି ଶୁଖାଗଲା । ରାତିରେ ବିଲୁଆ, ଗଧିଆ ମାଛ ନେଇଯିବା, ଖାଇଯିବା ଭୟ ରହୁଥିଲା । ତେଣୁ ବୃଦ୍ଧ ସେଇ ଶୁଖୁଥିବା ମାଛ ପାଖରେ ହିଁ ରାତି କଟାଇଦେଲେ । ତା ପରେ ଯାଇ ବୃଦ୍ଧଙ୍କୁ ଏବେ ଟିକେ ଫୁରୁସତ ମିଳଲା, କାରଣ ଜଗାରଖା କାମ ଘରର ଆଉ କଏ ଉଠାଇ ନେଲେ ।

ଏମିତି ହିଁ ଗ୍ଭଲିଥାଏ ଅନେକଙ୍କ ଜୀବନ । ବାପା, ଜେଜେବାପା ଖାଇଲାବେଳେ ଘରୁ ପିଲାଏ ଆସିଥାନ୍ତି । ସେଇ ବେଳାଭୂଇଁରେ, ଝାଉଁବଣରେ ଗଦା ହୁଅନ୍ତି ଗାଁ ଯାକର ପିଲା । ସେମାନେ ପୁଣି ବଡ ହୁଅନ୍ତି, ପରସ୍ପରକୁ ଚହ୍ନା ହୁଅନ୍ତି, ହୃଦୟ ଦିଆନଆ ହୁଏ, ବିବାହ ହୁଏ, ଘରସଂସାର ବଢେ । ଋତୁଚକ୍ର ପରି ସବୁ ଆଗକୁ ଗଡିଗ୍ଭଲେ । ମଣିଷ ମରିଯାଏ, ସାମାଜିକ ଜୀବନ ଅନବରତ ଗ୍ଭଲିଥାଏ । ଝାଉଁବଣ, ସମୁଦ୍ର ପଠା ଓ ତାଳପତ୍ର ଘେରା କ୍ଷୁଦ୍ର ବସ୍ତିଟି କେବଳ ସାକ୍ଷୀ ହୋଇ ରହିଥାଏ ।

ବେଳାଭୂମି ହେଉଛି ଗାଁର ବଡଦାଣ୍ଡ । ବିଭିନ୍ନ ସମୟରେ ସେଠାରେ ଜନ୍ତାଳ ହୁଏ । ବିଶେଷକରି ଆଶ୍ୱିନ ମାସରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବା ଅବସରରେ ଏଠାରେ ବଡ ଧରଣର ଜନ୍ତାଳ ହୁଏ । ବିଭିନ୍ନ ଆଡେ ବିକ୍ଷିପ୍ତ ହୋଇ ରହିଥିବା ନୋଳଆମାନେ ଗାଁରେ ଏକାଠି ହୁଅନ୍ତି । ଶୁଭଲଗ୍ନ ଦେଖି ଜାଲ ପୂଜା ହୁଏ । ଜାଲ ଉପରେ ବୋଦା ମରାଯାଏ । ସେମାନଙ୍କ ବିଶ୍ୱାସ, ଜାଲ ହେଉଛି ଦେବତା, ସେ ରକ୍ତ ଖାଏ, ପୂଜା ପାଏ, ତା ହେଲେ

ଯାଇ ସନ୍ତୁଷ୍ଟ ହୁଏ । ଗାଁ ଯାକ ଲୋକଙ୍କ ଉତ୍ସବ ଚାଲିଥାଏ । ସମସ୍ତେ ନିଜ ନିଜ ଜାଲକୁ ସମୁଦ୍ର ପଠାରେ ମେଲେଇ ଦେଇ ପାରି ଦିଅନ୍ତି । ଗୋଟିଏ ଗୋଟିଏ ଜାଲ ତିନି କି.ମି. ବ୍ୟାପିଯାଏ । ସାରା ବେଳାଭୂମି, ସମୁଦ୍ର ତଟରୁ ଦୂର ଝାଉଁବଣ ପର୍ଯ୍ୟନ୍ତ ଜାଲରେ ଘୋଡେଇ ହୋଇପଡେ । ପିଲାଏ ତା ଉପରେ ନାଚଗୀତ କରନ୍ତି, ଦୌଡାଦୌଡି କରନ୍ତି । ଝାଉଁବଣରେ ରନ୍ଧା ଯାଇଥିବା ଖାଦ୍ୟକୁ ଜାଲ ଉପରେ ବସି ନୋଳିଆମାନେ ଖାଆନ୍ତି । ବନ୍ଧୁବାନ୍ଧବ ପେଟ ଭର୍ତ୍ତି କରି ଖାଇଲେ, ଜାଲ ବି ଖୁସି ହୁଏ । ସାରା ବର୍ଷ ପାଇଁ ସିଏ ମଧ୍ୟ ପେଟଭର୍ତ୍ତି କରି ମାଛ, କଙ୍କଡା ଧରିଥାଏ । ନୋଳିଆମାନଙ୍କ ମାତା, ପିତା, ବନ୍ଧୁ, ଦେବତା ସବୁକିଛି ହେଲା ଏହି ଜାଲ । ଜାଲର ବି କୁଆଡେ ଆଖି, କାନ, ନାକ ଓ ପାଟି ଅଛି । ନିଜର ଟାଆଁସ ହାତରେ ସିଏ ବି କୁଆଡେ ମଣିଷମାନଙ୍କୁ ଆଉଁସି ପକାଏ, ଆଶୀର୍ବାଦ ଦେଇଥାଏ । ଜାଲ ଚାହିଁଲେ ଗୋଟିଏ ପରିବାରକୁ ଧନୀ କରିଦିଏ, ଦରିଦ୍ର କରିଦିଏ, କାହାର ବଂଶ ବି ବୁଡାଇ ଦିଏ । ପୂଜା ଶେଷରେ ପିଲାରୁ ବଡଯାଏଁ ସମସ୍ତେ ଜାଲ ଉପରେ ବସି ଜାଲକୁ ସାଷ୍ଟାଙ୍ଗ ପ୍ରଣିପାତ କରିଥାନ୍ତି ।

ବେଳେବେଳେ ଜାଲ ଦେବତା ବିଶ୍ରାମ ନିଅନ୍ତି । ମରାମତି ପରେ ସେସବୁକୁ ମଲାବାନ୍ଧି ଗଦା ଆକାରରେ ରଖି ଦିଆଯାଏ ଏବଂ ତା ଉପରେ ତାଳପତ୍ର ଘୋଡେଇ ଦିଆଯାଏ । ତାଳପତ୍ରରେ ଘୋଡା ହୋଇ ଅମୁହାଁ କୁଟୀର ପରି ଦିଶୁଥିବା ଅନେକ ଜାଲଘର, ପାତିସୁନାପୁରର ଝାଉଁ ଜଙ୍ଗଲ କଡେ କଡେ ଦେଖିବାକୁ ମିଳେ । ପୂର୍ବେ ଗାଁ ଗାଁ ଭିତରେ ଝଗଡା ହେଲେ ହାଣକାଟ ଆରମ୍ଭ ହେଉଥିଲା । ଲୋକେ ଶତ୍ରୁର ବା ଶତ୍ରୁ ଗାଁର ଜାଲଗୁଡିକ ସବାଆଗ ନିଆଁ ମାରି ଧ୍ୱଂସ କରିଦେବାକୁ ବାହାରି ପଡୁଥିଲେ । ଜାଲ ପୋଡିଗଲେ, ଭୋକ ଉପାସରେ ମଣିଷ ବି ପୋଡି ଯାଉଥିଲା । ଆଜିକାଲି ସମସ୍ତେ ଆର୍ଥିକ ଦୃଷ୍ଟିରୁ ପରସ୍ପର ଉପରେ ଏତେ ନିର୍ଭରଶୀଳ ଯେ ପାତିସୁନାପୁରରେ ଜାଲ ନଷ୍ଟ ହେଲେ, ସୁନପୁର କେଉଟମାନେ କିଣିବା ପାଇଁ ମାଛ ପାଆନ୍ତି ନାହିଁ । ତେଣେ ଦୂର ନବରଙ୍ଗପୁରରେ କେଉଟ ପିଲା ଘରେ ଚୂଲି ଜଳେ ନାହିଁ ।

ବିଭିନ୍ନ ପର୍ବପର୍ବାଣିରେ ଆମେ ଯେମିତି ଗାଡିଘୋଡା ନେଇ ଆଖ ପାଖ ମନ୍ଦିରେ ଆଡେ ବୁଲିବାହାରୁ, ଏହି ନୋଳିଆ ଗାଁରେ ଠିକ୍ ସେଇ ଢାଞ୍ଚାରେ ଲୋକେ ଡଙ୍ଗା ନେଇ ଆଖପାଖ

ସମୁଦ୍ରତଟର ଧାର୍ମିକ ଜାଗା ଆଡେ ବୁଲିଆସନ୍ତି । ପୁରୀ, ସାତପଡା ମଝିରେ ଥିବା ବାଲିହରଚଣ୍ଡୀ ଏମିତି ଏକ ଲୋକପ୍ରିୟ ଠାକୁରାଣୀ ପୀଠ ଯେଉଁଠିକୁ ଏହି ନୋଳଆମାନେ ବହୁସଂଖ୍ୟାରେ ଆସିଥାନ୍ତି ଏବଂ ପୂଜାପାଠ କରି ରନ୍ଧାବଢା କରି, ଖାଇପିଇ ଫେରିଯାନ୍ତି । କିଛି ବର୍ଷ ତଳେ ଏ ଲେଖକ ବାଲି ହରଚଣ୍ଡୀ ପୀଠ ଦେଖିବାକୁ ସୁଯୋଗ ପାଇଥିଲା । ଅତୀତରେ କୌଣସି ଜଣେ ଖିଆଲି ରାଜା ଏହି ମନ୍ଦିର ତିଆରି କରିଥିଲେ ଏଠାରେ ଏକ ଚମତ୍କାର ମନ୍ଦିର । କେବଳ ତିମିମାଛର ହାଡରେ ଏହି ମନ୍ଦିର ତିଆରି ହୋଇଥିଲା । ତେବେ ପୁରୀ ମହାପ୍ରସାଦ ସେଇ ହାଡର ମନ୍ଦିର ଭିତରକୁ ପ୍ରବେଶ କଲା ନାହିଁ । ତେଣୁ ହାଡମନ୍ଦିର ଅପୂଜ୍ୟ ହୋଇ ରହିଲା ଏବଂ କାଳକ୍ରମେ ଭଙ୍ଗିରୁଜି ଗଲା । ମନ୍ଦିର ପ୍ରବେଶ ଦ୍ୱାରରେ ଦୁଆରବନ୍ଧ ଭଳ ଏବେ ଯାହା ତିମିର ଦୁଇଟି ବଡ ଦାଙ୍ଗ ବଞ୍ଚି ରହିଛି । ଦୁର୍ଭାଗ୍ୟ, ସେଇ ହାଡ ମନ୍ଦିରକୁ ନେଇ କେହି କେବେ ଆଲୋଚନା କରନ୍ତି ନାହିଁ । ଏହି ନୋଳଆମାନେ ଯିବା ଆସିବା କରି ତାର ଐତିହ୍ୟକୁ ବଞ୍ଚେଇ ରଖିଛନ୍ତି ଯାହା ।

ପାଡିସୁନାପୁର ର ନୋଳଆମାନଙ୍କ ଅନେକ ଲୋକଗୀତରେ ମତ୍ସ୍ୟକନ୍ୟାର ବର୍ଣ୍ଣନା ରହିଛି । ନୋଳଆ ଯୁବକଟିଏ ତାର ପ୍ରେମରେ ପଡି ବିରହ ବେଦନାରେ ଜୀବନ ହାରିବା କଥା ଅଛି, ଏକତରଫା ପ୍ରେମରେ ବାୟା ହେବା କଥା ଅଛି, ପ୍ରତାରଣାରେ ଆତ୍ମହତ୍ୟା କରିବା କଥା ମଧ୍ୟ ରହିଛି । ପୁଣି ମତ୍ସ୍ୟକନ୍ୟା ସହ ଯାଇ ସାଗରତଳ ମତ୍ସ୍ୟରାଜାଙ୍କ ଅଳକାପୁରୀ ଦେଖିବା କଥା ରହିଛି । କାହାଣୀଟିଏ ବି ଶୁଣିଥିଲି କପରି ମତ୍ସ୍ୟକନ୍ୟାଟିଏ ସବୁଦିନ ପାଇଁ ମାନବକନ୍ୟାରେ ବଦଳଯାଇ କୌଣସି ନୋଳଆ ଯୁବକକୁ ଏଇ ଗାଁରେ ବିବାହ କରିଥିଲା, ଛୁଆପିଲାଙ୍କୁ ନେଇ ଘର ସଂସାର କରିଥିଲା । ନଶାର୍ଦ୍ଧରେ, ଗଭୀର ସମୁଦ୍ରରେ, ଏବେ ପୁଣି ଉପକୂଳରେ ଗୀତ ଗାଉଥିବା ମତ୍ସ୍ୟକନ୍ୟାକୁ ଦେଖିଥିବା କଥା ଅନେକ ନୋଳଆ ଦାବି କରନ୍ତି । ତେଣୁ ଏ ଲେଖକ ମଧ୍ୟ ଢେର ରାତିଯାଏ ବେଳାଭୂମିରେ ବୁଲିଲାବେଳେ ଏମିତି ଏକ ଦୁର୍ଲ୍ଲଭ ଦୃଶ୍ୟ ଦେଖିବ ବୋଲି ଆଶା କରି ବସିଥିଲା ।

ମତ୍ସ୍ୟକନ୍ୟା, ୟୁଏଫଓ ପରି ଏକ ପ୍ରହେଳିକା, ଏକ ବିବଦମାନ ତତ୍ତ୍ୱ ନା ଏହା ପଛରେ କିଛି ସତ୍ୟତା ରହିଛି ତାହା ରହସ୍ୟମୟ । ପାଡିସୁନାପୁର କାହିଁକି ସାରା ପୃଥିବୀର

ସମୁଦ୍ରକୂଳଆ ଗାଁ ମାନଙ୍କରେ, ଅଷ୍ଟ୍ରେଲିଆରୁ ଆରମ୍ଭ କରି ଆଫ୍ରିକା ଇଉରୋପ ସବୁଠାରେ ଏହି ମତ୍ସ୍ୟକନ୍ୟାଙ୍କୁ ନେଇ ଆଲୋଚନା ଚାଲିଥାଏ । ତେବେ ସେମାନେ ଗୀତ ଗାଆନ୍ତି କ ନାହିଁ, କମିଆ କରନ୍ତି କ ନାହିଁ ଏବଂ ପ୍ରେମ କରନ୍ତି କ ନାହିଁ, ଏ ନେଇ ପ୍ରାଣୀବିଜ୍ଞାନୀମାନେ ନୀରବ ।

ଗାଁ ଦାଣ୍ଡରେ ବୁଲିଲାବେଳେ କ୍ଷଣକ୍ଷଣକେ ନୋଳଆମାନଙ୍କ ଭାଗ୍ୟ ବଦଳ ଯାଉଥିବା ସମ୍ପର୍କରେ ଅନେକ କାହାଣୀ ଶୁଣିବାକୁ ପାଇଲି । ତିମିମାଛର ବାନ୍ତି ସହଜରେ ପାଣିରେ ମିଳାଇଯାଏ ନାହିଁ କ ନଷ୍ଟ ହୋଇଯାଏ ନାହିଁ । କୌଣସି ନୋଳଆ ଭାଗ୍ୟରେ ତାହା ଯଦି ମିଳଗଲା, ସେ ରାତାରାତି ଲକ୍ଷପତି ହୋଇଯାଏ । କୌଣସି ବଡ ଜାହାଜରେ ବ୍ୟବହୃତ ମୋଟା ଦଉଡି ସମୁଦ୍ରରୁ ଅଗ୍ନନକ ପାଇବା ପରେ, ନୋଳଆ ଜଣେ ତାକୁ ବିକ ଲକ୍ଷାଧିକ ଟଙ୍କା ସଂଗ୍ରହ କରିଥିଲେ । କଛି ନୋଳଆ ଏବେ ଖାସ୍ ସେଇ ଧନ୍ଦା କରି ଲକ୍ଷପତି । ଜୀଅନ୍ତା ରାଣୀ ଚଙ୍ଗୁଡି ଗୋଟିଏ ଯଦି ଭାଗ୍ୟରେ ଜୁଟିଗଲା, ତେବେ ରେଟ୍ରରେ ବିକ୍ରିକଲେ ଲକ୍ଷାଧିକ ଟଙ୍କା । ଆନ୍ଧ୍ରରୁ ଆସୁଥିବା ଚଙ୍ଗୁଡି ବ୍ୟବସାୟୀଙ୍କ ନଜର ସବୁବେଳେ ଏହି "ରାଣୀ ଚଙ୍ଗୁଡି" ଉପରେ । ବେଳେବେଳେ ସାରାଦିନ ସମୁଦ୍ର ବକ୍ଷରେ ଘୂରି ବୁଲିଲେ ଖଣ୍ଡେ ମିଳେନା, ବେଳେବେଳେ ଘଣ୍ଟାଏ ଭିତରେ ଦଶ ପନ୍ଦରଟା "କଣି" ମାଛ ଜୁଟିଯାଏ । ଆମେ କୂଳରେ ଠିଆ ହୋଇଥିବା ବେଳେ ଜଣେ ନୋଳଆ ସାତଆଠଟି "କଣି" ମାଛ ଧରି ଫେରୁଥିଲେ । ଗୋଟିଏ ଗୋଟିଏ ମାଛ ତିନ କଲୋରୁ ଚାରି କଲୋ, ସମୁଦ୍ରକୂଳରେ କଲୋ ପିଛା ତାର ଦାମ ଭାକୁର ମାଛର ଦାମ୍ ର ତିନଗୁଣା । ଏଭଳ ଅନିଶ୍ଚିତତା ହେଉଛି ନୋଳଆମାନଙ୍କର ଏକ ସ୍ୱାଭାବିକ ଜୀବନ ।

ରାତାରାତି ଭାଗ୍ୟ ବଦଳଯାଇଥିବା ଜଣେ ନୋଳଆଙ୍କ କାହାଣୀ ଶୁଣୁଥିଲି । ଖରାଦିନେ ଡଙ୍ଗା ନେଇ ସେ ସୁଦୂର ପୁରୀ ସମୁଦ୍ରକୁ ଚାଲି ଯାଇଥିଲେ । ହଠାତ୍ ଦେଖିଲେ ଗଭୀର ସମୁଦ୍ର ମଝିରେ ଜଣେ ସାହେବ ପବନ ଚାଲିଯାଉଥିବା ଟ୍ୟୁବ୍ ଟିଏ ଧରି ବଞ୍ଚିବା ପାଇଁ ଶେଷ ଚେଷ୍ଟା ଚଳେଇଛନ୍ତି । କଥାଟି ଥିଲା ଏହିପରି । ଖରାଦିନେ ସାହେବ ଜଣକ ଟ୍ୟୁବ ଧରି ଗଭୀର

ସମୁଦ୍ରବକ୍ଷରେ ଭସିଭସି କଟେଇ ଦିଅନ୍ତି । ସାଥିରେ ନେଇଥାନ୍ତି ମଦବୋତଲ ଓ ସିଗାରେଟ୍ । ମଦ ପିଇ, ସିଗାରେଟ୍ ଟାଣି ନୀଳ ଜଳରାଶି ମଧ୍ୟରେ ଦିନଟିଏ କଟେଇଦେବା ଥିଲା ତାଙ୍କର ବହିପ୍ରାୟ । ଦୁର୍ଭାଗ୍ୟକୁ ସେଦିନ ସିଗାରେଟ୍ ନିଆଁଝୁଲ ବାଜି ଟ୍ୟୁବରେ ଦେଖାଦେଲା ଏକ ଛୋଟିଆ ରନ୍ଧ୍ର । ସବୁତକ ପବନ ଧୀରେ ଧୀରେ ଗ୍ଳସିଗଲା, ସାହେବଙ୍କ ନିଶା ଉତୁରିଗଲା । ଅଧାନିଶାରେ ସାହେବ ବଞ୍ଚିବା ପାଇଁ ଶେଷ ଚେଷ୍ଟା ଚଳେଇ ଥିବାବେଳେ, କାହୁଁ ଆସି ନୋଳିଆ ଜଣକ ତାଙ୍କୁ ଉଦ୍ଧାର କଲେ । ଯାହାହେଉ କୃତଜ୍ଞ ସାହେବ ଜଣକ ଏତେ ଖୁସି ହୋଇଯାଇଥିଲେ ଯେ ପୁରୀ ଉପକୂଳର ଗୋଟିଏ ବିରାଟ ହୋଟେଲ କିଣି ଉପହାର ଆକାରରେ ସେଇ ନୋଳିଆକୁ ଦେଇଥିଲେ । ସେଇ ନୋଳିଆ ଏବେ ପୁରୀ ବେଳାଭୂମିରେ ଥିବା ଏକ ବହୁକୋଟି ମୁଲ୍ୟ ହୋଟେଲର ମାଲିକ ।

ଗାଁ ଛାଡି ଏକ ସଂକୀର୍ଣ୍ଣ ଗଳିରେ ସମୁଦ୍ର ଦିଗେ ଗ୍ଳଲିଥିଲି । ଦୁଇପଟେ ଥିଲା ଘଞ୍ଚ କିଆ ଜଙ୍ଗଲ । ଜଣେ କଏ ଲମ୍ବା ବାଉଁଶ ଆଙ୍କୁଡା ସାଥିରେ ଦାଆ ପଟେ ହାତରେ ଧରି କିଆ ଫୁଲ ସଂଗ୍ରହରେ ଲାଗିଥିଲେ । ଗାଁ ମଝିରେ ଅଛି କିଆଶାଳ, ଯେଉଁଠି ବଡବଡ ତମ୍ବା ହାଣ୍ଡିରେ କିଆଫୁଲ ଶିଝାଯାଇ ଅତି ଉଚ୍ଚକୋଟିର କିଆ ଅତର ପ୍ରସ୍ତୁତ କରାଯାଏ । ଏଠାରୁ ଅତର ରପ୍ତାନି ହୁଏ ଲକ୍ଷ୍ନୌ, ଆଜମେର୍ ଏବଂ ସେଠାରୁ ସୁଦୂର ଆରବ । ଓଡିଶାର ଗୋପାଳପୁର, ଛତ୍ରପୁର ପର୍ଯ୍ୟନ୍ତ ସମସ୍ତ ଉପକୂଳ ଅଞ୍ଚଳରେ ମିଳେ ପ୍ରଚୁର କିଆଫୁଲ । ଆମେ କିଆଶାଳରେ ପହଞ୍ଚିଲା ବେଳକୁ ବହୁଲୋକ ଅଖାଭର୍ତ୍ତି କିଆଫୁଲ ଧରି ଶାଳରେ ପହଞ୍ଚିଗଲେ । ସଂଗୃହୀତ କିଆଫୁଲର ସଂଖ୍ୟା ଅନୁସାରେ ନଗଦ ଟଙ୍କା ନେଇ ସେମାନେ ଫେରୁଥିଲେ । ଆଶ୍ଚର୍ଯ୍ୟ, ଶାଳର ଗ୍ଳରିପାଖେ ତାଳପତ୍ରର ଛପା ଉପରେ ଶୁକୁଆ ସବୁ ଜମା ହୋଇଥିଲା ।

ଗୋଟିଏ ଜାଗାରେ ଦୁଇ ବିପରୀତ ଧର୍ମୀ ଗନ୍ଧଙ୍କ ସମାଗମ । ଗୋଟିଏ ଦୁର୍ଗନ୍ଧ ପାଇଁ ପ୍ରସିଦ୍ଧ ତ ଆଉ ଗୋଟିଏ ସୁଗନ୍ଧ ପାଇଁ । ଗୋଟିଏ ଜିଭକୁ ଆକର୍ଷଣ କରେ ତ ଅନ୍ୟଟି ନାକକୁ ମତୁଆଲା କରେ । ଶୁଖୁଆ ଗଦା ଭିତରେ ତମ୍ବା ହାଣ୍ଡି ଗୁଡିକର ଉପସ୍ଥିତି ଲାଗୁଥିଲା ତାଙ୍କ ଭିତରେ ତମ୍ବାରଙ୍ଗର ମସ୍ତବଡ ପଦ୍ମକଳକା ସବୁ ମୁଣ୍ଡଟେକି ଛିଡା ହୋଇଛନ୍ତି ।

ଗଳ ପାରହେଲା ବେଳକୁ ଜଣେ କଳା ମଚମଚ ଭୟଙ୍କରୀ ସ୍ତ୍ରୀ ଲୋକକୁ ଦେଖିଲି । ମୁହଁରେ ହଳଦୀ ଲେପ ଓ ମୁଣ୍ଡରେ ଥିଲା ବଡ ସିନ୍ଦୁର ଟୋପା । ନାଁ ତାର ଥିଲା ସୀତା ଆମ୍ମା । ତାକୁ ସମ୍ଭବତଃ କାଳସୀ ଲାଗିଥିଲା । ତେଣୁ ଅସ୍ୱାଭାବିକ ଶବ୍ଦ କରି ଦୋଳାୟମାନ ଗତିରେ ସେ ସମୁଦ୍ର ଆଡକୁ ଚାଲିଥିଲା । ତାକୁ ଦେଖି ଛମାଣ ଆଠଗୁଣ୍ଠରେ ଚମ୍ପା ସାଆନ୍ତାଣୀରେ ଚାଲି କଥା ମନେ ପଡିଯାଉଥିଲା । ଗୋହିରି ମଝିରେ ମାଣିଆବନ୍ଧ ପଣତ କାନ ଉଡାଇ ଦୁଇ ଡେଣା ଦୋହଲାଇ ଚାଲୁଥିବା ଚମ୍ପାକୁ ଦେଖି ଫକୀରମୋହନ ଲେଖିଥିଲେ:

ଷୋଳହାତ ଶାଢି ବିସ୍ତୃତ କଚ୍ଛେ,
ଥୋପ ଭିଡା ଜୁଡା ଶୋଭିତ ଭବେ
ଦୁମୁଦୁମ ଗୁମୁଗୁମୁ ଚଳନଂ ତସ୍ୟା,
ଚଳତି ବା ଧାବତି ବିଷମ ସମସ୍ୟା ॥

ସୀତା ଆମ୍ମା ନିର୍ଜନ ଖରାବେଳଟାରେ ସମୁଦ୍ର ବାଲି ଉପରେ ଦୁଇଚାରି ଘେରା ବାଲି ଉଡାଇ ବୁଲିଲା ପରେ ତଳେ ବାଲିମୁଠେ ଉଠାଇ ଶୂନ୍ୟକୁ ଫୋପାଡି ଦେଲା । ବୋଧେ ସାରା ଗାଁକୁ ଦୁଷ୍ଟଶକ୍ତିଙ୍କ ପ୍ରଭାବରୁ ସେ କଳ ପକାଇଲା । ଶୂନଶାନ୍ ବେଳାଭୂମିରେ ସେଇ ଉଗ୍ରମୂର୍ତ୍ତିଟିର ଦୌଡାଧାପଡା ମତେ ଏକରକମ ସ୍ଥାଣୁ କରି ପକାଉଥିଲା । ଆଶ୍ଚର୍ଯ୍ୟ, ପାଟିସୁନାପୁରର ଅଧିକାଂଶ ନୋଳିଆ ସ୍ତ୍ରୀଲୋକ, ରୂପରେ ମତେ ଚମ୍ପା ପରି ଲାଗୁଥିଲେ ସତ; କିନ୍ତୁ ଗୁଣରେ ସେମାନେ ଯେ ସେଇ ଉପନ୍ୟାସ ବର୍ଣ୍ଣିତ ସାଆନ୍ତାଣୀ ପରି ଉଦାର ଥିଲେ, ସେଥିରେ ମୋର ସନ୍ଦେହ ନଥିଲା । ସେପରି ନହୋଇଥିଲେ, ଅନ୍ତତଃ ମୋ ଭଳି ଅଜ୍ଞାତ ଆଗନ୍ତୁକଟିକୁ ଯେତେଜଣ ସ୍ତ୍ରୀଲୋକ ଭେଟିଥିଲେ, ସମସ୍ତେ ପଚାରି ନଥାନ୍ତେ, "ବାପ ! ଖାଇଲଣି କି ।" ସେମାନେ ସେଦିନେ ଖାଇବାକୁ ଦେଇଥିବା ଶୁଖୁଆ ଭଜା ଏବେବି ସ୍ମରଣ ମାତ୍ରକେ ମୋ ପାଟିରୁ ଲାଳ ବୁହାଇଦିଏ ।

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡିଶା

# ଶୀତର ଛୁଆଁ



ତପନ କୁମାର ସ୍ୱାଇଁ

ଆଲୁଅ ଯାଏ ଅନ୍ଧାର ଆସେ
ସୁରୁଜ ଗଲେ ବୁଡି,
ପଶ୍ଚିମ ଦିଗ ନାଲି ଆକାଶେ
ଦିଶେ ସୁନ୍ଦର ଛବି ।

ପକ୍ଷୀ ବାହୁଡେ ଆପଣା ନଡ଼
ଗାଇ ମଧୁର ଗୀତ,
ଗୋଠରୁ ଫେରେ ବଉଳା ଗାଈ
ଛାଡି ଆପଣା ମିତ ।

ବୋଉ ଦିଅଇ ଚଉରା ମୂଳେ
ଦିଅଁଙ୍କୁ ସଂଜ ବତୀ,
ଶୀତ ଆସଇ ବୋଉ ପଣତେ
ଛୁଇଁବା ପାଇଁ କ୍ଷିତି ।

ମଶିଣା ପାରି ଖୁସି, ସବିତା
ପୁପୁ, କାବୁଲା, ଶଶୀ,
ଆଇଙ୍କ ଠାରୁ ଶୁଣନ୍ତି ଗପ
କମଳ ତଳେ ପଶି ।

ଶୀତର ଛୁଆଁ ଦିଏ ମନରେ
ନୂଆ ପୁଲକ ଧାରା,
ଶୀତର ଛୁଆଁ ଲାଗଇ ମଜା
ଦେହକୁ ରାତି ସାରା ।

ଅଇବିଲି, ଜଗତସିଂହପୁର

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ ।

# ପାର୍କର୍ ଆଉ ମୁଁ



ସୌମ୍ୟ ରଞ୍ଜନ ପାଲ

ଜୀବନଟା ପର୍ ତୁଳନାରେ ଭର୍

ସହିବାକୁ ପଡେ ଯେତେ,

କ୍ଷମତାଠୁ ବେଶୀ କର୍ତ୍ତବ୍ୟରେ ପେଶି

ମିଳେନାହିଁ ମାନ ସେତେ ।

ଗୌଣ ରହେ ଗୁଣ ସୁନ୍ଦରତା ଟାଣ

ଦେଖାଇ ନଏ ସାବାସୀ,

ହେଲେ ଆଭ୍ୟନ୍ତରେ କଠିନ ଶ୍ରମରେ

ବହେ ସ୍ୟାହି ମୋର ବେଶୀ ।

କ୍ବା ଦିନ ଗ୍‌ତି ଦେଶ ପ୍ରିୟା ପ୍ରୀତି

ଆଖି ମଳ ହୁଏ କାମ,

କ୍ୟାମେର୍ ଆଗରେ ଜାକ ଜମକରେ

ଗ୍ଲେରି କରିନେ ନାମ ।

ତିନ ଶତ ବୋଲି ଆଜି ମନଖୋଲି

ପକେଟେ ବୁଲଇ ହସି,

ମୁଦ୍ରା ତିନ ଗୋଟି ଖେଦ ମୁଁ ସାଉଁଟି
ଘରକୋଣେ ରହେ ବସି ।
ମଳମୁଣ୍ଡିଆଠୁଁ ମହାକାଶ ଯାଏଁ
ନିମିଷେ ହୁଏ ରଚନା,
ହେଲେ ଆବୃତ୍ତିରେ ମିଳେନାହିଁ ସ୍ଥାନ
ଦୂରେ ଥାଏ ତା ସୂଚନା ।
ଓଜନ ବଢାଇ ଶଙ୍କା ଉପୁଜାଇ
ଶିରେ ସିଏ ରହେ ସଦା,
ନିଜ ଉପସ୍ଥିତି ନ୍ୟୂନ ଦରଶାଇ
ହେଉଅଛି ମୁହିଁ ବିଦା ।

ବଡସୋଲ୍, ଝରପୋଖରିଆ, ଡି. ମୟୁରଭଞ୍ଜ, ଓଡିଶା

ଚଳତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ତୃଷିତ ହୃଦୟ ବ୍ୟଥା



ସିଦ୍ଧେଶ୍ୱର ତ୍ରିପାଠୀ

ଯୋଉ ଜହ୍ନ ତୁମ ଛବି ଆଙ୍କୁଥିଲା
ମୋ ଓଠରେ ଦେଇ ହସ
ସେଇ ଜହ୍ନ ଆଜି ମୋ ପଛରେ ଧାଏଁ
ମୋତେ କରି ଉପହାସ ।

ମୋ ମନ କ୍ଷେତରେ ବୁଣିଥିଲ ଦିନେ
ଭଲ ପାଇବାର ମଞ୍ଜି
ବିଶ୍ୱାସର ନୀର ଢାଳ ଦେଇଥିଲ
ସେନେହ ପ୍ରତିଜ୍ଞା ଖଞ୍ଜି ।

ଅମୃତ ପରସ ଦବ ବୋଲି କହି
ବିଶ୍ୱାସରେ ବିଷ ଦେଲ
ସବୁ ସ୍ୱପ୍ନ ମୋର ଭାଙ୍ଗିଲା ପରେବି
ତୁମକୁ ପାଉଛି ଭଲ ।

ପ୍ରେମ ପକ୍ଷାଘାତେ ଆଜିମୁଁ ଆକ୍ରାନ୍ତ
ଅନ୍ଧ ବଧୀର ମୁକ
ତୁମେ ମରୀଚକା କେମିତି ବୁଝିବ
ପିଆସୀ ମନର ଦୁଃଖ ।

କବିର ଘର, କୁଣ୍ଡିଲୋ, କେରଙ୍ଗ ଖୋର୍ଦ୍ଧା

# ଆସ୍କା ଫୋଟି...



ସୁବଳ ମହାପାତ୍ର

ନନା, କୋଡିଏ ଦେଲ... କାହିଁକି କରେ? .... ଏ ସାଇକଲ ଟା ପ୍ୟାଚ ହେଇ ଯାଇଛି ପରା, ଠିକ କରିବି। ମୋ ପାଖେ ନାହିଁ କଛି। ଦଉନ, ଏମିତି କଣ ହଉଛ ଯେ.... ଆରେ ମୋ ପାଖେ ଚେଞ୍ଜ ନାହିଁ...ମଲା, ଏ ଦୋକାନ ରେ ଭଙ୍ଗେଇ ଦଉନ...ଟଙ୍କା କୋଡିଏ ଟା ପାଇଁ ଏମିତି... ହଉ ଯେ...

ସତ୍ୟ ଦେଖୁଥିଲା ଏ ମକର ଛାଡିବନ। କୋଡିଏ ଟଙ୍କା ଦେଇ ଦେଲେ ଯାଏ। କଏ ତା ସହ କେଚେରେ କେଚେରେ ହବ। ଅଗତ୍ୟା ପକେଟ ରୁ ବାହାରକରି କୋଡିଏ ଟଙ୍କିଆ ନୋଟ ଖଣ୍ଡେ ବଢ଼େଇ ଦେଲା ତାକୁ।

କଛି ବାଟ ଆଗକୁ ଯାଇ ମକର ପୁଣି ଆଉ ଜଣଙ୍କୁ ସେମିତି କଛି କହୁଥିବାର କାନ ରେ ବାଜିଲା ତାର। କନ୍ତୁ ଏ ମଦୁଆ ଙ୍କ ସହ କଏ ଲାଗିବ ଭାବି ଆଗକୁ ଚାଲିଲା ସେ।

* * * * * * * * *

କଛି ସମୟ ପରେ ସେଇ ସାଇକେଲ କୁ ହାତରେ ଧରି ଟଳ ଟଳ ଫେରୁଥିଲା ମକର। ସାଇକଲ ତ ଠିକ ହୋଇଯାଇଥିଲା କନ୍ତୁ ମକର ଏବେ ଠିକ ନଥିଲା। ପାଦ ଟଳମଳ, ଆଖି ଲାଲ, ମୁହଁରେ ଅପଶବ୍ଦ, ଥରେ ରାସ୍ତା ର ବାଁ ପଟେ ତ ଥରେ ଡାହାଣ ପଟକୁ ମାଡି ଯାଇ ରାସ୍ତାରେ ଯାଉଥିବା ଲୋକଙ୍କୁ ଗାଳି କରୁଥିଲା ସେ...ୟେ ଥିଲା ଆସ୍କା ଫୋଟି ର କମାଲ...

ସତ୍ୟ ଭାବୁଥିଲା, ୟା ପାଇଁ ଦାୟୀ କଏ? ମଦ ବିକୁଥିବା ଦୋକାନୀ? ନା ମକର? ନା ସତ୍ୟ ନଜେ, ଯିଏ କଛି ସମୟ ଆଗରୁ ମଦୁଆଙ୍କ ସହ କଏ କେଚେକେଚେ ହେବ ବୋଲି କୋଡିଏ ଟଙ୍କା ବଢ଼େଇ ଦେଇଥିଲା?

ଚନ୍ତା ର ବିଷୟ ନଶ୍ଚିନ୍ତ....

ଖଲାରୀ, ଅନୁଗୁଳ, ଓଡିଶା।



# ନିଦ

ବିଭୁତି ଭୁଷଣ ସାମଲ

ଧନ୍ୟ ହେ ଗୋବିନ୍ଦ    ତୁମର ସୃଜନୀ
ସଭିଙ୍କୁ ଦେଇଛ ନିଦ
ନର ପଶୁପକ୍ଷୀ    କୀଟରୁ ପତଙ୍ଗ
କେହିକ ସେଥିରୁ ବାଦ ( ୧)

କଏ ଗାଢ ନିଦ    କଏ ଛାଇ ନିଦ
କେ ଶୁଏ ନିଘୋଡ ନିଦ
ନିଦ ସ୍ୱାସ୍ଥ୍ୟପ୍ରଦ    ଜୀବନ ଶେଷରେ
ଆପଣେଇ ଚିରନିଦ ( ୨)

ତ୍ରେତାରେ ଲକ୍ଷ୍ମଣ    ଚଉଦ ବରଷ
ତେଜିଲେ ଆହାର ନିଦ
ରହି ଉଜାଗର    କରିଲେ ସମର
ବଧକଲେ ମେଘନାଦ ( ୩)

ଜିତି ମହାଯୁଦ୍ଧ    ମାଗିଥିଲେ ନିଦ
ମହାରାଜା ମୁଚୁକୁନ୍ଦ
ଭଙ୍ଗିବ ଯେ ନିଦ    ନୟନ ଅନଳେ
ଶରୀର ତା ହେବ ଦଗ୍ଧ ( ୪)

ଗିରିକନ୍ଦରରେ ରାଜାଙ୍କ ଶରୀରେ
ବସ୍ତ୍ର ଢାଙ୍କିଲ ଗୋବିନ୍ଦ
ସେ କାଳ ଯବନ କଲ୍ ପଦାଘାତ
କରାଇଲ ତାର ବଧ ( ୫)

ଶିଆଳ କୁଞ୍ଜରେ ଦ୍ୱାପର ଯୁଗରେ
ତୁମେ ଯାଇଥିଲ କନ୍ଦ
ଶରୀର ଲୁଗ୍ଧଇ ଜରା ତୀରପାଇଁ
ଦେଖାଇଣ ପଦ୍ମପାଦ ( ୬)

ଚେଇଁ ଶୋଇଥିଲ ଦୁର୍ଯ୍ୟୋଧନ ପାଇଁ
ଶୟନେ ଛଳନା କନ୍ଦ
ଦେଖିଲ ପ୍ରଥମେ ସଖା ଅର୍ଜୁନଙ୍କୁ
କେ ବୁଝିବ ତୁମ ଛନ୍ଦ ( ୭)

ଆଖି ପତା ନାହିଁ ଶୋଇଛ ଅନେଇଁ
ଛଳନା କ ଗାଢ କନ୍ଦ
ଉଠ କଳାଚାନ୍ଦ ଉଠ ପଦ୍ମପାଦ
ଉଠହେ ପରମାନନ୍ଦ ( ୮)

କନିଷ୍ଠ ଯନ୍ତ୍ରୀ, ଜଳପରିମଳ ବିଭାଗ

# ନବବର୍ଷ ତବାୟୁଷ



ଚନ୍ଦ୍ର ଶେଖର ଗୋ

ମଣିଷର ଆୟୁଷ କେତେ ?
ପ୍ରଶ୍ୱାସ ଓ ନିଃଶ୍ୱାସର ସମ୍ପର୍କର ନିବିଡ଼ତା ଯେତେ ।।
ଏ ସଂପର୍କ ଥରେ ବିଗିଡ଼ିଲେ
ସ୍ପନ୍ଦନ ଅଟକେ ଜୀବନ ପଳାଏ
ଦୁନିଆ ଦେଖଇ କାଳ ଅକାଳମୃତ୍ୟୁକୁ
ଦେହ ଶବ ପାଲଟିଯାଏ
ଶବ ପାଉଁଶ ଓ ପାଉଁଶ ମାଟିରେ ମିଶିଯାଏ ।।

ହେ ନୂଆବର୍ଷ ତମ ଆୟୁଷ କେତେ
ପ୍ରାୟ ଜାଣନ୍ତି ସମସ୍ତେ ।।
ନୂଆନୂଆ ଆସି ଏ ଧରିକୁ ସ୍ୱପ୍ନ ଦେଖୁଚ ଜହ୍ନ ତୋଳିବାର
ମାଟିରେ ତରିଫୁଲ ଫୁଟାଇବାର ପ୍ରତିଜ୍ଞା କରୁଚ
ଶୀତାର୍ଧ କଟିଯିବ ନୂତନ ସମ୍ଭାବନାମୟ ଶୈଶବ ପରି
ଶୁଭେଚ୍ଛା ଓ ସ୍ୱାଗତ କରିବାର ବାହାନାରେ ।।
ଫଗୁଣେ ଯୌବନ ଲଭିବ
ସର୍ବାଙ୍ଗ ସୌନ୍ଦର୍ଯ୍ୟଦୀପ୍ତ ଫଗୋତ୍ସବେ - -
ସ୍ୱର୍ଗୋଲ୍ଲାସ ନିମ୍ନଗା ଧରିବକ୍ଷେ ପ୍ରବାହିବ ।।
ପ୍ରେମଋତୁ ଆଲିଙ୍ଗନେ ନବଯୌବନ ବଉଳବଉଳ ବାସିବ

ଥିବ ନୂତନତ୍ୱର ଭାବମୟ ଅମୃତ ସ୍ପର୍ଶ ।।
ଚଇନେ ଅଶାଳୀନଚରିତ୍ର, ଉଗ୍ରବେଶର ସନ୍ଦେହ ଜନ୍ମିବ
ସବୁ ସନ୍ଦେହକୁ ସହିବ ବିନା ପ୍ରତିବାଦେ
ସବୁଜଚରିତ୍ର ନାଶକ ଦୁଷ୍ଟରିତ୍ରମଣିଷ ହିଁ ସନ୍ଦେହିବ ।।
ଗ୍ରୀଷ୍ମବାସେ ଜ୍ୱଳବ ମାତ୍ର କାହିଁ ଧୂଆଁ ନଦୃଷ୍ଟିବ - -
ପୁଣି ସଞ୍ଚିତ ପ୍ରୀତି ମଧୁବନ ଓ ବାଞ୍ଛିତ ଅଭିଳାଷା
ସତେ କ ବିଚ୍ଛେଦ ଦହନ ଦହିବ ହୃଦୟ
ଚତୁର୍ଦ୍ଦିଗ ଆଚ୍ଛାଦିବ ନୈରାଶ୍ୟର ଛାୟା ।।
ଶ୍ରାବଣେ ବର୍ଷାକୋଳେ ସନ୍ତୁଳ ହେବ ଦଗ୍ଧଦିହ
ଶ୍ୟାମଳୀ କନ୍ୟାକୁମାରୀ ପରି ଶୋଭିବ
ନୂତନତ୍ୱ ଥିବ କନ୍ତୁ ବଦଳଯିବ ପରିଭାଷା ।।
ଶରତ- ହେମକାଳ ପାର୍ବଣେ କାଳକାଟିବ
ଅଜାଣତେ ପ୍ରୌଢ଼ତ୍ୱ ଗ୍ରାସିବ
ଅବହେଳତ ହେବ ହୃଦୟଙ୍ଗମ କରିବ ଅବଶ୍ୟ
ମାତ୍ର ପ୍ରତିବାଦ କରିବାକୁ ଅନୁମତି ନଦେବ ବୟସ ।।
ପାଲଟୁଥିବ ବିଦାୟୀ ପୁରାତନ ବର୍ଷ
କନ୍ତୁ ତମେ ଦେଖୁଥିବ ନବବର୍ଷକୁ ସ୍ୱାଗତିବା ପ୍ରସ୍ତୁତି ପର୍ବ...
ସରିସରି ଯିବ ଆୟୁଷ...ତମ ଆୟୁଷ ।।

କର୍ଲାଖମାର, ସିନାପାଲି, ନୂଆପଡ଼ା

# କୋକଳ କାକଳ



ରାଜଶେଖର ସି. "ଚମା"

ଆସିଲା ଆସିଲା ବିଶିଷ୍ଟ ବସନ୍ତ କାଳ,
ଦିଶିଲା ଆମ୍ବଗଛରେ ବସନ୍ତ ବଉଳ,
କୁହୁକୁହୁ କାକଳ ରାବକରେ କୋକଳ,
ଶୁଣି ଆହା ଆହା ଲାଗେ ମଳୟା ନଳସ କାଳ। ୧।

ଶିଶୁକୁ ମାଆଙ୍କ ଡାକରା ଲାଗେ ମଧୁର ବାଣୀ,
ଭଲଲାଗେ ବୋଉ କହୁଥିବା କଥା କାହାଣୀ,
ଶିଶୁ ଖେଳା ସଙ୍ଗୀତରୁ ପହଞ୍ଚନ୍ତି ନଦ୍ରାରାଣୀ,
ନାନାବାୟା ଗୀତଗାଇ ମାତା ହୁଅନ୍ତି କୋକଳ- ଭାଷିଣୀ। ୨।

ପ୍ରିୟତମଙ୍କୁ ଶୁଭେ ଯେବେ ପ୍ରିୟତମାଙ୍କ ମନୋଜ୍ଞସ୍ୱର,
ଲାଗେ ଯେମିତି କୋକଳରୁତ କମନୀୟ ସୁସ୍ୱର,
ଇହଲୋକ ଭକ୍ତଙ୍କୁ ମନେପଡ଼ନ୍ତି ଯେବେ ଈଶ୍ୱର,
କୋକଳକଣ୍ଠ ସମ ଅନୁରାଗ ଆଳାପ ପାଆନ୍ତି ପରମେଶ୍ୱର। ୩।

କୋକଳକାକଳରୁ ବଶୀଭୂତ ହୁଏ ଏ ମନ,
ଯାହାର ଧ୍ୱନ ପ୍ରତିଧ୍ୱନରେ ପ୍ରମୋଦିତ ହୁଏ ନନ୍ଦନବନ,

ଅଦୃଶ୍ୟ ଅନୁପସ୍ଥିତ ହେଲେ ଲାଗେ ନୀରବ ଅଶୋକବନ,
ଯାହା ବିନା ନିରର୍ଥକ ନୀରସ ମଦନଙ୍କ ମଧୁବନ। ୪।

ଜାଣିନୀ ମୁଁ କୋଇଲିର ବହୁମୂଲ୍ୟ ଭାଷା,
କରିହେବନୀ କୋକିଳନାଦର ପରିଭାଷା,
ମିଳନ୍ତା ମନରେ ମହତ୍ତ୍ୱପୂର୍ଣ୍ଣ ମନୀଷା,
କୋକିଳ ସହ ବାର୍ତ୍ତାଳାପ କରିବାର ଅଛି ଅଭିଳାଷା। ୫।

chvrajasekhar@gmail.com

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ଅଭିଶପ୍ତ ଜୀବନ



ଶାଶ୍ୱତୀ ସାମଲ୍

ଫାଲଗୁନ ମାସ। ଆକାଶ ନିର୍ମଳ, ବସନ୍ତ ର ମଳୟ ପବନ ବହିବା କେଉଁ ଦିନରୁ ବନ୍ଦ ହୋଇ ସରିଲାଣି । ଏବେ ତ ଖାଲି ଉତ୍ତପ୍ତ ଧୂଳି ଧୂଆଁ ର ସମାବେଶ । ଚାରି ଆଡ ଗାଡିମଟର ର ଶବ୍ଦ । ଚିନ୍ତାମଣି ବାବୁ ସକାଳୁ ବାହାରି ପଡିଛନ୍ତି କଟକ ନିକଟସ୍ଥ ଚୌଦ୍ୱାର ଅଭିମୁଖେ । ପନ୍ଦର ଦିନ ତଳେ ବନ୍ଧୁ ନରହରି ଙ୍କ ନିମନ୍ତ୍ରଣ ପତ୍ର ମିଳିଥିଲା । ତାଂକ କନ୍ୟା କବିତା ର ଶୁଭପରିଣୟ। ଯୋଗଦାନ କରିବାକୁ ବହୁତ ଅନୁରୋଧ କରିଥିଲେ। କିଛି ଦିନ ଧରି ଦେହ ଅସ୍ୱସ୍ଥ ଥିବାରୁ ଘରେ ସମସ୍ତେ ମନା କରୁଥିଲେ ଯିବାପାଇଁ। କିନ୍ତୁ ନରହରି ବାବୁ ତାଂକ ଅସୁବିଧା ବେଳେ ତାଂକୁ ବହୁତ ସାହାଯ୍ୟ କରିଥିଲେ, ମନା କରିବାକୁ ବିବେକ ବାଧା ଦେଲା। ସେଥିପାଇଂ ସମସ୍ତଙ୍କ ବାରଣ ସତ୍ତ୍ୱେ ଆଜି ସକାଳୁ ବାହାରି ଆସିଛନ୍ତି ।

ଦୁଇ ବନ୍ଧୁ ଏକା ସ୍କୁଲ ରେ ଶିକ୍ଷକ ଥିଲେ। ଅବସର ନେଲା ପରେ ଚିନ୍ତାମଣି ବାବୁ ଭୁବନେଶ୍ୱର ଚାଲି ଆସିଥିଲେ ଓ ନରହରି ବାବୁ ଚୌଦ୍ୱାର ନିକଟବର୍ତି ନିଜ ଗାଁ ରେ ଘର ତୋଳି ରହିଗଲେ। ବସ୍ ରୁ ଓହ୍ଲାଇ ଚାଲିଚାଲି ଗଲାବେଳେ ସବୁ ପଛ କଥା ମନେ ପଡି ଯାଉଥାଏ। ହଠାତ୍ ପିଲା ମାନଙ୍କ ହୋହଲ୍ଲା ରେ ବର୍ତ୍ତମାନ କୁ ଫେରି ଆସିଲେ। ଚାରି ଆଡକୁ ଚାହିଁଲେ କାହିଁ କେଉଁ ଠାରେ ତ କଣ୍ଢେଇ ବିକାବାଲା, ମାଙ୍କଡ ନଚା ବାଲା ତ ଦେଖାଯାଉନାହାନ୍ତି, ତେବେ ଏ କୋଳାହଳ କାହିଁକି ? ଦୃଷ୍ଟି ପଡିଲା ଜଣେ ବୃଦ୍ଧ ବୟସ ର ଲୋକଙ୍କ ଉପରେ । ଦେଖିବାକୁ ହୃଷ୍ଟପୃଷ୍ଟ, ଉଗ୍ର କିନ୍ତୁ ମୁହଁ ଟି ଯେପରି ଅସୁନ୍ଦର ତାଂକ

ପରିଧାନ ତାଠୁ ତଦ୍ରୂପ । ସେ ଆଗେ ଆଗେ ଛତା ଧରି ଚାଲିଥାନ୍ତି । ତାଂକ ପଛେପଛେ ପିଲା ମାନେ । କିଏ ତାଂକ ଛତା କୁ ଟାଣି ନେଉଛି ତ କିଏ ତାଂକୁ ଥଟ୍ଟା କରି ଗୀତ ବୋଲୁଛନ୍ତି । ଏହାଭିତରେ ଅନ୍ୟ ପିଲା ମାନେ ଆସିବି ଏଥିରେ ଯୋଗ ଦେଲେଣି । କିଛି ବୟସ୍କ ଲୋକ ଏହା ଦେଖିଲେ ବି ଛୁଆ ମାନକୁଁ ଆକଟ କରୁ ନାହାଁନ୍ତି । ବୃଦ୍ଧଙ୍କ ପ୍ରତି ପିଲା ମାନଙ୍କର ଏପରି ବ୍ୟବହାର ଉଚତ ନ ଲାଗିଲେବି ଉପାୟ ନାହିଁ । ଏଇଟା ବୋଧେ ତାଂକ ନିତି ଦିନିଆ କଥା । ତାଂକ ମନରେ ବ୍ୟକ୍ତି ପ୍ରତି ସମବେଦନା ଜାତ ହେଲା ।ତାଙ୍କ ସହିତ କଥା ହେବାକୁ ଆଗ୍ରହ ହେଲା । ବନ୍ଧୁଙ୍କ ଘର ଠିକଣା ପଚାରିବା ବହାନା ରେ କଥାବାର୍ତ୍ତା ଆରମ୍ଭ କଲେ । ବ୍ୟକ୍ତି ଜଣକ ଠିକଣା ତ କହିଦେଲେ ମାତ୍ର ଆଉ କିଛି କଥା ନହୋଇ ଗେଟ୍ ବନ୍ଦ କରି ଘର ଭିତର କୁ ଚାଲିଗଲେ । ତାଂକର ଏ ରୁକ୍ଷ ବ୍ୟବହାର ର କାରଣ କଣ ଚନ୍ତାମଣି ବାବୁ ବୁଝିପରିଲେନ ।

ନରହରି ବାବୁଙ୍କ ଘରେ ପହଁଚ ଦେଖିଲେ ବାହାଘର ସାଜସଜା ଖୁବ୍ ସୁନ୍ଦର ହେଇଛି । ଗାଁ ହେଲେବି ସବୁ ପ୍ରକାର ସୁବିଧା ସୁଯୋଗ ର ଆୟୋଜନ କରାଯାଇଛି । ତାଙ୍କୁ ଦେଖି ସମସ୍ତେ ବହୁତ୍ ଖୁସି ହେଲେ । ଭଲରେ ଭଲରେ ବିଭାଘର କାର୍ଯ୍ୟ ତୁଟି ଗଲା । ବରକନ୍ୟା ସକୁଶଳେ ବିଦା ହୋଇଗଲେ । ବନ୍ଧୁଙ୍କ ଅନୁରୋଧ ଏଡାଇ ଦେଇ ନପାରି ଚନ୍ତାମଣି ବାବୁ ତାକଂ ଆସିବା ଟା ଦୁଇଦିନ ଗଡାଇ ଦେଲେ । ତା ପରଦିନ ଚା ପାନ ସମୟରେ ସମସ୍ତଙ୍କ ଉପସ୍ଥିତି ରେ ସେଇ ବ୍ୟକ୍ତିଙ୍କ କଥା ଉଠେଇଲେ । ସମସ୍ତେ ହସି ଉଠିଲେ । ନରହରି ବାବୁଙ୍କ ପୁଅ କହିଲା "ମଉସା ଆପଣ କାହା କଥା କହୁଛନ୍ତି, ତାଂକ ନାଁ ଧରିଲେ ଆଜି ଖାଇବାକୁ ମିଳିବନି ଓ ଆପଣଙ୍କ କିଛି କାମ ବି ହବନି । ଏ ପ୍ରକାରର ବିଦ୍ୱେଷ ଭାବ, ସେ ବ୍ୟକ୍ତି ଜଣଙ୍କ କଣ ଏତେ ଖରାପ, କିନ୍ତୁ ଲକ୍ଷ୍ୟ କଲେ ଯେ ନରହରି ବାବୁ କିଛି ନକହିଲେ ବି ତାଙ୍କ ପୁଅ ସହିତ ଏକମତ ନଥିଲେ । ଖାଲି ଏତିକି କହିଲେ ସମୟ ଓ ପରିସ୍ଥିତି ବ୍ୟକ୍ତି ବିଶେଷ କୁ ବଦଳାଇ ଦିଏ କହି ଆଲୋଚନା ର ପ୍ରସଂଗ କୁ ଅନ୍ୟ ଆଡେ ନେଇ ଯାଇଥିଲେ । ଚନ୍ତାମଣି ବାବୁଙ୍କ ଉତ୍ସୁକତା ଆହୁରି ବଢି ଯାଇଥିଲା । ଏକୁଟିଆ ସମୟ ଦେଖି ସେ ନରହରି ବାବୁଙ୍କ ଠୁ ଏ ବିଷୟରେ ଜାଣିବାକୁ ଚାହିଁଲେ ।

ବିଶ୍ୱାସ ର ଅନ୍ୟ ନାମ ଜୀବନ । ବିଶ୍ୱାସ ବିନା ଜୀବନ ର ସ୍ଥିତି ଯେ ଅସମ୍ଭବ । କିନ୍ତୁ ଏଇ ବିଶ୍ୱାସ ଯେତେବେଳେ ତୁଟିଯାଏ, ମନୁଷ୍ୟ ହୁଏତ ସମ୍ପୁର୍ଣ ଭାଂଗି ପଡ଼େ ନଚେତ ତାର ପ୍ରକୃତି, ସ୍ୱାଭାବ ସବୁକିଛି ବଦଳଯାଏ । ଚନ୍ଦ୍ରାମଣି ବାବୁ ରାସ୍ତା ରେ ଭେଟିଥିବା ବ୍ୟକ୍ତି ବିଶେଷଙ୍କ ନାଁ ଟି ହେଲା ରୁଦ୍ରମାଧବ । ତାଂକ ସ୍ତ୍ରୀ ର ନାଁ ଦମୟନ୍ତି । ମାଧବବାବୁଙ୍କ ପୁର୍ବପୁରୁଷ ବ୍ୟବସାୟ କରିବା ସକାସେ ଗାଁ ଛାଡି ଦୂର ସହର କୁ ଚାଲିଯାଇଥିଲେ । କିନ୍ତୁ ପ୍ରାୟ ତିରିଶ ବର୍ଷ ତଳେ ତାଂକ ବାପାଙ୍କ ଦେହ ଖରାପ ହେବାରୁ ସେ ସହରୀ ଚାଲି ଚଲଣ ଛାଡି ଗାଁ କୁ ଲେଉଟି ଆସିଥିଲେ ।ଗାଁ ରେ ଥିବା ଜମିବାଡି ଦେଖାଦେଖି କଲେ ଓ ତା ସହିତ ଏକ ଟେଜରାତି ଦୋକାନ ଖୋଲିଲେ । କିଛି ସମୟରେ ଦୋକାନ ଟି ଭଲ ରେ ଚାଲିଲାରୁ ହାତ କୁ ଦୁଇ ପଇସା ଆସିଲା । ମାଧବବାବୁଙ୍କ ବାପା ପକା ବେପାରୀ ଥିଲେ । ସେ ଅଧିକା ପଇସା କୁ ସୁଧ ଲଗାଣ କଲେ । ତା ଛଡା ଲୋକ ଚହ୍ନିବାର ଶକ୍ତି ତାଂକ ପାଖରେ ଥିଲା । ସେଥିପାଇଁ ଯେତେଦିନ ସେ ବଂଚଥିଲେ ବ୍ୟବସାୟ ଲାଭ ରେ ଚାଲିଥିଲା, କିନ୍ତୁ ତାଂକ ମୃତ୍ୟୁ ପରେ ସମସ୍ତେ ମାଧବବାବୁଙ୍କ ସରଳ ସ୍ୱଭାବ ର ଫାଇଦା ଉଠେଇଲେ । ଆର୍ଥିକ ସାହାଯ୍ୟ ନେଇ କେହି ଟଙ୍କା ଫେରେଇଲେ ନାହିଁ । ଯଦି ବା କିଏ ଦେଲା ସେ ଶାଗରେ ମୁଗ ରେ ଦେଲା ଭଳ । କିଛି କାମ କୁ ଆସିଲା ନାହିଁ ଏବଂ ମାଗିଲାରୁ ସମ୍ପର୍କ ଭି ଖରାପ ହେଲା । ସେଥିପାଇଁ ସେ ଆଉ ଉଧାର ବା ଆର୍ଥିକ ସହାୟତା କାହାକୁ ଦେବେନ ବୋଲି ନିର୍ଣ୍ଣୟ କଲେ । ଯଦି ବା କାହାକୁ ଦେଲେ ତା ବଦଳ ରେ କିଛି ବନ୍ଧକ ରଖିଲେ । ଏଥି ସକାସେ ତାଙ୍କୁ ଗାଁ ଲୋକେ ବହୁତ୍ କଥା କହିଲେ, "କଣ ପାଇଁ ଏତେ ଲୋଭ । ମଲା ପରେ ତ ମୁହଁ ରେ ନିଆଁ ଦେବାକୁ କେହି ନାହାଁତି ।" ଏମିତି ଅନେକ କିଛି ତାଂକୁ ଶୁଣିବାକୁ ମିଳିଲା । ବହୁତ ଡାକ୍ତର, ହାକମ ଦେଖେଇଲା ପରେ ଭି କିଛି ଶୁଭ ସମାଚାର ମିଳିଲାଣି । ଶେଷରେ ବନ୍ଧୁବାନ୍ଧବ ବିଶେଷ କରି ସ୍ତ୍ରୀ ଦମୟନ୍ତି ଜୋର୍ କରିବାରୁ ତାଂକ ଶାଳକଙ୍କ ପୁଅ କୁ କାଗଜ ପତ୍ରରେ ପୋଷ୍ୟପୁତ୍ର ରୁପେ ଗ୍ରହଣ କଲେ । କେତେ ସ୍ନେହ ରେ ତା ନା ଦେଇଥିଲେ ସୂର୍ଯ୍ୟନାରାୟଣ । ତାର ଶିକ୍ଷା ଦୀକ୍ଷା ରେ କିଛି ବି ଅବହେଳା କରିନଥିଲେ । ପାଖରେ ଏତେ ସମ୍ବଳ ନଥିଲେ ବି ଭଲ କଲେଜ ତାକୁ ପଢ଼େଇଥିଲେ, କିନ୍ତୁ କଣ ହେଲା । ଶିକ୍ଷା ଗ୍ରହଣ କରିବାକୁ ଯାଇ ସେଠାରେ ନେତା ପାଲଟି ଗଲା । ପାଠ ପଢା ଛାଡି ଅନ୍ୟ ସବୁ କ୍ଷେତ୍ର

ରେ ପାରଙ୍ଗମ ହୋଇଗଲା । ଶେଷରେ ଅଧାରୁ ପଢା ଛାଡି ଗାଁ ରେ ଆସି ରାଜନୀତି କଲା । ବିନା ପରିଶ୍ରମ ରେ ବଡଲୋକ ହବାର ନିଶା ତାକୁ ଯେମିତି ନିଶାଶକ୍ତ କଲା । ଏବେ ତ ପ୍ରାୟ ସବୁ ରାଜନୈତିକ ଦଳ ଶିକାରୀ ପରି ଜାଲ ବିଛାଇ ଏମିତି ଅଳ୍ପ ବୟସ ର ପିଲା ମାନଙ୍କୁ ଜାଲ ରେ ଫସେଇ ଥାନ୍ତି । ମାନସିକ ପରିପକ୍ୱତା ଆସିନଥିବାରୁ ବିଭିନ୍ନ ସମସ୍ୟା ରେ ମୁଣ୍ଡ ପୂରାଇ ଯେ କୌଣସି ଆନ୍ଦୋଳନ ରେ ପାଠପଢା ଛାଡି ପୋଷ୍ଟର ଓ ବ୍ୟାନର ଧରି ରାସ୍ତା ରେ ହଜାର । ବାପା ମା ଙ୍କର କଷ୍ଟୋପର୍ଜିତ ଅର୍ଥ ର ବ୍ୟୟ ସମୀକ୍ଷା କରିବାକୁ ଏମାନଙ୍କ ପାଖେରେ ସାମୟ ନଥାଏ । ସୂର୍ଯ୍ୟନାରାୟଣ ମଧ୍ୟ ସେହିପରି ଯୁବାଗୋଷ୍ଠୀ ରେ ସାମିଲ ହୋଇ ଯାଇଥିଲା । ନିଶା କରିବା, ଲୋକଙ୍କୁ ଧମକ ଦେବା ଏସବୁ ଦିନ କୁ ଦିନ ବଢି ଚାଲିଲା । ନିଜ ଆବଶ୍ୟକତା ପୂରଣ କରିବା ପାଇଁ ଚୋରି ବି କଲା । ଥରେ, ଦିଥର ଧରା ବି ପଡିଲା । ମାଧବ ବାବୁ ତାକୁ ବହୁତ ବୁଝାଇଲେ । ମାତ୍ରଯେ ଥରେ ସେ ରାସ୍ତା ରେ ଚାଲିଗଲାଣି ସେଠାରୁ ଫେରିବା ତା ପକ୍ଷରେ କଷ୍ଟ ହୋଇପଡେ । କିନ୍ତୁ ଯେଉଁଦିନ ସୂର୍ଯ୍ୟ କୁ ପୋଲିସ ଚୋରା ନିଶା କାରବାର କରିବା ଅପରାଧ ରେ ଧରିଲେ ସେଦିନ ସେ ପୁରା ଭାଂଗି ପଡିଲେ । ଏପରି ସନ୍ତାନ କୁ ତେଜ୍ୟପୁତ୍ର କରିବାକୁ ନିଷ୍ପତି ନେଇଥିଲେ । କିନ୍ତୁ ଦମୟନ୍ତିଙ୍କ ମୁଁହ କୁ ଚାହିଁ ଏସବୁ ରୁ ନିବୃତ ରହିଥିଲେ। ବିଚାରି ଟା ଏମିତି ତ ମା ନହୋଇ ପରିବାରୁ ବହୁତ ଦୁଃଖ ସହିଛି । ତାକୁ ପୁଣି ଏତେ କଷ୍ଟ ଦେବାକୁ ତାଂକ ମନ ଗଲାନି । ଜାମିନ୍ ରେ ପୁଅ କୁ ଜେଲ୍ ରୁ ଆଣିବା ପାଇଁ ତାଂକୁ ଭଲ ଅର୍ଥ ଶ୍ରାଦ୍ଧ କରିବାକୁ ପଡିଥିଲା । ଜେଲ ରୁ ଆସିବା ପରେ ସୂର୍ଯ୍ୟ ଆହୁରି ଭୟଙ୍କର ହୋଇଯାଇଥିଲା । ଲୋକଙ୍କୁ ଛୁରି ଦେଖେଇ ଲୁଟ୍ କରିବା, ଡକାୟତି କରିବା ତାର ଅଭ୍ୟାସ ରେ ପରିଣତ ହୋଇଯାଇଥିଲା । ଶେଷରେ ସବୁ ସୀମା ଟପି ଯାଇଥିଲା ଯେଉଁ ଦିନ ସେ ପଇସା ପାଇଁ ବାପ ଉପରକୁ ହାତ ଉଠେଇଥିଲା । ଦମୟନ୍ତୀ ମା ହେଲେବି ଏସବୁ କୁ ସହିପରିଲେନି । କିଛିଦିନ ପରେ ହୃଦଘାତ ରେ ତାଂକ ମୃତ୍ୟୁ ହେଲା । ଏହାପରେ ମାଧବବାବୁ ପୁରା ବଦଳି ଗଲେ । ସତେ ଯେମିତି ଏକ ଭିନ୍ନ ମଣିଷ । ସବୁବେଳେ ହସୁଥିବା, ସମସ୍ତ ଙ୍କୁ ସାହାଯ୍ୟ ସହଯୋଗ କରୁଥିବା ମାଧବବାବୁ ଏବେ ସମସ୍ତଙ୍କୁ ସନ୍ଦେହ ଦୃଷ୍ଟି ରେ ଦେଖନ୍ତି । ନା କାହା ଘର କୁ ଯାଆନ୍ତି ନା କାହା ସହିତ ମିଶନ୍ତି । ଯିଏ ତାଂକ ବିଷୟରେ ଜାଣିନଥାନ୍ତି, ସେମାନେ ତଂକୁ ସ୍ୱାର୍ଥପର, ଲୋଭି ଭାବି

ଭୁଲ୍ ବୁଝନ୍ତି । କିନ୍ତୁ ଏହା ପଛରେ ଥିବା ପ୍ରକୃତ କାରଣ ଟିକୁ ଜାଣିବାକୁ ଚେଷ୍ଟା କରନ୍ତି ନାହିଁ। ଦୁଇ ବନ୍ଧୁଙ୍କ କଥା ସରିଲା ବେଳ କୁ ରାତି ଅନେକ ହେଲାଣି । ତାପର ଦିନ ଚନ୍ଦ୍ରାମଣି ଭୁବନେଶ୍ୱର ଲେଉଟି ଆସିଲେ । ବାଟ ରେ ପୁଣି ମାଧବବାବୁଙ୍କୁ ଦେଖିଲେ । ମନେ ମନେ ଭାବିଲେ ଜୀବନ ଏକ ସଂଘର୍ଷ । ମଣିଷ ତା ଜୀବନ ରୁ ମୃତ୍ୟୁ ପର୍ଯ୍ୟନ୍ତ ସଂଘର୍ଷ କରିଚାଲେ। ହୁଏତ କାହା ଭାଗ୍ୟ ରେ କମ୍ କା ଭାଗ୍ୟ ରେ ବେଶି ଲେଖା ହୋଇଥାଏ। ମାତ୍ର ଏମିତି କେତେଜଣ ଥାଆନ୍ତି ଯେଉଁମାନଙ୍କ ପୁରା ଜୀବନ ହିଁ ଏକ ଅଭିଶପ୍ତ। ଅଜାଣତରେ ମାଧବବାବୁଙ୍କ ପାଇଁ ତାଙ୍କ ଆଖି ରୁ ଦୁଇ ଟୋପା ଲୁହ ବହି ପଡିଲା ।

୪୩୧, ସେକ୍ଟର- ଇ, ପକେଟ- ୨, ବସନ୍ତକୁଞ୍ଜ, ନୂଆଦିଲ୍ଲୀ

ବେଦାନ୍ତୀର ଆଗାମୀ ସଂଖ୍ୟା ମାର୍ଚ୍ଚ ମାସ ୧ ତାରିଖରେ ପ୍ରକାଶ ପାଇବ। ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ। ଆପଣମାନଙ୍କ ଲେଖା ଫେବୃୟାରୀ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ। ଆପଣମାନେ ଲେଖା ଇମେଲ୍ କିମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ- 9594993733

# ପ୍ରେମ



ଖଗେଶ୍ୱର ବାଗ

ପ୍ରେମ ନୁହେଁ ଲୁହର ଝରଣାଟି କୋହର ଧୂମାୟିତ ଆକାଶ ବିରହର ଅପାମ ଯନ୍ତ୍ରଣା କ ସନ୍ଦେହର ପ୍ରଶ୍ନଟି ।।

ପ୍ରେମ ନୁହେଁ ଚୁମ୍ବନର କମାଟି ସମ୍ଭୋଗର ପୂର୍ଣ୍ଣଚ୍ଛେଦ ଈର୍ଷାର ବିନ୍ଦୁ କ ନୁହେଁ ପ୍ରତିଶୋଧର ଶିଖାଟି ।।

ପ୍ରେମ ନୁହେଁ କାମନାର କଳଙ୍କଟି ନୁହେଁ ସ୍ୱାର୍ଥର ସଂକୀର୍ଣ୍ଣତା ଦୁଇଟି ମନର ମୂର୍ଖତା କ ବିଚ୍ଛିନ୍ନ ବିବେକଟି ।।

ପ୍ରେମ ସୃଜନକ୍ଷମ ସୃଷ୍ଟିଟି ତ୍ୟାଗ ସମର୍ପଣର ପ୍ରତୀକ ନିର୍ଭୀକତାର ଲକ୍ଷଣ ଆଉ ଚନ୍ଦ୍ରମାର ସୌନ୍ଦର୍ଯ୍ୟଟି ।।

ପ୍ରେମ ଜୀବନର ଅଂଶଟି ସକଳ ନାରୀର ଅସ୍ତିତ୍ୱ ସୁଖର ସଂଜ୍ଞା ଆଉ ବଞ୍ଚିବାର ସ୍ୱାହାଟି ।।

ପ୍ରେମ ଅଜେୟ ଶକ୍ତିଟି ଚିରନ୍ତନ ସତ୍ୟଟି କାୟାଦ୍ୱୟର ଏକାତ୍ମା ପୁଣି ଅନନ୍ତ ପୂର୍ଣ୍ଣତା ହୃଦୟଟି ।।

ବୁଢ଼ିକୋମନା, ଜିଲ୍ଲା- ନୂଆପଡା

# ମାର ଅବା ତାର



କବି ପ୍ରସାଦ

କାହିଁକ ଆସିବ ମୋ ପାଇଁ
ଯେତେ ନେହୁରା ହେଲେ
ମୁଁ ଯେ ନୁହେଁ ବିଶେଷ ତୁମର
ଏ କଥା ଜଣେ ମୁଁ ଭଲେ ।
ଦାସୀଆ ନଡ଼ିଆ ନେଲବଲି କଅାଁ
କରିବି ମୁଁ ଅଭିମାନ
ଦାସୀଆ ପରି ହେବାକୁ ମୋହର
ତିଳେ ମଧ୍ୟ ନାହିଁ ଗୁଣ ।
ଶବରୀ ଅଇଁଠା ଖାଇଲବଲି କ
ଖାଇବ ହରି ମୋ ଠାରୁ
ଶବରୀ ପରି ମୋ ଧର୍ଯ୍ୟ କାହିଁ
ଅପେକ୍ଷା କରିବି ମହାପୁରୁ ।
ସୁଦାମା ପରି ମୁଁ ମିତ ତ ନୁହେଁ
ପାଛୋଟି ନେବ ସିଂହଦ୍ୱାରୁ
ବିଦୁର ପରି ନୁହେଁ ମୁଁ ଭକତ
ଶାଗଭଜା ଖାଇବ ମୋ ହାତରୁ ।

ରାଧା ପରି ମୋର ହୃଦୟ ନାହିଁ
ଭାବେ ମୁଁ ପାରିବି ବାନ୍ଧି
ମୀରା ପରି ମୋର ଶରଧା କାହିଁ
ଗୀତରେ ପାରିବି ଛନ୍ଦି ।
ଜୀବନ ଜଞ୍ଜାଳ ବନ୍ଧନେ ପଡ଼ି ମୁଁ
ଛଟପଟ ହେଉଛି ହେ ହରି
ମୋହମାୟାରେ ଛନ୍ଦିହୋଇ ଅଛି
ମାର ଅବା ତାର ହରି ।

ସର୍ଗିଗୁଡା, ମଣ୍ଡଳ, ବେଲପଡା, ବଲାଙ୍ଗୀର, ଓଡିଶା

“ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ”

# ବାଆ ବାଆ ରେ ଟୋକା



ଅଜୟ କୁମାର ବେହେରା

ଆଜିକାଲିର ଟୋକା
ପକେଟ ଫାଙ୍କା
ଷ୍ଟାଇଲ ମାରନ୍ତି
ହୋଇ ଘିରି ଘିରି
ମୁଣ୍ଡ ବାଳ କେତେ
ରଙ୍ଗ ବେରଙ୍ଗ କରି....

କହିଲେ କହିବେ
ପୁରୁଣା ଜମାନା
ଗ୍ଲି ଗଲାଣି
ତାକୁ ଧରି ଆଉ
ଚଳ ହେବନ....

କଥାବାର୍ତ୍ତା ତାଙ୍କ
ପୁରା ଅଡୁଆ
ସାଙ୍ଗ, ଖଟି ମଜା
ତାଙ୍କୁ ଭାରି ବଢ଼ିଆ....

ଭୋଟ, ଇଲେକସନ ବେଳରେ
ପଶି ହେବ ନାହିଁ
ତାଙ୍କ ମେଳରେ
ଖେଳ ଗ୍ଲେ ତାଙ୍କ

ଲାଲି ପାଣି ଆଉ
ଚକେନ୍ କସା ସାଥିରେ....

ମାଆ ମରେ
ଖଟି ଖଟି ଦୁଃଖ ଧନ୍ଦାରେ
ବାପ ବଡି ଭୋର ରୁ ଯାଇ
ଆସେ ରାତି ଅଧରେ
ଏ କଥା ପଶେନ ପୁଣି
ପୁଅ କାନରେ....

ଦାଦାଗିରି କରେ ସେ
ହାଟ ବଜାରେ
ସଜା କାଟେ ଯାଇ
ପୋଲିସ ଥାନାରେ...

ଦି- ଗୁରି ବିଧା
ପଡିଲା ପରେ
କାନ ମୁଣ୍ଡ ଆଉଁଶି
ପୁଣି ଘରକୁ ଫେରେ....

ସେଲ୍ଫି ନେଇ ବୁଲେ
କେତେ ପ୍ରକାରେ
ଚର୍ଚ୍ଚା ହୁଏ ତାର
ଫେସ ବୁକ ଆଉ ପୁଣି
ମେସେଞ୍ଜର ରେ...

ବାବାରେ ଟୋକା
ଆଜିକାଲି ର ଟୋକା...

ମୋରଡ଼ା, ମୟୂରଭଞ୍ଜ

# ଅଳ୍ପ ଦିନ ର ଗଳ୍ପ



ପ୍ରକାଶ ସାହୁ

ଆଜି ସ୍କୁଲ ରୁ ଆସି ଏକା ବସିଛି କୁନ ଝିଅ କଣ୍ଢେଇ ତାର ସେହି ପ୍ରିୟ ସ୍ଥାନ ଝରକା ପାଖ ରେ। ଆଜି ବହୁତ ଶାନ୍ତ ପଡିଯାଇଛି। ହରୀମାଖୀ ହୋଇ ଝରକା ଫାଙ୍କରେ ଦେଖୁଛି ସନ୍ଧ୍ୟା ସମୟ ର ବାହାର ଦୃଶ୍ୟ। ଦେଖୁଛି ରକ୍ତ ଗୋଲ୍ପ ଆଉ ମୃଦୁ ପବନ ର ଦୋଳ ଖେଳ। ଦେଖୁଛି ରଜନୀ ର ପ୍ରାରମ୍ଭିକ ଅନ୍ଧିଆର। ଝରକା ଦେଇ ଆସୁଥିବା ଧୀର ପବନ ରେ ଖସିଆସୁଛି ଆଖି ଉପରକୁ ଦୁଇ ଯୋଡ଼ା କେଶ। କଣ୍ଢେଇ କେଶ ଗୁଚ୍ଛ କୁ ଡାହାଣ ପାଖ କାନ ଉପରକୁ ଖଞ୍ଜି ଦେଇ ଓଠ ତଳେ ହାତ ରଖି ଫେରି ଯାଉଛି ପୂର୍ବସ୍ଥାକୁ । ଶୁଣୁଛି ସେହି ଟିକ ଟମି ର ଅଝଟପଣ ର ସ୍ୱର ତା ମା ଠାରୁ କ୍ଷୀର ପାନ କରିବା ପାଇଁ।ଦେଖୁଛି ସେହି ମନୋରମ ଦୃଶ୍ୟ ମା ଆଉ ସନ୍ତାନ ର ସ୍ନେହ ଆଉ ଅନାବିଳ ପ୍ରେମ। ଦେଖୁଛି ଟମି ଚତୁର୍ଦ୍ଦିଗ ରେ କପରି ତୀକ୍ଷ୍ଣ ନଜର ରଖିଛି ତାର ମା।

- ଆଜି ମୋ ଧନ ର କଣ ହୋଇଛି କି? ଏମିତି କଣ ମୁହଁ ସୁଖେଇ ବସିଛି । ଆଜି ଖେଳବାକୁ ଯିବନି କି ମୋ ମା, ଏହି ଦେଖେ ସୀମା, ରୁପା….. ସମସ୍ତେ ଡାକଲେଣି, କଣ୍ଢେଇ କୁ କୋଳ କୁ ନେଇ ପଚ୍ଛରିଲେ ବନ୍ଦନା ଦେବୀ।

ହଠାତ ମା ର ଡାକ ରେ ଚମକ ପଡିଛି କଣ୍ଢେଇ। ସାମାନ୍ୟ ଗଳା ଢୋକି ଅନ୍ୟମନସ୍କ ସ୍ୱର ରେ କହୁଛି

- ତୁ ଏମିତି କଣ ଚମକେଇ ଦେଲୁ। ଦେଖୁନୁ କେତେ ବଡ କାମ ଟେ କରୁଥିଲି।

- କଣ କାମ କରୁଥିଲେ କ ମୋ ମା ଓଠ ତଳେ ହାତ ଦେଇ।

- ଦେଖୁଥିଲି ସେହି ଟମି କୁ, କେଡେ ସୁନ୍ଦର ହୋଇଛି। ସେଥି ପାଇଁ ପର୍ ତା ମା ତାକୁ ଜମା ବି ଏକୁଟିଆ ଛାଡୁନ। ସବୁବେଳେ ତା ପାଖା ପାଖି ରହୁଛି। ତାକୁ କ୍ଷୀର ପିଆଉଛି।

- ଓଃ ଏହି କଥା ପାଇଁ ମୋ ମା ଆଜି ମୁହଁ ଶୁଖେଇ ବସିଛି।ମୋ ଧନ କୁ ସେହି ଟମି ଦରକାର। କାଲି ଜେଜେ ଙ୍କୁ କହିବି ସେ ଟମି କୁ ନେଇଆସିବେ, ଆମେ ଟମି କୁ ଘରେ ରଖିବା ତା ସହିତ ଖେଳବା, ଖାଇବା ହେଲା ।

- ହଁ ମା ବହୁତ ମଜା ହେବ ମୁଁ ଟମି ସହିତ ଖେଳବି, ଶୋଇବି । ହେଲେ ମା ତୋତେ ନା ମୁଁ ଆଜି ଗୋଟିଏ କଥା ପଚ୍ଚରିବି

- କଣ ଏମିତି କଥା ଅଛି ଯେ ହଁ ମୋ ମା କହ।

- ଏହି ଦେଖ ଏ ଟମି କୁ ସମସ୍ତେ କେତେ ଭଲ ପାଉଛନ୍ତି। ମୁନା ଭାଇ, କାଳଆ ଭାଇ, ସୀମା, ରୁପା ସମସ୍ତେ ତାକୁ ବହୁତ ଭଲ ପାଉଛନ୍ତି। ମୋତେ ବି ଆମ ଘରେ ସମସ୍ତେ ଭଲ ପାଉଛନ୍ତି।କନ୍ତୁ ମା ଜାଣିଛୁ ସୁନ ମୋ ସାଙ୍ଗ ଆମ ସ୍କୁଲ ରେ ପଢୁଛି ତାକୁ କେହି ଭଲ ପାଉନାହାନ୍ତି।ସେ ନା ସବୁବେଳେ ସ୍କୁଲ ରେ ମନ ଦୁଃଖ କରେ ଆଉ କୁହେ ସେ କୁଆଡେ ଝିଅ ଟିଏ ବୋଲି ତାକୁ ତାଙ୍କ ଘରେ ତା ମା କୁ ଛାଡି ଆଉ କେହି ଭଲ ପାଆନ୍ତି ନାହିଁ।ସ୍ନେହ ଶ୍ରଦ୍ଧା କରନ୍ତି ନାହିଁ।

କଥା ର ମୋଡ ବଦଳାଇବାକୁ ଯାଇ ସୁନତା ଦେବୀ କହିଲେ, ମା ତୁ ଆଗ ଗଲୁ ଟିକେ ସୀମା, ରୁପା ସହିତ ଖେଳ ଆସିବୁ । ସେମାନେ କେବେ ଠୁ ତୋତେ ଅପେକ୍ଷ୍ୟା କରିଛନ୍ତି। ମୁଁ ତତେ ପରେ ସବୁ କଥା କହିଦେବି। ସୁନତା ଦେବୀ ଙ୍କ ର ଗଳା ର ସ୍ୱର ସାମାନ୍ୟ ରହି ଆସିଥିଲା।

ସୁନତା ଦେବୀ ବୁଝିପାରୁନଥିଲେ କେମିତି ସେ ତାଙ୍କର ଏତେ କମ ବୟସ ର ଝିଅ କୁ ବୁଝାଇବେ ଯେ କେବଳ ତା ସାଙ୍ଗ ନୁହେଁ, କଣ୍ଠେଇ ନଜେ ଯେତେବେଳେ ଜନ୍ମ ହୋଇଥିଲା

ସେତେବେଳେ ତାଙ୍କୁ କେତେ କଥା ଶୁଣିବାକୁ ପଡୁଥିଲା । ଅନେକ ବାଦ ବିବାଦ କୁ ଟପି କଣ୍ଟେଇ ସାତ ବର୍ଷ ବୟସ ରେ ପହଞ୍ଚିଛି । କମ ବୟସ ରେ ଦୁନିଆ କୁ ବୁଝିବାକୁ ଚେଷ୍ଟା କରୁଛି ।ଭାବପ୍ରବଣ, ବିଷାଦ, ଦୁଃଖ, ଘୃଣା ର ପୃଷ୍ଠା କୁ ପଢିବାକୁ ଆରମ୍ଭ କରିଛି ।

- - - - - - - - - -x x x x x x x x- - - - - - - - -

- ମା କଣ୍ଟେଇ କୁଆଡେ ଗଲୁ ମା।ଟିକେ ବେଗି ଆସ । ଆଜି ମା ଦୁର୍ଗା ମାତା ଙ୍କ ଦଶମୀ ପୂଜା ଘର କାମ ସାରି ମେଳା ବୁଲିବାକୁ ଯିବା। ଏହି ତ ଆଉ ଅଳ୍ପ ସମୟ ପରେ ଗାଡି ଲାଗିବ ।

- ନାହିଁ ମା ମୁଁ ଆଉ ଟିକେ ଖେଳ ସାରି ଯିବି ।ଏବେ ଗଲେ ନା ମୁଁ ହାରିଯିବି ।

- ହଉ ମା ତା ହେଲେ ଆମେ ସମସ୍ତେ ଯାଉଛୁ । ସୁନନ୍ଦା ଦେବୀ ଟିକେ ଅଭିମାନ ସ୍ୱର ରେ କହିଲେ ।

- ଯେତେବେଳେ ମେଳା ବୁଲି ଯିବାକୁ ବର୍ତ୍ତମାନ ର ଖେଳ ଠାରୁ ଅଧିକା ଗୁରୁତ୍ୱ ଉପଲବ୍ଧି କରିଛି ସେତେବେଳେ କଣ୍ଟେଇ କହିଛି ।ଓହୋ ମା ମୁଁ ଆସୁଛି ..ମୁଁ ଆସୁଛି ।

କଣ୍ଟେଇ ଆଜି ବହୁତ ଖୁସି । ତା ଖୁସି ର ଲହଡି କୂଳ ଛୁଇଁ ବନ୍ୟା ପ୍ଲାବିତ କରିଛି । ଅଜଣା ସର୍ତ୍ତ ହୀନ ଖୁସି ଦୁଆର କବାଟ ଖୋଲି ରାଜା ରାସ୍ତା ରେ ଅବତୀର୍ଣ୍ଣ ହୋଇଛି ।ହଳଦୀ ରଙ୍ଗ ର ଫ୍ରକ ପରିଧାନ କରି ମନ କୁ ମନ ଫୁଲେଇ ହେଉଛି । ଅତର ଲାଗାଉଛି । ଟିକଲି, ପାଉଁଜି, କାଚ ଆଉ ପାଉଡର ରେ ବହୁତ ସଜେଇ ହେଉଛି ।ବାରମ୍ବାର ଦର୍ପଣ କୁ ଦେଖି ଗାଲ ରେ ରଙ୍ଗ ବେରଙ୍ଗ ର କ୍ରିମ ଲଗାଉଛି । ଓଠ ରେ ଲିପ୍ସଟିକ ମାରି ବାରମ୍ବାରମୁଣ୍ଡ କୁଣ୍ଡାଉଛି । ହଳଦୀ ରଙ୍ଗ ର ପୋଷାକ କୁ ତା ଗୌର ବର୍ଣ୍ଣ ର ନରୀହ ଚେହେରା ଖୁବ ମାନୁଛି ।ନୂଆ ପୋଷାକ ପିନ୍ଧିଲେ ବଡ ମାନ ଙ୍କୁ ମୁଣ୍ଡିଆ ମାରିବାକୁ ହୁଏ ।ସେ ଏହା ସର୍ବଦା ପାଳନ କରିଆସିଛି ।ପ୍ରଥମେ ବାପା ଙ୍କ ପାଦ ଛୁଇଁ ନମସ୍କାର ହୋଇଛି ।ବାପା ତା ହାତ ରେ ଖୋସି ଦେଇଛନ୍ତି ଦଶ ଟଙ୍କିଆ ନୋଟ ଟେ । କଣ୍ଟେଇ ଏହି ଦଶ ଟଙ୍କିଆ ନୋଟ ର ମୂଲ୍ୟ ଜାଣିନ ଖାଲି ଏତିକ ଜାଣିଛି - ଏହି ଗାନ୍ଧୀ ଚନ୍ଦ୍ର ଥିବା ମୋଟା କାଗଜ ଟେ ପ୍ରତିବଦଳ ରେ

ସେ ଖାଇପାରିବା ଦୁଇଟି ଡେରି ମିଲ୍କ ର ଚକୋଲେଟ ଅବା ପାଞ୍ଚ ଟି ପାଣିପୁରୀ।ପରେ ସେ ତା ମା ସୁନତା ଦେବୀ ଙ୍କ ପାଖକୁ ଯାଇଛି।ଝରକା ପାଖ ରେ ଥିବା ରକ୍ତ ଗୋଲାପ ରୁ ଗୋଟିଏ ଆଣି କଣ୍ଢେଇ ମୁଣ୍ଡ ରେ ଖୋସି ଦେଇ କହୁଛନ୍ତି ସୁନତା ଦେବୀ।

- ଆଜି ମୋ ମା କେଡେ ସୁନ୍ଦର ଦେଖାଯାଉଛି ଲୋ, ଆଉ ସବୁଠୁ ସୁନ୍ଦର ତା ହସ କହି ସ୍ନେହ ବୋଳା ଚୁମ୍ବନ ଟେ ଆଙ୍କିଦେଉଛନ୍ତି ତା ଗାଲ ରେ ସୁନତା ଦେବୀ।

- ମୋ ଝିଅ ଆଜି ପୁରା କଣ୍ଢେଇ ପରି ଦେଖା ଯାଉଛି।ମା ଦୁର୍ଗା ଲୋ ତୋତେ ଆଜି ଦେଖିବାକୁ ମୋ ଝିଅ ଯାଉଛି। ତା ଉପରେ ସାହା ହେବ ମା।ତାକୁ କାହା ନ ନଜର ଲାଗୁ କହି ଆଖି ତଳୁ କଳା କଜଳ ଆଣି କଣ୍ଢେଇ ମଥା ରେ ଲଗାଇ ଦେଇଛନ୍ତି ସୁନତା ଦେବୀ।

ଠିକ ଏହି ସମୟ ରେ ଚାରିଚକିଆ ଗାଡି ଟିଏ ଅଗଣା ରେ ଲମ୍ବା ହରଣ ମାରିଛି।ବାପା ଗାଡି ର ଦୁଆର ପାଖ ରେ ଛିଡା ହୋଇ ଡାକୁଛନ୍ତି। କଣ୍ଢେଇ ଯାଇ ଗାଡି ରେ ବସିପଡିଛି ଝରକା ପାଖ ସିଟ ରେ।ଗାଡି ଏବେ ଆଗକୁ ଗଡି ଚାଲିଛି। ଗାଡି ଆଗ କୁ ଆଗ କୁ ବଢିବା ସହିତ କଣ୍ଢେଇ ର ହୃଦ ସ୍ପନ୍ଦନ ବଢି ଚାଲିଛି।ଖୁବ ଉପଭୋଗ କରୁଛି ରାସ୍ତା କଡ ର ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ସବୁଜ ବୃକ୍ଷଲତା କୁ, ଦୂର ପାହାଡ଼ ର ଅଙ୍କାବଙ୍କା ଛବି କୁ। ଏ ସବୁ ତା କୋମଳ ହୃଦୟ ରେ ସ୍ମୃତି ର ରାଗିଣୀ ତୋଳ ଦେଉଛି।ବହି ରେ ପଢିଥିବା ଧାନ ବିଲ, ଶଗଡ଼ ଗାଡ଼ି, କୃଷକ ଭାଇ ଙ୍କୁ ଦେଖିବାର ସୁଯୋଗ ପାଇଛି। ବେଳେ ବେଳେ ମା କୁ କହୁଛି, ମା ଏହି ଦେଖ ଏ ସେହି କୃଷକ ଭାଇ ଆମ ଅନ୍ନ ଦାତା ଯେ ଖରା, ବର୍ଷା, ଶୀତ କୁ ଖାତିରି ନ କରି ପରିଶ୍ରମ କରୁଛନ୍ତି ତାଙ୍କ ପାଇଁ ଆମେ ଖାଦ୍ୟ ପାଉଛେ। ପୁଣି ଗଛ ରେ ବସିଥିବା ବାଇ ଚଢେଇ ଦଳ କୁ ଦେଖି ଉଲ୍ଲସିତ ହୋଇପଡିଛି କଣ୍ଢେଇ, ଜେଜେମା କୁ କହୁଛି ଏ ଜେଜେମା ଦେଖ ଏ ସେହି ବାଇଚଢ଼େଇ ତମେ ସବୁବେଳେ ତା ବିଷୟରେ ଗଳ୍ପ କୁହ । ସତରେ କେଡେ ସୁନ୍ଦର ଦେଖା ଯାଉଛି ପୁଣି କେବେ କଣ୍ଢେଇ ଗୁଣୁ ଗୁଣୁ ହୋଇ ଗୀତ ଗାଉଛି।

- - - - - - - - - x x x x x x x- - - - - - - - - - - -

ଆସି ସାରିଛି ଏହି ଅଳ୍ପ ଦିନ ର ଗଳ୍ପ ର ଶେଷ ଭାଗ ସବୁ ଗଳ୍ପ ପରି ଏ ଗଳ୍ପ ର ବି ଅନ୍ତିମ ବେଳ ଆସିଯାଇଛି। ଗାଡି ପହଂଚସାରିଛି ପୂଜା ମଣ୍ଡପ ପାଖ ରେ । କଣ୍ଢେଇ ଦୁର୍ଗା ମାତା ଙ୍କୁ ଦର୍ଶନ କରିବା ପରେ ଖୁବ ମଜା ମସ୍ତି କରିଛି ମେଳା ରେ । ପାଣିପୁରୀ, କୁଲଫି, ଗୁଟ କଣି ଖାଇଛି। ବିଭିନ୍ନ ପ୍ରକାର ର ଖେଳନା କଣିଛି।ସମସ୍ତେ ଗାଡି ରେ ବସି ସାରିଛନ୍ତି ବାସ ଖାଲି ଯାହା ଗାଡି ଚାଳକ ର ଗାଡି ଷ୍ଟାର୍ଟ କରିବା ର ବାକ ଅଛି।ଏବେ ମନେ ପଡିଛି କୁନ ଝିଅ କଣ୍ଢେଇ କଥା।ତାକୁ ପାଖ ରେ ନ ପାଇ ସମସ୍ତେ ବ୍ୟସ୍ତ ବିବ୍ରତ ହୋଇପଡିଛନ୍ତି

- ଏହି ...ଏହି .....ତ ମୋ ସାଙ୍ଗ ରେ ଆସିଥିଲା ଏହି ଗାଡି ଯାଏ କେଉଁଆଡ଼େ ଚାଲିଗଲା।

- ଆରେ ବୋହୁ ତମେ ତ ତାକୁ ଧରି ଥିଲ କୁଆଡେ ଗଲା

- ହଁ ...ହଁ .....ଆସିଥିଲା ଆସିଥିଲା...କୋହ ଭରା ସ୍ୱର ରେ ସୁନତା ଦେବୀ କହୁଛନ୍ତି।ସୁନତା ଦେବୀ ଙ୍କ ଆଖି ରେ ଲୁହ ଆସିଯାଇଛି।

- ଆରେ ତମେ ମାନେ ଏତେ ବ୍ୟସ୍ତ ହେଲେ କଣ ହେବ। ଛୋଟ ପିଲା ଟା କେଉଁ ଖେଳନା ଦୋକାନ ପାଖରେ ରହିଯାଇଥିବ ଚାଲ ସମସ୍ତେ ଖୋଜିବ ଆରମ୍ଭ କର।

ସବୁ ଆଡେ ଖୋଜା ଚାଲିଛି। ସବୁ ଦୋକାନ କୁ ପଚରା ଯାଉଛି।ମେଳା ର ସବୁ ଗଳ ସନ୍ଧି ରେ କେବଳ ଗୋଟିଏ ନାଁ ମା କଣ୍ଢେଇ ମା କଣ୍ଢେଇ।

.....କେଉଁଠି ଅଛୁ ମା ...ପୂଜା କମିଟି ର ମୁଖ୍ୟ କାର୍ଯ୍ୟାଳୟ ରେ ବାରମ୍ବାର ଘୋଷଣା ହେଉଛି"ଏକ ଗୌର ବର୍ଣ୍ଣ ର ସାତ ବର୍ଷ ର ଝିଅ ର ହଜିଯାଇଛି। ସେ ହଳଦୀ ରଙ୍ଗ ର ପୋଷାକ ପିନ୍ଧିଛି।ମୁଣ୍ଡ ରେ ରକ୍ତ ଗୋଲାପ ଟେ ଅଛି।ଆଉ ହାତ ରେ କଛି ଖେଳନା।ଯଦି କେହି ସହୃଦୟ ବ୍ୟକ୍ତି ତାଙ୍କ ସନ୍ଧାନ ପାଆନ୍ତି,ପୂଜା କମିଟି କୁ ଜଣାଇବାକୁ ଅନୁରୋଧ।

ସାହି ପଡ଼ିଶା, ବନ୍ଧୁ ଘର ସବୁ ଆଡେ ଖୋଜା ସରିଛି ହେଲେ କେଉଁଠି ବି କଣ୍ଢେଇ ର ପତ୍ତା ମିଳନ। ଶେଷ ରେ ନିରୁପାୟ ସୁନତା ଦେବୀ ସ୍ଥାନୀୟ ପୋଲିସ ଷ୍ଟେସନ ରେ F. I. R ଦେଇଛନ୍ତି। ପୋଲିସ ତାର ତନାଘନା ଆରମ୍ଭ କରିଦେଇଛି।

- - - - - - - x x x x x x x x - - - - - - -

ଦୀର୍ଘ ଏକ ସପ୍ତାହ ବିତି ସାରିଛି। ଏହି ସାତ ଦିନ ଯେ ତାଙ୍କୁ ସାତ ଯୁଗ ପରି ଲାଗିଛି କଣ୍ଢେଇ ବିନା। ଆଖି ରୁ ଲୁହ ଅନବରତ ବହିଗଲିଛି। ସୁନତା ଦେବୀ ବସିଛନ୍ତି କଣ୍ଢେଇ ର ସେହି ପ୍ରିୟ ସ୍ଥାନ ଝରକା ପାଖରେ। କଣ୍ଢେଇ ପରି ଦେଖୁଛନ୍ତି ଝରକା ବାହାର ପାଖ ର ଦୃଶ୍ୟ।ହେଲେ ଆଗ ପରି ସେ ଦୃଶ୍ୟ ମନୋରମ ହୋଇ ରହି ନାହିଁ। ରକ୍ତ ଗୋଲାପ ଗଛ ମରି ସାରିଛି। ସବୁ ଫୁଲ ଝଡି ଯାଇଛି ମାଟି ଉପର କୁ । ଧୂଳ ରେ ମିଶି ଯାଇଛି ତାର ରଙ୍ଗ ଆଉ ମହକ।

ଆଉ ସେହି ଟମି ବି ଆଉ ନାହିଁ ଏହି ଦୁନଆ ରେ ବଣୁଆ ଶିକାରୀ ମାନ ଙ୍କ କବଳ ରୁ ଟମି କୁ ରକ୍ଷା କରିପାରିନ ତା ମା। ଛୀନଭିନ କରି ଖାଇ ଦେଇଛନ୍ତି ତାର କୋମଳ ମାଂସ କୁ।ଶେଷ ରେ ହାରିଯାଇଛି ଟମି ।

ହଠାତ୍ ସୁନତା ଦେବୀ ଶୁଣିବାକୁ ପାଇଛନ୍ତି କେଉଁ ଏକ ଗାଡି ର ବିକଟାୟ ଶବ୍ଦ । ଦୋହଲି ଯାଇଛି ତାଙ୍କ ଅନ୍ତରାତ୍ମା।ବଢି ଯାଇଛି ରକ୍ତଚାପ। ମନେ ପଡିଛି ଠିକ ସପ୍ତାହ ତଳେ ଏହି ପରି ଏକ ଗାଡି ରେ କଣ୍ଢେଇ ଯାଇଥିଲା ମେଳା ବୁଲିବାକୁ। ପୁଣି ଏହି ଗାଡି ଅଗଣା ରେ, ବିରକ୍ତିଭାବ ପ୍ରକାଶ କରିଛନ୍ତି ସୁନତା ଦେବୀ।

ସବୁ କଳ୍ପନା ର ଅନ୍ତ ଘଟାଇଘର ଅଗଣା କୁ ଦଉଡି ଆସିଛନ୍ତି । କାଳେ କେହି କଣ୍ଢେଇ ର ଠିକଣା ନେଇ ଅସିଥିବେ। ବାରଣ୍ଡା ରେ ଠିଆ ହୋଇ ଦେଖୁଛନ୍ତି ମାଟିଆ ରଙ୍ଗ ର ସରକାରୀ ଗାଡି କୁ । ଧାଇଁ ଆସୁଛନ୍ତି ସହ ସହ ଲୋକ ଗାଡି ପାଖ କୁ।ଗାଡି ରୁ ଓହ୍ଲାଇଛନ୍ତି ଦୁଇ ଜଣ ମହିଳା ପୋଲିସ କର୍ମୀ। ସେମାନେ ଓହ୍ଲାଇ ଦେଉଛନ୍ତି ଧଳା କପଡା ଘୋଡା ହୋଇଥିବା ଏକ ଶବ କୁ। ଧୀରେ ଧୀରେ ଗାଡି ରୁ ବାହାରୁଛି ଶୁଖିଲା ରକ୍ତ ଗୋଲାପ। ପୁନଶ୍ଚ ବାହାରୁଛି କିଛି ଖେଳନା।ଶେଷ ରେ ବାହାରୁଛି ରକ୍ତ ଭିଜା ହଳଦୀ ରଙ୍ଗର ଫ୍ରକ।ଟଳ ପଡିଛନ୍ତି ସୁନତା ଦେବୀ ପାଦ ତଳ ର ମାଟି ଆଉ ଆକାଶ ର ବ୍ୟବଧାନ ତାଙ୍କୁ ଜଣା ପଡୁନାହିଁ।ଆଖି ରୁ ବହି ଗଲିଛି ଅଜସ୍ର ଲୁହ ଧାର।

ଶେଷ ହୋଇଯାଇଛି ଏହି ଅଳ୍ପ ଦିନ ର ଗଳ୍ପ।ସେ ଆସିଥିଲା ସମସ୍ତ ଓଠ ରେ ହସ ଦେଇ ଆଜି ଗୁଲିଯାଇଛି ଲୁହ ଦେଇ। କୁନ ଝିଅ କଣ୍ଢେଇ ର ଅଳ୍ପ ଦିନ ର ଗଳ୍ପ ତ ସାର୍ଥକ ହୋଇଯାଇଛି । ହେଲେ କଣ୍ଢେଇ କଣ ପାଇଛି ନ୍ୟାୟ, ନା ଗୋଟିଏ ମଣିଷ ଜନ୍ମ ର ସାର୍ଥକ।ଫୁଲ ହୋଇ ନଜ ମହକ ରେ ସାରା ଦୁନଆ କୁ ମହକତ କରିବା ଆଗ ରୁ କଢ଼ ହୋଇ ଝଡି ପଡିଛି ଅଦିନଆ ମେଘ ବତାସ ରେ। ଆଉ ଏକ କୁତ୍ସିତ ଇତିହାସ ରେ ନର୍ଭୟା, ଆସିଫ ପରି ଯୋଡି ହୋଇଛି ଆଉ ଏକ କଳଙ୍କିତ ଅଧ୍ୟାୟ।

ବିଶାଖାପାଟଣା, ଆନ୍ଧ୍ରପ୍ରଦେଶ

ବେଦାନ୍ତୀର ଆଗାମୀ ସଂଖ୍ୟା ମାର୍ଚ୍ଚ ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ଫେବୃୟାରୀ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com / editor.vedantimagazine@gmail.com

ହ୍ୱାଟସଆପ୍ ନଂ- 9594993733

# ନାରୀ

ଭାସ୍କର ପ୍ରଧାନ

ଲାସ୍ୟମୟୀ– ହାସ୍ୟମୟୀ- ରୂପମୟୀ ପ୍ରତିମା ଗୋ ତୁମେ
ସୁଷମାର ଗନ୍ତାଘର
ପ୍ରେମ– ପ୍ରୀତି- ମମତାର ଧାର୍ ଏହି ଭୂମେ ।
ସୂର୍ଯ୍ୟ ଠୁଁ ତେଜସ୍ୱୀ ପୁଣି ହିମାଦ୍ରୀ ଠୁଁ ଅଧିକ ଶୀତଳ
ବ୍ୟାଘ୍ର ଠୁଁ ହିଂସ୍ର ହେ ତୁମେ ଶ୍ରାବଣର ତଟିନୀ ଉତ୍ତାଳ
ସୃଷ୍ଟି – ସ୍ଥିତି- ବିନାଶର ତ୍ରିଶକ୍ତି ହିଁ ତୁମଠି ନହିତ,
ଅଶିଣର ନୀଳାଭ ଆକାଶ ପରି ଅସୀମ ଉଦାତ୍ତ ।
କିଏ କହେ ମୋହିନୀ ତ କିଏ କହେ ନାଗୁଣୀ - ବାଘୁଣୀ
ସର୍ବଗ୍ରାସୀ - ସର୍ବଧ୍ୱଂସୀ, ଭୀମା - ସଂହାରିଣୀ
ମୁଁ କିନ୍ତୁ ବନ୍ଦନା କରେ ଆଗୋ ସ୍ନେହ ପ୍ରେମର ନିର୍ଝର
ନନ୍ଦିନୀ - ଭଗିନୀ - ପ୍ରିୟା - ଜାୟା ପୁଣି ଜନନୀ ସୃଷ୍ଟିର
ସର୍ବଂସହା କରୁଣାର ରୂପ ନେଇ ଗାଇ ଯାଅ ସୃଜନର ଗୀତ
ହସିବ ଏ ଧୂଳର ଧରଣୀ ପାଦେ ବାଢ଼ି ଭକ୍ତି ପ୍ରଣିପାତ ।।

ଖଗଡାପାଳ, ବାଲିଆପାଳ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ତୁମ ଅପେକ୍ଷାରେ



ପ୍ରଶାନ୍ତ କୁମାର ପଧାନ

ଅଦିନ ମେଘରେ ଭିଜେଇଲ ମୋତେ
ନଥିଲ୍ ତ ମଉସୁମୀ
ବିରହର ବର୍ଷା ଲଘୁଗୃପ ପରି
ପରିସୀମା ଯା'ର ନାହିଁ ।।
ଶ୍ରାବଣୀ ସାଜିଲ ବୈଶାଖରେ ଆସି
ଝରିଗଲ ଝରଝର
ଭସେଇଲ ମୋତେ ବିଚ୍ଛେଦ ସ୍ରୋତରେ
ଦେଇ ଶେଷ ଉପହାର ।।
ଦରିଆ ଥିଲି ମୁଁ ତୁମେ ମୋ ତଟିନୀ
ସାକ୍ଷୀ ନାଆ ଓ ନାବିକ
ନଈବଢ଼ି ଅବା ବନ୍ୟାର ପ୍ରକୋପ
ଭାଙ୍ଗିଦେଲ୍ ସେ ସମ୍ପର୍କ ।।
ବେଳାଭୂମି ଏବେ ଶୁଷ୍କ ମରୁଭୂମି
ଅନୁପସ୍ଥିତିରେ ତୁମ
ବାରିଧାର୍ ସାଜି ଲେଉଟିବ ବୋଲି
ଗୃହିଁଛି ଗୃତକ ସମ ।।
ଆଦ୍ୟ ଆଷାଢ଼ର ପହିଲି ବରଷା
ସାଜିବକ ପ୍ରିୟା ଥରେ
ସମ୍ପୂର୍ଣ୍ଣ ହୋଇବ ଅଧୁର୍ କାହାଣୀ
ତୁମ ଶୀତଳ ସ୍ପର୍ଶରେ ।।

ଗ୍ରାମ – ବୁର୍ଡ୍ରେମୁଣ୍ଡା, ଜିଲ୍ଲା - ବରଗଡ

# ମୁଁ ବହି



ପ୍ରେମଶିଲ୍ ରାଉତ

ଜୀବନ ଟା ମୋର ନୁହଇ ଯେ ଶସ୍ତା
ନୁହେଁ ମୁହିଁ ଜଡ ବସ୍ତୁ
ଗ୍ରନ୍ଥ ମାଳା ହୋଇ ଜ୍ଞାନ ର ଆଲୋକ
ଜାଳେ ସାରା ଜଗତକୁ ।

ଅକ୍ଷରେ ଅକ୍ଷରେ ତିଆରି କରେ ମୁଁ
ସୁନ୍ଦର ସୁନ୍ଦର ଶବ୍ଦ
ଶବ୍ଦ ରେ ଶବ୍ଦରେ ଗଢି ଥାଏ ମୁହିଁ
ବାକ୍ୟ କବିତା ର ସ୍ୱାଦ ।

ଜୀବନ କହିମୁଁ ଯେ ପ୍ରେରଣା ଦିଏ
ପାଠକଙ୍କ ମହଲରେ
ନାଟକ ମାଧ୍ୟମେ ମନ ମୋହି ନଏ
ହସ ଖୁସି ଗହଣରେ ।

ମନେ ଭରିଦିଏ କେତେ ଗପ ଗୀତ
କେତେ ଯେ ପୋଥି ପୁରାଣ
ତା ସାଥେ ପୁଣି ମନେ ଆଙ୍କିଦିଏ
ଛବି ଚନ୍ଦ ସୁଶୋଭନ ।

ଶିଖାଏ ଯେ ପୁଣି ଭଲ ମନ୍ଦ କେତେ
ସଂସାରର ରୀତି ନତି
କହିଦିଏ ସତେ କା ଦୁଃଖ କାହାଣୀ
ବଦଳେ ଜୀବନ ଗତି ।

ଆଣି ଦେଇ ଥାଏ ମନରେ ହରଷ
ପ୍ରିୟ ପାଠକଙ୍କ ପାଶେ
ବୁଦ୍ଧି ବିବେକକୁ ଉଜ୍ଜଳତ କରି
ମନର କ୍ଲେଶକୁ ନାଶେ ।

ମୋତେ ପାଠ କରି ମୂର୍ଖ ହୁଏ ଜ୍ଞାନୀ
ପାଇ ଯେ ଉତ୍ତମ ଫଳ
ଚର ଦିନ ମୋତେ ସାଥି କରିଥିଲେ
ହୁଅଇ ଶୁଭ ମଙ୍ଗଳ ।

ତୁମରି ହାତର କୋମଳ ସ୍ପର୍ଶରେ ହଜିଯାଏ ନଜେ ମୁହିଁ
ମୋ ଦେହର ପ୍ରତି ଅଂଶରେ ଅଂଶରେ
ହାତ ତୁମ ଦିଏ ଛୁଇ ।

କେହି କେହି ମୋତେ ଚରି ଦେଇ ସତେ
ତିଆରି କରନ୍ତି ଠୁଙ୍ଗା
ଟିକ ଟିକ ଚିଲ୍ ଚରି ଦେଇ ମୋତେ
ଭସାନ୍ତି ଆଦରେ ଡଙ୍ଗା ।

ଭଲ ଲ୍ଗେ ମୋତେ କରିବାକୁ ତୁମ
ସେବା ପ୍ରତି ମୂହୁର୍ତ୍ତରେ
ନର୍ଜୀବ ହେଲେ ବି ମୋ ପରି କଏ
ନାହିଁ ଏହି ଧରଣୀରେ ।

ଯେତେ ଯାହା ବାଧା ଆସିଲେ ବି ଆସୁ
ରହିଥିବି ତୁମ ସାଥେ
ଜାଳ ପୋଡି ପାଉଁଶ କଲେ ବି
ଲୋଡା ମୁଁ ସାର୍ବ ଜଗତେ ।

ଗ୍ରାମ- ବୃନ୍ଦାବାହାଲ, ଜିଲ୍ଲା – କଲାହାଣ୍ଡି

# ଏକ ଦାଦନ ର କାହାଣୀ........



ପୁଷ୍ପିତା ଭୂୟାଁ

ରଜା ରଜୁଡା ଅମଳର କ୍ରୀତଦାସ ପ୍ରଥା ଆମ ସମାଜରୁ କେତେଦିନରୁ ଉଠି ଯାଇଥିଲେ ମଧ୍ଧ ଆଜିବି ଦେଖିବାକୁ ମିଳୁଛି ଏପରି ଅନେକ ହୃଦୟ ବିଦାରକ ଦୃଶ୍ୟ। ଯାହାକୁ ନିଜ ଆଖିରେ ନଦେଖିଲେକ କାନରେ ନଶୁଣିଲେ କେହି ବିଶ୍ୱାସ କରିପାରିବେ ନା। ସରକାରଙ୍କର ଗରିବ ମାନଙ୍କ ପ୍ରତି ଏତେ ପ୍ରକାର ଯୋଜନା ଆସୁଥିଲେ ମଧ୍ୟ, ତାହା ନିରୀହ ଗରିବ ଆଦିବାସୀ ମାନଙ୍କର ଅପହଞ୍ଚ ଦୂରରେ। ଆଜିବି ଖାଇବାକୁ ଗଣ୍ଡେ ନ ପାଇ ପେଟର ଦାଉ ସହିନପାରି ଦାଦନ ଖଟିବାକୁ ବାଧ୍ୟ ହେଉଛି ମଣିଷ। ସମାଜର କେତେକ ନିଷ୍ଠୁର ଲୋକଙ୍କ ନିକଟରେ ନିଜକୁ ନିଜ ଅଜାଣତରେ ବିକ୍ରିକରି ଦେଉଛନ୍ତି। ତା'ର ପରିଣାମ ସ୍ୱରୂପ ସେ ହେଇଯାଉଛି ଅପଙ୍ଗ ଓ କେତେବେଳେ ଶିକାର ହେଉଛି ମୃତ୍ୟୁର।

ନିଜ ପରିବାରର ପ୍ରତିପୋଷଣ ପାଇଁ କେଉଁ ପୁଅଝିଅ ଆଗକୁ ଅଣ୍ଟା ନଭିଡନ୍ତି। କେମିତି ମା' ବାପା ଭାଇ ଭଉଣୀ ଙ୍କ ମୁହଁରେ ହସ ଫୁଟାଇବେ ସେଇ ଚନ୍ତାରେ ସବୁବେଳେ ମଗ୍ନ ଥାନ୍ତି। ନିଜ ଗାଁ ରେ କାମ ମିଳେନି ସେମାନେ ଖାଇବେ କ'ଣ ଚଳବେ କପରି। ଜମିବାଡ଼ି ବିହୀନ ଏଇ ଲୋକ ମାନଙ୍କର ଦୁର୍ଦ୍ଦଶା କହିଲେ ନସରେ।

ପରମା ଯେଉଁଦିନ ପର୍ଶୁଠାରୁ ଶୁଣିଲା ଯେ ସେ ଏମିତି ଜାଗା ଜାଣିଛି, ଯେଉଁଠାକୁ ଗଲେ ତାକୁ କାମ ମିଳବ ଆଉ ତା' ବଦଳରେ ଭଲ ପଇସା ମିଳବ, ଆଉ ସେଇ ପଇସାରେ ସେ ତା' ବାପା ମା'ଙ୍କ ଓଠରେ ହସ ଫୁଟାଇ ପାରିବ। ସେ ମନେ ମନେ ସ୍ଥିରକଲା ଗାଁ ଛାଡି ପରିବାର ଠାରୁ ଦୂରକୁ ଯିବପଛେ, କାମ କରି ପଇସା ରୋଜଗାର କରିବ। ପର୍ଶୁ ତାକୁ କାମ ଦେବ ବୋଲି ସବୁବେଳେ ତା'ସହିତ ବସାଉଠା କଲା ତାକୁ ଭଗବାନ ମଣିଲା। ତା' ସହିତ

ସେ ଆହୁରି ଗ୍ଭରି ପାଞ୍ଚ ଜଣଙ୍କୁ ନେଇକରି ଯିବ ବୋଲି କହିଲା। ପରମାର ମନରେ ଆନନ୍ଦର ସୀମା ରହିଲାନ। ଦିନରାତି ସ୍ୱପ ଦେଖିବାରେ ଲାଗିଲା।

ଯିବାର ଆଗ ଦିନ ଘରକୁ ଦଉଡି ଆସି ପରମା ତା'ର ମା'କୁ ଡାକ ପକାଇଲା । ମା' ତା'ର ଖୁସି ଦେଖି ପଗ୍ଭରିଲା, "ଆଜି ତୋର କ'ଣ ହୋଇଛି ଏତେ ଖୁସିର କାରଣ କ'ଣ ? " ପରମା ଗଦ ଗଦ ସ୍ୱରରେ କହିପକାଇଲା, "ମା' ପର୍ଶୁ ଭାଇଆମ ଗାଁର ପାଞ୍ଚ ଜଣଙ୍କୁନେଇ କୋଠମାଲରେ କାମରେ ଲଗେଇ ଦେବ ସେଠିକା ମାଲିକଙ୍କ ସଙ୍ଗେ ତା'ର ଜଣା ଶୁଣା ଅଛି। "ମା' ସେଦିନ ଏକ ଅଜଣା ଆତଂକରେ ଆତଙ୍କିତ ହୋଇ କହିଥିଲା, "ପୁଅ ତୁ ଏତେ ବାଟ ଯିବୁ ଅଜଣା ଜାଗା ଆମେ କେମିତି ତୋ ଖବର ପାଇ ପାରିବୁ। "ପରମା ସେ ଦିନ ଛାତି ଫୁଲାଇ କହିଥିଲା,"ତୁ ବ୍ୟସ୍ତ ହୋନ ମା' ମୁଁ କାମ କରି ପଇସା ରୋଜଗାର କରିବି, ଆମେ ଦୁଇ ଓଳ ଠିକ୍ ରେ ଖାଇବାକୁ ପାଉନେ। ଘରେ ବସିଲେ କ'ଣ ଖାଇବାକୁ ମିଳବ ! ମୁଁ ଦୂରକୁ ଯାଇ ଯଦି କଛି ରୋଜଗାର କରିପାରିବି ତେବେ କ୍ଷତି କ'ଣ? ତା ଛଡା ଆମ ଗାଆଁରେ ତ କାମ ଦାମ ନାହିଁ। ମୁଁ ଏମିତି ଘରେ ବସି ହଇରାଣ ରେ ବଞ୍ଚିବା ଅପେକ୍ଷା ମୁଁ ବରଂ ବାହାରକୁ ଯାଏ। ତୁ ମନା କରନ ମା', ବିମଳ, ରାମ, ରାଜୁ, ମଦନା କାକା ଆମେ ପାଞ୍ଚ ଜଣ ମିଶିକରି ଯିବୁ। ତେଣୁ ଡର ଆଉ କ'ଣ !" ମା' ସେଦିନ ଆଖିରୁ ଲୁହ ପୋଛି ପୁଅକୁ ପାଖରୁ ଛାଡିବାକୁ ଇଛା ନଥିଲେ ମଧ ବାଧ ହୋଇଥିଲା ହଁ କରିବାକୁ।

ପରମା ଅନ୍ୟ ଗ୍ଭରିଜଣଙ୍କ ସହିତ ମିଶି ବେଶ ଖୁସିରେ ପର୍ଶୁଭାଇ ସହିତ ବାହାରି ପଡିଥିଲା ଭବିଷ୍ୟତ ଆଶାରେ । ସ୍ୱପ୍ନ ଦେଖିବାକୁ କାହାକୁ ଭଲ ନଲଗେ। ଦିନେ ସେମାନେ ଘରକୁ ଫେରିବେ ଢେର ପଇସା ନେଇ ଆଉ ତା'ର ମା' ବାପାଙ୍କ ମୁଁହ ରେ ହସ ଦେଖିବେ । ଅଭାବ ଅସୁବିଧା ତାଙ୍କର ଦୂରେଇ ଯିବ। ରାଣୀକୁ କଥା ଦେଇଛି ବହାହେବ ବୋଲି। ରୋଜଗାର ନଥିବାରୁ ନିରୁପାୟ ହୋଇ ରହିଛି। ଏବେ ସେ ରୋଜଗାର କରି ଗାଁକୁ ଫେରିବ ଆଉ ଦମ୍ଭର ସହିତ ଛାତି ଫୁଲାଇ ରାଣୀକୁ ଘରକୁ ବୋହୂ କରି ଆଣିବ। ମା' ମୁହଁରେ ବିଷାଦର ଛାୟା ଦୂରେଇ ଯିବ ସବୁ ଦିନ ପାଇଁ । ରାତି ପାହିଲେ ସମସ୍ତଙ୍କୁ କ'ଣ ଖୁଆଇବ ଚନ୍ତା ଦୂରେଇ ଯିବ ।

ସେଦିନ ସେମାନେ ପର୍ଶୁ ସହିତ ଯାଇ ପହଞ୍ଚିଥିଲେ କୋଠମାଲ ଗାଁରେ। ପର୍ଶୁ ସେମାନଙ୍କୁ ମାଲିକ ସହିତ ଭେଟ କରାଇ ଫେରି ଆସିଥିଲା। ମାଲିକର ଦୁଇଟି ଲୋକ ସେମାନଙ୍କୁ ନେଇ ଗୋଟେ ଛୋଟ ନଡାଛପର ଇଟାଘର ଦେଖାଇ ସେଇଠି ରହିବା ପାଇଁ କହିଥିଲେ ଓ କାଲି ସକାଳୁ ତୁମକୁ କାମ ଯୋଗାଇ ଦିଆ ଯିବ ବୋଲି କହି ସେଠାରୁ ପଳାଇଥିଲେ। ଖାଇବାର କିଛି ବ୍ୟବସ୍ଥା ନଥିଲା ସେଠି। କେବଳ ଗୋଟିଏ ପାଣି ମାଠିଆ ରଖାଯାଇଥିଲା। ପାଞ୍ଚଜଣ ଯାକ ପାଖରେ ଥିବା ବିସ୍କୁଟ ରୁ କିଛି ଖାଇ ମାଠିଆରୁ ପାଣି ପିଇ ଶୋଇଯାଇଥିଲେ। ରାତି ପାହିଲେ ତାଙ୍କର କର୍ମମୟ ଜୀବନ ଆରମ୍ଭ ହେବ । ଗରୀବ ଆଦିବାସୀ ଲୋକ ଖଟିବେ ତା' ବଦଳରେ ଯେଉଁ ପାରିଶ୍ରମିକ ପାଇବେ ତାହା ତାଙ୍କ ପାଇଁ ହେବ ଅମୃତ ତୁଲ୍ୟ। ଦରମା ପାଇବା କ୍ଷଣି କିଛି କିଛି ଘରକୁ ପଠାଇଦେବେ। କିନ୍ତୁ କିଏ କାଲି ଦେଖିଛି, କାଲି କ'ଣ ହେବ କିଏ ଜାଣିଛି। ମାଲିକ କହିଛି ଭଲ କାମ କଲେ ତାଙ୍କୁ ବିଶାଖାପାଟଣା ପଠାଇବ ଆହୁରି ଭଲ କାମ ଦେବ ସେଠି। ଭଲ କାମକୁ ଭଲ ପଇସା ତ ନିଶ୍ଚୟ ମିଳିବ। ଗରିବ ଲୋକ ପାଇଁ ସେଇଟା ବହୁତ ବଡ଼, ସେ ବେଶି ଆଶାକରେନି କେବେ।

ମନରେ କେତେ କ'ଣ ଭାବନା ସହିତ ରାତି ପାହିଥିଲା ସେମାନଙ୍କର ସେଦିନ। ସକାଳୁ ମାଲିକର ଦୁଇ ଲୋକ ଆସି ସେମାନଙ୍କୁ ଇଟା ଭାଟିକୁ ନେଇଯାଇଥିଲେ। ଇଟାଭାଟିରେ ମନ ଲଗାଇ ସେମାନଙ୍କ ପାରୁ ପର୍ଯ୍ୟନ୍ତ କାମ କରିବାକୁ ଲାଗିଲେ। ଚାରିଦିନ ବିତିଯାଇଥିଲେ ବି ସେମାନଙ୍କର କିଛି ଖାଇବା ବ୍ୟବସ୍ଥା କରି ନଥିଲେ ମାଲିକର ଲୋକମାନେ। ସେଇ ବିସ୍କୁଟ ଖାଇ ସେମାନଙ୍କୁ ଭୋକ ମେଣ୍ଟାଇବାକୁ ପଡୁଥାଏ। ଖାଇବା କଥା କହିଲେ କିଛି ବିସ୍କୁଟ ପ୍ୟାକେଟ ମିଳୁଥିଲା ତାଙ୍କୁ। ହେଲେ ଭେଣ୍ଡିଆ ଲୋକ ଗୁଡା ବିସ୍କୁଟ ଖାଇ ପାଣି ପିଇ କେତେଦିନ ରହି ପାରିବେ ! ଦିନ ପରେ ଦିନ ବିତିବାକୁ ଲାଗିଲା, ମାସ ବିତିଲା। ମାଲିକଙ୍କୁ ପଇସା ମାଗିବାକୁ ଗଲେ ସେମାନେ, ହେଲେ ମାଲିକ ସେମାନଙ୍କୁ ପାଞ୍ଚଶହ ଟଙ୍କା ଧରେଇ ଦେଇଥିଲା। ଏତେ କମ୍ ପଇସା, ଆଉ ପଇସା କାହିଁକି ଦେଉନାହାନ୍ତି ପଚାରିବାରୁ, ପଇସା ବଦଳରେ ମାଡ଼ ମିଳିଥିଲା ତାଙ୍କୁ। ଯାଇ କାମ କର ବୋଲି ତାଗିଦ କରିଥିଲା ମାଲିକ। ଖାଇବା ବିନା ସମସ୍ତଙ୍କର ଦେହ ଖରାପ ହେଲା ସେଥିରେ ପୁଣି କାମ, କାମ

ନକଲେ ମାଡ଼, ଜୀବନ ଦୁର୍ବିସହ ହେବାକୁ ଲାଗିଲା। ହାତଗୋଡ଼ ଅବସ ହୋଇ ଚାଲିବାକୁ ବଳ ପାଇଲାନ। ସେଥିରେ ପୁଣି କାମ ନକଲେ ମାଡ଼ର ଭୟ। ପଇସା କଥା କହିଲେ, ମାଲିକ କୁହେ ମୁଁ ପର୍ଶୁକୁ ପଇସା ଦେଇସାରିଛି। ମୁଁ ଟଙ୍କା ଖର୍ଚ୍ଚ କରିଛି ମାନେ ମୋତେ କାମ ଦରକାର। ନରୀହ ଆଦିବାସୀଙ୍କର ଆଉ କଛି ଉପାୟ ନଥିଲା କାମ କରିବା ଛଡା। ମନେମନେ ଭାବନ୍ତି ସତରେ କ'ଣ ପର୍ଶୁ ସେମାନଙ୍କୁ ମାଲିକକୁ ବିକ୍ରି କରି ଦେଇଛି ତାଙ୍କ ଅଜାଣତରେ ଆଉ ପଇସା ନେଇ ଯାଇଛି। ବିଶ୍ୱାସ ହୁଏନ ତାଙ୍କ ଗାଁର ପର୍ଶୁଭାଇ ନଜ ପରି,ସେ କେମିତି ତାଙ୍କ ସହିତ ବିଶ୍ୱାସ ଘାତ କରିପାରିବ। ମନ ତାଙ୍କର ବିଦ୍ରୋହ କରି ଉଠେ, ଦିନେ ସାହସ ସଞ୍ଚୟକରି ସେମାନେ ମାଲିକଙ୍କୁ କୁହନ୍ତି ତାଙ୍କୁ ପର୍ଶୁଭାଇ ସହିତ କଥା କରେଇ ଦିଅନ୍ତୁ ଓ ସେମାନେ ଘରକୁ ଯିବାକୁ ଚାହାଁନ୍ତି ତାଙ୍କ ପଇସା ହିସାବ କରିଦିଅନ୍ତୁ। ମାଲିକ ସେଦିନ ଗର୍ଜନ କରି ଉଠିଥିଲା ଓ ପର୍ଶୁକୁ ଫୋନ କରି ଗାଳ କରିଥିଲା। "ତୁ ପଇସା ନେଇଗଲୁ ଆଉ ଏମାନେ କାମ ନକରି ଘରକୁ ବହାରିଲେଣି, ନେ ତାଙ୍କ ସହିତ କଥା ହୋ ।" ଫୋନ ଟି ଧରାଇ ଦେଇଥିଲା ମଦନାକୁ । ମଦନାକାକା ଫୋନ ଧରି ନେହୁରା ହେଲାବେଳକୁ ସେପଟୁ ଫୋନ ଟି କାଟି ଦେଇଥିଲା ପର୍ଶୁ। ସେମାନେ ଯେ ମାଲିକ ପାଖରେ ବିକ୍ରି ହୋଇଯାଇଛନ୍ତି ଏକଥା ସ୍ପଷ୍ଟ ଭାବରେ ଜାଣି ତାଙ୍କ ପାଦତଳୁ ମାଟି ଖସିଗଲା ପରି ଲାଗିଥିଲା। ସେମାନେ ଏବେ ବନ୍ଦୀ, ନା ଘରକୁ ଯାଇ ପାରିବେ ନା ଘର ଖବର ପାଇ ପାରିବେ। ସେପଟେ ତାଙ୍କ ପରିବାର ଲୋକ ତାଙ୍କ ଫେରିବା ବାଟକୁ ଚାହିଁବସିଥିବେ।

ଏ କଥା ଭାବିଲା ବେଳକୁ ମୁଣ୍ଡ ଝାଇଁ ଝାଇଁ ମାରିଲା ସେମାନଙ୍କର। ପାଞ୍ଚଜଣ ଯାକ କାନମୁଣ୍ଡା ଆଉଁସି ପୁଣି କାମରେ ଲାଗିଥିଲେ। ହେଲେ ମନରେ ଆଉ ସେ ସରାଗ ନଥିଲା। ଖାଲି ପାଣି ପିଇ ପିଇ କ'ଣ ମଣିଷ କାମ କରି ପାରିବ ! କାମ ନକଲେ ମାଡ଼। ମାଡ଼ ଖାଇ ଖାଇ ଦେହ ମୁଣ୍ଡ ଦରଜ। ନଜ ନଜ ଭାଗ୍ୟକୁ ନନ୍ଦି ବାକୁ ଲାଗିଲେ। ଦିନେ ରାତିରେ ପାଞ୍ଚଜଣ ଯାକ ଠିକ୍ କଲେ ସେଠାରୁ ଲୁଚକ ପଳାଇବେ ନହେଲେ ଖାଇବା ବିନା କାମ କରି କରି ମରିଯିବେ। ମନରେ ଡର ଲାଗିରହୁଥାଏ ଯଦି ଧରା ପଡିବେ ତେବେ କ'ଣ ହେବ ତାଙ୍କ ଅବସ୍ଥା। ରାତିର ଅନ୍ଧାରରେ ସେମାନେ ଲୁଚ ଲୁଚ ଯାଇ ଷ୍ଟେସନ ରେ ପହଁଚଥିଲେ

ଟ୍ରେନକୁ ଅପେକ୍ଷା କରିଥିବା ସମୟରେ ମାଲିକ ସେମାନଙ୍କୁ ଝୁମ୍ପୁଡିରେ ନପାଇ ତା'ର ଦୁଇ ଚମଗ୍ଣଙ୍କୁ ଧରି ସେଠାରେ ପହଞ୍ଚିଗଲା। ସେମାନଙ୍କୁ ସେଠାରେ ଦେଖି ତା' ରାଗ ପଞ୍ଚମକୁ ଉଠିଗଲା। ଦୌଡା ଦଉଡି ମଧ୍ୟରେ ପରମା ଓ ମଦନା ସେମାନଙ୍କ ହାତରେ ଧରା ପଡି ଯାଇଥିଲେ। ଅନ୍ୟମାନେ ଖସି ପଳେଇବାରେ ସଫଳ ହୋଇଥିଲେ। ସେମାନଙ୍କ ଉପରେ ବସିଥିଲା ନିର୍ଘାତ ପ୍ରହାର। ଏଦୁଇ ଜଣଙ୍କୁ ନେଇ ନଜର ବନ୍ଦୀ କଲେ। ତା' ପରଦିନ ସେମାନଙ୍କୁ ନେଇ ଧାନକଟା ରେ ଲଗାଇଥିଲେ ଅନ୍ୟଜାଗାରେ। ଦିନବେଳା ଓଳଏ ଗଣ୍ଡାଏ ଭାତ ଡାଲମା ଖାଇବାକୁ ଦିଅନ୍ତି, ସେଥିରେ ବି ସେମାନଙ୍କ ପେଟ ପୁରେନି । ଏମିତି ଚାଲିଲା କିଛି ଦିନ।

ମାଲିକ ଓ ମାଲିକର ଦୁଇ ଚମଗ୍ଣଙ୍କୁ ଡରି ଡରି କିଛିଦିନ ବିତିଯାଇଥିଲା ସେମାନଙ୍କର। ଦେଖିଥିବା ସ୍ୱପ୍ନସବୁ ପାଣି ଫୋଟକା ପରି ମିଳାଇ ଯାଇଥିଲା ଆଖି ସାମନାରେ। ମନରେ ବିଦ୍ରୋହ ବଢି ବଢି ଚାଲେ। ସବୁବେଳେ ମଉକାର ଅପେକ୍ଷାରେ ଥାଆନ୍ତି ଦୁଇଜଣ ଯାକ। ଏପଟେ ଡର ସେପଟେ ବିଦ୍ରୋହ। ମାଲିକର ତୀକ୍ଷ୍ଣ ନଜର ତାଙ୍କ ଉପରେ। ମାଲିକର ଦୁଇ ଚମଗ୍ଣ ଗୋଡେ ଗୋଡେ ଜଗନ୍ତି ସେ ଦୁଇ ଜଣଙ୍କୁ। ବେଳେବେଳେ ବିଧା ଗୋଇଠା ଖାଇବାକୁ ପଡେ ବିନା କାରଣରେ। ଗୋଟେ ଦିନରେ ଦୁଇଦିନର କାମ ଆଦାୟ କରନ୍ତି। ନିଜ ଆଖିର ଲୁହ ନିଜେ ପିଇ କାମରେ ଲାଗି ପଡନ୍ତି। ଭଗବାନଙ୍କୁ ଡାକନ୍ତି କେମିତି କୋଉଁଦିନ ଏ ଚକ୍ରବିହୁରୁ ମୁକ୍ତି ମିଳିବ ତାଙ୍କୁ।

ମଣିଷ ଏତେ ନିଷ୍ଠୁର କେମିତି ହୋଇପାରେ ! ଏମାନଙ୍କ ମଧ୍ୟରେ କ'ଣ ମାନବୀୟତା ନାହିଁ! ଭଗବାନଙ୍କ ସୃଷ୍ଟିରେ ସବୁ ମଣିଷ ତ ସମାନ ସମସ୍ତଙ୍କର ଇଚ୍ଛା ଅଛି ଆଶା ଅଛି, କିନ୍ତୁ ଏମାନେ କାହିଁକି ତାଙ୍କ ଉପରେ ଦାଉ ସାଧୁଛନ୍ତି। ପରମା ଭାବି ଭାବି ଲୁହ ଗଡ଼ାଏ। କିନ୍ତୁ ତାଙ୍କୁ ଆହା ପଦେ କହିବାକୁ ତାଙ୍କ ପାଖେ କେହି ନଥାନ୍ତି କି ତାଙ୍କ ଆଖିର ଲୁହ ପୋଛିବାକୁ କେହି ନଥାନ୍ତି। ମା' କଥା ତା'ର ଭାରି ମନେପଡେ। ସେଦିନ ଯଦି ସେ ମା' କଥା ମାନିଥାନ୍ତା! ଲୁହକୁ ଗାମୁଛାରେ ପୋଛି ମଦନକାକା ପାଖକୁ ଟିକେ ଘୁଞ୍ଚି କରି ଶୁଏ। ଦୁହେଁ ଦୁହିଁଙ୍କ ଭରସା।

ଦିନେ ପରମା କହିଲା, "କାକା ଯାହା ବି ହୋଇଯାଉ ଆମେ ଆଉ କାମ କରିବାନ। ଏମିତି ମାଡ଼ ଖାଉଛେ ସେମିତିବି ଖାଇବା।"ସେମାନେ ଆମକୁ ଜୀବନରୁ ମାରିଦେବେ ପରମା,"ମଦନା ବୁଝେଇବାକୁ ଚେଷ୍ଟା କଲା।

"ଜୀବନରୁ ମାରି ଦିଅନ୍ତୁ ପଛେ ମୁଁ ଆଉ କାମ କରିବିନ । ନହେଲେ ମୁଁ ଯାଇ ଟ୍ରେନ ଲାଇନ୍ ରେ ଶୋଇ ପଡିବି । "

ସେଦିନ ମାଲିକ ଓ ତା' ଲୋକମାନେ ଟିକେ ଦୂରରେ ବସି ମଦ ମାଂସ ର ଆସର ଜମାଇ ଥିଲେ। ଏମାନଙ୍କ କଥା ତାଙ୍କ କାନରେ ପଡିଗଲା, ସବୁବେଳେ ତ ତାଙ୍କ ନଜର ଏମାନଙ୍କ ଉପରେ ଥିଲା। ମାଲିକ ନାଲି ଆଖି କାଢି ଏମାନଙ୍କ ଆଡକୁ ମାଡି ଆସିଲା। ଆଉ ତା'ର ସେ ଡାହାଳ ପରି ଲୋକ ଦୁଇଟାଙ୍କୁ ଆଦେଶ ଦେଲା," ଏ ଦୁଇଟା ପଳାଇବା ପାଇଁ ଏତେ ବ୍ୟଗ୍ର ହେଉଛନ୍ତି,ତାଙ୍କୁ ଏମିତି ମାଡ଼ ଦିଅ ଆଉ ସେ ଉଠି ପାରିବେନ ଆଉ ତାଙ୍କ ଡାହାଣ ହାତ ଦୁଇଟି କାଟି ଦିଅ।" ସତକୁ ସତ ସେମାନେ ମଣିଷତ୍ୱ ଭୁଲି ହିଂସ୍ର ପାଲଟି ଯାଇଥିଲେ। ଆଗ ମଦନାର ହାତ ପାପୁଲିକୁ ସେମାନେ ପରମା ଆଖି ସାମ୍ନାରେ କାଟି ଦେଇଥିଲେ ଏକ ତିକ୍ଷ୍ଣ ଛୁରିରେ, ଆଉ ତା' ପରେ ପଡିଲା ପରମାର ପାଳ । ଯନ୍ତ୍ରଣାରେ ତଳେ ପଡି ଛଟ ପଟ ହେବାକୁ ଲାଗିଥିଲେ ଦୁଇ ଜଣ ଜାକ। ସେମାନେ ଅଟ୍ଟହାସ୍ୟ ଦେଇ ସେ ଜାଗାରୁ ଗ୍ଲଲି ଯାଇଥିଲେ। ରକ୍ତ ଜୁଡୁବୁଡୁ ହାତକୁ ଗାମୁଛାରେ ଗୁଡ଼ାଇ ଘୁସୁରି ଘୁସୁରି ସେ ଜାଗାରୁ ଆସି ରାସ୍ତାକଡ଼ ଦୋକାନରେ ପହଞ୍ଚିଥିଲେ ଦୁହେଁ ।

ଦୋକାନୀର ମାଲିକ ଥିଲା ଜଣେ ସହୃଦୟ ବ୍ୟକ୍ତି। ଅରକ୍ଷିତ କୁ ଦଇବ ସାହା ପରି ସେ ସେମାନଙ୍କୁ ସାହା ହେଲା। ବହୁତ ରକ୍ତ ବୋହି ଯାଇଥିଲା,ତେଣୁ ସେ ଦୁଇଟି ଜରି ସାହାଯ୍ୟରେ ହାତକୁ ଗୁଡ଼ାଇ ଦେଲା, ତାପରେ ସେମାନଙ୍କୁ ଭବାନୀପାଟଣା ଯାଉଥିବା ଏକ ବସରେ ଚଢାଇ ଦେଇଥିଲା । ଯନ୍ତ୍ରଣା ଜର୍ଜରିତ ହାତକୁ ଧରି ବହୁତ କଷ୍ଟରେ ଭବାନୀପାଟଣା ଯାଇ, ସେଠିକା ମେଡିକାଲରେ ପହଁଚଲେ ଓ ଡାକ୍ତରୀ ଉପଗ୍ଲର କରିଥିଲେ।

ଜୀବନ ସିନା ବଞ୍ଚିଗଲା ହେଲେ ସେମାନେ ସବୁଦିନ ପାଇଁ ଅକର୍ମଣ୍ୟ ହୋଇଗଲେ। ଥାନାରେ ଅଭିଯୋଗ କଲାପରେ ମାଲିକ ଓ ତା' ଦୁଇ ଚମଗ୍ଚ ଧରାହେଲେ।

ନିମିଷକେ ଘଟଣା ପ୍ରଘ୍ଚର ହୋଇ ତାଙ୍କ ଗାଁରେ ପହଁଚଥିଲା। ଯେଉଁ ହାତକୁ ନେଇ ଦମ୍ପର ସହ ପରିବାରର ସାହାସ୍ୟ ହେବା ପାଇଁ ବାହାରିଥିଲେ ମନରେ ଅସୁମାରୀ ସ୍ୱପ୍ନନେଇ, ସବୁ ଆଶା ଆକାଂକ୍ଷା ତାଙ୍କର ମଉଳ ଯାଇଥିଲା ରକ୍ଷାସ ମାନଙ୍କର ନାରକୀୟ କାଣ୍ଡରେ । "କଟାହାତ ନେଇ ଆଉ କାହାର ସାହାସ୍ୟ ହେବୁ ଏବେ ଆମେ ନିଜ କାମ କରିବାପାଇଁ ଅସମର୍ଥ, ଆମେ ଅକର୍ମଣ୍ୟ" ପରମା କାନ୍ଦି କାନ୍ଦି ସମସ୍ତଙ୍କୁ କହୁଥାଏ।

ଏ ହୃଦୟ ବିଦାରକ ଦୃଶ୍ୟ ଦେଖିଲେ କଏ ବା ଆଶ୍ଚର୍ଯ୍ୟ ଚକତ ନହେବ।ଏମାନଙ୍କୁ ନର ମାଂସ ଭକ୍ଷକ କହିଲେ ଅତ୍ୟୁକ୍ତି ହେବ ନାହିଁ । ଅମାନବୀୟତାର ଚରମ ସୀମାର ନିଷ୍ଠକ କାହାଣୀ। ଏମିତି ଘଟଣା ଆମ ସମାଜରେ ଅନେକ ଘଟୁଛି ।ପରମା ପରି ଅନେକ ନିରୀହ ମଣିଷ ଏଥିରେ ବଳି ପଡୁଛନ୍ତି। ନିଜ ଜାଗାରେ ଯଦି ଲୋକଙ୍କୁ ଅଧିକରୁ ଅଧିକ କାମ ମିଳିବ ତେବେ ଲୋକେ ଆଉ ଦାଦନ ଖଟିବାକୁ ବାହାରକୁ ଯିବେନି।

ପୁଷ୍ପିତା ଭୂୟାଁ, ପ୍ରତାପନଗରୀ, କଟକ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଜଳୁଛି ଜୁଇ ହୋଇ



ଧିରେନ୍ ବାଗ

ପ୍ରିୟା ଗୋ,

ତମ ଗାଧୁଆ ତୁଠେ

ଭ୍ରମର ସାଜିବା ପାଇଁ

କେତେ ଆଘାତ ସହିଲି

ଥରେ ତ ବୁଝିଲ ନାହିଁ ।

ମୁଁ ଥିଲି ଆଲୋଡା

ଘାସ ଫୁଲ ହୋଇ

ବଣମଲ୍ଲୀ କହି ତୋଳିଲ କୋଳେ

ଅତି ଆପଣାର ହୋଇ ।

ଭଲପାଇବାର ସଂଜୀବନ ଦେଇ

କଲ ମୋତେ ଆପଣାର

ଗ୍ରଜ ପାରିଜାତ କହି
ମଣ୍ଡିଲ ହୃଦେ ପୁଣି ତୁମର ।

ସରଗ ସୁଖ ଲଭିଲି ମର୍ତ୍ତେ
କେଉଁ ପୂର୍ଣ୍ଣ ଜନ୍ମେ ବଳେ
ଜୀବନ ନାଟକ ସତେକି ସପନ
ଭୁଲିଗଲ କେତେବେଳେ ।

ସେଇ ଭୁଲିବା ଅଭିଶାପ ହେଇ
କାନେ କାନେ ଯାଏ କହି
ତୁମ ଭଲପାଇବା ଛଳନା ବାଲିରେ
ଜଳୁଛି ମୁଁ ଜୁଇ ହୋଇ ।

ଗଉଡରମା, କୁଳଅଣା, ମୟୂରଭଞ୍ଜ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ମାଁ ମୋର ମହାନ୍ ଭାରତ



ବିନୋଦ ବିଶି

କେନ୍ ଜନମେ କାଏଁ ପୁଇନ କରିଥିନ ଯେ
ଇ ଦେଶେ ହେଲା ମୋର ଜନମ୍
ଯେନ୍ ଦେଶେ କ ସବୁ ମୁନୁଷ୍ ସମାନ
ନାଇଁନ ଜାଏତ ଧରମ୍ ॥

ହିନ୍ଦୁ, ମୁସଲିମ୍, ଶିଖ୍, ଖ୍ରୀଷ୍ଟିଆନ
ସଭେ ଇନେ ଭାଇ ଭାଇ
ନାଇଁନ ଇନେ ଉଚ୍ ନଚ୍ ଭାବ୍
ସବେ ସମାନେ ଥାଇ ॥

ସୁଖେ ଦୁଃଖେ ଦିନ କଟୁଛେ
ଗୁଟେ ମାଁର୍ ଛୁଆ ହେଇ
ବିପଦ ପଡଲେ କାହାର ଘରେ
ସଭେ ଆଏସନ୍ ଧାଇଁ ॥

ଇ ଭାଇ ଗୁରାର୍ ଲାଗି ପୃଥି ଭିତରେ
ଆମର ଦେଶ ହେଇଛେ ମହାନ୍
ଇ ମହାନ୍ ପଦ୍ ଟା କେନ୍ତେହି
ସବୁ ଦିନେ ରହେବା
ସଭେ ଇ କଥା କେ ଦେମା ଧିଆନ
ସଭେ ଇ କଥା କେ ଦେମା ଧିଆନ୍ ॥

ବିଲାସପୁର, ଦେଓଗାଁ, ବଲାଙ୍ଗିର

# ଏ ବଣମଲ୍ଲୀ



ପୂର୍ଣ୍ଣଚନ୍ଦ୍ର ରଣା

ଯାଇଥିଲି ମୁହିଁ ଜଙ୍ଗଲ ଭୂଇଁକୁ
ଦେଖିଲି ମୁଁ ବଣମଲ୍ଲୀ,
ରୂପଟି ତାହାର ଏତେ ମନଲୋଭା
ଛାତି ମୋ ଗଲା ଦୋହଲି ।୧ ।
ମନ ହେଲା ଟିକେ କଥା ହେବା ପାଇଁ
ସତେ ବଣମଲ୍ଲୀ ସହ,
କହିଲି ତା କାନେ "ଏ ବଣମଲ୍ଲୀ"
କେମିତି ଅଛୁ ତୁ କହ ।୨ ।
ମୋ କଥାକୁ ଶୁଣି ଶୁଭ୍ର ବଣମଲ୍ଲୀ
ଲାଜରେ ଗଲା ଝାଉଁଳ,
ପଚାରିଲା ମତେ କୋଉଠୁ ଆସିଛୁ
ଲାଗୁଛୁ ସହରୀ ବୋଲି ।୩ ।
ମୁଁ ଅବା ଜଙ୍ଗଲୀ ଗୋଟେ ବଣମଲ୍ଲୀ
ଜଙ୍ଗଲରେ ମୋର ଘର,
ସହରଠୁ ସତେ କେତେ ଦୂରେ ମୁହିଁ
ସଭିଙ୍କଠୁ ସାତ ପର ।୪ ।

ମୋ ଉପରେ ନାହିଁ କାହାର ନଜର
ଯେମିତି ମୁଁ ଜରାଜୀର୍ଣ୍ଣ
ବନ ଗହଳରେ ବଞ୍ଚିଛି ମୁଁ ଆଜି
ସତେ ମୁଁ ଫୋପଡା ଅନ୍ନ ।୫ ।
କହିଲି ମଲ୍ଲୀକୁ ତୁଚ୍ଛ ଭାବୁ କାହିଁ
ନିଜକୁ ମାନୁଛୁ ଜୀବନ୍
ପଙ୍କରେ ତୁ ଆଜି ପଙ୍କଜର ସମ
ସର୍ବୋଚ୍ଚେ ତୋହରି ସ୍ଥାନ ।୬ ।
ତୋହରି ସମ କେ ନାହିଁ ତ ଜଗତେ
ତୋ ପରି ହେବନି କେହି,
ତୋହରି ସୁଗନ୍ଧେ ବିଶ୍ୱ ସୁଗନ୍ଧିତା
ସାହିତ୍ୟରେ ଲେଖା ଏହି ।୭ ।
ଜଗତ ପାଇଁ ଯେ ଅଟୁ ତୁ ପ୍ରେରଣା
ତୁ ପୁଣି ଜଗତ ବାର୍ତ୍ତା,
ରହିଥିବୁ ତୁହି ଚିରଦିନ ପାଇଁ
ହଜିବନି ତୋର ସତ୍ତା ।

ହାଟସିଂହାପୁର, ଯାଜପୁର

# ପାପ ଉପରେ ପୁଣ୍ୟ



ଆକାଶ କୁମାର ଭୋଳ

( ୧)

"ସେ ବୁଢ଼ୀକୁ ବୁଝେଇ ଦେ, ମୋ ସହିତ ପଙ୍ଗା ନେଲେ ଭଲ ହେବନି । "

"ଏବେ ଆଉ କଣ କହିବି ଅଶୋକ ବାବୁ, ସେ ଲଳିତାକୁ କେତେଥର ବୁଝେଇଲି, ଅଶୋକ ବାବୁଙ୍କ ଦୋକାନ ସାମ୍ନାରୁ ତୋ କୁଡ଼ିଆ ଘର ହଟେଇ ଦେ । କିନ୍ତୁ କହୁଛି, ପେଟ ଚାଖଣ୍ଡକ ପାଇଁ ଇଏ କୁଡ଼ିଆ ଘରଟା ହିଁ ମୋର ସାହାରା ।"

"ତା କୁଡ଼ିଆ ତିଆରି ପାଇଁ କଣ ମୋ ଦୋକାନ ସାମ୍ନାରେ ଜାଗା ଟା ମିଳିଥିଲା । ମୋ ଧନ୍ଦା ରେ କେତେ କ୍ଷତି ହଉଛି ଜାଣିଛୁ । ସେ ବୁଢ଼ୀ ଏମିତି ମାନିବନି । ତାକୁ ଜଣେଇବାକୁ ପଡିବ ଯେ ଅଶୋକ ଦାସ ମଣିଷ ଟା କଣ ?

( ୨ )

ଅଶୋକ ଦାସ ସେଇ ଅଞ୍ଚଳର ପ୍ରସିଦ୍ଧ ବ୍ୟକ୍ତି ଥିଲେ । ଲୋକେ କୁହନ୍ତି କି, ଯୁବାବସ୍ଥାରୁ ରାଜନୀତି କରିବାକୁ ଚେଷ୍ଟା କଲେ ଥରେ ହେଲେ ସଫଳ ହେଲେନି । ପାଠ ପଢ଼ାରେ ମନ ଲାଗୁନଥିଲା, ତେଣୁ ଚାକିରୀ ମିଳିବା କଷ୍ଟ । ଜୀବନ ଜୀଇଁବା ପାଇଁ ତ ଗୋଟେ କିଛି କରିବା ଦରକାର । ତେଣୁ ଡାଲି ଚାଉଳ ( ତେଜରାତି ) ଦୋକାନଟା କଲେ । ଅଞ୍ଚଳରେ ଜଣାଶୁଣା ଥିବାରୁ ଦୋକାନ ଭଲ ଚାଲିଲା । ରୋଜଗାର ମଧ୍ୟ ଭଲ ହେଉଥିଲା

କନ୍ତୁ ଅଶୋକ ଦାସ ଖୁସି ନ ଥିଲା । କାରଣ ଥିଲା- ତା ଦୋକାନ ଆଗରେ ଥିବାକୁଡ଼ିଆ ଘରେ ଚାଲୁଥିବା ଲଳତା ର ଲସି ଦୋକାନଟି । ଲସି ଦୋକାନ ସହିତ ତେଜଗତି ଦୋକାନର କଛି ସମ୍ପର୍କ ନ ଥିଲେ ମଧ୍ୟ ଅଶୋକ ଦାସ କୁ ଲାଗୁଥିଲା କ, ତା 'ତାଜମହଲ ଆଗରେ କେହିଜଣେ ଗଧଟିଏ ବାନ୍ଧି ଦେଇଛି । ସେଇ କୁଡ଼ିଆ ଘର ପାଇଁ କେତେ ଯେ ଧମକ ମିଳଛି, ଲଳତା କେବେ ବିଚଳତ ହେଇନ ।

( ୩ )

ଗୁଳୁଗୁଳ ଏତେ ବି ନ ଥିଲା, କ ରାସ୍ତାରେ ଚାଲିବା କଷ୍ଟ ହେଇଯିବ । କନ୍ତୁ ମଲ୍ଲିକପୁର ପରିବେଶ ଖାଲି ଖାଲି ଲାଗୁଥିଲା । କେବଳ ବିଲରେ କାମ କରୁଥିବା ଦିନ ମଜୁରିଆ କେତେଟା ହିଁ ଦେଖିବାକୁ ମିଳୁଥିଲେ ।

"କଣ ଭାଇ ରମେଶ, ଆଜି ତୁମେ ଭାରି ଅସ୍ତବ୍ୟସ୍ତ ହେଲା ପରି ଲାଗୁଛ । ପାଞ୍ଚ ମିନଟ ରେ ଦଶ ଥର ଘଣ୍ଟା ଦେଖିଲଣି । କଣ ହେଇଛି କ ? "

"ହଁ ପରା ଶ୍ରୀଧର ଭାଇ, ଘରୁ ଆସିଲା ବେଳେ କଛି ଖାଇକ ଆସିନ ତ , ବାରଟା ବାଜିଲା ପରେ ଭୋକରେ ପେଟ ଜଳୁଛି । କାମ ଆଉ କଣ ହେବ । ଭାବୁଛି, ଇଏ କାମ ଦାମ ସବୁ ଛାଡି, ଲଳତା ଦୋକାନକୁ ଯାଇ ଲସି ଦୁଇ ଗ୍ଲାସ ପିଇ ଆସିବି । ଥରେ ତା ଦୋକାନ ରେ ଲସି ପିଇଲେ ସବୁ କ୍ଲାନ୍ତି, ଅବସନ୍ନତା ଦୂର ହେଇଯିବ । ପିଇବା ପରେ ହିଁ କାମରେ ମନ ଲାଗିବ ।

( ୪ )

ଲଳତା ର ଲସି ଦୋକାନ ମଜୁରିଆଙ୍କ ଆଡ଼ାସ୍ଥଳୀ ଥିଲା । ସମସ୍ତ ମଜୁରିଆ ଲସି ପିଇବାପାଇଁ ସେଇଠିକୁ ହିଁ ଆସୁଥିଲେ । କୁଡ଼ିଆ ଭିତର, ବାହାରେ ଲୋକମାନଙ୍କ ଭିଡ଼ ଲାଗି

ରହୁଥିଲା । ସେମିତି କହିବାକୁ ଗଲେ, ଦୋକାନ କଛି ଖାସ ନ ଥିଲା, ଖାସ କହିଲେ ଲଳତାର କଥା ପଦେ । ଯେତେ ବି ଲୋକ ଆସୁଥିଲେ ସମସ୍ତଙ୍କ ପରିବାର ହାଲଚାଲ ପଗ୍ଚରିବାକୁ ସେ କେବେ ଭୁଲୁ ନ ଥିଲା । ସମସ୍ତେ ନଜ ନଜର ପେଡି ଏମିତି ଖୋଲୁ ଥିଲେ ଯେମିତି ଲଳତା ତାଙ୍କ ଘରର ଜଣେ ସଦସ୍ୟ ।

ସମୟ ମଧ୍ୟାହ୍ନ ଏକଟାବାଜିସାରିଥିଲା। ଲଳତାର ଦୋକାନରେ ଭିଡ଼ ଆସ୍ତେ ଆସ୍ତେ ଜମି ଆସୁଥିଲା । ରମେଶ ଆଉ ଶ୍ରୀଧର ସର୍ବପ୍ରଥମେ ଦୋକାନରେ ପହଞ୍ଚି ଥିଲେ । କୁଡ଼ିଆ ଭିତରେ ମଧ୍ୟ ଦଶ ରୁ ବାର ଜଣ ବସିଥିଲା । ଲଳତା ସମସ୍ତଙ୍କୁ ଲସି ପିଇବାକୁ ଦେଲା । ଲସି ଦେଇ କରି ହାଲଚାଲ ପଗ୍ଚରିବାକୁ ଯାଉଛି । ହଠାତ ଜଣେ ମଜୁରିଆ ଭୂମିରେ ପଡିଗଲା, ମୁହଁରୁ ତାର ଶ୍ୱେତ ବର୍ଣ୍ଣ ର ଫେଣ କଛି ବାହାରି ପଡ଼ିଲା । ଧୀରେ ଧୀରେ ଅଞ୍ଚଳ ସାରା ଖବର ପ୍ରସାର ହେଇଗଲା । ଲୋକମାନେ ଦୌଡା ଦୌଡ଼ି ହେଇ ଆସିଲେ । ଦିନ ମଜୁରିଆଙ୍କୁ ସଦର ହସ୍ପିଟାଲ ନଆଗଲା, କନ୍ତୁ ଯା ହବାର ଥିଲା ହେଇଗଲା । କଛି ଲୋକ ତ ସେଇଠି ମରିଗଲେ, ଆଉ କଛି ଆମ୍ବୁଲାନ୍ସରେ ତ ଆଉ କଛି ହସ୍ପିଟାଲ ବେଡ଼ ଉପରେ !

କଥାରେ କହନ୍ତି ନ, ଭିଡକୁ କଏ କେବେ ସମ୍ଭାଳ ପାରିଲାଣି ନା କ୍ରୋଧକୁ କଏ କେବେ ରୋକ ପାରିଲାଣି । ଶେଷରେ ସେଇଆ ହେଲା, ଲୋକମାନେ ପ୍ରଥମେ ଲଳତା କୁ ବହୁତ ମାରିଲେ, ତଥାପି ରାଗ ଶାନ୍ତ ହେଲାନ ବୋଲି ଲସି ଦୋକାନକୁ ଅଗ୍ନି ସଂଯୋଗ କରିଦେଲେ, ବାସ...କଛି ସମୟ ଭିତରେ କୁଡ଼ିଆଟି ଜାଳ ଭସ୍ମ ହେଇଗଲା ।

( ୫ )

ଗୋଟିଏ ବର୍ଷ ପରେ, ଅଶୋକ ବାବୁଙ୍କ ଦୋକାନ ଯୋଉଠି ଥିଲା ସେଇଠି ଅଛି । ହେଲେ ନାହିଁ ଖାଲି ବୁଢ଼ୀର ଲସି ଦୋକାନଟି, ସେଇ ଜାଗାରେ ଗୋଟେ ଭବ୍ୟ ରାମ ମନ୍ଦିର ସ୍ଥାପନା

ହେଇଛି । ମନ୍ଦିର ଯୋଗୁ ଅଶୋକ ବାବୁଙ୍କ ଦୋକାନ ରେ ଭିଡ଼ ରହୁଛି ଏବେ । ମନ୍ଦିର କୁ ପୂଜା କରିବାକୁ ଆସୁଥିବା ଲୋକ ଅଶୋକ ଦାସ କୁ ପ୍ରଶଂସା କରି କହୁଛନ୍ତି - ଇଏ ଅପବିତ୍ର ଜାଗାରେ ମନ୍ଦିରଟେ ତିଆରି କରି ପବିତ୍ର କରିଦେଲ ଜାଗାଟିକୁ !

ଲଳତା କୁଆଡେ ଗଲା କାହାକୁ କଛି ବି ଜଣା ନାହିଁ । ତା କୁଡ଼ିଆ ଉପରେ ଭଗବାନ ରାମଙ୍କ ମନ୍ଦିର ଠିଆ ହେଇଛି । ଦୋକାନରେ ବିକ୍ରି ମଧ ବଢିଛି । ବେଳେବେଳେ ମନ୍ଦିରର ଘଣ୍ଟି ଯଦି କଏ ଜୋରରେ ବଜେଇଦଉଛି ତା ହୃଦୟର କମ୍ପନ ବଢିଯାଉଛି । ଯଦି କୋଉ ଲୋକ ଅପଲକ ନୟନରେ କଛି ମୁହୂର୍ତ୍ତ ପାଇଁ ଗ୍ହିଁଦଉଛି । ଅଶୋକ ଦାସକୁ ଲାଗୁଛି । କାଇଁ ୟାକୁ ସବୁ କଥା ଜଣା ନାହିଁ ତ ! କାଇଁ ଇଏ ଦେଖି ନାହିଁ ତକ ସେଦିନ ରାତିରେ ଲଳତାର କୁଡ଼ିଆ ଘରେ ପଶି ଦହିରେ ବିଷ ମିଶେଇ ଥିଲି ବୋଲି । ପୁଣି ଛାତି ଫୁଲେଇ ଭାବିବାକୁ ଲାଗୁଛି । ଧେତ, ଦିନ ମଜୁରିଆ ତ ପ୍ରତିଦିନ ମରୁଛନ୍ତି ତା ମାନେ କଣ ରାମମନ୍ଦିର ପ୍ରତିଦିନ ତିଆରି ହେବ । ମୁଁ ଏ ପୁଣ୍ୟର କାମ କରିଛି । ପୁଣ୍ୟର....!

ଭ୍ରମରକୋଲା, ରାହାମା, ଜଗତସିଂହପୁର

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ବରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଦୋଷ କାହାର



କେଶରୀ ପ୍ରସାଦ ମହାନ୍ତି

ଜନନୀ ଯନ୍ତ୍ରଣା ଅସହ୍ୟ ହେଉଛି
ଗୃଷି ବିଷ ପିଇ ନିତି ମରୁଛି
ଦରିଦ୍ର ଶ୍ରମିକ ରୁହେ ଅନାହାର
କହି ପାରିବେକ ଏ ଦୋଷ କାହାର ।
ମାତୃଭାଷା ପ୍ରତି ମମତା କମିଛି
ପାଶ୍ଚାତ୍ୟ ସଭ୍ୟତା ପ୍ରତି ମନ ବଳିଛି
ନାବାଳକା ଏଠି ହୁଏ ବଳାତ୍କାର
କହି ପାରିବେକ ଏ ଦୋଷ କାହାର
ଇଣ୍ଟରନେଟରେ ସମୟ ବିତୁଛି
ପୁସ୍ତକ ପ୍ରତି ଆଗ୍ରହ କମୁଛି
ପ୍ରତିକ୍ଷଣେ ନର ପିଉଛି ଜହର
କହିପାରିବେକ ଏ ଦୋଷ କାହାର
ଛଳନା କୁକାର୍ଯ୍ୟ କୁମନ୍ତ୍ରଣାରେ ମାତି
ଟଙ୍କା, ସୁନା, ନାରି ପ୍ରତି ମନରେ ଆଶକ
ପିତା ମାତା ଗୁରୁ ସର୍ବେ ହେଲେ ପର
କହି ପାରିବେକ ଏ ଦୋଷ କାହାର
ନର, ନାରୀ ସର୍ବେ ଏକାକାର ହୁଅ
ଅନ୍ୟାୟ ବିରୁଦ୍ଧେ ରଣହୁଙ୍କାର ଦିଅ
ତାହାଲେ ହୋଇବ ସମାଜର ରକ୍ଷା
କବିର ଲେଖନ ନ ହୋଇବ ମିଥ୍ୟା

ଛାତ୍ର, ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଯାଜପୁର

# ଶିହରଣ



ରାମ କଲତା

ଲହରୀ ଶୀତର ଚଗଲ୍ ପବନ
ଛପିଆସେ ଖରାବେଳେ,
ପ୍ରତିଟି ସକାଳ ସୁରୁଜ ସାଥିରେ
ପଡେ କାଚକେନ୍ଦୁ ଜଳେ ॥

ହଜିଲ୍ ପାଣିର କମ୍ପନ ଆସେ
ହଲଚଲ ଛାତି ତଳେ
ଆସୁଥାଏ ପୁଣି ଯାଉଥାଏ ସେ
ଛାୟା ଲେଉଟିଲ୍ ବେଳେ ॥

ଛପିଛପି ଆସେ ଚଗଲ୍ ପବନ
ନେଇ ମହୁଲ ବଣର ମହକ,
ଧାନକ୍ଷେତ ସାରା ସବୁଜ ସବୁଜ
ଅଛିବୋଲି ଜହ୍ନରାତିର ପୁଲକ ॥

ଆଜି ପୁଣି ଶୁଭେ ସେ ଦୂରବଣରୁ

କେଉଁ ଦରଦୀ ପକ୍ଷୀର ସୁର,

ଅଜଣା ଫୁଲର ବାସ୍ନା କାହିଁ ବାସେ

ମନ ବଗିଚ୍ଚରେ ମୋର ॥

ଋତୁର ମହକ ଜହ୍ନର ଆଲୋକ

ରଖିଛି ପ୍ରେମର ଚହ୍ନ,

ଶୁଖା ବଗିଚ୍ଚରେ କେଉଁ ଅଚହ୍ନା ଫୁଲ

ସୃଷ୍ଟିକରେ ଶିହରଣ ॥

ଡୁଙ୍ଗୁରିପାଲି, ଖାରୀ, ସୁବର୍ଣ୍ଣପୁର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ଅତିତ ଅତିଥି



ପ୍ରବୀଣ୍ ରମେଶ୍

ସଞ୍ଜହେଲେ ନଇତି ଦେହେବଢେ ତାତି
ସେଇଦିନ ତିଥି ଚହ୍ନା ସେଇରାତି
ମଧୁର ମଧୁର ପିରତିର ସ୍ମୃତି
ଆଙ୍କିହୁଏ ତୁମ ଛବି ଗନ୍ଧିନୀ ସୁରତି ।

ତୁମମୁହାଁ ପୁଣି ଆଜି ମୋ ମନର ଗତି
ଧପଧପ ସବ୍ଦହୁଏ କାହିଁ ତୁମପ୍ରତି
ସାଗରଠୁ ବେଶି ମୁଁ ବି ଏମିତି
ଭଲପାଇଯାଏଁ ଏତେବି କେମିତି ।

ଜାଣିମୁଁ ପାରୁନାହିଁ ଦିନ ଅବା ରାତି
ଭୁଲି ଯାଇଅଛ କ ସେଇପ୍ରତିଶ୍ରୁତି
ତୁମ ସେଇ ଗୀତି ଆଜିବି ସାଇତି
ତୁମେ ମୋ ଜୀବନର ଅତିତ ଅତିଥି ।

ଗଣ୍ଡାବାହାଲି, ନୂଆପଡ଼ା।

# ପରିବର୍ତ୍ତନଶିଳ ଏ ସଭ୍ୟତା



ଶୁଭସ୍ମିତା ବେହେରା

ଜୀବନର ଅଶାନ୍ତ ଝଡ଼ ପରେ,

ଆଜି ସବୁ ଶାନ୍ତ ଶୀତଳ ।

ଆଜି ସବୁ ନିରବ ନିଷ୍ଚଳ

ଆଉ, ପଥପ୍ରାନ୍ତ ପଥିକ ।

ସବୁଠି କେବଳ ନିସଙ୍ଗ ଆଉ ବିଷର୍ଣ୍ଣତା

ଶୁଭୁଛି ସବୁଠି ହା' ହା'କାର

ଶବ୍ଦର ହୁଙ୍କାର ...

ମଣିଷ ଆଜି ଖାଉଛି ପିଉଛି

କିନ୍ତୁ ବଞ୍ଚିବାର ରାହା ପାଉ ନାହିଁ ।

ସବୁଠି ହଜିଚ, ସବୁଠି ମିଶିଛି

ପ୍ରତିଦାନେ ପାଇଛି ମୁଠା ମୁଠା

ମରୁଭୂମିର ରୁକ୍ଷ ସ୍ପର୍ଶ ।

ନାହିଁ ଆଜି ମିଠା କଥା

ଆଉ ଆପଣାର ଭାବ,

ନାହିଁ ଆଜି ସାଙ୍ଗସାଥୀ

ବାଲିଘର ଖେଳ ।

ନାହିଁ ଆଜି ମୁଁ "ବର"

ତୁ ମୋ କନିଆ,

ନାହିଁ ଆଉ ବୋହୂଚୋରି ଖେଳ ।

ସହରୀ ସଭ୍ୟତା ଭିତରେ ମଣିଷ

ନିଜକୁ ହଜାଇ ଦେଇ,

ଘୁରିଆଡେ ନିଜ ସତ୍ତାକୁ

ନିଜେ ଖୋଜି ବୁଲୁଚି ।

ନିଜ ପାଖେ ନିଜ ଶାନ୍ତି ଅଛି,

ମୃଗନାଭି ପ୍ରାପ୍ତ ପାଇଁ ପାଗଳ ହେଇ

ନିରବରେ କୁହୁଳି ଉଠୁଛି ।

ଅଶାନ୍ତ ଚିତ୍ତର କାରଣ ସେ ନିଜେ,

ସଂସ୍କୃତି, ସଭ୍ୟତା ସବୁ ସେ ଭୁଲିଛି ।

ହିଜେଇ ଦେଇଛି ବୋଲି ପ୍ରଚାର କରୁଛି ।

ଉଦୟନାଥ ଅଟୋନୋମସ କଲେଜ ( ଅଡଶପୁର)
ଜେନାପୁର, ଜାଜପୁର, ଓଡିଶା

# ତୁମେ ଚାଲିଗଲା ପରେ...



ରୋହିତ୍ ମାଝୀ

ତୁମେ ଚାଲିଗଲା ପରେ

କାହିଁକି କେଜାଣି ଖାଁ ଖାଁ ଲାଗେ

ପବନ ବି ଅଭିମାନରେ ଚୁପ୍ ରହେ

ନିଦ କେତେବେଳୁ ଜାଗ୍ରତ ରହିଛି

ଧାଡି ବାନ୍ଧି ନାକେଦମ୍ କଲେଣି

ଶହେରୁ ଢେର ଅଧିକ ସପନ

କେମିତି ଭୁଲିବି କୁହ ସେ ବନ୍ଧନ ।

ବଗିଚାରେ ଗୋଲାପ ବି ମୁହଁମାରି ବସିଛି

କେବେ ଫେରିବ ବୋଲି ବାଟ ଚାହିଁଛି

ସକାଳରୁ ସଂଜ ହୁଏ

ତମାମ୍ ଦିବସ ଲୋଟିପଡେ,

ତୁଳସୀ ଚଉରା ମୂଳ ଦୀପ ଦେଇ ବୋଉ ପଚାରେ-

ଜାଣିଛୁ କରେ, କେବେ ସେ ଆସିବ?

ଏ ମନ ଖାଲି କହି ଉଠେ

ଆସିବ ଲୋ ବୋଉ ଆସିବ

ଆର ସନ ପହିଲାରେ,

ସ୍ୱାଗତ ଓ ଶୁଭେଚ୍ଛାରେ,

ନୂତନ ବାର୍ତ୍ତା ନେଇ,

କରିବ ସେ ଆଲିଙ୍ଗନ

ଭରିବ ସୁଖ, ଦେଇ ନୂତନ ସନ୍ଧାନ ।

ଶିକ୍ଷକ, କୁଳଅଣା, ମୟୁରଭଞ୍ଜ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ମୋ ଗାଆଁର ଶୀତ ଖରା



ଶିଶିର କୁମାର ପଣ୍ଡା

ମୋ ଗାଆଁ ପାହାଡ ମୋ ଗାଆଁ ଝରଣା
ମୋ ଗାଆଁର ନଈ ବାଲି
ସହରରେ ବସି ନୀରବରେ ମୁହିଁ
ଝୁରୁଅଛି ତାକୁ ଖାଲି ।
ମୋ ଗାଆଁର କ୍ଷେତ ମୋ ଗାଆଁ ଚଇତ
ମୋ ଗାଆଁର ଶୀତ ଖରା
ମୋ ଗାଆଁ ବରଷା କଥା କହୁଥାଏ
ଜହ୍ନ ବି ଦିଅଇ ଧରା ।
ମୋ ଗାଆଁର ଗଛ ମୋ ଗାଆଁ ପତର
ମୋ ଗାଆଁ ପୋଖରୀ ପାଣି
କମିଆଁ କରିଛି ଆପଣା ପଣରେ
ଆଜି ମୁଁ ପାରଇ ଜାଣି ।
ମୋ ଗାଆଁ ଦେଉଳ ଗହଳଚହଳ
ଭକତିରେ ଉଠେପୁରି
ଦୂରରେଥାଇ ମୁଁ ପରଶ ତାହାର
ନୀରବେ ହୁଅଇ ଝୁରୀ ।
ମୋ ଗାଆଁର ରଜ କୁଆଁର ପୁନେଇଁ
ମୋ ଗାଆଁର ଧୂଳ ଘର
ଯେତେଦୂରେ ଥିଲେ ହୋଇନ ହେବନ
କେବେବି ମୋ ଠାରୁ ପର ।

କୁଆଁସ, ମେରଦା କାଟିଆ, ଯାଜପୁର

# ମା



ପ୍ରଶାନ୍ତ କୁମାର ନାଥ

ମା' ନାଁ ରେ ହିଁ ଭରି ରହିଛି ପବିତ୍ରତା । ମା ନାମ ଉଚ୍ଚାରଣରେ ମନରେ ଖେଳଯାଏ ଏକ ଆନନ୍ଦର ଲହରୀ । ମା ହେଉଛି ମହାନ, ମା'ର ସ୍ନେହ ମମତାରେ ଗଢା ସନ୍ତାନ ମାନଙ୍କ ଜୀବନ । ମା' କଳଙ୍କହୀନ । ସାଗର ଠୁଁ ଗଭୀର ହୋଇ ସ୍ରୋତ ଠୁଁ ପ୍ରଖର ହେଉଛି ତାର ସ୍ନେହ ମମତା ।

ମା ସବୁବେଳେ ସନ୍ତାନର ସୁଖ ଗୁହୁଁଥାଏ । ସନ୍ତାନର ସୁଖ ପାଇଁ ନିଜର ଦୁଃଖକୁ ଢକ ଢକ କରି ପିଇ ଯାଇଥାଏ ମା । ମା ହିଁ କହିଥାଏ ଖରାରେ ବେଶି ବୁଲିବୁନ କଳା ପଡିଯିବୁ, ବରଷାରେ ବେଶି ଭିଜିବୁନ ଥଣ୍ଡା ଧରିନେବ । ବାହାରକୁ ଗଲେ ଦୁଆର ମୁହଁରେ ଜଗି ବସିଥାଏ କେତେବେଳେ ତାର ସନ୍ତାନ ଘରକୁ ଫେରିବ । କେଜାଣି କାହିଁକି ଘରକୁ ଫେରୁ ଫେରୁ ମା କୋଳେଇ ନଏ । କେତେ ଭୋକ କରିବଣି ମୋ ଛୁଆକୁ କହି ସଂଗେ ସଙ୍ଗେ ଖାଇବାକୁ ଦିଏ । ମା ଯେମିତି ଛୁଆର ଭୋକକୁ ଅତି ସହଜରେ ହୃଦୟଙ୍ଗ କରେ । ଭଣ୍ଡ ଜ୍ୟୋତିଷ ମାନେ ସିନା କୁହନ୍ତି ମୁ ହାତ ଦେଖି ଭବିଷ୍ୟତ କହିବି, ମୁହଁ ଦେଖି ଲୋକ ବିଷୟରେ କହିବି କିନ୍ତୁ ପ୍ରକୃତ ମୁହଁ ଦେଖି ଜାଣି ପାରୁଥିବା ଲୋକଟା ହିଁ ମା ।

ପିଲାଟି ବେଳରୁ ମା ମୋର ସବୁ ଅଳ ଅର୍ଥଳ ସହୁଥିଲା । ତାର ସ୍ନେହ ମମତାରେ ଗଢା ହେଲା ମୋର ଜୀବନ । ଧୀରେ ଧୀରେ ମୁଁ ବଡ଼ ହେଲି । ଆଉ ଗୁକରି ବାକରି କଲି । ସବୁଦିନ ସକାଳ ୮ରେ ମୁ ଡ୍ୟୁଟି ଯାଏ । ମା ମୋର ସକାଳୁ ଉଠି ମୋ ପାଇଁ କାମରେ ଲାଗିଥିବ ଯେ ଲାଗିଥିବ । ସକାଳୁ ଉଠି ଘରକାମ ସାରି, ଗାଧୋଇ ପାଧୋଇ ପୂଜା ସାରି ମୋ ପାଇଁ ଖାଇବା ରେଡି କରିବ । ମୋର ଜାମା ଇସ୍ତ୍ରୀ କରିବ,ମୋର ଟିଫିନ

ଭରିଦେବ ।ପାଖରେ ବସେଇ ବଳେଇ ବଳେଇ ଖୋଉଥିବ । ଥରେ କହିଲି - ମା ତୁ ଏତେ ସକାଳୁ ଉଠି କାହିଁକି କାମ କରୁଛି, ଟିକେ ଲେଟରେ ଉଠିଲେ ହୁଅନ୍ତାନି । କହିଲା- ନାହିଁରେ ଧନ ମୋର ପରା ଅଭ୍ୟାସ ହୋଇ ଯାଇଛି । ତାପରେ ତୁ ଅଫିସ ଯିବୁ ବୋଲି ସିନା ମୁଁ ସକାଳୁ ଉଠିକି କାମ କରୁଛି, ତୁ ଗଲା ପରେ ମୋର ଆଉ କି କାମକି । ମୁଁ ଦିନ ଭରି ରେଷ୍ଟ କରୁଛି ପରା । ମା ସିନା ଏକଥା କହିଦେଲା, କିନ୍ତୁ କେବେବି ଘଡ଼ିଏ ବସିବାର ମୁଁ ଦେଖିନି ।ସକାଳୁ ସଞ୍ଜ ଯାଏ କାମରେ ଲାଗିଥିବ । ସତେ ଯେମିତି ସିଏ ଏକ ମେସିନ ।

ଦିନେ ମୋର ଅଫିସ ଛୁଟି ଥିଲା । ମୁଁ ଉଠିଲା ବେଳକୁ ମା ମୋର ସକାଳୁ ଉଠି ମୋ ପାଇଁ କେତେ ନୂଆ ନୂଆ ଖାଦ୍ୟ ପ୍ରସ୍ତୁତ କରି ସାରିଥିଲା । କିନ୍ତୁ ମୋତେ ଡାକୁ ନଥିଲା, ଭାବୁଥିଲା ପୁଅ ମୋର ଡେଲି ସକାଳୁ ଉଠି ଡ୍ୟୁଟି ଯାଉଛି । ଆଜି ଗୋଟେ ଦିନ ଛୁଟି ମିଳଛି ଟିକେ ଭଲ କରି ଶୋଇ ପଡୁ । ଉଠୁ ଉଠୁ ମା ମୋର ଦାନ୍ତ ଘଷା ବ୍ରସ ଧରି ମୋ ପାଖରେ ପହଞ୍ଚି ଯାଇଥିଲା । ନିଜର ନିତ୍ୟ କର୍ମ ସାରି ଫେରୁ ଫେରୁ ମା ବନେଇଥିବା ଖାଦ୍ୟ ସବୁ ପରସି ଦେଇଥିଲା । କହିଲି ମା ଆଜି ପରା ମୋର ଛୁଟ । ଆଜି ତୁ ଟିକେ ରେଷ୍ଟ କରିଥିଲେ ହୋଇ ନଥାନ୍ତା । କହିଲା ଆରେ ଆଜି ଗୋଟେ ଦିନ ତୋର ଛୁଟି ଅଛ । ତୋତେ ଟିକେ ଭଲ ମନ୍ଦ କରି ଖାଇବାକୁ ଦେବିନିନା । ମୁଁ କୋଉ ଡେଲି ଏତେ କାମ କରୁଛି ଯେ ।ମୋତେ ସେତେବେଳେ ଲାଗିଲା ଆମର ସିନା ଅନେକ ସମୟରେ ଛୁଟି ମିଳୁଛି । ହେଲେ ମା'ର କେବେବି ଛୁଟି ନାହିଁ । ସବୁବେଳେ ସନ୍ତାନର ସେବାରେ ଲାଗି ରହିଥାଏ । ହେଲେ କେବେବି ନିଜର କଷ୍ଟ କାହାକୁ ଦେଖେଇବାକୁ ଚେଷ୍ଟା କରେନା । ତା ମାନେ ନୁହେଁ ସେ କଷ୍ଟ ପାଏ ନି । କିନ୍ତୁ ସନ୍ତାନର ସୁଖରେ ତାର ସବୁ କଷ୍ଟ ମେଣ୍ଟିଯାଏ । ଆଉ ସେ ଆନନ୍ଦ ଉପଲବ୍ଧି କରେ ।

ସୁନ୍ଦରପୁର, ଉତ୍ତରକୁଳହାଟ, ପ୍ରୀତିପୁର, ଯାଜପୁର

# ସେଇ ମୋ ଉତ୍କଳ



ସତ୍ୟବ୍ରତ ପ୍ରଧାନ

ସେଇ ମୋ ଉତ୍କଳ
ଯେଉଁଠି ପଖାଳ ଖାଇଲେ
ଆରମ୍ଭର ସକାଳ
ପ୍ରସ୍ତରରେ ପ୍ରାଣଭରି
ବିଶ୍ୱ ବନ୍ଦିତା ଯାର ଶିଳ୍ପୀ କୁଳ
ସେଇ ମୋ ଉତ୍କଳ ।
ଦରଦୀ ମଣିଷ
ଯେଉଁଠି ଠୁଳ
ସ୍ୱାଭିମାନ ଯାହାର
ଜାତିବଳ
ସେଇ ମୋ ଉତ୍କଳ ।
ସେଇ ମୋ ଉତ୍କଳ
ଓଡ, କଳଙ୍ଗ ଆଦି ନାମେ
ଜଣାଥିଲା କାହିଁ କେତେ କାଳ
ସେଇ ମୋ ଉତ୍କଳ
ଯାହାର ଇତି- ଇତିହାସ
ରଚବାକୁ ମୋ ପାଖେ ନାହିଁ ଯେ ବେଳ
ସେଇ ମୋ ଉତ୍କଳ ।

ଫାର୍ମାସିଷ୍ଟ
ପୂଜାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

# କବିତା



ପ୍ରସନ୍ନ ପ୍ରୟାସ ଭୁଏ ( ପ୍ରୟାସ)

ମନର୍ ମାନସ୍ ନୁ

ମନର୍ ଭ୍ବନା ନୁ

ସବଦ୍ ମାନେ ଲୁକ୍ ଲକାନ

ଖେଲୁଛନ୍ ମନର୍ କର୍ପୋଲ୍ ଥି,

ଘାଏ ଚହଁର୍ ଦଉଛନ୍

ହେଲେ ଧର୍ ନ ଦେବାର୍ ।

ମୋର୍ ମାତ୍ ଅଛେ ବଲି

ଖୁଜି ବୁରି ବୁଲୁଛେ,

ଭୁଣେଇ ହଉଛେ ଇନୁ ସେନୁ

ତମକେ ପାଏମି, ଧରମି

ସାଉଟିମି ବଲି ।

ହେଲେ ତମେ କାଣା

ଛିଆଁ ଧର୍ ଦଉଛ ।

ଏତେ ଫୁଲ୍ ରୁଷା

ଢ୍‌ଗ୍ ରିସମି କାଏଁଜେ ।

ମୋର କଲ୍ପନା ଥି ଆସ

ଭ୍‌ବନା ଥି ଆସ

ତମକେ ସଜେଇ ଦେମି

ସୁନ୍ଦର କରି,

ଗୁଟେ ଗୁଟେ ଶବଦ୍ ଫୁଲ୍ ଥି

ମାଲ୍ ଟେ ଗୁଥିଁ ଦେମି।

ଦୁଖ୍ ଦରଦ୍ ହସି ଖୁସି

ରକତ୍ ଝରଝର ଲୁହୁ

ଯେତକ ଯାହା ଅଛେ ଦିଅ

ନଫିକର୍ ଅଚନ୍ତା ହଇ

ମତେ ନଜର୍ ଭ୍‌ବି

ଗୁଟ୍ ଗୁଟ୍ କରି ଲେଖି୍ଦେମି

ତମକେ କବିତା କରି !

ପ୍ରଧାନପାଲି, ସମ୍ବଲପୁର

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ହେ ମୋ'ର ମାଟିଦୀପ !



ନଶିକାନ୍ତ କହଲସିଂହ

ତୁମେ ଦୀପ ମୁଁ ଦୀପ ତୁମେ ଜଳ ମୁଁ ବିତ ଜଳେ
ସଳତା ଜଳଇ ତୁମ ହୃଦୟ ମୋ' ଜଳେ ଅହରହ,
ତୁମେସାଜ ଦେଉଳରେ ମୁଁସାଜେ ମୋ'ଦୁନଆଦେଉଳେ
ତୁମେ ତ ମାଟିରେ ଗଢା ତୁମପରି ମାଟି ମୋ'ର ଦେହ ।
ହେଉ ଦିନ ହେଉ ରାତି ଜଳବାରେ ଆନନ୍ଦ ତୁମରି
ତୁମଜ୍ୟୋତି ଦିବ୍ୟଜ୍ୟୋତି ସାକ୍ଷୀ ତୁମେ ଦିବ୍ୟମିଳନର,
ମୋ'ର ବି ଆନନ୍ଦ ମୋତେ ଜାଳବାକୁ ତିଳତିଳ କରି
ଯେଣୁ ମୁଁ ପ୍ରତୀକ ଏକ ମୂର୍ତ୍ତିମନ୍ତ ମହା ଜ୍ୱଳନର ।
ଯୁଗେଯୁଗେ ସ୍ୱପ୍ନ ତୁମ ନାଶିବାକୁ ତମସ ରାତିର
ଜାଣିଛି ମୁଁ ତୁମେ ଏକ ନିରଳସ ନୀରବ ଭାବୁକ,
ମୋ' ସ୍ୱପ୍ନ ତମିସ୍ରା ହଟୁ ଜୀବନରୁ ମଣିଷ ଜାତିର
ପାଖଣ୍ଡ ଲାଗି ମୋ' ଶବ୍ଦ ଚେତନାର ଚଞ୍ଚଳ ଚାବୁକ ।
ତୁମରି ସାନିଧ୍ୟ ଲାଗି ମୋ' ଚିନ୍ତାରେ ହସେ ଚନ୍ଦ୍ରଲେଖା
ହେ ମୋ'ର ମାଟିରଦୀପ ତୁମଶିଖା ମୋ' ଅଦୃଷ୍ଟ ରେଖା ।

ଲୋକପୁର, ଗଡ଼ମାଣତୀର, ଖୋର୍ଦ୍ଧା- ୭୫୨୦୬୨

# ଛୋଟ ମୋର ନାଆଟି

( ଧାରାବାହିକ)



ପ୍ରଫେସର ଅନିତା ପଣ୍ଡା

## ୧୧- ସହର ଫେରନ୍ତୀ ଝିଅ

ଗାଁ ରେ ପହଞ୍ଚିବା ପରେ ବାପା ବହୁତ ଖୁସି ହୋଇଥିଲେ ।ସାଙ୍ଗସାଥି ମାନେ ମତେ ଘେରି ଯାଇଥିଲେ । ମୁଁ ଫେରି ଆସିଛି ସେଥିପାଇଁ ସେମାନଙ୍କର ଯେତିକି ଆନନ୍ଦ ନଥିଲା ତା ଠାରୁ ଅଧିକ ଉଦବେଗ ସହରୀ ଜୀବନ ଜାଣିବା ପାଇଁ ଥିଲା ।ମୁଁ ପ୍ରତିଦିନ ସନ୍ଧ୍ୟାରେ ବଡଦେଉଳ ଯାଉଥିଲି ଶୁଣି ସେମାନଙ୍କୁ ବିଶ୍ୱାସ ଆସୁ ନ ଥିଲା ।ଅଗଣା ଝାଡୁ ଦେବା ଅଧାରଖି କୁମ ଦଉଡି ଆସିଲା ।ଅତି ଆଗ୍ରହରେ ପ୍ରଶ୍ନକଲା,"ସହରୀ ମଣିଷ ଗୁଡ଼ିକ ଆମରି ଭଳିଆ ମଣିଷ ତ? "

ନାଁ- - - ନାଁ ରାବଣ ଭଳି ମାୟାବୀ ଅସୁର ।ହସି ହସି କହିଲା ନବନନା ।

ସେଇଆ କୋଉନ । ସବୁ ମାୟାବୀ ଗୁଡ଼ିକ ସେଇଠି ଭର୍ତ୍ତି ।ଉପରେ ଗୋଟେ ରୂପ ଭିତରେ ଗୋଟେ ।ସେ ରାବୁଣୁଟା ସୀତାମାତାଙ୍କୁ କେତେ ହଟହଟା କଲା ଗୋ ।ଯାଏ ଲୋ ମା, କେତେ ପାଇଟି ପଡିଛି ।

ପୁରୀରୁ ଆସିବା ବେଳେ ବଡନନାଙ୍କ ନିର୍ଦ୍ଦେଶରେ ବ୍ରଜନନା ଗୋଟିଏ ବଡ ବ୍ୟାଗ୍ ଭର୍ତ୍ତି କରି ମହାପ୍ରସାଦ ନିର୍ମାଲ୍ୟ ଦେଇଥିଲେ । ନିଜ ବଡାଇ କରି ନାନୀ ସେ ଗୁଡିକ ସମସ୍ତଙ୍କୁ ବାଣ୍ଟୁଥାଏ। ପୀତନନା, ଗୋଲନନା କଛି କାମ ପାଇଁ ବାପାଙ୍କ ପାଖକୁ ଆସିଥିଲେ।ସେମାନଙ୍କ ହାତରେ ତାଙ୍କ ଘର ପାଇଁ ଦୁଇଟି ତାଳ ପତର ଡାଲା ଧରାଇଲା ନାନୀ ।

ପୀତନନା କହିଲା, ହରିନନାତ ମହାପ୍ରସାଦ ପଠାଇଛନ୍ତି ।ନାନୀ କେତେ ନଜର ବଡେଇ କରୁଛି ।

"ସେଇଥିପାଇଁ ତ ସେ ବଡନାନୀ ନୁହେଁ,ବଡେଇ ନାନୀ ।ଗୁଲ୍ ଗୁଲ୍,ଆଜି ଯାଜପୁର ଯିବାର ଅଛି ।"କହିଲେ ଗୋଲନନା ।

ଗୋଲନନାଙ୍କ କଥା ଶୁଣି ମତେ ଜମା ଭଲ ଲାଗିଲାନ ।ନାନୀର କେତେ ଭଲଗୁଣ ଅଛି । ତାଙ୍କ ଆଖିରେ ଖାଲି ତାର ଜିଦି, ବଡେଇପଣ ଦେଖାଯାଏ!

ଖୁଡୀ,ଦେଠେଇ,ଗୁଧାନାନୀ ନାନୀ ହାତରୁ ମହାପ୍ରସାଦ ନେଇ କହୁଥିଲେ,"ଆମ କପାଳରେ ତ ନାହିଁ,ଜଗତନାଥଙ୍କର ଦର୍ଶନ କରି ଆସିଛୁ,ତୋ ମୁହଁ ଦେଖିଲେ ଆମର କଛିଟା ପାପ ଦୂର ହୋଇଯିବ ।ଭଗବତ ମା ସିଧା ମୋ ଗୋଡତଳେ ସାଷ୍ଟାଙ୍ଗ ପ୍ରଣାମ କଲା ।ମୁଁ ଛାନଆ ହୋଇ କହିଲି, "ମୁଁ ତୋ ଠୁ କେତେ ସାନ,ତୁ ଏ କ'ଣ କରୁଛୁ? ମତେ ପାପ ଲାଗିବ ।"

ଆମେ ତ ଅଛବ ଜାତି ଲୋ ଝିଅ ।ଜଗା ଦୁଆରକୁ ଯିବା ଆମ ପାଇଁ ବାଛନ୍ଦ ।ଏଇ ପାଦ ଦିଇଟା ତା ଦୁଆର ମାଡିଚ । ସେଇ ପାଦୁକୁ ମୁଁ ଓଳଗି ହୋଉଚ । ଆଜି ମୁଁ ଯାଉଚ,କାଲି ସକାଳୁ ଭିମା ( ତା ସାନବୋହୂ) କୁନେଇ ଆଇବି ।ତୋ ହାତରେ ତାକୁ ମହାପରସାଦ ଟିକଏ ଖୋଇଦେବୁ । ଜଗା ଦୟା କଲେ ତା କୋଡ ପୁରି ଉଠିବ ।ଦଶ ବରଷ ହେଲା ଦେଖି ଦେଖି ଆଖିରୁ ପାଣି ମରି ଗଲାଣି ।

ଭଗବତ ମା ଗଲା ପରେ ମୁଁ ବହୁ ସମୟ ତକ ଏଇ ଅଛବ ଜାତି କଥା ଭାବିଲି । ୟାବିଷୟରେ ବେଶୀ କଛି ଜାଣିବାକୁ ମୋର ଉକ୍ଣ୍ଠା ବଢିଲା ।ବାରଂବାର ମନକୁ ଆସୁଥିଲା,"ଜଗା ଦୁଆରକୁ ଯିବା ଆମ ପାଇଁ ବାଛନ୍ଦ ।"ମୁଁ ଲକ୍ଷ୍ମୀପୁରାଣରେ ପଢିଛି ଲକ୍ଷ୍ମୀ ଠାକୁରାଣୀ ଜଗନ୍ନାଥଙ୍କୁ କହିଥିଲେ "ଚଣ୍ଡାଳ ହାତୁ ବ୍ରାହ୍ମଣେ ଛଡାଇ ଖାଇବେ, ବ୍ରାହ୍ମଣେ ଖାଇଣ ହାତ ମୁଣ୍ଡରେ ପୋଛିବେ ।" ନନୀକୁ ଠାକୁର ଠାକୁରାଣୀଙ୍କ ବିଷୟରେ ବହୁତ ଜଣା। ତାକୁ ପଚାରିଲେ ସବୁ ଭିତର କଥା ଜଣା ପଡିବ ।ହେଲେ ନାନୀର ଶୁଚବାଇ ରୋଗ। ଭିନ୍ନ ଜାତି ପାଇଁ ବିରାଟ ବିଦ୍ୱେଷ ।ଯଦି ମୋ କଥାର ଉତ୍ତର ନ ଦେଇ ତା ଏକ୍ସପ୍ରେସ ରେଳଗାଡି ଅନ୍ୟ ଦିଗରେ ଚଲାଏ!ଏଇ ହନ୍ତସନ୍ତ ଭିତରେ ବହୁ ସମୟ

ବିତିଗଲା । ମତେ କଛି ପଗ୍ଚରିବାକୁ ପଡିଲାନ । ନାନୀ ସେଇବାଟେ ବାହାର ଆଡକୁ ଯାଉଥିଲା।ମତେ ଦେଖି ଚଢାଗଳାରେ କହିଲା,ଏଯାକେ ଗାଧେଇ ଫ୍ରକ୍ ବଦଳାଇନାହୁଁ? ସେମାନଙ୍କ ସଙ୍ଗେ ବସିଥିଲୁ। ସୁଶୀକୁ କହ ଦୁଇ ବାଲ୍ଟି ପାଣି କୂଅରୁ ବାହାର କରଦେବ। ମୁଣ୍ଡ ଧୋଇ ଗାଧୋଇ ଅଛୁଆଁ ଲୁଗା ସେଇଠି ଛାଡିଦେବୁ ।ମଲ୍ଲୀମା ଆସି ନେଇଯିବ ।ମନେ ରଖିଥା କୂଅ ଛୁଇଁବୁନ । ଅପବିତ୍ର ହୋଇଯିବ । ମୋ ଅବସ୍ଥା ବୋଝ ଉପରେ ନଳତା ବିଡା ସଦୃଶ ହୋଇଗଲା । ୟା ଭିତରେ ଯେ ମୁଁ ମହର୍ଗରୁ ଯାଇ କାନ୍ତାରରେ ପଡି ସାରିଲିଣି,ସେ କଥା ବାରଂବାର ମୋ ମନକୁ ଆସୁଛି ।ଏଇ ଦି ଘଣ୍ଟା ତଳେ ମୁଁ ଗାଧୋଇ ପାଧୋଇ ଧୂଆ ଫ୍ରକ୍ ପିନ୍ଧି ବସିଥିଲି ।ନାନୀ କଥା ନ ମାନ ନାହି ନାହିଁ।ଏଇ କଥା ନେଇ ପୁରୀରେ ଥିବା ସମୟରେ ଆଶା ମତେ ବହୁ ଥଟ୍ଟା କରିଥାଏ। "ତୋ ନାଁ ମୁଁ କାଶାବିଏଙ୍କୀ ରଖିବି । ସେ ଥିଲା ବାଧ ପୁତ୍ର ।ତୁ ହେଉଛୁ ଆଜ୍ଞାକାରୀ ଭଉଣୀ ।ଏମିତି ଅସଙ୍ଗତ କଥା ମାନ ତୁ ନଜକୁ ନଜେ ନୀଚ କରି ଦେଉଛୁ ।"

ଆଶା କଥାର ମୁଁ ପ୍ରତିବାଦ କରେ। ମାତ୍ର ଶେଷରେ ହାର ମାନଥାଏ ।

ଦ୍ୱିତୀୟ ବାର ମୁଣ୍ଡ ଧୋଇ ଗାଧୋଇ ମୁଁ ଦଉଡିଲି ଗ୍‌ଧାନାନୀ ( ପିଉସୀ) ଘରକୁ। ଘନଙ୍କୁଞ୍ଚିତ ବାଳରୁ ପାଣି ଥପ୍ ଥପ୍ ହୋଇ ପଡୁଛି । ଓଦା ବାଳରେ ଅଧାରୁ ବେଶୀ ଭାଗ ମୁହଁ ଢାଙ୍କି ହୋଇ ଯାଇଛି । ମତେ ଦେଖି ମୋ ଆସିବାର କାରଣ ନ ପଗ୍ଚରି ଖଠେ ଶୁଖିଲା ଗାମୁଛା ଧରି ମୋ ବାଳ ପୋଛିବା ଆରମ୍ଭ କଲେ ।

ମନକୁ ମନ ଚନ୍ତା କରୁଥିଲି ଗ୍‌ଧାନାନୀ କେବଳ ସ୍ନେହୀ ନୁହଁନ୍ତି, ଜ୍ଞାନୀ ମଧ୍ୟ ।ଥରେ ତାଙ୍କୁ ବାପା, ନାନୀଙ୍କର ଅହରହ ଝଗଡା ବିଷୟରେ ପଗ୍ଚରିଥିବାରୁ ସେ ବିଧବା ବିବାହ ଉପରେ କଛିଟା ଗୁରୁତ୍ୱ ଦେଇଥିଲେ ।

ନୂଆବୋଉ (ମୋ ବୋଉ) ଗଲା ପରେ ନନା ତାଙ୍କର ତୁଟୁକା, କବିଗ୍‌ଜୀ ମଧ୍ୟ ତ୍ୟାଗକରିଦେଇଥିଲେ । ସେତେବେଳକୁ ସେ କ'ଣ ବହୁ ବଡ ବଡ ସମାଜ ସେବାରେ ନଜକୁ ନ୍ୟସ୍ତ କରିଛନ୍ତି ବୋଲି କହୁଥିଲେ । ସେ ହେଲା ସମାଜ ପାଇଁ ତିନଟା ପ୍ରଥା ପରିବର୍ତ୍ତନ, ତାହା ହେଲା, "ବିଧବା ବିବାହ "ଅସବର୍ଣ୍ଣ ବିବାହ" ଆଉ "ଜାତି ଭେଦ ପ୍ରଥା"

ନିବାରଣ, ବସିଆ ( ନାନୀ) ବିଧବା ହେଲା ପରେ ନନା ତାର ଦ୍ୱିତୀୟ ବିବାହ କରାଇବା ପାଇଁ ବହୁ ପ୍ରୟାସ କରିଥିଲେ ମାତ୍ର ସମାଜ ପ୍ରଥାକୁ ଡରି କିଂବା ନିଜ ଜିଦି ବଜାୟ ରଖିବା ପାଇଁ ସେ ନନାଙ୍କର ପ୍ରସ୍ତାବକୁ ଉପେକ୍ଷା କରିଥିଲା । ସେଥିପାଇଁ ସମାଜର ବହୁ ଜଣଙ୍କ ଠାରୁ ନନାଙ୍କୁ ଶୁଣିବାକୁ ପଡିଥିଲା,"ନିଜ ବିଧବା ଝିଅର ବିବାହ କରାଉ ନାହାନ୍ତି । ଆମ ଗରିବ, ଗୁରୁବାଙ୍କର ପ୍ରଥା ଭଙ୍ଗ କରାଇବା ପାଇଁ ଜାଲ ବିଛାଉଛନ୍ତି । "ସେଇ ଦିନଠୁ ଗୋଟିଏ ଛାତ ତଳେ ରହୁଥିଲେ ମଧ୍ୟ ବାପ ଝିଅଙ୍କର ମନାନ୍ତର ।

ରାଧାନାନୀ ଏ ଗାଁର ସମସ୍ତ ସ୍ତ୍ରୀଲୋକ ମାନଙ୍କ ଠାରୁ ନିଆରା ।ତାଙ୍କ ବାପା ଆଉ କକେଇ ଲେଖା ଯୋଖାରେ ମୋ ବାପାଙ୍କର ମାମୁଁ କ କକେଇ । ଦୁଇ ଭାଇ କଲିକତାରେ କ'ଣ କାମ କରନ୍ତି । ଘରେ ରାଧାନାନୀଏକା କେମିତି ରହିବେ ବୋଲି ତାଙ୍କ ବାହାଘର ପୂର୍ବରୁ ତାଙ୍କୁ ମଧ୍ୟ ସାଙ୍ଗରେ ନେଇ ଯାଉଥିଲେ । ରାଧାନାନୀଙ୍କର ନଜର ପସନ୍ଦ ବହୁ ଉଚ୍ଚକୋଟୀର । ସେ ବହୁତ ନଭେଲ୍ ପଢନ୍ତି । ବିବାହ ପୂର୍ବରୁ ନଭେଲ୍ ପଢୁଥିଲେ ବୋଲି ସମସ୍ତଙ୍କର ଚକ୍ଷୁଶୂଳ ହେଉଥିଲା । ତେଣୁ ସମସ୍ତେ ପ୍ରାୟତଃ ତାଙ୍କୁ ଏକ ଘରିଆ କରି ଦେଉଥିଲେ।ବାହାଘର ପରେ ମଧ୍ୟ ନାନୀ ମୁହଁରୁ କେତେଥର କହିବାର ମୁଁ ଶୁଣିଛି, "ରାଧା" ( ରାଧାନାନୀ ନାନୀଠାରୁ ବୟସରେ ସାନ) ର ଚରିତ୍ର ଭଲ ନୁହେଁ ।ତେଣୁ ଆମ ଦୁଇ ଭଉଣୀଙ୍କୁ ତାଙ୍କ ଘରକୁ ଯିବାପାଇଁ ଆକଟ କରେ । ମୁଁ ମଝିରେ ମଝିରେ ଲୁଚ ଚାଲି ଯାଇଥାଏ । ଧରା ପଡିଲେ ଅଜସ୍ର ଗାଳ ବର୍ଷଣ ହୋଇଥାଏ ।ମାତ୍ର ଏଇ ଗାଳ ବର୍ଷା ମତେ ରାଧାନାନୀ ଙ୍କ ଠାରୁ ଅଲଗା କରି ପାରି ନଥିଲା ।

ପୋକ ଜେଜେ ( ରାଧା ନାନୀଙ୍କର ବାପା) ରୋଗ ଶଯ୍ୟାରେ ଥିବା ବେଳେ ରାଧାନାନୀ ତାଙ୍କୁ କେବେ ବିଷ୍ଣୁପୁରାଣ, ଦାଢ୍ୟତା ଭକ୍ତି, ହରିବଂଶରୁ ଅଧାୟେ ଲେଖାଏ ପଢି ଶୁଣାଉଥିଲେ । ଲକ୍ଷ୍ମୀ ଜେଜେ ମତେ ବହୁତ ଥଟ୍ଟା କରନ୍ତି । ରାଧାନାନୀକୁ ଦେଖେଇ ଦେଖେଇ କୁହନ୍ତି, "ନାତୁଣୀ ପୁରାଣ ପଢା ସାମ୍ନାରେ ସବୁ ମାନ୍ଦା ପଡିଥାଏ ।"

ବାଳ ପୋଛା ଶେଷ କରି ପଚାରିଲେ,"ଏମିତି ଧଇଁ ସଇଁ ହୋଇ କାହିଁକି ଆସିଛୁ? "

ଏ ଅଛୁବ ଜାତି କାହିଁକି ଆମ ଠାରୁ ଭିନ୍ନ ଗ୍ଧାନାନୀ । ସେମାନଙ୍କୁ ଛୁଇଁଲେ ନାନୀ କାହିଁକି ମୁଣ୍ଡଧୋଇ ଗାଧୋଇବାକୁ କହେ ଖାଲି ବସିଆ ନୁହେଁ, ବହୁ ଜଣ ପୁରୁଖା ମଧ ସେଇଆ କହିଥାନ୍ତି ।

ବାପାଙ୍କ ମୁହଁରୁ ତ କେବେ ଶୁଣିନ । ବରଂ ଶୀତଦିନ ସନ୍ଧ୍ୟାରେ ନାନୀ ମତେ ମୁଣ୍ଡ ଧୋଇଗାଧୋଇବାକୁ କହିଲେ "ଦେହ ଖରାପ ହୋଇଯିବ" କହି ପ୍ରତିବାଦ କରନ୍ତି ।

ନନାଙ୍କ କଥା ଅଲଗା ।

ତୁମେ ମତେ ବୁଝେଇ କୁହ ଗ୍ଧାନାନୀ ।

ତୁ ଜାତି ପ୍ରଥା ବିଷୟରେ ଜାଣୁ?

ବେଶୀ କଛି ନୁହେଁ ଗ୍ଧାନାନୀ, କେବଳ ଏତିକି ଜାଣେ ଆମେ ସବୁଠାରୁ ଉଚ୍ଚ ଜାତି ।ଆମେ ଭଗବାନଙ୍କୁ ପୂଜା କରୁ ତ, ବୋଧେ ସେଇଥିପାଇଁ ।

ନନା ଏ ବିଷୟରେ ବହୁତ ଜାଣିଛନ୍ତି । ଯେତେବେଳେ ସେ ବଡ ବଡ ନେତାମାନଙ୍କ ସଙ୍ଗେ ମିଶି କାମ କରୁଥିଲେ, ସେତିକି ବେଳେ ସେ ସମସ୍ତଙ୍କୁ ବୁଝାଉଥିଲେ ।ତାଙ୍କ ଠୁ ଶୁଣି ଶୁଣି ମୁଁ ଯେତିକି ମନେ ରଖିଛି ।

ତୁମେ ଶୁଣିବା ସମୟରେ ମୁଁ କେଉଁଠି ଥିଲି? ମୋର ତ ସେ କଥା କଛି ମନେ ପଡୁନ ।

ହୁଣ୍ଡୀ, ତୁ ସେତେବେଳେ ଜନ୍ମ ହୋଇ ନ ଥିଲୁ ।

ହଉ ତୁମେ କୁହ- - -

ତିନଟି ଯାକ ବିଷୟରେ ଯେତିକି ମନେ ଅଛି କହିବି । କାରଣ ପ୍ରାୟତଃ ତିନୋଟି ଯାକ ବିଷୟର ପରସ୍ପର ସଙ୍ଗେ ଜାତି ପ୍ରଥା ନେଇ ସମ୍ବନ୍ଧ ଅଛି ।

ମତେ କାଗଜ କଲମ ଦିଅ, ମୁଁ ଲେଖି ରଖିବି । ଆଜିଠୁ ଯିଏ 'ଅଛୁବ' କହିବ ତାକୁ ପଢି ଶୁଣାଇବି ।

ପ୍ରଥମ ହେଲା ବିଧବା ବିବାହ, ସଂପୂର୍ଣ୍ଣ ଦେଶରେ ବିଧବା ପାଇଁ କାଇଦା କଟକଣା ଥିଲେ ମଧ୍ୟ ବ୍ରାହ୍ମଣ ଘରେଏହା ଖୁବ୍ ଦୁଃଖ ଦାୟକ ଥିଲା । ତେଣୁ ବହୁ ବର୍ଷ ପୂର୍ବେ ଇଶ୍ୱର ଚନ୍ଦ୍ର ବିଦ୍ୟା ସାଗର ବିଧବା ପ୍ରଥା ନୀରାକାରଣ ପାଇଁ ଆରମ୍ଭ କରିଥିଲେ ।

କେବେ?

ଭଲ କରି ମନେ ନାହିଁ,ତେବେ ୧୮୫୬ରେ ଆଇନ ଜାରୀ ହୋଇଥିଲା ବୋଲି କହୁଥିଲେ । ଏହାକୁ ଶଙ୍କରାଚାର୍ଯ୍ୟ ଏବଂ ରାମକୃଷ୍ଣ ପରମ ହଂସ ମଧ୍ୟ ପ୍ରସାର କରାଇଥିଲେ । ସ୍ୱାମୀ ବିବେକାନନ୍ଦ ସରସ୍ୱତୀ 'ଝିଅଟି' ବିଧବା ହୋଇ ଦୁଃଖରେ ନ ରହୁ ବୋଲି ଖୁବ୍ ଜୋର୍ ସୋର୍ ରେ ଦେଶରେ ଏହାର ପ୍ରଚାର କରିଥିଲେ ।ତା ଛଡା ଝିଅକୁ ୧୮ ବର୍ଷ ପୂର୍ବରୁ ବିବାହ ଦେବା ଦୋଷାବହ ବୋଲି କହିଥିଲେ ।

ନନା କହୁଥିଲେ ପ୍ରଥମ ଅସବର୍ଣ୍ଣ ବିବାହ ୧୮୮୯ ମସିହା ଫେବୃୟାରୀ ୪ ତାରିଖରେ ହୋଇଥିଲା । ସମାଜ ଗ୍ରହଣ ନ କରିଥିଲା ବୋଲି ହାଇକୋର୍ଟରେ ହୋଇଥିଲା ।

ଅସବର୍ଣ୍ଣ ବିବାହ କହିଲେ କ'ଣ ବୁଝାଯାଏ?

ଅନ୍ୟଜାତିରେ ବିବାହ । ଏହା ଦୁଇ ପ୍ରକାର । ଅନୁଲୋମା ଅର୍ଥାତ ଉଚ୍ଚ ପରିବାର ପୁଅ ଏବଂ ନୀଚ ଜାତି ଝିଅ । ଏଥିପାଇଁ ଖୁବ୍ ବେଶୀ ପ୍ରତି ବନ୍ଧକ ନାହିଁ ମାତ୍ର ପ୍ରତିଲୋମା ଅର୍ଥାତ ନୀଚଜାତି ପୁଅର ଉଚ୍ଚଜାତି ଝିଅ ସହିତ ବିବାହ ଅସମ୍ଭବ । ଏଇ ସବୁ ସମସ୍ୟାର ସମାଧାନ ପାଇଁ ନେତାମାନେ ମିଶି ୧୯୪୯ ରେ ଆଇନ ଜାରୀ କରିଥିଲେ । ନନା ସେମାନଙ୍କ ସଂଗେ ଓତଃପ୍ରୋତଃ ଭାବେ ଜଡ଼ିତ ଥିଲେ । ଏଇ ଜାତି ପ୍ରଥା ଆମ ସମାଜରେ ବହୁବର୍ଷ ଧରି ଚାଲି ଆସିଥିଲେ ମଧ୍ୟ ଏହା ବ୍ରିଟିଶ୍ ରାଜତ୍ୱ ସମୟରେ ସଂପୂର୍ଣ୍ଣ ଭାବେ ଜାତି ବର୍ଣ୍ଣ ପ୍ରଥାରେ ପ୍ରସାରିତ ହେଇଥିଲା । ବର୍ଣ୍ଣ ଶଙ୍କର ମାନେ ତ ନିଶ୍ଚୟ ଜାଣିଛୁ ।

ହଁ, ଜନ୍ମଗତ ।

ଏଇ ଜାତି ଗୁଡିକ ଜନ୍ମ ଅନୁଶାରେ ଚାରି ଭାଗରେ ବିଭକ୍ତ । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ, ଶୁଦ୍ର। ଏହା ବ୍ୟତୀତ 'ଦଳିତ" ଏବଂ ଆଦିବାସୀ ମଧ୍ୟ ଅଛନ୍ତି । ବ୍ରାହ୍ମଣ ସବୁଠାରୁ ଉଚ୍ଚ ଜାତି

ବୋଲି ତ ଜାଣିଛୁ, ଏଇ ଦଳତ ମାନେ ହେଲେ ଅଛବ । ଯାହା ତତେ ଭାଗବତ ମା କହୁଥିଲା । ଏ ମାନଙ୍କ ପ୍ରତି ଛୁଆଁ ଅଛୁଆଁ ପ୍ରଥା ମଧ୍ଯ ଜାରୀ ।

କେତେ ଦୁଃଖର ବିଷୟ । ଆମେ ଏଇ ଛୁଆଁ ଅଛୁଆଁ ପ୍ରଥାକୁ ଦୂର କରିପାରିବାନ ?

ସେଇଥିପାଇଁ ତ ନନା କେତେ ନେତା, କେତେ ସମାଜବାଦୀଙ୍କ ସଂଗେ ମିଶି ଚେଷ୍ଟା ଚଳାଇଥିଲେ । ଆମ ଜାତି ପିତା ଏଥିପାଇଁ କେତେ କଣ ପ୍ରୟାସ କରୁଥିଲେ । ହେଲେ ସେ କଣ ରହିଲେ । ସେ ଅଧମ ତାଙ୍କୁ ବନ୍ଧୁକରେ ମାରି ଦେଲା । ଭଲ ଲୋକ ମାନଙ୍କ କାର୍ଯ୍ୟ କ୍ରମ ପଦ୍ଧତିରେ ବହୁ ବାଧା ବିଘ୍ନ ଆସେ । ଏତିକ କହି ରାଧାନାନୀ ଆଖି ପୋଛିଲେ । ଟିକଏ ରହି ପୁଣି ଆରମ୍ଭ କଲେ, "୧୯୭୦ ରୁ ଏଇ ପ୍ରଥା ଉପରେ ସରକାର କଣ ପରିବର୍ତ୍ତନ ଆଣିଛନ୍ତି ବୋଲି ନନା କୁହନ୍ତି । ଗାନ୍ଧିଜୀଙ୍କ ନଧନ ପରେ ମଧ୍ଯ ଏଇ ପ୍ରଥାର ଅବସାନ ପାଇଁ କାଳେ ବହୁ ବଡ ବଡ ପରାକ୍ରମୀ ସଜ୍ଜନ ଲାଗିଛନ୍ତି ।

ମୋର ତ ଆଉକଛି କାମ ନାହିଁ । ମୁଁ ଏଥିପାଇଁ କଛି କରି ପାରନ୍ତି ନ !

ତୁ ତ ଏବେ ଛୁଆଟା ।

ତୁମେ ଥରେ ବାପାଙ୍କୁ କହି ଦେଖନା । ମୁଁ ଯଦି ତାଙ୍କ ସଂଗେ ମିଶି କଛି କରିପାରନ୍ତି! ଏବେ ତ ତୁମେ କହୁଥିଲ ଭଲ କାର୍ଯ୍ୟ କ୍ରମ ପଦ୍ଧତିରେ ବହୁ ବାଧା ବିଘ୍ନ ଆସେ ।ତେବେ ଏଇ ଅଳ୍ପ ବୟସଟା କ'ଣ ଭଲ କାମର ବାଧା ବିଘ୍ନ ।

ନାଁ, ହୁଣ୍ଡୀ, ତୁ ବଡ ହୋଇ ଯା, ନଜେ ବୁଝିବୁ ଭଲ କାମ ପ୍ରତି ପଦକ୍ଷେପ ନେଉଥିବା ମଣିଷଟି ଉପରେ କେତେ

ବିପଦ ମାଡି ଆସେ ।

ମୁଁ ତୁମକୁ କଥା ଦେଉଛି ରାଧାନାନୀ, ବଡ ହୋଇ ମୁଁ ନଶ୍ଚୟ କେବଳ ଜନ ହିତେ କାମ କରିବି । ମୋ ଉପରେ ଯେତେ ବିପଦ ଆସୁ ପଛକେ ।

ସେ ସବୁ ଦେଖିବାକୁ ମୁଁ କ'ଣ ଆଉ ବଂଚଥିବି! ଭଗବାନ ତତେ ଦୀର୍ଘାୟୁ କରନ୍ତୁ ।ବାପର ନାଁ ରଖ ।

ଆଜି ସଜନା ଆମ ଘରକୁ ଆସିଥିଲା, ତା ଠାରୁ ଦୁଇ ହାତ ଦୂରରେ ଛିଡା ହୋଇ ନାନୀ ସଜନା କୁ ତା ଖାଲି କଂସା ( ଆଲୁମିନୟମ) ଟାକୁ ରଖିବାକୁ କହିଲା ।ସଜନା ତା ବେଲାଟିକୁ ରଖିଦେଇ ଯାଇ ଦୂରରେ ଠିଆ ହେଲା, ନାନୀ ତା ବେଲାରେ କଂସାରୁ ପଖାଳ ଅଜାଡି ଦେଇ ଖଠେ ପତ୍ରରେ ଗୋଟାଏ ଉଲି ( ପିଆଜ) ଆଉ ଦୁଇଟା କଞ୍ଚା ଲଙ୍କା, ଟିକଏ ଲୁଣ ରଖି ଦେଇ ଭିତରକୁ ଗ୍ଲିଗଲା । ସଜନା ଖାଇବା ଆରମ୍ଭ କଲା ।ଏ ସବୁ ପାଲା ମତେ ବହୁ ଦୁଃଖ ଦେଲା । ସଜନାକୁ କହିଲି, "ତୁ ଭ୍ତ ସାଂଗରେ ଇଏ କ'ଣ ଗୋଟେ ନୂଆ ଜିନଷ ଖାଉଛୁ ସଜନା? ଏମିତି ତରକାରୀ ତ ମୁଁ କେବେ ଖାଇନ ।ମତେ ଟିକଏ ଚଖା।"କହି ବଡ ଆଁ କରି ତା ଆଡକୁ ପାଟି ଦେଖାଇଲି ।

କ କଥା କହୁଛୁ ଗେହ୍ଲୀ ନାନୀ । ମୁଁ ଅଛବ ଜାତି, ମୋ ଅଇଁଠା କଂସାରୁ ତୁମକୁ କେମିତି ଦେବି? ଜିଦି କରନା ।ଯା ଭିତରକୁ ମୁଁ ଖାଇସାରି ତୁମକୁ ଗାଁ ବୁଲେଇବାକୁ ନେଇଯିବି ।

"ମୁଁ ଛୁଆଟିଏ ହେଇଛି ଯେ ଲେବନ୍‌ଚୁସ୍ ଟାଏ ଧର୍‌ଇ ଦେଇ ଠକ ଦେବୁ! ମୁଁ ବଡ ହୋଇଗଲିଣି । ତୁ ଏକା ଏକା ଭଲ ଜିନଷ ଖାଇବୁ, ଆଉ ମୁଁ ତୋ ହାତ ପାଟିକୁ ଅନେଇ ଥିବି । ନ ଦେବୁ ଯଦି ଜାଣିଥା ପାଟି କରି କାନ୍ଦିବି । ଖାଇବୁ ବାପାଙ୍କ ଠାରୁ" କହି ଭ୍ତ ଗୁଣ୍ଡା ସହ ତା ହାତ ମୋ ପାଟି ପାଖକୁ ଆଣିଲି ।

ଆରମ୍ଭ ହୋଇଗଲା ଖଣ୍ଡ ଯୁଦ୍ଧ । "ଇଏ କ'ଣ ସର୍ବନାଶ କଲୁରେ ସଜନା । ବ୍ରାହ୍ମଣ ଘର ଝିଅକୁ ଅଇଁଠା ଖୁଆଇଲୁ । ସେ ତ ଜାତି ହେବ । ତତେ ଉପଯୁକ୍ତ ଶାସ୍ତି ଦିଆଯିବ ।କ ସାହସ! ସରକାର କ'ଣ ଗୋଟେ କରିଦେଲା ଯେ ୟା ବହପ ଦେଖ ତ? ପାଟି ଶୁଣି ସାଇ ପଡିଶା ଜମା ହୋଇଗଲେ । ବାପା ମଧ ଚଉପାଢୀ ଘରୁ ଉଠି ଆସିଲେ। ବାପାଙ୍କୁ ଦେଖି ସମସ୍ତେ କାଠ ଭଳ ଛିଡା ହୋଇଗଲେ । ନାନୀ ର୍‌ଗରେ ରକ୍ତ ଗ୍ଉଳ ଗ୍ରେବେଇ ହେଉଥାଏ। ର୍‌ଧାନାନୀ ସାହସ ବାନ୍ଧି ସତ କଥାଟା ଖୋଲିଦେଲେ ।

ତେବେ କ'ଣ ବେଦ ମାର୍‌ ହୋଇଗଲା । ମୋ ଖାଇବା ବେଳେ ତ ସେ ଆଁ କରି ମାଛ ମୁଣ୍ଡ ଖାଇଥାଏ ।

ପରିବେଶ ଶୀଥଳ ହେଲା । ଯିଏ ଯାହା ଘରକୁ ଗ୍ଲିଗଲେ । ସଜନା ତା ଖାଇବା ଯାଗାଟା ଗୋବରରେ ଲିପି ଦେଇ ବାସନ ଧୋଇବାକୁ ପୋଖରୀ କୂଳକୁ ଗଲା । ସମସ୍ତେ ଗ୍ଲିଯିବା ପରେ ବାପା ମତେ ପଗ୍ଚରିଲେ, ତୁ ଏମାନଙ୍କୁ ଅକ୍ଷର ଚହ୍ନିବା ଶିଖେଇ ପାରିବୁ?

"ଖାଲି ଅ- - ଆ କାହିଁକି, ଯୁକ୍ତାକ୍ଷର, ପଣିକଆ, ମିଶାଣ, ଫେଡାଣ, ଗୁଣାଣ, ହରଣ ମଧ ଶିଖେଇ ଦେବି ।" ଖୁବ୍ ଖୁସି ହୋଇ କହିଲି ।

ତେବେ କାଲିଠୁ ତୁ ସଜନା ସଂଗେ ହରିଜନ ସାହି ଯାଇ ସେମାନଙ୍କୁ ଅକ୍ଷର ଚହ୍ନିବା ଶିଖାଇବୁ ।

ବାପା ଭିତରକୁ ଯିବା ପରେ ସଜନା ଆସି ଯାଇଥିଲା ।କହିଲି, "ତୋ ପୁଚୀ ନୂଆବୋଉ ଭଲ ପତର ପୋଡା କରେ ବୋଲି କହୁଥିଲୁ । ତାକୁ କହିବୁ ମୋ ଭାଗ ସେ କାଲିଠାରୁ ସବୁଦିନ ଅଲଗା ରଖିଦେବ ।

ହରିଜନ ସାହି ଆରମ୍ଭ ହେବା ପୂର୍ବରୁ ଆଖଡା ଘର । ସେଇ ଘରେ ବସି ମୁଁ ସେମାନଙ୍କୁ ସିଲଟ ଖଡିଧରିବା ଶିଖାଇଲି ।ଦିନରେ ପିଲା ମାନଙ୍କୁ ଦୁଇଘଣ୍ଟା, ଦୁଇ ପହର ସ୍ତ୍ରୀଲୋକ ମାନଙ୍କୁ ମୁହଁ ସଂଜରେ ଦିନ ଯାକହାଡ ଭଂଗା ପରିଶ୍ରମ କରୁଥିବା ଶ୍ରମିକ ମାନଙ୍କୁ ।

ମୋର ଡବଲ୍ ଖୁସି ।ମୁଁ ପଢାଇ ପାରୁଛି, ତା ସଂଗେ ସଂଗେ ପତର ପୋଡା ଖାଇବାର ମଉଜ ।

ସାହିଟା ଯାକର ସ୍ତ୍ରୀ ଲୋକମାନେ ଫୁସୁରୁ ଫାସର ହୁଅନ୍ତି । "ବାବୁ ଘର ଝିଅ ଆମ୍ଭକୁ ପାଠ ପଢ଼ାଉଛନ୍ତି ।" କ୍ରମେ କ୍ରମେ ମୋ ପତର ପୋଡା ଭାଗ ବହୁତ ବଢିଗଲା ।ହଠାତ୍ ଦିନେ ମୁଁ ଅନୁଭବ କଲି ସେମାନେ କେଡେ ସରଳ, ମୁଁ ଭଲ ପାଏ ବୋଲି ନଜ ନଜ ପେଟରୁ କାଟି ମୋ ପାଇଁ ଆଣି ଦେଉନାହାନ୍ତି ତ ? ଦିନେ ଯୋର କରି କହିଲି, "ଏବେ ପତର ପୋଡା ଆଣିବା ବନ୍ଦ କର । ମୋ ଇଚ୍ଛା ଯାହା ହେବ ମୁଁ ବର୍ଦ୍ଦ୍ କରିବି । ଆଣି ଦବ ତ ?

ତତେ କ'ଣ ଅଭାବ ଲୋ ଗେହ୍ଲୀ, ତୁ ଏ ଗରୀବ ଘର ଖାଇବାକୁ ମନ ବଳେଇବୁ! କହିଲା ରମ୍ଭା ମା । ସବୁ ଦିନ ସକାଳେ ମତେ ସଜନା ଆସି ନେଇଯାଏ, ସଂଧ୍ୟାରେ ଛାଡିଯାଏ ।

ପ୍ରତ୍ୟେକ ଦିନ ଆମ ପାଠଶାଳା ଡେଇଁ ଯାଉଥିଲେ ମଧ୍ୟ ସାର୍ ଙ୍କ ପାଖକୁ ଯାଇ ପାରୁ ନ ଥିଲି ।

ଆଜି ଅପେକ୍ଷାକୃତ ଟିକଏ ଶୀଘ୍ର ଫେରିବା ବେଳକୁ ପଦ ସାର୍ ଙ୍କୁ ଗେଟ୍ ବନ୍ଦ କରୁଥିବାର ଦେଖିଲି, ଦଉଡି ଯାଇ ପ୍ରଣାମ କଲି । ଆଶୀର୍ବାଦ ଦେଇ କହିଲେ, ତୋ ସହର ଯିବା, ସହରରୁ ଫେରି ହରିଜନ ସାହିରେ ପାଠ ପଢାଇବା ଶୁଣି ମୁଁ ବହୁତ ଖୁସି ।ଆମ ଗାଁ ରେ ଛୁଆଁ ଅଛୁଆଁ ପ୍ରଥା ବହୁତ ବେଶୀ, ତେଣୁ ଇଚ୍ଛାଥିଲେ ମଧ୍ୟ କରି ପାରୁ ନଥିଲି । ତୋ ବାପା ଗାନ୍ଧୀ, ଭୀମ ଗୁଓଜୀ, ବିବେକାନନ୍ଦ, ଆମ୍ବେଦକର ମାନଙ୍କ ସଂଗେ ମିଶି କାମ କରିଛନ୍ତି ବୋଲି ଭଲ କାମଟିଏ ଆରମ୍ଭ କରାଇ ପାରିଲେ ।

କଛି ନ କହି ବାବାଜି ସାର୍ ( ଆମ ପାଠଶାଳାର ବଡ ସାର୍) ଙ୍କ କଥା ପଗ୍ଚରିଲି ।

ସେ ଆଜି କାଲି ସୁସ୍ଥ ରହୁ ନାହାନ୍ତି, ତେଣୁ ମତେ ଦୁଇ ଜଣଙ୍କ କାମ ତୁଲାଇବାକୁ ପଡୁଛି, ହଉ ଘରକୁ ଯା, ସଂଧ୍ୟା ହେଲାଣି ।ମନେ ରଖିଥା, ତୁ ମୋର ଗର୍ବ ।ବଡ ହେଲେ ଗୋଟିଏ ଭଲ ଶିକ୍ଷକ ହୋଇ ମୋ ନାଁର ଟେକ ରଖିବୁ ।

ସାର୍ ଙ୍କ ଠାରୁ ଆଶୀର୍ବାଦ ନେଇ ଘରକୁ ଫେରିଲି ।

## ସାହାଡା ସୁନ୍ଦରୀ

ଆମ ଗାଁର ଜଗନ୍ନାଥଙ୍କ ବିଷୟରେ ଆଲେଚନା କରୁଥିଲେ ମଧ୍ୟ ବାପାଙ୍କ ମୁହଁରୁ ମୁଁ କେବେ ଶୁଣି ନଥିଲି ।ସେ ସବୁବେଳେ ପ୍ରଭୁ ଲକ୍ଷ୍ମୀନାରାୟଣଙ୍କ ପ୍ରତ୍ୟକ୍ଷତା ବିଷୟରେ ବହୁ କଛି କୁହଁନ୍ତି ।ଏଇ କେତେଦିନ ହେଲା ସେ ପୁରୀ ଗୌଡୀୟ ମଠ ଏବଂ ମହନ୍ତ ମାନଙ୍କ ବିଷୟରେ ବହୁ ଆଲେଚନା କରୁଛନ୍ତି ।ମହନ୍ତ କ'ଣ ବୋଲି ପ୍ରଶ୍ନ କଲେ ଉତ୍ତର ଦିଅନ୍ତି ସେମାନେ ଆଧାତ୍ମିକ ବାଦୀ ମଣିଷ । ଆଧାତ୍ମିକ ମାର୍ଗରେ ଗ୍ଚଲୁଥିବା ମଣିଷକୁ ମୃତ୍ୟୁ ପରେ ସ୍ୱର୍ଗ ପ୍ରାପ୍ତ ହୁଏ ।ମାତ୍ର ଏଇ ମାର୍ଗ ପ୍ରାପ୍ତ କରିବାକୁ ହେଲେ ରଜୋଗୁଣ ଏବଂ ତମୋଗୁଣ ତ୍ୟାଗ କରିବାକୁ ହୁଏ । ସାଧାରଣ ମଣିଷ ପକ୍ଷେ ଏଇ ଗୁଣ ଦୁଇଟି ତ୍ୟାଗ କରିବା ସମ୍ଭବ ନୁହେଁ । ଯେଉଁମାନଙ୍କ ଦ୍ୱାରା ଏହା ସମ୍ଭବ ପର ହୋଇଥାଏ, ସେଇମାନେ ହେଲେ ମହନ୍ତ ବା

ମହାପୁରୁଷ । ସେମାନେ ହଜାର ହଜାର ନର ନାରୀଙ୍କୁ ଦୀକ୍ଷା ପ୍ରଦାନ କରି ସେମାନଙ୍କୁ ମୋକ୍ଷ ଲାଭ ଆଡକୁ ପଥ ପ୍ରଦର୍ଶାଇ ଥାଆନ୍ତି, ଅର୍ଥାତ ସ୍ୱର୍ଗ ପ୍ରାପ୍ତ ପାଇଁ ମାର୍ଗ ।

ଏଇମିତି ବ୍ରହ୍ମପୁରୁଷ ମାନଙ୍କ ବିଷୟରେ ଖୁବ୍ ମନ ତନ ଦେଇ ଶୁଣୁଥିଲା ବେଳେ ମୋର ଆଖି ପଡିଲା ବାପାଙ୍କ ଟେବୁଲ୍ ଉପରେ ରଖାଥିବା ଏକ ପତ୍ରିକା ଉପରେ । ବାପା ହୁଏତ ଏଇ ଦିନେ ଦୁଇଦିନ ହେବ ବହିଟି ଆଣିଛନ୍ତି । ତା ନ ହେଲେ ମୁଁ ତ ବାପାଙ୍କ ଟେବୁଲ ସବୁବେଳେ ଘାଣ୍ଟା ଚକଟା କରେ । କେବେ ତ ଆଖିରେ ପଡି ନଥିଲା ।ପତ୍ରିକାଟିର ଉପରେ ଦୁଇଟି ବଡ ବଡ ଚକାଡୋଳା, ବାମ ନାକ ପୁଡାରୁ ଲମ୍ବି ଆସିଛି ଏକ ନୋଥ ସଦୃଶ କଛି । ବାସ୍ କେବଳ ମୁଠଟିଏ । ଉପରକୁ ଲେଖାଅଛି"ଜଗନ୍ନାଥ ମହାବାହୁ" ମନକୁ ମନ ହସି ପକାଇଲି, ଜଗନ୍ନାଥ- - - - ଏଇ ତେବେ ଜଗନ୍ନାଥଙ୍କର ମୁଖମଠଳମାତ୍ର "ମହାବାହୁ", ବାହୁ ତ ଦେଖାଯାଉନ, ମହାବାହୁର ପ୍ରଶ୍ନ କାହିଁ! ଲେଖକଙ୍କ ସହ କେବେ ଦେଖାହେଲେ ନିଶ୍ଚିୟ ପଚାରିବି ଏଇ ଭୂଲର ରହସ୍ୟବହିର ପୃଷ୍ଠା ଆଗ୍ରହ ସହ ଲେଉଟାଇ ଚାଲିଲି । କିଛି ନୂଆ କଥା ଶିଖିବା ଉଦ୍ଦେଶ୍ୟରେ କିମ୍ବା ଆଉ କିଛି ଭୂଲ୍ ବାଛିବା ପାଇଁ କହି ପାରିବିନି, ଜଗନ୍ନାଥଙ୍କର କଳା ଚେହେରାଟି ମତେ ବହୁତ ଭଲ ଲାଗୁଥିଲା ।ବହି ବନ୍ଦ କରି ଦୁଇତିନ ଥର ଚେହେରାଟି ଉପରେ ହାତ ବୁଲାଇ ନେଲି ।ଜଗନ୍ନାଥ ନିଶ୍ଚୟ ମୁଗୁନିପଥରରେ, ତେଣୁ ଏତେ କଳା ।କାହିଁକି କେଜାଣି ତାଙ୍କ ଦର୍ଶନ ପାଇଁ ମନ ବ୍ୟାକୁଳ ହୋଇ ଉଠିଲା । ଏଇ ସନ୍ତୁଳନ ଭିତରେ ଦୁଇଧାଡି ଗୀତ ବାନ୍ଧି ଦେଲି ।

"ଜଗା କାଳିଆରେ ଜଗା କାଳିଆ

ତତେ ଦେଖିବାକୁ ମନ ବାଇଆ"

ଆଉ ଥରେ ବହିର ପୃଷ୍ଠା ଲେଉଟାଇଲି । ଆଶ୍ଚର୍ଯ୍ୟରେ ଗୋଟିଏ ସ୍ଥାନରେ ମୋର ଆଖି ଲାଖିରହିଲା ।ଯେଉଁ ଜଗନ୍ନାଥଙ୍କୁ ଆମେ ବିଶ୍ୱଦେବତା ରୂପେ ମାନୁଛୁ ସେ ଗଢା ହୁଅନ୍ତି! ତାହା ପୁଣି କାଠରେ! ଆମ ଲକ୍ଷ୍ମୀନାରାୟଣ ତ ଗଢା - - - - - ବହୁ ବର୍ଷପୂର୍ବେ ଆମର ପୂର୍ବ ପରୁଷ ଏକ ମୁଗୁନି ପଥର ଦେବତାଙ୍କୁ କେଉଁ ନଦୀ ସ୍ରୋତରୁ ପ୍ରାପ୍ତ କରିଥିଲେ । ଜଗନ୍ନାଥଙ୍କ ବିଷୟରେ କିଛି ଜାଣିବା ପାଇଁ ବାପାଙ୍କ ଆଡକୁ ଚାହିଁଲି । ବାପା ତାଙ୍କ ଚେୟାର ଉପରୁ କେତେବେଳେ ଉଠିଯାଇଛନ୍ତି ଜାଣି ପାରି ନଥିଲି । କିଛି ଜାଣି ପାରିବା ଉଦ୍ଦେଶ୍ୟରେ

ମନ ଲଗାଇ ପଢିବା ଆରମ୍ଭ କଲି । ଜଗନ୍ନାଥ ନମ୍ବ କାଠରେ ଗଢା ହୁଅନ୍ତି । ବୋଧହୁଏ ସେଇଥିଲାଗି ଆମ ପୋଖରୀ କୂଳରେ ଥିବା ନମ୍ବ ଗଛକୁ ବହୁଜଣ ମୁଣ୍ଡରେ ଲଗାଇବା ଦେଖିଛି । ଆଗ୍ରହ ବଢିଗଲା, ଆଉ ଟିକଏ ଆଗକୁ ପଢିଲି ।ଏଇ ନମ୍ବ ଗଛ ପାଖେ ବରୁଣ, ବେଲ ଏବଂ ସାହାଡା ଗଛ ଥିବା ଅତ୍ୟନ୍ତ ଆବଶ୍ୟକ ।

ବରୁଣ ଆଉ ବେଲ ଗଛକୁ ପୂଜା କରିବାର ଦେଖିଛି ।ବିଶେଷ କରି କାର୍ତ୍ତିକ ମାସରେ ।ଏଇ ଦୁଇ ଗଛ ସାମ୍ନାରେ ଆମେ କାର୍ତ୍ତିକ ମାସରେ ପଞ୍ଚ ମୁରୁଜ ପକାଇଥାଉ । ହେଲେ ଏଇ ସାହାଡା ଗଛ! ଏହାର ତାତ୍ପର୍ଯ୍ୟ! ! ବହି ଛାଡି ଗ୍ରଧାନାନୀ ( ପିଉସୀ ନାନୀ) ଙ୍କ ପାଖକୁ ଅଣନଶ୍ୱାସୀ ହୋଇ ଧାଇଁଲି ।

କ'ଣ ହେଲାରେ? ଏମିତି ଅତରଛିଆ ହୋଇ ଦଉଡୁଛୁ ଯେ ? କହିଲେ ଗ୍ରଧାନାନୀ ।

ସାହାଡା ଗଛର ମାହାତ୍ମ୍ୟ?

ତୁ ସାହାଡା ସୁନ୍ଦରୀ ଗପ ଶୁଣିନୁ?

ଶୁଣିଛି ଯେ, ସେ ତ ସୁନ୍ଦରୀ ଝିଅଟିଏ, ଯିଏ ନଜର ସୁନ୍ଦର ବାଳ ପାଇଁ ପ୍ରସିଦ୍ଧ ।

ଗ୍ରଧାନାନୀ ବୋଧେ ଆଗକୁ କିଛି କହିବାକୁ ଯାଉଥିଲେ ମାତ୍ର ବାପାଙ୍କ ଡାକରେ ମୁଁ ଆଉଥରେ ଦଉଡି ଦଉଡି ଚଉପାଡୀ ଘରକୁ ଆସିଗଲି ।

ସବୁଦିନ ସକାଳେ ଦାନ୍ତକାଠି ରଖି ମତେ ପଗ୍ଭରୁଥାଉ ନା, ମୁଁ କାହିଁକି ସାହାଡା ଦାନ୍ତ କାଠିରେ ଦାନ୍ତ ଘଷେ । ନମ ଦାନ୍ତକାଠି କାହିଁକି ନୁହେଁ, ନେ, ଖବର କାଗଜ ପଢ । ସବୁ ଜାଣିଯିବୁ ।

ବାପାଙ୍କ ହାତରୁ ଖବର କାଗଜଟା ନେଇ ମନ ଲଗାଇ ପଢି ବସିଲି, ସାହାଡା ଗଛର ଉପକାରିତା, ଆଉ ଥରେ ନଜକୁ ସଜାଡି ନେଇ ବସି ପଢିବା ଆରମ୍ଭ କଲି ।

୧. ସାହାଡା ଦାନ୍ତ କାଠିରେ ପ୍ରତିଦିନ ଦାନ୍ତ ଘଷିଲେ ଦାନ୍ତ ସୁସ୍ଥ ସବଳ ରହେ ।

୨.ଛୋଟ ସାହାଡା ଗଛର କଅଁଳିଆ ପତ୍ରରୁ ରସ ବାହାର କରି ଗୁଆଘିଅ ଏବଂ ଚରେହିତା ଗୁଣ୍ଡ ସହିତ ସେବନ କଲେ ରକ୍ତ ଗ୍ଭପ ହ୍ରାସ ହୁଏ, ଶ୍ୱାସ ରୋଗ ମଧ ଭଲ ହୋଇଥାଏ ।

୩.ସାହାଡା ଗଛର ଛେଲିକୁ ଗୁଣ୍ଡ କରି ମହୁ ସହ ଖାଇଲେ ଅର୍ଶ ଭଲ ହୋଇଥାଏ ।

୪.ସାହାଡା ଛେଲି କାଞ୍ଜି ପାଣିରେ ସିଝାଇ ପାନ କଲେ ବାତ ରୋଗରୁ ମୁକ୍ତି ମିଳଥାଏ ।

୫.ସାହାଡା ମଞ୍ଜି ଏବଂ ନମ୍ବ ପତ୍ର ଦୁହିଁଙ୍କୁ ଶୁଖାଇ ଗୁଣ୍ଡ କରି ମହୁ ସଂଗେ ମିଶାଇ ଖାଇଲେ କାଛୁ, କୁଠିଆ, ଯାଦୁ, ବ୍ରଣ ପ୍ରଭୃତି ଚର୍ମ ରୋଗ ରୁ ମୁକ୍ତି ଲାଭ ମିଳଥାଏ ।

୬.ସାହାଡା ଗଛର ମଞ୍ଜିକୁ ଗୋମୂତ୍ର ସହିତ ବାଟି ଧଳା ଛଉ ଉପରେ ପ୍ରଲେପ ଦେଲେ ଧଳା ଛଉ ଧିରେ ଧିରେ ଲିଭିଯାଏ । କାଗଜଟା ହାତରେ ଧରି ଅଜାଣତରେ ମୋ ପାଟିରୁ ବାହାରି ପଡିଲା "ଗୁରୁ ଭାଇ"ଆଉ ଥରେ ନିଜକୁ ଦୃଢ କରି ମନକୁ ମନ କହିଲି, "ତୁମକୁ ଏ କଥା ଜଣା ନ ଥିଲା ଗୁରୁଭାଇ? ସାହାଡା ସୁନ୍ଦରୀର ଦାନରେ ତୁମ ଧଳା ଛଉ ସବୁ ଉଭେଇ ଯିବ।ସମାଜ ତୁମକୁ କୁଷ୍ଠରୋଗୀ କହି ଆଉ ବାଛନ୍ଦ କରିବନ ।ତୁମେ ମୋର ସୌମ୍ୟ ଗୁରୁଭାଇ। ତୁମକୁ ସାହାଡା ସୁନ୍ଦରୀ ସଦୃଶ ଅନନ୍ୟା ସୁନ୍ଦରୀ ପ୍ରାପ୍ତ ହେବ ।"

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and

editor.vedantimagazine@gmail.com

# ଭୋକ



ବିକେଶ ସାହୁ

ଏଠି ସମସ୍ତେ ଭୋକଲା

ଯେଉଁଠି ଦେଖିଲେ

ମାଳ ମାଳ ଭୋକଲାଙ୍କ

କରୁଣ ଆଉ ବଜ୍ର ଆର୍ତ୍ତନାଦ

କିଏ ଜୋର୍ ରେ ଛଡେଇ ନେଉଥାଏ

ତ କିଏ ଆତ୍ମ ସମର୍ପଣ ଆଳରେ

ଭୋକଲା ପେଟ ଆଉ ଚର୍ମ ପଣତ ଦେଖେଇ

ନେହୁରା ହେଉଥାଏ ।

କିଏ ଭୋକଲା ଏଠି ଦେହ ଭୋକରେ

କିଏ ପେଟ ଭୋକରେ

କିଏ ଆତ୍ମା ଭୋକରେ

କିଏ ମନର ଭୋକରେ ।

ପୁଣି କଏ

ମାନ ଆଉ ମର୍ଯ୍ୟାଦା ପ୍ରାପ୍ତିର ଭେକରେ

ଧନ ଆଉ ବୈଭବ ପ୍ରାପ୍ତିର ଭେକରେ

ଅନ୍ଧ ଏଠି ସମସ୍ତେ

ଆସନ ଆଉ ଶାସନ ଭେକରେ ।

ଏବେ କୁହ

କଏ ଏଠି ଭେକଲ୍ ?

ରାସ୍ତା କଡ଼ର ସେଇ ନରୀହ ମଣିଷ ରୂପି କଙ୍କାଳ

ନା ରାଜ ଉଆସର ମଣିଷ ରୂପି ଦାନବ

ଯାʼ ଆଗରେ ମୂଲ୍ୟହିନ ସ୍ନେହ, ପ୍ରେମ

ଆଉ ସମ୍ପର୍କର ମୂଲ୍ୟ ।

ଭୁଷଲାଡ଼, ସିନ୍ଧେକେଲା, ବଲାଙ୍ଗୀର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ମୋ ହୃଦୟର ସ୍ପନ୍ଦନ



ପ୍ରିୟବ୍ରତ କର

ସପନ ଆଖିରେ ତୁମରି କେବଳ
ହୃଦୟରେ ତୁମ ଛବି,
ତୁମ ପାଇଁ ସାଥୀ ଆଜି ମୁଁ ସାଜିଛି
ଏ ସଂସାରେ ପ୍ରେମ କବି ।
ରଖିଛି ସାଇତି ତୁମକୁ ମୁଁ ସାଥୀ
ଏହି ମୋ ମନ ଜଗତେ,
ତୁମେ ଯଦି ଆଜି ଦେବ ଅନୁମତି
ପ୍ରେମ ଲେଖିବି ରକତେ ।
ସରଗ ଅପ୍ସରି ମୋ ମନର ପରୀ
ଅଟ ମୋ ଛାତିର ସ୍ପନ୍ଦନ,
ଛାତି ଗଲେ ଫାଟି ବଞ୍ଚିବି ତଥାପି
ତୁମେ ଯେ ମୋର ଜୀବନ ।
ତିନ ଚାରିଥର ଭାବିଛି କହିବି
ତୁମକୁ ମୁଁ ଭଲପାଏ,
ହୃଦୟ କଥା ମୋ ଓଠ ପାଖୁ ଆସି
ପ୍ରତିଥର ଫେରିଯାଏ ।

କହିବି ଏଥର ସେହି ମନକଥା
କରିବି ଗୋଟେ ପ୍ରୟାସ,
ଛାତିରେ ମୋହର ଅତୁଟ ସାହସ
ନଜଠି ନାହିଁ ବିଶ୍ୱାସ ।
ରଖିଛି ତୁମକୁ ଉଚ୍ଚ ଆସନରେ
ଦେଇଛି ଦେବୀର ଆଖ୍ୟା,
ଆଉ ଯା ରହିଲା ଆର କବିତାରେ
ହେବ ଆମ ପ୍ରେମ ବ୍ୟାଖ୍ୟା ।।

ସୋରିଷକୋଠା, ପାଳଶିଆ
ଜିଲ୍ଲା - ମୟୂରଭଞ୍ଜ

# ଅନୁଗୋଳ ଓ ମକର ସଂକ୍ରାନ୍ତି



ଧୀରେନ୍ଦ୍ର କୁମାର ପ୍ରଧାନ

ସରସ ସୁନ୍ଦର ଧବଳ ଟଗର
ସାଥୀରେ ଲାଲ ମନ୍ଦାର
ଯୁଇ, ଜାଇ, ହେନା ମାଳତୀ ତୋଳବା
ଗୁନ୍ଥିବା ଫୁଲର ହାର।।।

ଆଳୁ କହୁଅଛି ସାରୁ ସଙ୍ଗାତକୁ
ଝୁଡଙ୍ଗ ସାଙ୍ଗରେ ଯିବା
ଶିମ୍ବମଞ୍ଜି  ସହ କଖାରୁ ନନାଙ୍କୁ
ସାଙ୍ଗରେ ନେଇ ଆସିବା।।

ଖମ୍ବଆଳୁ କହେ ବାଦାମ ମଞ୍ଜି କୁ
ଶୀତ ଭରି ହେଉଅଛି
ଫୁଲ ମାଉସୀକୁ ବନ୍ଧା ଅଜା ଆମ
ପତରେ ଘୋଡାଇ ଅଛି।।।

ବାଇଗଣ ଅପା କାଖେଇ ଆଣୁଛି
ଛୁଇଁ ପୁତୁରକୁ କାଖରେ
କଞ୍ଚା କଦଳୀର ଫୁଟାଣି ବହୁତ
ନଶମୋଡେ ଥାଇ ଫେଣାରେ।।।

ପୋଟଳ ଗ୍ଭଲୁଛି ବେଣୀକୁ ହଲେଇ
ଚଗ୍ଭ ଆଖିଠାର ମାରି
ସବୁଜ ମଟର ଆଗେ ତରତର
ଆସେ ଟୋମାଟୋ ସୁନ୍ଦରୀ ।।।।

ମୂଳା ଭାଇନାକୁ ଗାଜର ସିଆଣା
ଦେଖାନ୍ତି ବଳୁଆ ଠାଣି
ଜିଗ୍ଭ ଲଙ୍କା ଅଦା ଗରମ ମସଲା
ମିଶି ରଚନ୍ତି ଗ୍ଭଗିଣୀ।।।।

ସରୁଆ ଅରୁଆ ଗ୍ଭଣି ହାତ ଧରି
ଓଢଣୀ ଫାଙ୍କରୁ ହସେ
ପ୍ରେମେ ଗୁଡପଣା ପ୍ରତିଶ୍ରୁତି ଭରି
ମକର ବନ୍ଧନ ବସେ ।।।।।।।।

ଝଜିରୀ, ଅନୁଗୋଳ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାଗ୍ଭ ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and

editor.vedantimagazine@gmail.com

# ଭାଗ୍ୟ ନିୟନ୍ତା



ଆଶା ସାହୁ ( ଆରତୀ)

ନିର୍ନିମେଷ ଦୃଷ୍ଟିରେ ଅନେଇ ରହିଛି ରୁପାଲି।ବାପାଙ୍କ ସ୍ୱପ୍ନ ରୂପାଲି, ଏୟର ପାଇଲଟ ରୂପାଲି। ଖଣ୍ଡ ଖଣ୍ଡ ବାଦଲ ଭାସି ଭାସି ଚାଲିଛନ୍ତି। ଜଣା ନାହିଁ ତାଙ୍କର ଗନ୍ତବ୍ୟ ସ୍ଥଳ କେଉଁଠି। ରୂପାଲିକୁ ମଧ୍ୟ ଜଣା ନାହିଁ ତାର ଲକ୍ଷ୍ୟ ସ୍ଥଳ କେଉଁଠି।

ପିଲା ବେଳେ ତାର ଜାଆଁଳା ଭଉଣୀ ସୋନାଲି ସହ ଖେଳୁ ଖେଳୁ ଆକାଶରେ ଯଦି ବାଦଲ ଦେଖାଯାଏ ସେ ଖେଳ ଛାଡ଼ି ବସିପଡେ ଆକାଶରେ ନଜର ଜମେଇ। ବାଦଲ ମାନଙ୍କ ସହ ଅଦ୍ଭୁତ ତାର ସମ୍ପର୍କ। ତୋଫା ଧଳା ସମୁଦ୍ର ଫେଣ ଭଳି ବାଦଲ।ଯେମିତି କଏ ତୁଳା ଭିଣି ଆକାଶରେ ଉଡ଼ାଇ ଦେଇଛି।

ଏକ ଧ୍ୟାନରେ ସେ ଅନେଇ ଥାଏ ସେ ବାଦଲ ମାନଙ୍କୁ। ସୋନାଲି ଆସି ତାକୁ ହଲେଇ ଦେଇ ଟାଣେ।

- ଠିକ, ହାରିଲା ବେଳକୁ ପଳେଇ ଆସୁଛି।ଚାଲ୍ ବାଜି ପୂରା କର।

ରୂପାଲି କାନରେ କଛି ବାଜେନ। ସେ ପୂରାପୂରି ହଜି ଯାଇଥାଏ ବାଦଲ ମାନଙ୍କର କୁହୁକ ରାଜ୍ୟରେ, ମଜ୍ଜି ଯାଇଥାଏ ତାଙ୍କର ନିରନ୍ତର ପରିବର୍ତ୍ତିତ ହେଉଥିବା ରୂପରେଖରେ।

- ହେଇ ରୂପାଲି, ଦେଖ, ସେ ବାଦଲଟା କପରି ହାତୀ ପରି ଶୁଣ୍ଢ ଟେକିଛି।ଏବେ ସେ ପାଣି ଢାଳଲେ ବର୍ଷା ହେବ।ଦେଖ ଦେଖ, ଆମ ମୁଣ୍ଡ ଉପରେ ବାଦଲଟା ଉଡ଼ା ଜାହାଜ ପରି

ଦେଖାଯାଉଛି । ମୁଁ ବଡ଼ ହେଲେ ନିଶ୍ଚୟ ଉଡ଼ା ଜାହାଜରେ ବସିବି । ହେଇଲେ, ସେଇ ବାଦଲଟା ତ ଠିକ ତୋରି ପରି ବେଣୀ ପକେଇଛି, ଦିଟାରିବନ ଲଗେଇ । ମୁଁ କିନ୍ତୁ କେବେ ବି ଚୁଟି ବଢେଇବିନି କି ବେଣୀ ବି ବାନ୍ଧିବିନି ।

ସୋନାଲି ବିରକ୍ତ ହୁଏ, ଚିଡେ, ଗୋଡ଼ କଚାଡେ, ଶେଷରେ କାନ୍ଦେ ।
- ଯାଃ, ମୁଁ କାଲିଠାରୁ ତୋ ସହିତ ଜମା ଖେଳିବିନି । ତୋର ମୋର କଟି ।

ବାସ, ରୂପାଲି ଝଟ୍ କିନା କଳ୍ପନା ରାଜ୍ୟରୁ ଫେରି ଆସେ । ସୋନାଲି କାନ୍ଦିଲେ, କଟି ହେଲେ ତାକୁ ମୋଟେ ଭଲ ଲାଗେନା । ସୋନାଲିକୁ ସେ ବହୁତ ଭଲ ପାଏ । ତା ସହ କଥା ନହେଲେ ତାକୁ ଭାତ ରୁଚେନି ଯେ । ସେ ସୋନାଲି ବେକରେ ହାତ ଛନ୍ଦି କୁହେ, - ଚାଲ ଚାଲ, ଖେଳିବା ।

ଜିତୁଥିବା ବାଜି ଜାଣି ଜାଣି ହାରିଯାଏ ସୋନାଲିକୁ ଖୁସି କରିବା ପାଇଁ । ଏମିତିରେ ବି ସେ ସଦାବେଳେ ଜାଣି ଜାଣି ହାରେ ସୋନାଲିର ଖୁସି ପାଇଁ । ସୋନାଲିଟା ନାକ କାନ୍ଦୁରି । ସାମାନ୍ୟ କଥାରେ ତାର ଆଖିରୁ ଗଙ୍ଗା ଜମୁନାର ସୁଅ ଛୁଟେ । ଜିତୁ ସେ ଖୁସି ହେଉ ।

ମାଆ କୁହେ ସେ ସୋନାଲି ଠାରୁ ପୂରା ଦଶ ମିନିଟ ବଡ଼ । ସାନ ଭଉଣୀ ଟା ତାର । ତାକୁ କନ୍ଦାଇବା ଜମା ଠିକ କଥା ନୁହଁ ।

କେବେ କେବେ ସୋନାଲି ତାକୁ ଚିଡାଏ ।
- ମୁଁ ସୋନାଲି, ସୁନାରେ ଗଢ଼ା । ସମସ୍ତେ ମୋତେ ଆଦର କରନ୍ତି । ମୋତେ ପିନ୍ଧନ୍ତି, ମୁଣ୍ଡରେ, ବେକରେ, କାନରେ, ହାତରେ । ମୁଁ ଅମୂଲ୍ୟମୂଲ । ତୁ ଟା ରୂପା ନା ରୁପା । ତୋତେ କିଏ ପଚାରେ । ତୋତେ ତ ଗୋଡ଼ରେ ପାଉଁଜି କରି ପିନ୍ଧନ୍ତି ।

ମନ ଦୁଃଖ ହୋଇ ଯାଏ ରୂପାଲିର । ସେ ଜାଣେ, ସେ ସୋନାଲି ପରି ସୁନ୍ଦର ନୁହେଁ । ତାର ଚୁଟି ସୋନାଲି ଚୁଟି ପରି ସୁନ୍ଦର ନୁହେଁ, କଡା ପରି । ତେଣୁ ମାଆ ପାଟି କଲେ ସୁଦ୍ଧା ସେ ବାପାଙ୍କ ସାଙ୍ଗରେ ଯାଇ ଚୁଟି କାଟି ଆସେ । ସୋନାଲି କଥାରେ ସେ ରାଗେ ନାହିଁ, ବିରକ୍ତ

ହୋଇ ବାପାଙ୍କ ପାଖକୁ ଧାଇଁ ଯାଏ। ମାଆ ପାଖକୁ ଯାଏ ନାହିଁ। ସେ ତ କଣ ସବୁ କାମ ତରବର ହୋଇ କରୁଥିବ ଯେ ତା କଥା ବି ଶୁଣିବନି।ଓଲଟା ତାକୁ କଣ ନା କଣ କାମ ବର୍ାଦ କରିଦେବ।

ବାପାଙ୍କ ଆଗରେ ଫେର୍ାଦ ହୁଏ ସେ। ବାପା ବୁଝାଇ ଦିଅନ୍ତି,- ହେଃ, ସେଇଟା ହୁଣ୍ଡିଟାଏ। ପାଠ ବି ହେଉନି ତାର। ସେ କଣ ଜାଣିଛି? ତୁ ଆମର ମନ ଦେଇ ପାଠ ପଢ଼।ଦେଖିବୁ ତୁ, ସୁନା କଣ, ହୀର୍ା ପାଲଟି ଯିବ ତୋର ଜୀବନ।

ସୋନାଲି ଶୁଣି ପକାଇ ଭେଁ ଭେଁ କାନ୍ଦେ।
- ମୁଁ ବି ହୀର୍ା ହେବି।
ବାପା ହସିଦେଇ ଦୁହିଁଙ୍କୁ କୋଳକୁ ଆଉଜେଇ ନଅନ୍ତି।

ବାପାଙ୍କ ଉପଦେଶ ରୂପାଲି ହୃଦୟରେ ଛାପି ହୋଇ ରହିଯାଏ।

ବାପା ଆଜି କେଜାଣି କେଉଁଠାରେ ହଜି ଯାଇଛନ୍ତି।ଦିନେ ହାଟ ସଉଦା କରିବାକୁ ଗଲେ ଯେ ଆଉ ଫେରିଲେନି।ମାଓବାଦୀଙ୍କ ଦୌର୍ାତ୍ମ୍ୟ ରେ ଅତିଷ୍ଠ ହୋଇ ରହିଥାଏ ସେତେବେଳେ ରୂପାଲିର ବଣ ଜଙ୍ଗଲ ଘେର୍ା ଗାଁ।ଗାଁ ଲୋକେ ଆସି କଣ କହିଲେ କେଜାଣି, ମାଆ କାନ୍ଦି କାନ୍ଦି ବେହୋସ ହୋଇଗଲା।ଚେତା ଫେରିଲା ସରକାରୀ ଡାକ୍ତରଖାନାରେ, ଦୁଇଦିନ ପରେ।ଉଠି ସେ ପାଗଳୀ ପରି ଚକ୍ାର କଲା।ସୋନାଲି, ରୂପାଲିର ପଛପଟେ ଲୁଚ ଗୋଟାପଣେ ଥରୁଥାଏ। ଦାଦା, ବଡ଼ବାପା ଲେଖା ଗାଁ ଲୋକେ ରୂପାଲିକୁ ବୁଝାଉଥାନ୍ତି।

- ମାଓବାଦୀ ମାନେ ତୋର ବାପାଙ୍କୁ ବନ୍ଧକ ରଖିଛନ୍ତି।ଘରର ବଡ଼ ହିସାବରେ ତୋତେ ମାଆ ଭଉଣୀର ଦାୟିତ୍ୱ ବହନ କରିବାକୁ ହେବ,ନଜେ ଭାଙ୍ଗି ନ ପଡ଼ି। ତୋ ବାପା ଫେରିବା ପର୍ଯ୍ୟନ୍ତ ତୁ ନଜକୁ ଶକ୍ତ କର। ଜଗନ୍ନାଥ ତୋତେ ମନୋବଳ ଦିଅନ୍ତୁ।

ପଛରେ କଏ କଏ କହୁଥାନ୍ତି, - ସେ କଣ ଆଉ ଫେରିବ । ଆହା,କେଡ଼େ ସୁନ୍ଦର ମଣିଷ ଟାଏ।ଆମ ପିଲାମାନଙ୍କୁ ଆଉ କଏ ଏତେ ଭଲ ଭାବରେ ପାଠ ପଢ଼ାଇବ।ଆମ ସ୍କୁଲରେ

କଏ ବର୍ତ୍ତମାନ ପ୍ରଧାନ ଶିକ୍ଷକ ନିଯୁକ୍ତି ପାଇବ କେଜାଣି। ଜଣା ନାହିଁ ସେ ଆଉ ବଞ୍ଚିବ ନା ନାହିଁ।

ରୂପାଲିର ଅର୍ଧ ବିକଶିତ ମସ୍ତିଷ୍କ ରେ କିନ୍ତୁ କେବଳ ଗୋଟିଏ କଥା ପ୍ରତିଧ୍ୱନିତ ହେଉଥାଏ।

- ତୁ ଘରର ବଡ଼, ତୁ ଘରର ବଡ଼।
କିଛି ଦିନ ବିତିଗଲା। ମାଆ ପ୍ରକୃତିସ୍ଥା ହେଲା। ପିଲା ଦୁହିଁଙ୍କୁ ତ ବଢାଇ କୁଢାଇ ବାହାଘ୍ରେର କରିବାକୁ ପଡ଼ିବ।ଘର ବାଡ଼ି, ବିଲ ବାଦୀର ଯତ୍ନ ନେବାକୁ ପଡ଼ିବ। କାନ୍ଦିଲେ ତ ଦୁନିଆ ଚ୍ଲିବ ନାହିଁ।ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି।ଘର ଛାଡ଼ି ବାପ ଘରକୁ ମଧ୍ୟ ଯାଇ ପାରିବ ନାହିଁ। ସେଠାରେ ଅଛି କଏ ଯେ ? ତା ବାପା ବୋଉ ତ କେବେଠାରୁ ମରି ମାଟିରେ ମିଶିଲେଣି। ଭାଇ ତ ନାହିଁ।ଜାଣି ଜାଣି ଗୋଟେ ଭଉଣୀ ଅଛି ଯେ, ସେ ଗୋଟେ ବାଜେ ଲୋକର ହାତ ଧରି ଘରୁ ପଳାଇ ଯାଇଛି, ପ୍ରେମରେ ଅନ୍ଧ ହୋଇ।ତାର ଖୋଜ ଖବର କିଛି ନାହିଁ।

ମାଆ ବିଚାରୀ କାଚ ସିନ୍ଦୂର ଥାଉ ଥାଉ ବିଧବା ହୋଇଗଲା। ଏଡ଼େ ବଡ଼ ଘରର ଦାୟିତ୍ୱ। ଭିତର ବାହାର ସବୁ କାମ ବୁଝିଲା ବେଳକୁ ସେ ଥକିଯାଏ। ରୂପାଲି ସବୁ ଦେଖେ।କିନ୍ତୁ ସବୁ କାମରେ ସାହାଯ୍ୟ କରିବାକୁ ତାର ବୟସ ହୋଇ ନଥାଏ। ଛୋଟ ଛୋଟ କାମରେ ସେ ପାରୁ ପର୍ଯ୍ୟନ୍ତ ସାହାଯ୍ୟ କରେ।ସମ ବୟସୀ ହେଲେ ସୁଦ୍ଧା ବଡ଼ ଭଉଣୀ ସଦୃଶ୍ୟ ସୋନାଲିର ଯତ୍ନ ନଏ। ଏଇ କେଇଟା ଦିନ ମଧ୍ୟରେ ଯେମିତି ସେ ସୋନାଲି ଠାରୁ ଢେର ବଡ଼ ହୋଇଗଲା।ମନ ଲଗାଇ ପାଠ ପଢେ। ସୋନାଲିକୁ ଗେଲରେ ଆକଟ କରି ପଢାଏ। ଯେତେ ହେଲେ କଣ ହେବ, ସୋନାଲିର କିନ୍ତୁ ପାଠରେ ମନ ନଥାଏ। ଖେଳ ଓ ଷ୍ଟାଇଲ ମାରିବାରେ ସେ ଧୁରନ୍ଧର ହୋଇ ଯାଇଥାଏ। ଦିନକୁ ଦଶଥର ମୁହଁ ଧୁଏ। ମୁଣ୍ଡ କୁଣ୍ଡାଏ। ପାଉଡର ବୋଳି ହୁଏ। ରୂପାଲି ହସି ହସି ପଚ୍ଚରେ, - ଆଉ କଣ ଏସ୍କିମୋ ବନି ଯିବୁ କି?

ସୋନାଲି ତାର ଦାଡ଼ିମ ବୀଜ ସଦୃଶ୍ୟ ସୁନ୍ଦର ଦାନ୍ତ ଦେଖାଇ ଫିକ କିନା ହସି ଦିଏ। ରୂପାଲି ତାର ଅନନ୍ୟ ସୌନ୍ଦର୍ଯ୍ୟ କୁ ମନ୍ତ୍ର ମୁଗ୍ଧ ହୋଇ ଅନେଇ ରହେ।
ବେଳେ ବେଳେ ସୋନାଲି ଚିଡ଼ି ଯାଏ।

- ତୁ କଣ ଜେଲସି ଫିଲ କରୁଛୁ?

ରୂପାଲିର ହୃଦୟରେ କଣ୍ଟାଟିଏ ଅବା ଫୋଡ଼ି ହୋଇଯାଏ।କିନ୍ତୁ ସୋନାଲି ପ୍ରତି ବିରକ୍ତି ଭାବ ଜମା ବି ଆସେନା। ଫୁଲେଇଟା ।

ଦିନ ଯାଇ ରାତି ହୁଏ, ପୁଣି ଦିନ ହୁଏ। ସପ୍ତାହ ବିତେ,ମାସ ସରେ। ଏହିପରି ବର୍ଷ ବର୍ଷ ବିତିଯାଏ। ବାପା ଫେରନ୍ତି ନାହିଁ। ମାଆ ଘରର ଦାୟିତ୍ୱ ତୁଲାଉ ତୁଲାଉ ଅକାଳରେ ବୃଦ୍ଧା ପାଲଟି ଯାଏ। ରୂପାଲି ପାଠ ପଢୁ ପଢୁ, ମାଆକୁ ସାହାଯ୍ୟ କରୁକରୁ କେତେବେଳେ ଯେ ଏରୋନଟିକଲ ଇଞ୍ଜିନିୟରିଂ ପାସ କରିଯାଏ, ସେ ନିଜେ ମଧ୍ୟ ଜାଣି ପାରେ ନାହିଁ।

ସୋନାଲି ଅତ୍ୟନ୍ତ ରୂପସୀ ତରୁଣୀ ରେ ପରିଣତ ହୁଏ। ପାଠଘର ଶୂନ। ପ୍ଲସ- ୨ ପରେ ଡୋରି ବନ୍ଧା ହୁଏ।

ଆଜିକାଲି ଆଉ ପୂର୍ବ ପରି କେବଳ ରୂପର ଚାହିଦା ନାହିଁ ବିବାହ ବଜାରରେ।ପାଠ ମଧ୍ୟ ଆବଶ୍ୟକ। ରୂପକୁ କିଛି ମାତ୍ରାରେ କମ୍ପ୍ରୋମାଇଜ କରି ହେବ। ଦିଜଣ ରୋଜଗାରିଆ ଅନେକ ଲୋକ ଚାହାଁନ୍ତି। ରୂପାଲି ନିମନ୍ତେ ପ୍ରସ୍ତାବ ଉପରେ ପ୍ରସ୍ତାବ ଆସୁଥାଏ। ସେ କିନ୍ତୁ ମନା କରେ। ସେ ପାଇଲଟ ହେବ। ବାପାଙ୍କ ସ୍ୱପ୍ନ ପୂରଣ କରିବ। ପ୍ରଥମେ ସୋନାଲିର ଦାୟିତ୍ୱ ସାରିବ। ତା ପରେ ଯୋଉ କଥା।

ସେଦିନ ମଧ୍ୟ ଆସିଲା। ସେ ପାଇଲଟ ହେଲା। ସେ ଉଡ଼ା ଜାହାଜରେ ଉଡ଼ିଲା।ସୋନାଲି ଓ ମାଆକୁ ମଧ୍ୟ ଉଡ଼ା ଜାହାଜରେ ବସାଇଲା।

ଏମିତି ଜାହାଜ ଉଡ଼ାଉ ଉଡ଼ାଉ କେବେ ଯେ ସେ ନିଜ ମନକୁ ମଧ୍ୟ ଉଡ଼ାଇ ଦେଲା,କୋ ପାଇଲଟ ସୁମନ୍ତ ପାଇକରାୟ ସହିତ, ସେ ସ୍ୱୟଂ ମଧ୍ୟ ହେତୁ ପାଇଲାନି। ସୁମନ୍ତ ପାଇକରାୟ, ଆଭିଜାତ୍ୟର ପ୍ରତିମୂର୍ତ୍ତି। ସୁମନ୍ତ ଙ୍କୁ ସେ ଘରକୁ ଡାକି ନିଏ। ସୋନାଲି ଓ ମାଆ ସହ ପରିଚୟ କରାଇ ଦିଏ। କିନ୍ତୁ ସୁମନ୍ତଙ୍କ ପ୍ରତି ତାର ଆକର୍ଷଣକୁ ସେ ବର୍ତ୍ତମାନ ପାଇଁ ଲୁଚାଇ ଦିଏ। ଏହି ଠାରେ ହିଁ ତାର ଭୁଲ ରହିଯାଏ।

ସୋନାଲି ଭଲ ପାଇ ବସେ ସୁମନ୍ତଙ୍କୁ। ସୋନାଲି ଅଳ କଲ୍ ପରି ସିଧାସଳଖ ନିଜ ମନକଥା କହିଦିଏ ରୂପାଲିକୁ। ରୂପାଲି ମୁଣ୍ଡରେ ବଜ୍ରପାତ ହୁଏ। ଜଦିଓ ସୁମନ୍ତ ଓ ସେ ,କେହି କାହା ସମ୍ମୁଖରେ ମନଫରୁଆକୁ ଖୋଲି ନାହାନ୍ତି ତଥାପି ତାଙ୍କ ଭିତରେ ଯେ ଏକ ସୂକ୍ଷ୍ମ କୋମଳ ସମ୍ପର୍କ ଗଢ଼ି ଉଠିଥିଲା ଏକଥା ଦୁହିଁଙ୍କୁ ଅଗୋଚର ନଥିଲା।

କଣ କରିବ ଏବେ ରୂପାଲି। ଏଯାବତ ସେ ସୋନାଲିର ସମସ୍ତ ଦାବି ପୂରଣ କରି ଆସିଛି। ତାଛଡ଼ା ସୋନାଲି ପାଇଁ ମନ ମୁତାବକ ପ୍ରସ୍ତାବ ମଧ୍ୟ ଆସୁନାହିଁ। ସୁମନ୍ତଙ୍କୁ ସେ ଏଥିପାଇଁ ସେ ରାଜି କରିପାରିବ, ଏ ଦୃଢ଼ ବିଶ୍ୱାସ ମଧ୍ୟ ତାର ଅଛି। କିନ୍ତୁ.... ତାର ମନମନ୍ଦିରର ଦେବତାଙ୍କୁ ସେ କିପରି ସୋନାଲି ହୃଦୟରେ ସ୍ଥାପନ କରିବ। ସୁମନ୍ତ କହିଛନ୍ତି ଆସନ୍ତା ଛୁଟିରେ ନିଜ ମାଆ ବାପାଙ୍କୁ ନେଇ ଆସିବେ। ରାତି ରାତି ରୂପାଲିକୁ ନିଦ ହୁଏନା। ଖୋଲି ଦେବକି ସେ ନିଜ ମନକୁ, ସୋନାଲି ଆଗରେ? ଜଦି ସେ ନ ମାନେ? ଛିଃ କି କଥା ଭାବୁଛି ସେ। ସେ କଣ ଏତେ ସ୍ୱାରଥପର? ବାପାଙ୍କ କଥା ଅନୁସାରେ ତାର ମନ କଣ ଏପର୍ଯ୍ୟନ୍ତ ହୀରାରେ ପରିଣତ ହୋଇନି?

ସୋନାଲିକୁ ସୁମନ୍ତ ଭଳି ଉପଯୁକ୍ତ ପାତ୍ର ଟିଏ ମିଳିଲେ ସେ ମଧ୍ୟ ସୁଖରେ ରହିବ। ରୂପାଲିର ତ ଭବିଷ୍ୟତ ଉଜ୍ଜ୍ୱଳ। ସୋନାଲି ଏତେ ସୁନ୍ଦରୀ, ସୁମନ୍ତ କଣ ଅରାଜି ହେବେ?

କିନ୍ତୁ ତା ମନକୁ କେମିତି ବୁଝାଇବ ସେ? ରୂପାଲିର ଚନ୍ତାର ଥଳକୂଳ ନଥାଏ। ସେ କିଛି ନିଷ୍ପତ୍ତି ନେଇ ପାରେନା। ସୁମନ୍ତଙ୍କୁ ପଚାରିବ କି?

ନା, ତାଙ୍କ ବାପା ବୋଉ ଆସନ୍ତୁ। ଯାହା ଭାଗ୍ୟ ରେ ଥିବ।

ସେ ଦିନ ବି ଆସିଗଲା। ସୁମନ୍ତ ତାଙ୍କ ବାପା ବୋଉ ସହ ଆସିଲେ। ଏତିକି ବେଳେ ଏକ ଅସମ୍ଭବ କାଣ୍ଡ କରିବସିଲା ରୂପାଲି। ସୋନାଲିକୁ ପଠେଇ ଦେଲା ତାଙ୍କ ସାମନାକୁ। ସୋନାଲିର ଅନନ୍ୟ ରୂପ ଓ ଆଣ୍ଠୁ ଯାଏ ପଡ଼ି ଥିବା ସୁଚକ୍କଣ କଳା ବଉଦ ପରି ଚୁଟି ଦେଖି ତାଙ୍କ ବାପା ବୋଉ ମନ୍ତ୍ର ମୁଗ୍ଧ ହୋଇ ପଡ଼ିଲେ। କବାଟ ଫାଙ୍କରୁ ସୁମନ୍ତଙ୍କ ମୁଗ୍ଧ ଦୃଷ୍ଟି ମଧ୍ୟ ଅଛପା ରହିଲା ନାହିଁ। ତାଙ୍କ ବୋଉ ସାଙ୍ଗେ ସାଙ୍ଗେ ନିଜ ବେକରୁ ଚଉସରି ହୀରାର

ହାରଟିଏ ପିନ୍ଧାଇବାକୁ ଉଦ୍ୟତ ହେଉ ହେଉ ସୁମନ୍ତ ବାଧା ଦେବାକୁ ଯାଉଥିଲେ, ହଠାତ ରୂପାଲି ଆସି ତାଙ୍କୁ ଆଚମ୍ବିତ କରିଦେଇ, କଂଗ୍ରାଚ୍ୟୁଲେସନ କହି ହେଣ୍ଡସେକ ଉଦ୍ଦେଶ୍ୟ ରେ ହାତ ବଢ଼ାଇ ଦେଲା।ଏ ମଧ୍ୟରେ ସୋନାଲି ତାଙ୍କର ବାଗ୍ଦତ୍ତା ହୋଇ ସାରିଥିଲା।ତାଙ୍କ ବାପା ବୋଉଙ୍କୁ ବିଦା କରିଦେଇ ସୁମନ୍ତ ରହିଗଲେ ପଛକୁ।

ରୂପାଲି ସେଠାରୁ ପଳେଇ ଆସି, ପୋଖରୀ ହୁଡ଼ା ରେ ବସି ଅନେଇ ରହିଥାଏ ବାଦଲର ଗତିପଥକୁ। ତାର ରୂପରେଖକୁ। ହାତୀ ଟିଏ ସତେ ଅବା ସୁବର୍ଣ୍ଣ କଳସଟିଏ ଟେକ ଧରିଛି ଶୁଣ୍ଢରେ। ଅଜାଡ଼ି ଦେବ ସୋନାଲି ମୁଣ୍ଡ ଉପରେ। ସୁମନ୍ତ ପଛପଟରୁ ଆସି ହଠାତ ଚମକେଇ ଦେଲେ।

- କାହିଁକି ଏପରି କଲ ରୂପାଲି? ପ୍ରଶ୍ନସୂଚକ ଭଙ୍ଗୀରେ ଅନେଇଲା ରୂପାଲି।

- କଣ ହେଇଛି କ? ମୋ ଭଉଣୀ କଣ ତୁମର ପସନ୍ଦ ନୁହେଁ?

ପୋଖତ ଅଭିନେତ୍ରୀ ଭଳି ସେ କହି ଗ୍ଲିଲା।

- ମୁଁ ତ ଅନେକ ଦିନରୁ ତୁମକୁ ମୋ ଭଉଣୀ ଜ୍ୱାଇଁ ହିସାବରେ ଦେଖି ଆସିଛି। ଭୟ ଥିଲା କାଳେ ତୁମ ବାପା ବୋଉଙ୍କୁ ଗ୍ଳକରିଆ ଝିଅ ପସନ୍ଦ ଥିବ। ଯାହା ହେଉ ଭଗବାନଙ୍କ ଦୟାରୁ ସୋନାଲି ତାଙ୍କର ପସନ୍ଦ ହୋଇଛି।

ନଜର ବବ କଟ ଚୁଟିରେ ସେ ହାତ ବୁଲାଇଲା।

ସୁମନ୍ତ ନିର୍ବୋଧ ଭଳି ଅନେଇ ଥାନ୍ତି। ରୂପାଲି ତାଙ୍କୁ ହତବାକ କରି ଦେଇଥାଏ।ନିଜ ମନର ଅଭ୍ୟନ୍ତରରେ ଖୋଜୁଥାଆନ୍ତି ରୂପାଲି ପ୍ରତି କଛି ଆକର୍ଷଣକୁ। ଆଗରୁ କହି ଦେଇ ଥାଆନ୍ତେ ଭଲା। ସେ ତ ଭ୍ବିଥିଲେ ବାପା ବୋଉ ରୂପାଲିକୁ ଦେଖିବାକୁ ଆସୁଛନ୍ତି ବୋଲି।ରୂପାଲି ତାଙ୍କୁ ଅନ୍ଧାରରେ ରଖିଥିଲା ନା ତାଙ୍କ ସହିତ ଖେଳ ଖେଳଲା।

ରୂପାଲି ଖିଲଖିଲ ହସି ତାଙ୍କ ହାତ ଧରି ଭିତରକୁ ନେଇ ଗଲା।

- ତୁମର ତ କାଲି ଡିଉଟି ନାହିଁ।ମୋତେ କନ୍ଯା ପ୍ରସ୍ତୁତ ହେବାକୁ ପଡ଼ିବ।

ରୂପାଲି ରୁମ ଭିତରକୁ ଯାଇ ସୋନାଲିକୁ ପଠେଇଦେଲା ତାଙ୍କ ପାଖକୁ।

ଖୁବ ଧୁମଧାମରେ ବିବାହ ହେଲା ସୁମନ୍ତ ଓ ସୋନାଲିର। ଲୋକେ ରୂପାଲିକୁ ଧନ୍ୟ ଧନ୍ୟ କଲେ। ସୋନାଲି ଆଖିରେ ଆଖିଏ ମମତା ଭରି ରୂପାଲି ଠାରୁ ବିଦାୟ ନେଲା।

କାନ୍ଦୁଥିବା ମାଆକୁ ପଡୋଶୀଙ୍କ ଗହଣରେ ଛାଡ଼ି ରୂପାଲି ଚାଲି ଆସିଲା ବାଡ଼ି ପଟକୁ, ତାର ପ୍ରିୟ, ଏକାନ୍ତ ନଜର ପୋଖରୀ କୂଳକୁ।ବାଦଲ ଗଣିବାକୁ, ତାଙ୍କର ଓ ତାର ଗନ୍ତବ୍ୟ ସ୍ଥଳ ନିର୍ଦ୍ଧାରଣ କରିବାକୁ।

ବାଡ଼ି ପଟ ଧଡ଼ା।ଟି ଖୋଲି କଏ ସେ ବୃଦ୍ଧ ଜଣେ ଜୀର୍ଣ୍ଣ ଶୀର୍ଣ୍ଣ ଅବସ୍ଥାରେ ପଶୁଛନ୍ତି।

ରୂପାଲି ଧାଇଁ ଗଲା।

ବାପା!!!!??

ବାପାଙ୍କ କୋଟରଗତ ଚକ୍ଷୁରୁ ଗର୍ବ, ଅଭିମାନ ଓ ପ୍ରଶଂସାର ଅଶ୍ରୁ ବୋହି ଆସୁଥାଏ। ରୂପାଲି ବାପାଙ୍କୁ କୋଳ କରିଥାଏ, ସତେ କି ଅନେକ ବର୍ଷ ପରେ ସନ୍ତାନ ହରାଇ ଥିବା ମାଆ ଟିଏ ଫେରି ପାଇଛି ତାର ସନ୍ତାନକୁ । ତାର ଏବେ ଆଉ କିଛି ଲୋଡ଼ା ନାହିଁ। ସେ ତା ବାପାଙ୍କୁ ଫେରି ପାଇଛି। ତାଙ୍କ ଆଖିରେ ସେ ପାଇଛି ହୀରାର ଚମକ।

ଆଶା ସାହୁ, ବସନ୍ତ ବିହାର, ନୂଆ ଦିଲ୍ଲୀ

# ମେରୀ କ୍ରିସମସ୍

ମୂଳ ରଚନା ହିନ୍ଦୀ: ଧରମ ଦୁବେ
ଓଡିଆ ଭାଷାନ୍ତର: ସନାତନ ମହାକୁଡ



ସନାତନ ମହାକୁଡ

ସାନ୍ତା

କଛି ଉପହାର

ମୋତେ ବି ଦେଇ ଯା

ମୁଁ ଖୁସି ହେବୁ

ଗ୍ଧହେଁ ଆଜି

ପିଲାଙ୍କ ପରି.....

ମେରୀ କ୍ରିସମସ୍ ।

ବେରୁଆଁବାରୀ, ନୟାଗଡ, ଓଡିଶା

ଚଳତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ତମେସଥେଁ ଭଲଲୋ୍କ !



ଏମ୍. ବିଜୟ କୁମାର

ଭଲଲୋ୍କ କହିଦେଲେ
ଭଲଲୋ୍କ ହେଇଗଲ
କାଣା ଦେଖି କଏ କେଭେ
ଭଲଲୋ୍କ କହେଲ୍ ଜେ
ଭଲଲୋ୍କ ସଥେଁ ଆଏ
ବା ବା ରେ ଇ ଭଲଲୋ୍କ
କାଣା ତମର ଭଲଜେ
କହତ ବୋ ଭଲଲୋ୍କ
ତମେ ଭଲଲୋ୍କ ପରେ
ବୋ କେଭେ କାଣା ତମେ କେଁ
ଭଲକାମଟେ କଲନ
ଭଲଗୁନ ଦେଖାଲନ

ସଥେଁ ଭଲଲୋ୍କ ତମେ!
ମାଁର ପେଟନୁ ସିଖିଛ
କ ତମର ଟୁଣେ କଏ
ଘୁସ ଘୁସ ଘୁସାଉଅଛେ
ଘୁରନା କରବାରଟା
ଭେଦ ଫେଏଲ୍ ବାରଟା

କୁକୁର- ବିଲେଇ ଛୁଆ
ମୁନୁସର ଛାଏକେ ବି
ମାଡଲେ ଗାଧବାକେ ଜ
ଗୁହୁ ଖ ମୁତକେ ବାଛ୍
ଇଟା ଭଲଲୋ୍କ ପନ
ନା ହେଟା ମୁନୁସ ପନ

ତାକ ଧିନାଧିନ ନାଚ
ନାଇଁ ପାରୁଛ ତ ଜାନ
ହଏ ବୋ ସରବ ଗିଆନ
ସଥେଁ ଭଲଲୋ୍କ ତମେ!
ମାନବାକେ ପଡ଼ବା ତ
ତମେ ଭଲଲୋ୍କ ବୋଲି
ବା ବା ରେ ଇ ଭଲଲୋ୍କ
ଜିଏ କ ନଜର କଥା
ଜାନେ ନେଇ ଜୁଗ ଜୁଗ
ହୋମ ପୁଡ଼ଲ୍ ବେଲକେ
ଅମକ ଦାସସ୍ୟ ବୋଲି
କହୁଅଛେ ବାମହନ
ଫିରବି ନାଇଁ ଜାଗଲ୍

ତମର ତ ସ୍ୱାଭିମାନ
କାହିଁ ମାନ ସନମାନ

ସଥେଁ ତମେ ସେବାଦାସ
ସଭୁ ଦିନର ଗୁଲାମ
ଫଛୁଆଲ ଜେ ପଛୁଆ
ତମେ ତ ବୁଚକା ବୁହା
ଇଜତ ମହତ ଲାଗି
ନାଇଁ ଛିତକେ ରକତ
ଭକତିନେ ଗଦଗଦ
ଧେନଧେନ ଭଲଲୋକ

ଗାଏ ଘୁସରିକେ ଇନେ
ଗଣନା ହେସି ଜାନଛ
ତାରନୁ ଏତେ ହୀନ କେ
ଜେ ଗଣନା ନାଇ ହୁଏ
ଜାଏତ- ଗଣନାବେଲେ
ନିଜ ଦେହେଁ ଟୁପେ ମାଛି
କହ ଫିର ବାଛି ବାଛି
ଭାବିଛକେ କେବେହେଲେ

ଭଲଲୋକ ହେଇଥ କ
ନାଇ ବି ଥ ଭଲଲୋକ
ଭଲଗୁନ ତମରନେ
ଥାଉ କ ନାଇ ବି ଥାଉ
ଭଲକାମ କରିଥ ତମେ
ନାଇ ବି କରିଥ ତମେ
ଫିର ବି ଅ' ଭଲଲୋକ
ମାର୍କାପିଟା ଭଦ୍ରଲୋକ ।।

ଏମ୍.ବିଜୟ କୁମାର
ମହୁଲପଲ୍ଲୀ/ ବୁଢ଼ା ବାହାଲ/
ସଁଇନ୍ତଲା/ ବଲାଙ୍ଗୀର- ୩୨

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# ସମ୍ବଲପୁରୀ ନନୀ



ଫିରୋଜ କୁମାର ପଟେଲ

ଏ ବେଟୀ....ଦମ ଧର..
ମାଁର୍ ପନତକାନ ନ ଥିମି ବଲି
ଏଁନ୍ତା ଫୁଲେଇ ହେଲେ କେଂତା ହେବା?
ତୋର ଅଂଟାହଲ୍ ସମକୁ ବାଇ କରସି ଯେ;
ଗାଁର୍ ପିଂଢାନ ଚପକ ଗଲେ ନାଇଁ ବନେ
ଗାଁ ତର୍ର୍ ଜୋର ଲହଁକ
ତତେ ର୍ଇଜ ଜିତବାର କେ ହେବା ।
ଦଗଦଗଉଥିସି ତୋର ସମ୍ବଲପୁରୀ ଶାଢ଼ୀ
ଖିରପିନ ପଏଁରୀ ଟାଡ଼ ବାହାଁସୂତା
ସବୁ ଚମକୁ ଥିବା..
ତୋର ଗୁଡର୍ ଲ୍ଲ ଜରଜର ଅଲତା
ଗୁଭ୍ନ ମଲିଫୁଲର୍ ଗଜର୍
ବନେ ସୁନ୍ଦର ଦିସସି ..ମାନୁଛେଁ;
ହେଲେ ବେଲ କାଲ କେ ଦେଖି
ତତେ ଗାଲେ ଟିକେ ପାଉଡର
ଓଠେ ଲିପିଷ୍ଟିକ୍, ଆଁଖି କାଜଲ
ସବୁ ଲଗେଇ କେ ହେବା
ନାଇଁତ ଏଭର ଧଙ୍ଗର୍
ତତେ ଫଟ୍ କରି ବାଉନ ଦେବା ।

ଢୋଲ ପାହାରେ ଭୁଲିଆ ତତେ ହେନ୍ତା ନଗ୍ନବା
ତାସା ନଶାନର୍ ତାଳେ ମଗ୍ନନ୍ ଗର୍ଯିବା
ହେଲେ ମୁହୁରିଆର୍ ମୁହୁରି ସୁରେ
ତୋର ତୁଣର୍ ଡାଳଖାଇ
ଖାଲି ଆଦି କାଲର୍ କଥା କହେଲେ
ଏଭର ଦେଖନହାରୀକେ ଅଡୁଆ ନାଇ ହେବା ?
ବେଟୀ ଗୋ ..
ତତେ ଏଭର କଥା ବି କହିକେ ହେବା ।
ଶୁନଶାନ୍ ଝାରେ ତୁଇ
ଗର୍ବର୍ ଚଉସିଙ୍ଘା ହିରନ୍ ହ କ
ମହକନର୍ କସ୍ତୁରୀ ମୃଗ
ହେଲେ, ଲ୍ ଲ୍ କରୁଥିବାର
ଆଧୁନକତାର୍ ବାଘର୍ ଗର୍ଜନ ବି
ତତେ ବାରିକେ ହେବା
ନାଇଁ ତ, ଛନେ ଗଲେ
ନା ତୁଇ ଥିବୁ ନା ତୋର ନାଁ
ଯିବା ଯିବା..ସବୁ ମେଟି ଯିବା ।

ଏ ବେଟୀ ...ବୁଝିଯା
ଅଂଟା ଭିଡ୍..ଆଗକେ ବଢ
ସୃଷ୍ଟି ଆରୁ ଶୃଙ୍ଗାର୍ ସାଙ୍ଗେ କର
ତେହେରୁ ଦେଖବୁ
ଯୁଗ ଆଏବା ଯୁଗ ଯିବା
ହେଲେ ଖାସ ତୋର ଲ୍ଗି
ଫି- ରେ୍ଜ ମଗ୍ନନ୍ ଗରଜୁଥିବା ।

ଅବନକେଲ୍, ସୁନ୍ଦରଗଡ, ଓଡିଶା।

# ଆଧ୍ୟାତ୍ମିକ ଧର୍ମର କବଳରୁ ମୁକ୍ତିର ପ୍ରୟାସ



ବାଲ୍ମୀକ ନାୟକ

ସାରା ଦୁନିଆରେ ଆଜି ତଥାକଥିତ ଈଶ୍ୱର ଓ ଆଧ୍ୟାତ୍ମିକଧର୍ମର କବଳରୁ ମୁକ୍ତ ହେବା ପାଇଁ ଅନେକ ସଚେତନ ମଣିଷ ପ୍ରୟାସ କରୁଛନ୍ତି । କାରଣ ଦିନକୁ ଦିନ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବିକାଶ ହେଉଥିବାରୁ, ତଥାକଥିତ ଐଶ୍ୱରୀୟ ଶକ୍ତି ଉପରୁ ଲୋକମାନଙ୍କର ଆସ୍ଥା ଓ ବିଶ୍ୱାସ କମ ହେବାକୁ ଲାଗିଛି । ମଣିଷ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଦ୍ୱାରା ନିର୍ମିତ ସାଧନ ଗୁଡିକ ହିଁ ସବୁ ପ୍ରକାର ସୁଖ ଏବଂ ସୁରକ୍ଷା ପ୍ରଦାନ କରୁଛି । ଈଶ୍ୱରଙ୍କୁ ପୂଜା ଓ ପ୍ରାର୍ଥନା କରି କେହି ନିଜର ସମସ୍ୟାର ସମାଧାନ କରି ପାରୁନାହାନ୍ତି । ରୋଗ ହେଲେ ବା ଦୁର୍ଘଟଣା ଜନିତ ଶାରୀରିକ ଆଘାତ ପାଇଲେ, କେହି ମନ୍ଦିରକୁ ଯାଉନାହାନ୍ତି ବରଂ ଡାକ୍ତରଙ୍କ ପାଖକୁ ଦୌଡ଼ି ଯାଉଛନ୍ତି । ଏପରିକି ତଥାକଥିତ ସିଦ୍ଧବାବାମାନେ ମଧ୍ୟ ରୋଗର ଚିକିତ୍ସା ପାଇଁ ଆଧୁନିକ ଚିକିତ୍ସାକୁ ହିଁ ଠିକ ଭାବୁଛନ୍ତି । ମନ୍ଦିରରୁ ଚୋରି ହୋଇଗଲେ ପୂଜାରୀମାନେ ମଧ୍ୟ ଚୋର ଧରିବା ପାଇଁ ଠାକୁରଙ୍କ ଭରସାରେ ବସି ରହୁନାହାନ୍ତି ବରଂ ପୋଲିସ ଥାନାକୁ ଯାଇ ଅଭିଯୋଗ କରୁଛନ୍ତି । ବିଭିନ୍ନ ଧର୍ମ ଗୁରୁମାନଙ୍କର ପ୍ରବଚନ ଲୋକମାନଙ୍କୁ ଆଉ ପ୍ରଭାବିତ କରି ପାରୁନି ଏବଂ କେହି ଭ୍ରମିତ ହେବାକୁ ଚାହୁଁ ନାହାନ୍ତି । କାଳ୍ପନିକ ଈଶ୍ୱରଙ୍କ ସ୍ୱର୍ଗକୁ ସତ ଓ ବାସ୍ତବ ଜଗତକୁ ମିଛ ବା ମାୟା କହୁଥିବା ଗୁରୁମାନେ ଯେ ଭଣ୍ଡ ତଥା ମାନସିକ ରୋଗୀ, ଏକଥା ଲୋକମାନେ ବୁଝି ସାରିଲେଣି ।

ସେଥିପାଇଁ ଆଜିର ଦୁନିଆର ପ୍ରାୟ 450 ରୁ 500 ନିୟୁତ ଲୋକ ନିରୀଶ୍ୱରବାଦୀ ବୋଲି ଏକ ସର୍ବେକ୍ଷଣରୁ ଜଣା ପଡିଛି । ଆମ ଦେଶର 2011 ମସିହାରେ ହୋଇଥିବା ଜନଗଣନା ସମୟରେ ନିଜକୁ ନିରୀଶ୍ୱରବାଦୀ ବୋଲି ଘୋଷଣା କରିଥିବା ଲୋକମାନଙ୍କ ସଂଖ୍ୟା 2,87000 ଅର୍ଥାତ 0.27% । ଆଜିରଦିନରେ ଏହାରସଂଖ୍ୟା ଆହୁରି ବୃଦ୍ଧିପାଇଥିବ ଏଥିରେ ସନ୍ଦେହ ନାହିଁ ।

ପୃଥିବୀର 6 ଗୋଟି ଦେଶରେ ବେଶୀ ସଂଖ୍ୟାରେ ନିରୀଶ୍ୱରବାଦୀ ଲୋକ ରହୁଥିବା ତାଲିକା ହେଉଛି -

1. China, 2. Japan, 3.Czech Republic, 4.France, 5.Australia, 6.Iceland .

2012 ମସିହାର ଏକ ସର୍ଭେ ଅନୁସାରେ ପୃଥିବୀର 230 ଗୋଟି ଦେଶର, ବିଶ୍ୱର ମୋଟ ଜନସଂଖ୍ୟାର ପ୍ରାୟ 16% ଲୋକ ନିରୀଶ୍ୱରବାଦୀ ବୋଲି ଜଣାପଡିଛି ।

ବିଦେଶର ଅନେକ ଖ୍ରୀଷ୍ଟିୟାନ ଧର୍ମସ୍ଥଳ ଚର୍ଚ୍ଚକୁ ଲୋକମାନେ ପୂଜା ବା ପ୍ରାର୍ଥନା କରିବାକୁ ଯାଉନଥିବାରୁ 3 ଗୋଟି ଦେଶର 6 ଗୋଟି ପୁରୁଣା ପରିତ୍ୟକ୍ତ ଚର୍ଚ୍ଚକୁ ବିଭିନ୍ନ ଜନମଙ୍ଗଳକାମ ପାଇଁ ପରିବର୍ତ୍ତନ କରିଦିଆ ଗଲାଣି । ଯଥା :-

1. Netherland ର St. Jakobus church in utrecht, 1991ରୁ ପରିତ୍ୟକ୍ତ ହୋଇ ପଡିଥିଲା । ତାକୁ Zecc Architectsରେ ପରିଣତ କରାଗଲା । ଏଥିରେ ବିଭିନ୍ନ କଳାକୃତି ନିର୍ମାଣକରି ଜନସାଧାରଣଙ୍କ ଦର୍ଶନାର୍ଥେ ଖୋଲା ଯାଇଛି ।

2. Netherland, 13 "century ର Markx+Girod'sSelexyz, Dominicanen church, Maastrichtକୁ ଦୁନିଆର ଏକ ବିଶିଷ୍ଟ, ବିଶାଳ ପାଠାଗାରରେ ପରିବର୍ତ୍ତନ କରାଯାଇଛି ।ସେଠାରେ ଲୋକମାନେ ପୂଜା ନୁହେଁ ପାଠପଢୁଛନ୍ତି ।

3. Netherland ର1930 ରୁ ପରିତ୍ୟକ୍ତ ହୋଇ ପଡିଥିବା ଅନ୍ୟ ଏକ ଚର୍ଚ୍ଚକୁ କିଣିନେଇ "Ruud Visser Architect" ନିଜର ବାସଭବନରେ ପରିବର୍ତ୍ତନ କରି ରହୁଛନ୍ତି ।

4. Germany ର St. Sebastian church in Munster, Kindergarten ସ୍କୁଲରେ ପରିବର୍ତ୍ତନ ହୋଇଗଲା ।

5. St. Mary-at-Lambeth Parish church, London, UKକୁ Museum of Garden History ରେ ପରିବର୍ତ୍ତନ ହୋଇଗଲା । ଯେଉଁଠି ଦର୍ଶକମାନଙ୍କର ଜ୍ଞାନ ବୃଦ୍ଧି ହେଉଛି ।

6. 18th.Century ର St.Nicholaschurch, Northumberland, UKକୁ SallyOnions and Ian Bottomleyକିଣିନେଇନିଜରବାସଭବନରେ ପରିବର୍ତ୍ତନ କରିଦେଇ ପରିବାରସହ ରହୁଛନ୍ତି।

ଏକ ତାଜା ଖବର ଅନୁସାରେ - ଗ୍ରୀସର ପ୍ରଧାନମନ୍ତ୍ରୀ Mr. Alexis Tsipras ଏବଂ ସେହି ଦେଶର ଅଟୋସେଫଲୟର୍ସ ଅର୍ଥୋଡେକ୍ସ ଚର୍ଚ୍ଚର ପ୍ରମୁଖ ଆର୍କବିଶପ "ଆଇରେ୍ନମସ" ସହିତ ଏକ ଐତିହାସିକ ବୁଝାମଣା ହୋଇଛି । ଏହି ବୁଝାମଣା ତାଲିକା ଅନୁସାରେ ଚର୍ଚ୍ଚର ପାଦ୍ରୀମାନଙ୍କୁ Civil Service ପଦରୁ ଅଲଗା କରିଦିଆଯିବ । ସରକାର ଖଜଣାରୁ ଚର୍ଚ୍ଚମାନଙ୍କୁ ଆର୍ଥିକ ଅନୁଦାନ ଦିଆଯିବ ନାହିଁ । ପ୍ରତ୍ୟେକ ଚର୍ଚ୍ଚର ଗଚ୍ଛିତ ସମ୍ପତ୍ତି ଏବଂ ଆମଦାନୀ ହେଉଥିବା ସମ୍ପତ୍ତିକୁ ନେଇ ସରକାର ଓ ଚର୍ଚ୍ଚ ଏକ ମିଳିତ ଆର୍ଥିକ ସଂସ୍ଥା ଗଠନ କରିବେ । ସେଇଥିରୁ ହିଁ ଦେଶରେ ଥିବା ପ୍ରାୟ ଦଶ ହଜାର ପାଦ୍ରୀମାନଙ୍କୁ ଦରମା ଦିଆଯିବ । ଧର୍ମକୁ ରାଜନୀତିଠାରୁ ଅଲଗା ରଖାଯିବ । ଧର୍ମଗୁରୁମାନେ ପୂର୍ବ ଭଳି ସରକାରଙ୍କ କାମରେ ହସ୍ତକ୍ଷେପ କରିବେ ନାହିଁ ।

ଅବଶ୍ୟ ଏହି ନିୟମ ଲାଗୁ ହେବାପାଇଁ ଆହୁରି ଲମ୍ବା ସମୟ ଲାଗିବ । କାରଣ ଚର୍ଚ୍ଚର ଧର୍ମାଧିକାରୀ ଏବଂ ସଂସଦର ସଭ୍ୟମାନଙ୍କ ଭିତରେ ବୁଝାମଣା ହେବା ବାକି ଅଛି ।

ଏହି ବୁଝାମଣାକୁ ଚର୍ଚ୍ଚର ଅନ୍ୟାନ୍ୟ ପାଦ୍ରୀମାନଙ୍କ ଦ୍ୱାରା ବିରୋଧ କରିବା ସ୍ୱାଭାବିକ । କାରଣ ଗତ ଶହ ଶହ ବର୍ଷ ଧରି ରୋମାନ କ୍ୟାଥୋଲିକମାନଙ୍କ ଦ୍ୱାରା ଚର୍ଚ୍ଚଗୁଡିକ ପରିଚାଳିତ ହେଉଛି ଏବଂ ପାଦ୍ରୀମାନଙ୍କ ଶାସନ ସମାଜ ଉପରେ ପ୍ରଭାବ ବିସ୍ତାର କରି ରଖିଛି । ଏହି ନିୟମ ଲାଗୁହେଲେ ସେମାନଙ୍କ ପ୍ରତିପତ୍ତି କମିଯିବ, ଲୋକମାନେ ସେମାନଙ୍କୁ ପୂର୍ବ ଭଳି ସମ୍ମାନ ପ୍ରଦର୍ଶନ କରିବେନାହିଁ ବୋଲି ପାଦ୍ରୀମାନେ ଆଶଙ୍କା ପ୍ରକଟ କରୁଛନ୍ତି ।

ଏବେ ମଧ୍ୟ ଛୋଟ ପିଲାମାନେ ସ୍କୁଲରେ ପ୍ରଥମେ ପ୍ରାର୍ଥନା କରି ହିଁ ପାଠପଢା ଆରମ୍ଭ କରୁଛନ୍ତି । ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଧର୍ମଶିକ୍ଷା ବାଧ୍ୟତା ମୂଳକ ଭାବେ ଚାଲିଛି । ୟୁନାନର ନ୍ୟାୟାଳୟମାନଙ୍କରେ ନ୍ୟାୟାଧୀଶଙ୍କ ଆସନ ଉପରେ ଏକ ଧାର୍ମିକ ଚିହ୍ନ (Icon) ଟାଙ୍ଗିବା ପରମ୍ପରା ରହିଛି ।

ୟୁନାନ ଦୁନିଆକୁ ଲୋକତନ୍ତ୍ର, ସଭ୍ୟତା ଏବଂ ସମସ୍ତ ଧର୍ମକୁ ସମ୍ମାନଦେବାଭଳି ବିଚାର ଦେଇଛି । ଗ୍ରୀସରୁ ହିଁ ସାରାଦୁନିଆକୁ ଆଧୁନିକ ଓ ପ୍ରଗତିଶୀଳ ମାନବ ସମାଜରସଭ୍ୟତା ପ୍ରସାର ହୋଇଥିବା ଐତିହାସିକମାନଙ୍କର ମତ ।

ଆଜିର ସମୟରେ ଦୁଇଆର କେତେକ ମୁସଲିମ ଦେଶକୁ ଛାଡିଦେଲେ ବାକି ଦେଶମାନଙ୍କରେକଟର ଧାର୍ମିକଉନ୍ମାଦନା କମ ହୋଇଯାଇଛି ଏବଂ ନିରୀଶ୍ୱରବାଦୀଙ୍କ ସଂଖ୍ୟା ବଢି ଚାଲିଛି । ସେଥିପାଇଁ ଯେଉଁ ଦେଶଗୁଡିକରେ ଧର୍ମର ପ୍ରଭାବ କମିଯାଉଛି, ସେହି ଦେଶମାନଙ୍କରେ ମାନବତା ଓ ନୈତିକତା ବୃଦ୍ଧି ପାଉଛି ।Iceland ରେ Crime rate ବାକି ସବୁ ଦେଶ ଅପେକ୍ଷା ବହୁତ କମ । କାରଣ ସେଠାରେ ନିରୀଶ୍ୱରବାଦୀଙ୍କ ସଂଖ୍ୟା ବହୁତ ବେଶୀ ।

ଦୁଃଖ ଓ ପରିତାପର ବିଷୟ ହେଉଛି - ଭାରତରେ ଏବେ ମଧ୍ୟ ଧାର୍ମିକ ଉନ୍ମାଦନା ଚରମ ଅବସ୍ଥାରେ ଅଛି । କେବଳ ରାଜନୈତିକ ଫାଇଦା ଉଠାଇବାପାଇଁ ସ୍ୱାର୍ଥପର ନେତାମାନେ ବିଭିନ୍ନ ଧର୍ମ ଗୁରୁମାନଙ୍କ ସାହାଯ୍ୟରେ ଲୋକମାନଙ୍କୁ ମାନସିକ ସ୍ତରରେ ଧାର୍ମିକ ପଙ୍ଗୁ ବନେଇବାରେ ଲାଗିଛନ୍ତି । ସରଳ ବିଶ୍ୱାସୀ ଲୋକମାନେଧର୍ମର ଅସଲ ଅର୍ଥ ନବୁଝି ମୋ ଧର୍ମ ବୁଡ଼ିଯାଉଛି ବୋଲି ଏକ ଭ୍ରମାତ୍ମକତଥା ଅହେତୁକ ଭୟରେ, ଅନ୍ୟମାନଙ୍କପ୍ରତି ଅସହିଷ୍ଣୁ ହୋଇ, ହିଂସା ପ୍ରଦର୍ଶନ କରୁଛନ୍ତି । ସେମାନେ ବୁଝି ପାରୁନାହାନ୍ତି - ଧର୍ମଟା ଏମିତି କି ଜିନିଷ ଯେ କିଏ, ତାକୁ କେଉଁଠି ବୁଡ଼ାଇଦେବ ? ଧର୍ମ ଯଦି ଈଶ୍ୱର ସମ୍ପର୍କିତ ବସ୍ତୁ ତେବେ ସେମାନେ ବୁଝିବା ଉଚିତ ଯେ ଈଶ୍ୱର ଯଦି ଅଛନ୍ତି ତ ତାଙ୍କର ଧର୍ମ ମଧ୍ୟ ରହିବ । କେଉଁ ମଣିଷ ଭଲା ଈଶ୍ୱର ଓ ଧର୍ମକୁ କପରି ନଷ୍ଟ କରିଦେଇ ପାରିବ ? ଧର୍ମାନ୍ଧ ଲୋକମାନଙ୍କୁ ଈଶ୍ୱର କ'ଣ ନିର୍ଦ୍ଦେଶ ଦେଉଛନ୍ତି ଯେ ମୋତେ ବା ମୋର ଧର୍ମକୁ ଯେଉଁମାନେ ମାନୁନାହାନ୍ତି, ତୁମେ ଯାଇ ସେମାନଙ୍କୁ ହତ୍ୟା କରିଦିଅ ?

ଆଜିର ଯୁଗରେ କାହାରିକୁ ଈଶ୍ୱର ଓ ଧର୍ମ ନାମରେ ହତ୍ୟା କରିଦେଲେ, ଈଶ୍ୱର ତୁମକୁ ରକ୍ଷା କରିବେନି କିମ୍ବା ସିଧା ଟେକିନେଇ ସ୍ୱର୍ଗରେ ବସେଇ ଦେବେନି ବରଂ ସମାଜରେ ତିଆରି କାନୁନ ଦ୍ୱାରା ହତ୍ୟାକାରୀ ଭାବେ ତୁମେ ଦଣ୍ଡିତ ହେବ । ତୁମର ଦୋଷ ପାଇଁ ତୁମର ପରିବାର ମଧ୍ୟ ଛାର ଖାର ହୋଇଯିବ । ତେଣିକି ଧର୍ମ ରହିଲେ ମଧ୍ୟ ତୁମେ କ'ଣ ପାଇବ? ଶାନ୍ତ ଚିତ୍ତରେ ବିଚାର କଲେ ସମାଜରେ ବିଶୃଙ୍ଖଳା ଜାତ ହେବନି ।ମଣିଷର ପ୍ରକୃତ ଧର୍ମ ହେଉଛି ନିଜେ ସୁଖରେ ବଞ୍ଚି ରୁହ ଅନ୍ୟକୁ ମଧ୍ୟ ସୁଖରେ ବଞ୍ଚି ରହିବାକୁ ଦିଅ ।

କେ.ଆର. ପୁରମ, ବାଙ୍ଗାଲୋର

# ଗ୍ରୀଷମ ମହିମାଁ



ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ

ଏବେ ବସନ୍ତ ଋତୁ ଗଲା
ଗ୍ରୀଷମ ଋତୁ ପ୍ରବେଶିଲା
ସକଳ ଋତୁଙ୍କ ଅସାର
ଜଳର ପାଇଁ ହାହାକାର
ଶୂନ୍ୟ ଦିଶଇ ରାଜପଥେ
ତୃଷ୍ଣା ଛାଡଇ ଲସି ସାଥେ
ଅନଳ ସମ ସୂର୍ଯ୍ୟାଲୋକ
ବାସି ପଖାଳେ ମେଣ୍ଟେଭୋକ
ମଳୟ ଗ୍ରାସ କଲା ଝାଞ୍ଜି
ପଙ୍ଖା, ଏସିରେ ମୁଣ୍ଡ ଗୁଞ୍ଜି
ଆଲୋକ ଅନଳ ସହିତେ
ଦେଖି ମାନବ ହୃଦେ ଚନ୍ତେ
ବୃକ୍ଷ, ଲତାକୁ ନାଶ କରି
ନଜେ କାଟଇ ନଜଶିରୀ
ଗଛ, ପତର ସର୍ବେ ଝୁରି
କାନ୍ଦନ୍ତି ଜଳକୁ ସୁହୁରି

ଫଳରସକୁ ଆଖୁ ପଣା
ହରଇ ଗରମ ଯନ୍ତ୍ରଣା
କାକୁଡି ସଙ୍ଗେ ତରଭୁଜ
ଖାଇଲେ ଲାଗଇ ମଉଜ
ସର୍ବତ୍ର ସର୍ବେ ଗରମିଲେ
ଜୁଇ ସଦୃଶ ସବୁ ଜଳେ
ମିଳବ ଜଳର ପରଶ
ପରାଣେ କରିଛନ୍ତି ଆଶ
ଏଭଳ ନାନା ଆଶାକରି
ଦିନ କାଟନ୍ତି ନରନାରୀ
ଏମନ୍ତେ ଗ୍ରୀଷମ ମହିମାଁ
ନାହିଁ ଗୋ ତାହାର ଉପମା

ସୌଦାମିନୀ ନଳୟ, ବଙ୍କିଆ,
ବିରମହରାଜପୁର

“ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ”

# ଶେଷ ବେଲବୁଡା



ଅଶୋକ କୁମାର ପଧାନ

କେତେଦିନ ପରେ ଦେଖଲି ଆଏଜ
ମୋର ଗାଁନେ ବେଲବୁଡା
ସୁରୁଜ ଯେନେ
ଫଳସା ଭଦ୍ରିର ପଛାଡ଼ ବାଟେ
ଯାଉଥାଏ ତାର ଘରକେ
ଯାଉଥାଆନ ଉଡି ଚରେଚର୍ଗୁଣ
କେଚେର ମେଚେର କରି
ତ ଅଧେ ପିଲ୍କର ଲ୍‌ଗି ଚର୍ ଧରି
ଦେଖ୍ ମନ ଗଦଗଦଉ ଯାଏ

ତାକର ଗ୍ଏରକମ ।
ଦଳେ ଯାଉଥାନ କାହିଁ ଆକାଶେ
ତର୍ ଲେଖେ ମିଗ୍ରେମିଗ୍ରେ ହୋଇ
ଭ୍‌ଗେ ସୁରୁଜ ତରେ
ଦେଖ୍ ମନ ହସୁଥାଏ ଆର କାନ୍ଦୁଥାଏ
ହେଲେ କାହାକେ କହେବା

ଖାଲି କୁହୁଲୁ ଥାଏ ।
ହସୁଥାଏ ଦେଖ୍କରି ଗାଁର ଇ ସମିଆ କେ
ସେ ଚେରେ ସେ ସୁରୁଜଆର ସେ ଫଳସା ଭଦ୍ରି
କେହି ନାଇଁ ବଳଦି
ଛୁଆ ବେଳର ଦେଖ୍ଥିବା ଇ ସମକୁ

କେତେ ଶାନ୍ତି କେତେ ସୁରୁତ ଇନର ସମିୟା ।
ଖାଲି ବଳଦି ଯାଇଛେ
ଗାଁର ରୋଡ ରସ୍ତା ଆର ଲୋକମାନେ
ଆଉ କାହିଁ ସେ ହଲିଆ ପିଲା କ ଚଷା
ଯାହାର ପିଠି ଥାଏ ପୁଆଲ ବୁଝେ
ହାତେ ଦୁଆଁଜୁତା ସାଙ୍ଗେ କେନ୍ଦୁବାଡି

ସବୁ ତ ଗଲାନ ହଜି ସମିୟା ସାଙ୍ଗେ ।
ଆଏଜ ଆରୁ କାହିଁ
ଗାଏବଲଦର ଖୁରାଲର ଧୂଏଲ
ମିଶି ଯାଇଛେ ସବୁ
ଟାକ୍ଟର ପାୱାରଟିଲର କେଞ୍ଚବଲ ତଳେ

ଯାହିଁ ଦେଖଲେ ବନାଲା ବଳଦ ଜନ୍ମିଲାଟା ଆର ନାହିଁ ।
ଜଟିଆ ବାବା ଗୁଡି ତଳେ ଆର କାହିଁ ଭିଡ଼
ସବେ ତ ନଜର ଟିଭି ତଳେ
ବୁଢାଦଦା ବି ଏକଲା ପଡିଛେ
କାହାକେ କହେବା କଥାନୀ ଦେଖୁଛେ
ଦିନ ଥିଲା ଇନେ ଜାଗା ନାଇଁ ମିଳୁଥାଇ
ହେଲେ ଆଏଜ

ଦଦାର ସାଙ୍ଗେ ସବୁ କଥାନୀ ମରୁଛେ ।
ଦେଖି ଫାଟିଯାଉଛେ ଛାତି
ଆତ୍ମା ବି କୁହୁଲୁଛେ
କେନ୍ତି ଫିରମି ସେ ସମୀୟକେ

ସୁରୁଜ ସାଙ୍ଗେ ଆଏଜ ମୋର ସଂସ୍କୃତି ବି ବୁଡୁଛେ ।

ଗିଧମାଲ, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

# ଧାନ କ୍ଷେତରେ ଚାଷୀ ସମସ୍ୟା



ଡ଼ି ଶୁଭମ୍

ଭାରତୀୟ ସଭ୍ୟତାର ଭାତହାଣ୍ଡି କୃଷି । 'ଅନ୍ନାଦ୍ ଭବନ୍ତି ଭୂତାନ'ର ବାର୍ତ୍ତା- କୃଷିର ଆଦ୍ୟ ଓଁକାର, ଜୀବନର ଷଠିଘର..... କର୍ଷଣରୁ କୃଷି । 'କୃଷି' ମୌସୁମୀ ବାୟୁର ଜୁଆଖେଳ.... ଭାରତ ପରି କୃଷି ପ୍ରଧାନ ଦେଶରେ 'ଜୟ କିଶାନ' ଏବେ ଅତ୍ୟନ୍ତ ଅବହେଳିତ, ବାରଦୁଆର ଶୁଣ୍ଠିପିଣ୍ଡା ହୋଇ ପେଟର ଭୋକ ମେଣ୍ଟାଇବା ପାଇଁ ଋଣ କରେ....... ଶୁଝି ନପାରିଲେ ଆତ୍ମହତ୍ୟା....!! ଆଜି ସବୁଜ ବିପ୍ଳବର କାଣ୍ଡାରିମାନେ ରାଜପଥ ଉପରେ ବିପ୍ଳବର ଚକ୍ରବାଳରେ ।

ଓଡ଼ିଶାର ୭୦ ଭାଗ ଲୋକ ମୁଖ୍ୟତଃ ଚାଷବାସ ଉପରେ ନିର୍ଭର କରନ୍ତି । ଓଡ଼ିଶାର ବିଭିନ୍ନ ଋତୁରେ ବିଭିନ୍ନ ଚାଷ କରାଯାଇଥିଲେ ହେଁ ଧାନ ମୁଖ୍ୟ ଚାଷ ଅଟେ । ମୁଖ୍ୟତଃ ଖରିଫ ଋତୁର ଆରମ୍ଭରେ ଧାନ ଚାଷ କରାଯାଇଥାଏ, ପରନ୍ତୁ ଧାନ ଚାଷର କେତେକ କ୍ଷତିକାରକ କୀଟ ଏହାର ଉତ୍ପାଦନରେ ହ୍ରାସ କରାଇଥାଏ । ବର୍ତ୍ତମାନ ସମୟରେ ଧାନ ଫସଲରେ ଚକଡା ପୋକ ଏକ ମୁଖ୍ୟ ଚିନ୍ତା ଭାବେ ଉଭା ହୋଇଛି । ଓଡ଼ିଶାର ବାଲେଶ୍ୱର , ଭଦ୍ରକ ନବରଙ୍ଗପୁର, ଗଜପତି ପ୍ରଭୃତି ଜିଲ୍ଲାରେ ଏହି କୀଟ ବହୁଳ ଭାବରେ ବ୍ୟାପିତ କରିଚାଲିଛି । ଚାଷୀ ଭାଇଙ୍କ ମୁଣ୍ଡରେ ଏବେ ଚକଡା ଚିନ୍ତା । ତେବେ ଆସନ୍ତୁ ଚକଡା ପୋକ ସମ୍ବନ୍ଧରେ ଓ ତାହାର ପରିଚାଳନା ବିଷୟରେ ଜାଣିବା ।

**ଚକଡା ପୋକ-** ଧାନ ର ଏକ ପ୍ରମୁଖ ଉତ୍ପାଦନ ହ୍ରାସକାରୀ କୀଟ ଭାବେ ଚକଡା ପୋକ ବେଶ ଜଣାଶୁଣା । କୃଷି ବିଜ୍ଞାନରେ ଏହାକୁ 'ବ୍ରାଉନ ପ୍ଲାଣ୍ଟ ହୋପର' ବୋଲି କୁହାଯାଏ । ତେବେ ଚକଡା ପୋକ ମୁଖ୍ୟତଃ ତିନୋଟି ସ୍ତର ଦେଇ ଗତି କରିଥାଏ- ଅଣ୍ଡା- ଅର୍ଭକ-

ପୂର୍ଣ୍ଣାଙ୍ଗ କୀଟ । ପୂର୍ଣ୍ଣାଙ୍ଗ କୀଟ ଦେଖିବାକୁ ମାଟିଆ ରଙ୍ଗର ସ୍ତ୍ରୀ କୀଟଟି ୫ମି.ମି ଲମ୍ବା ହୋଇଥିବା ବେଳେ ପୁରୁଷ କୀଟଟି ୪- ୪.୫ ମି.ମି ଭିତରେ ଲମ୍ବାଥାଏ । ପତ୍ର ର ମଝି ଭାଗରେ ଅଣ୍ଡା ଗୁଡିକ ଦେଖାଯାଏ (୨- ୧୨) ଅଣ୍ଡା ଟି ଧଳା ଓ ବଙ୍କା ଆକୃତିର ହୋଇଥାଏ। ସମ୍ପୂର୍ଣ ଜୀବନ ଚକ୍ର ୧୮- ୨୨ ଦିନ ଭିତରେ ଶେଷ ହୋଇଥାଏ ।

**ଲକ୍ଷଣ-** ଏହାର ପୂର୍ଣ୍ଣାଙ୍ଗ କୀଟଟି ଗଛର ତଳ ଭାଗର ରସକୁ ଶୋଷି ଶୋଷି ଖାଇଯାଇଥାଏ । ଖାଇବା ସମୟରେ ଏହା ଏକ ବିଷାକ୍ତ ପଦାର୍ଥ ନିର୍ଗତ କରିଥାଏ । ଯାହା ଫଳରେ (ହୋପର ବର୍ନ) ଲକ୍ଷଣ ଦେଖାଯାଇଥାଏ । ପତ୍ର ଗୁଡିକ ହଳଦିଆ ପଡିଯିବା ସହିତ ଗୋଲାକୃତି ଆକାରରେ ଗଛ ଶୁଖିଯାଏ । ଏହା ଯେଉଁ ଧାନ ଗଛକୁ ଆକ୍ରମଣ କରିଥାଏ, ତାହାର କାଣ୍ଡ ଭାଗ ଶୁଖିଯାଏ ଓ ଏହା ଭବିଷ୍ୟତରେ କୁଟା ହୋଇପାରେ ନାହିଁ।

**ସମାଧାନ:**

- ଚକଡା କୀଟ ଆକ୍ରାନ୍ତ ଜମିରେ ଏକ କସମକୁ ଦ୍ୱିତୀୟ ଥର ବ୍ୟବହାର କରନ୍ତୁ ନାହିଁ।
- ସହନଶୀଳ କସମ ଯଥା ଗୋଦାବରୀ, କ୍ରିଷ୍ଣାଭେନ, ଚୈତନ୍ୟ ପ୍ରଭୁତି ବ୍ୟବହାର କରିବା ଆବଶ୍ୟକ ।
- ଧାନ ଜମିର ମଝି ଭାଗରେ କାନ୍ଦି କରନ୍ତୁ । ଏହାଦ୍ୱାରା ଉପଯୁକ୍ତ ସୂର୍ଯ୍ୟାଲୋକ ମିଳପାରିବା ସହ ଆର୍ଦ୍ରତା ନିୟନ୍ତ୍ରଣ ହୋଇପାରିବ ।
- ଜମିରୁ ଅନାବନା ଘାସ ଉପାଡିଦିଅନ୍ତୁ ।
- ପୋକର ଗତିବିଧି ଲକ୍ଷ୍ୟ କରି କୀଟନାଶକ ବ୍ୟବହାର କରନ୍ତୁ ।
- ଗଛର ତଳଭାଗକୁ କାର୍ବୋଫ୍ୟୁରାଣ ଦାନା ଏକରକୁ ୧୦ କି.ଗ୍ରା, ଏସିଫେଟ ଏକଲିଟର ପାଣିରେ ୧୫ କି.ଗ୍ରା ମିଶାଇ ୩- ୪ ଥର ସ୍ପ୍ରେ କରନ୍ତୁ ।

## ଜୈବିକ ସମାଧାନ:

ମୁଖ୍ୟତଃ ପଞ୍ଚଗବ୍ୟ ରସ ବ୍ୟବହାର କରନ୍ତୁ

## ପ୍ରସ୍ତୁତି କରିବା ପ୍ରଣାଳୀ:

- ଦେଶୀ ଗାଈ ଗୋବର ରସ ୫୦୦ ମି.ଲି
- ଗୋମୂତ୍ର ୩୦୦ ମି.ଲି
- କ୍ଷୀର ୨୦୦ ମି.ଲି
- ଦହି ୨୦୦ ମି.ଲି
- ୨ଟି ପାଚଲ୍ କଦଳୀ
- ପଇଡ ପାଣି ୩୦୦ ମି.ଲି

ଉପରୋକ୍ତ ସବୁ ଜିନିଷକୁ ଗୋଟିଏ ପାତ୍ରରେ ମିଶାଇ ଘାଣ୍ଟନ୍ତୁ ଓ ଏକ ଛାଇ ଜାଗାରେ ରଖନ୍ତୁ। ଏହାକୁ ପ୍ରତି ଲିଟର ପାଣିରେ ୫୦ ମି.ଲି ମିଶାଇ ସନ୍ଧ୍ୟା ସମୟରେ ବ୍ୟବହାର କରନ୍ତୁ ।

ସାରା ଓଡ଼ିଶାରେ ବର୍ତ୍ତମାନ ଚାଷୀ ମୁଣ୍ଡରେ ଚଡକ । ସବୁଠି ଏବେ ପଡିଆରୁ ମେଲାଇଛି ପତ୍ରପୋଡ଼ା ରୋଗ । ଧାନର ଏହି ପ୍ରମୁଖ ଉତ୍ପାଦନ ହ୍ରାସକରି ରୋଗର କାରନାମା ଏବେ ସମ୍ବାଦପତ୍ର ପୃଷ୍ଠା ମଣ୍ଡନ କରୁଛି ।ଧାନ, ଚାଷୀର ମୁଖ୍ୟ ଫସଲ । କିନ୍ତୁ ପତ୍ରପୋଡ଼ା ରୋଗର ବିତ୍ପାତ ଏବେ ଏତେମାତ୍ରାରେ ବଢ଼ିଚାଲୁଛିଯେ ମୁଣ୍ଡରେ ହାତ ଦେଉଛନ୍ତି ଚାଷୀ କୁଳ। ଜାଣିରଖିବା ଉଚିତ ଯେ ପତ୍ରପୋଡ଼ା ଏକ ଜୀବାଣୁ ଜନିତ ରୋଗ । ଉଭୟ ଖରିଫ ଓ ରବି ଋତୁରେ ଧାନ ତଳ ଅବସ୍ଥା ଠାରୁ ଆରମ୍ଭ କରି ଥୋଡା ଅବସ୍ଥା ଯାଏଁ ଏହାର ପ୍ରାଦୁର୍ଭାବ ଦେଖିବାକୁ ମିଳଥାଏ । ତଳ ସମୟରେ ଏହି ରୋଗ ଦେଖାଦେଲେ ପତ୍ର ସବୁ ଶୁଖି ଝଡି ଯାଏ, ଶେଷରେ ଗଛ ନଷ୍ଟ ହୋଇଯାଏ ।

ତଳ ରୋଗ ହେବାର ମୁଖ୍ୟତଃ ୨ ସପ୍ତାହ ମଧ୍ୟରେ ସାଧାରଣତଃ ଏହି ରୋଗ ଦେଖାଯାଏ । ଏହିରୋଗ ହେଲେ ମୁଖ୍ୟତଃ ପତ୍ରର ଉପର ଭାଗରୁ ତଳ ଭାଗ ପର୍ଯ୍ୟନ୍ତ ଅଙ୍କାବଙ୍କା ଆକୃତିରେ ଶୁଖିଯାଏ । ଏହାଫଳରେ ସମୁଦାୟ ପତ୍ରଟି ମରିଯାଏ । କେତେକ କ୍ଷେତ୍ରରେ ଏହାକୁ 'କ୍ରେସେକ' ରୋଗ ମଧ୍ୟ କୁହନ୍ତି । 'କ୍ରେସେକ' ଅର୍ଥାତ ଝାଉଁଳା ପ୍ରକୃତିର ଲକ୍ଷଣ ଗଛରେ ଦେଖାଦିଏ । ଏହାଦ୍ୱାରା ଗଛ ଶୁଖି ମରିଯାଏ । ୨୫ - ୩୦ ଡିଗ୍ରୀ ତାପମାତ୍ରା ଏହିରୋଗ ପାଇଁ ଖୁବ ସହଯୋଗୀ ।

କେଣ୍ଡାରେ ଏହି ରୋଗ ହେଲେ ସମ୍ପୂର୍ଣ୍ଣ କେଣ୍ଡାଟି ଅଗାଡି ହୋଇଯାଏ । ଜଳସେଚନ କମ୍ବା ବର୍ଷାପାଣି ଦ୍ୱାରା ଏହି ରୋଗ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ବ୍ୟାପିଥାଏ । ଜମିରେ ଅଧିକ ଯବକ୍ଷାରଜାନ ଜାତୀୟ ସାର ପ୍ରୟୋଗ କଲେ ମଧ୍ୟ ଏହିରୋଗର ପ୍ରାଦୁର୍ଭାବ ଦେଖାଏ ।

**ସମାଧାନ-** ଖରାଟିଆ ଚାଷ କରନ୍ତୁ । ଜମିରୁ ଅନାବନା ଘାସ ଇତ୍ୟାଦି ଉପାଡି ଦିଅନ୍ତୁ । ଜମିରେ ଯବକ୍ଷାରଜାନ ଜାତୀୟ ସାର କମ ମାତ୍ରାରେ ବ୍ୟବହାର କରନ୍ତୁ । କଆରୀ ହୁଡା ସଫା, ପରିଷ୍କାର ରଖନ୍ତୁ । ସହନଶୀଳ ବିହନ ବ୍ୟବହାର କରନ୍ତୁ । ୧୦ ଲିଟର ପାଣିରେ ୧୦ ଗ୍ରାମ ଷ୍ଟ୍ରେପୋମାଇସିନ ସହିତ ୨୦ ଗ୍ରାମ କପର ଅକ୍ସିକ୍ଲୋରାଇଡ ( ବ୍ଲିଟକ୍ସ - ୫୦) ଭଲ ଭାବେ ମିଶାଇ ବିହନକୁ ବିଶୋଧନ କରିବାପରେ ଜମିରେ ବୁଣନ୍ତୁ । ଏହାପରେ ମଧ୍ୟ ଯଦି ପୁଣି ଏହିରୋଗ ଦେଖାଯାଏ ତେବେ କଆରିରେ ହେକ୍ଟର ପିଛା ବ୍ଲିଟକ୍ସ - ୫୦ ୭୫୦ଗ୍ରାମ କୁ ୫୦୦ ଲିଟର ପାଣିରେ ମିଶାଇ ୩- ୪ ଥର ସ୍ପ୍ରେ କରନ୍ତୁ ।

**ଜୈବିକ ସମାଧାନ-** ନିମ୍ବ ପତ୍ର ୨ କଗ୍ରା, ହେଙ୍ଗୁ ୧୦ଗ୍ରାମ, କଛି ଗୋମୂତ୍ର ଓ ଗୋବର ରସ ମିଶାଇ ଏକ ଦ୍ରବଣ ପ୍ରସ୍ତୁତ କରନ୍ତୁ । ଏହାକୁ ୧ ଘଣ୍ଟା ପର୍ଯ୍ୟନ୍ତ ଗରମ କରନ୍ତୁ । ଏଥିରୁ ୧ଲିଟର ନେଇ ୧୫ ଲିଟର ପାଣିରେ ମିଶାଇ ଜମିରେ ସିଞ୍ଚନ କରନ୍ତୁ ।

**କାଣ୍ଡବିନ୍ଧା ପୋକ:** ଧାନ ଫସଲର ଅମଳହ୍ରାସ କାରୀ କୀଟ ମଧ୍ୟରେ ଏହା ଅନ୍ୟତମ ପୂର୍ଣ୍ଣାଙ୍ଗ କୀଟଟି ଦେଖିବାକୁ ଧଳା ଅଥବା ସବୁଜମିଶା ହଳଦିଆ ରଙ୍ଗ ହୋଇଥାଏ । ପୂର୍ଣ୍ଣାଙ୍ଗ ଅର୍ଭକ ଗୁଡ଼ିକ ୨୦ମିମି ଭିତରେ ହୋଇଥାଏ ।

**ଲକ୍ଷଣ:**

ମୁଖ୍ୟତ ଅର୍ଭକ ଗୁଡ଼ିକ ସର୍ବାଧିକ କ୍ଷତିକାରକ ଅଟେ । କାଣ୍ଡର ଅନ୍ତର୍ଦେଶରେ ଅବସ୍ଥାନ କରିବା ସହ ଏହା ଭିତରେ କଣା ସୃଷ୍ଟି କରେ । ଯାହା ପାଣି ଧାରର ଟିକେ ଉପରକୁ ଦେଖାଯାଏ । ଫୁଲ ହେବା ପୂବରୁ ବଢୁଥିବା ଅଂଶ ଗୁଡ଼ିକ ଶୁଖିଯାଏ ।ସେଥିରେ ଫସଲ ଅଧିକ ପ୍ରଭାବିତ ହୋଇଥାଏ । ବସୁମତୀ କିସମ ଏହି କୀଟ ପ୍ରଭାବରେ ବେଶୀ ଆକ୍ରାନ୍ତ ହୋଇଥାଏ ।

**ସମାଧାନ:**

ଅନାବନା ଘାସ ଉପାଡ଼ିଦେବା ଆବଶ୍ୟକ ।ଯେହେତୁ ଏହା ପତ୍ରର ଉପର ପଟେ ଶୁକ ଦେଇଥାଏ, ଗଛର ମୂଳକୁ ୨୦୦ମିଲି ପାଣିରେ ୨୦୦ମିଲି କ୍ଲୋରୋପାଇରିଫସ୍ରେ ବୁଡ଼େଇରଖିବା ଆବଶ୍ୟକ ।ସହନଶୀଳ କିସମ ଯଥା ବର୍ଷା, ଇତ୍ୟାଦି ବ୍ୟବହାର କରିବା ଆବଶ୍ୟକ । ଟ୍ରାଇକୋଗ୍ରାମା ପରଜିବୀ ଶୁକ ଛାଡ଼ିବା ଆବଶ୍ୟକ । ଏହାଛଡ଼ା କାବୋଫ୍ୟୁରାନ୍ ଦାନାକୁ ୨.୫କଗ୍ରା ପ୍ରତି ହେକ୍ଟର ବ୍ୟବହାର କରିବା ଆବଶ୍ୟକ ।

**ଜୈବିକ ସମାଧାନ:**

ସଙ୍ଗଆକର୍ଷକ ଯନ୍ତା ବ୍ୟବହାର କରି କୀଟର ଗତିବିଧି ନିରିକ୍ଷଣ କରନ୍ତୁ ।ହେକ୍ଟର ପ୍ରତି ୨୫ ରୁ ୩୦ଟି କଣି ବାଉଁଶକଣି ପୋତି ଆଶ୍ରୟସ୍ଥଳୀ ସୃଷ୍ଟି କରନ୍ତୁ ।୫ ରୁ ୧୦ କଗ୍ରା ପାଉଁଶ ସହିତ ୫ ଲିଟର କିରୋସିନ ମିଶାଇ ଭୋର ସମୟରେ ଜମିରେ ପ୍ରୟୋଗ କଲେ ସୁଫଳ ମିଳବ । ୧୨କଗ୍ରା ନିମ୍ବ ରସ ସହିତ ୧ ଗ୍ରାମ ସାବୁନ ଗୁଣ୍ଡ ମିଶାଇ ୧୦୦ ଲିଟର ପାଣିରେ ଦ୍ରବିଭୂତ କରାଇ ପ୍ରୟୋଗ କରିବା ଆବଶ୍ୟକ ।

କୃଷୀ ମାନଙ୍କର ସମସ୍ୟା ଓ ସମାଧାନ ପାଇଁ ଆମକୁ ଯୋଗାଯୋଗ କରନ୍ତୁ ।

ସମ୍ପାଦକ- ଶ୍ୟାମଳ ସୁବର୍ଣ୍ଣ, ବାସୁଦେବପୁର, ଭଦ୍ରକ
ମୋ: ୯୪୩୮୪୬୭୦୭୯

# ବିଦେଶ ଖବର

## ବାହାରିନ୍ ରେ ପ୍ରବାସୀ ଭାରତୀୟ ଦିବସ

ବାହାରିନରେ ଭାରତୀୟ ଦୂତାବାସ ତରଫରୁ ଆୟୋଜିତ ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମ ସମାବେଶରେ ବେଶ୍ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଯାଇଥିଲା ବାହାରିନ ଓଡିଆ ସମାଜ । ସଂଗଠନ ପକ୍ଷରୁ ଏହି ଅବସରରେ ଓଡିଶାର ହସ୍ତତନ୍ତ ତଥା ବିଭିନ୍ନ ପ୍ରକାରର ସୁଆଦିଆ ଓଡିଆ ଖାଦ୍ୟ ଏବଂ କଳା ପ୍ରଦର୍ଶନୀ ସମସ୍ତଙ୍କୁ ଆକୃଷ୍ଟ କରିଥିଲା । ଭାରତୀୟ ରାଷ୍ଟ୍ରଦୂତଙ୍କ ଦ୍ୱାରା ଏହି ଓଡିଆ ମଣ୍ଡପ ଶ୍ରେଷ୍ଠ ବିବେଚିତ ହୋଇଥିଲା । ଏହା ପୂର୍ବରୁ ବାହାରିନ ଓଡିଆ ସମାଜ ଗତବର୍ଷ ଅନ୍ତିମ ଭାଗରେ "ଇଣ୍ଡିଆନ କମ୍ୟୁନଟି ରିଲିଫ ଫଣ୍ଡ" ପକ୍ଷରୁ ଆୟୋଜିତ ଏକ ପ୍ରଦର୍ଶନୀରେ ମଧ୍ୟ ଓଡିଆ ସଂସ୍କୃତି ଓ ପରମ୍ପରାକୁ ଆଧାର କରି ଖୋଲିଥିବା ମଣ୍ଡପ ଶ୍ରେଷ୍ଠ ବିବେଚିତ ହୋଇଥିଲା । ଓଡିଆ ଖାଦ୍ୟ ସାମଗ୍ରୀ ଯଥା ଖୀରି, ଗଜା, ମଣ୍ଡା ଓ ପୋଡ ପିଠା, ଛେନାପୋଡ ଇତ୍ୟାଦି ଦୂତାବାସର ସମସ୍ତ ଅଧିକାରୀଙ୍କ ମନ କିଣି ନେଇଥିଲା । ଏହି କାର୍ଯ୍ୟକ୍ରମକୁ ସୁରୁରୁ ରୂପେ ଆୟୋଜିତ କରିବା ପାଇଁ ସଂଗଠନର କାର୍ଯ୍ୟକାରୀ କମିଟି ସଦସ୍ୟା ବିଚିତ୍ରା ମହାପାତ୍ର, ସୁନୀତା ପ୍ରହରାଜ, ତନୀମା ସ୍ୱାଇଁ, ସ୍ନେହ ପାଣିଗ୍ରାହୀ, ସଂଘମିତ୍ରା ରାଉତ, ଅଙ୍କିତା ଶତପଥୀ, ଅଳକା ସାହୁ, ଅମୀୟ ସ୍ୱାଇଁ, ରମେଶ ପାଣିଗ୍ରାହୀ, ନୃସିଂହ ଚରଣ ନାୟକ, ଦେବାଶିଷ ରାଉତ, ହିମାଂଶୁ ତଲାଡି, ଅବିନାଶ ଶତପଥୀ, ସଚ୍ଚିଦାନନ୍ଦ ରଥ, ସୁବାସ ସାହୁ ପ୍ରମୁଖ ଏହି ଅବସରରେ ବିଶେଷ ସହୋଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମର କିଛି ଛବି ବେଦାନ୍ତୀର ପାଠକମାନଙ୍କ ପାଇଁ:

ବେଦାନ୍ତୀ




Best Traditional Stall Award for "Bahrain Odia Samaj" received from Ms. Renu Yadav , 2nd Secretary of the Indian Embassy , Kingdom of Bahrain 29th on December 2018




Baharin Odia Samaj eceived the award from Indian Embassy in a Grand ceremony held in Swiss International Hotel , Bahrain

# ପୁସ୍ତକ ପରିଚୟ



ଡ଼ି ଶୁଭମ୍






## ଶ୍ୟାମଳ ସୁବର୍ଣ୍ଣର ଚତୁର୍ଥ ସଂଖ୍ୟା ଉନ୍ମୋଚତ

ଭୁବନେଶ୍ୱର- ଭାରତୀୟ ସଭ୍ୟତାର ଭିତହାଣ୍ଡି କୃଷି । 'ଅନ୍ନାଦ୍ ଭବନ୍ତି ଭୂତାନଂର ବାର୍ତ୍ତା- କୃଷିର ଆଦ୍ୟ ଓଁକାର, ଜୀବନର ଷଠିଘର..... କର୍ଷଣରୁ କୃଷି । 'କୃଷି' ମୌସୁମୀ ବାୟୁର ଜୁଆଖେଳ... ମୋ ରାଜ୍ୟ 'ଓଡ଼ିଶା'- 'ଓଡ୍ର'ର ପରିବର୍ଦ୍ଧିତ ସଂସ୍କରଣ । ଚାଷୀରରାଇଜ । ସବୁଠି ପୁରସ୍କୃତ । ମୋର ଏହି 'ଶ୍ୟାମଳ ସୁବର୍ଣ୍ଣ' ଏକ କ୍ଷୁଦ୍ର ପ୍ରୟାସ । କୃଷି ଓ କୃଷକଙ୍କ ହିତ୍ୟାର୍ଥେ ଏହାର ଉନ୍ମେଷ ଓ ଉତ୍ତରଣ । କୃଷି ବିଜ୍ଞାନର ଛାତ୍ର ହିସାବରେ କୃଷି ଓ କୃଷକକୁ ରାହା ଯୋଗାଇବା ଏହି ତ୍ରୈମାସିକ ପତ୍ରିକାର ଉଦ୍ଦେଶ୍ୟ । କୃଷି କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଏହାର ସାମଗ୍ରିକ ସ୍ୱର । ଏହି ପରିପ୍ରେକ୍ଷୀରେ ଶ୍ୟାମଳ ସୁବର୍ଣ୍ଣର ଚତୁର୍ଥ ସଂସ୍କରଣ ମକର ସଂଖ୍ୟା ଉନ୍ମୋଚତ ହୋଇଯାଇଛି । କୃଷି ଓଡ଼ିଶାର ଦ୍ୱିତୀୟ ଦିବସ ଅବସରରେ ଏହାକୁ କୃଷି ଓ କୃଷକ ସଶକ୍ତିକରଣ, ଅବକାରୀ ବିଭାଗ ମନ୍ତ୍ରୀ ଶ୍ରୀ ଶଶିଭୂଷଣ ବେହେରା, ପଂଚାୟତିରାଜ ମନ୍ତ୍ରୀ ଶ୍ରୀ ରମେଶ ମାଝି, ବିଧାୟକ ଅରୁଣ ସାହୁ, ବିଧାୟକ ପ୍ରିୟଦର୍ଶୀ ମିଶ୍ର, କୃଷି ସଂପ୍ରସାରଣ ଡ଼ିନ୍ ପ୍ରଭାତ କୁମାର ରାଉଳ,ଇମେଜର ନିର୍ଦ୍ଦେଶକ ସତ୍ୟନାରାୟଣ ମିଶ୍ର, ସର୍ବଭାରତୀୟ କୃଷି ଛାତ୍ର ସଂସଦର ଜାତୀୟ ସଂପାଦକ ଅନୀଲ କୁମାର ମିଶ୍ର, ଗୋପବନ୍ଧୁ ଗଡ଼ନାୟକ ଏହାକୁ ଉନ୍ମୋଚନ କରିଥିଲେ । ଏହି ଅବସରରେ ପତ୍ରିକାର ସଂପାଦକ ଡ଼ି ଶୁଭମ୍ କହିଥିଲେ ଯେ ଶ୍ୟାମଳ ସୁବର୍ଣ୍ଣ ବ୍ୟବସାୟିକ ଉଦ୍ଦେଶ୍ୟ ପାଇଁ ସୃଷ୍ଟି ନୁହେଁ ବରଂ କୃଷିକୁ ଏକ ନୂତନ ମୋଡ଼ ଦେବା ଏହାର ଲକ୍ଷ୍ୟ । ଓଡ଼ିଶାରେ ଚାଷୀମାନଙ୍କ ପାଖରେ ଏହା କପରି ଉପଲବ୍ଧ ହେବ ଏହା ହିଁ ଆମର କର୍ତ୍ତବ୍ୟ ବୋଲି ସଂପାଦକ କହିଥିଲେ । କୃଷି ଦେଶର ମାନଦଣ୍ଡ ବୋଲି ଭାଷଣବାଜିରେ ସୀମିତହୋଇ ନଯାଉ, ଏହାର ବିକାଶଦିଗରେ ଅଣ୍ଟାଭିଡ଼ିବା ଆବଶ୍ୟକ । ତେବେ ଶ୍ୟାମଳ ସୁବର୍ଣ୍ଣରେ କୃଷିଭିତ୍ତିକ ତଥ୍ୟକୁ ଚାଷୀ ମାନଙ୍କ ନିକଟରେ ପହାଇବା ଆମ ଉଦ୍ଦେଶ୍ୟ । ପତ୍ରିକା ପ୍ରକାଶନରେ ସାହାଯ୍ୟ କରିଥିବା ଶୁଭେଚ୍ଛୁ ବନ୍ଧୁଙ୍କୁ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ପତ୍ରିକାର ସଂପାଦନା ମଣ୍ଡଳୀ ଶୁଭଶ୍ରୀ ସାହୁ, ବିଜ୍ଞାନ ମିହିର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।


# ପୁସ୍ତକ ପରିଚୟ



ବରଦା ପ୍ରସନ୍ନ ଦାସ

ଯେଉଁ ବିଶିଷ୍ଟ ସାହିତ୍ୱିକମାନଙ୍କ ଜୟନ୍ତୀ / ଶ୍ରାଦ୍ଧସଭା ସ୍ମାରକୀ ବକ୍ତୃତମାଳା ଓଡିଶା ସାହିତ୍ୟ ଏକାଡେମୀ ଆୟୋଜନ କରିଥାଏ, ସେମାନଙ୍କ ସଂକ୍ଷିପ୍ତ ଜୀବନୀ ସମ୍ପର୍କରେ ଶ୍ରୀ ବରଦା ପ୍ରସନ୍ନ ଦାସଙ୍କ ପୁସ୍ତକ "ଅନନ୍ୟ ସାହିତ୍ୟିକ"


ପ୍ରକାଶକ : ନବଦିଗନ୍ତ, ବାଲୁବଜାର, କଟକ




# ପୁସ୍ତକ ପରିଚୟ



ସନ୍ତୋଷ କୁମାର ମହାନ୍ତି






ପ୍ରକୃତି ଓ ମାନବ ବିକାଶ ସଂଗଠନ ନବଜୀବନ ସମାଜ ତରଫରୁ ନବଧାରା ପତ୍ରିକା ପ୍ରକାଶିତ ହେଉଛି । ଏହି ପତ୍ରିକାଟି ଗ୍ରାମାଂଚଳ ପ୍ରତିଭା ବିକାଶ ଓ ସୃଜନର ଧାରାକୁ ଚଳଚଞ୍ଚଳ କରିବା ଦିଗରେ ନିଜର ପ୍ରୟାସ ଜାରି ରଖିଛି । ନବଧାରାର ପ୍ରତିଟି ସଂଖ୍ୟାର ମଲାଟ ଓ ଅଳଂକରଣ ଜଣେ ଗ୍ରାମାଞ୍ଚଳର ଚିତ୍ରକରଙ୍କ ଦ୍ୱାରା କରାଯାଇଥାଏ । ନବୀନ ଓ ପ୍ରବୀଣ ମାନଙ୍କ ପ୍ରବନ୍ଧ, ଗଳ୍ପ କବିତା ଓ ଶିଶୁ ଲେଖା ଆଦି ଏହି ପତ୍ରିକାରେ ସ୍ଥାନ ପାଇଥାଏ । ଶିଶୁ ଓ କିଶୋର ମାନଙ୍କ ପାଇଁ ଆମ ଫୁଲ ବଗିଚା ନାମକ ଏକ ବିଭାଗ ରଖାଯାଇଅଛି । ପ୍ରତିଭାର ଝରକାରେ ସ୍ତମ୍ଭରେ ଯୁବ ଲେଖକ, ଲେଖିକା, ଚିତ୍ରକାର, ସାମାଜିକ କର୍ମୀ ମାନଙ୍କ ବିଷୟରେ ପ୍ରକାଶ ପାଇଥାଏ । ଦେହ ପା ସ୍ତମ୍ଭରେ ନିୟମିତ ସ୍ୱାସ୍ଥ୍ୟ ବିଷୟରେ ଲେଖାମାନ ପ୍ରକାଶ କରାଯାଏ । ଏହା ସହିତ ସାହିତ୍ୟ ଓ ସଂଗଠନ ଖବର ଆଦି ପ୍ରକାଶ ପାଏ । ୨୦୦୨ରୁ ଏହି ପତ୍ରିକାଟି ପ୍ରକାଶିତ ହୋଇ ସମାଜ ସଂସ୍କାର ସହ ଭାଷା ଓ ସାହିତ୍ୟର ବିକାଶ ଦିଗରେ ନିଜର ଯାତ୍ରା ଜାରି ରଖିଛି ।

ଯୋଗାଯୋଗ ଠିକଣା- ସନ୍ତୋଷ କୁମାର ମହାନ୍ତି - ସମ୍ପାଦକ - ନବଧାରା
ନବଜୀବନ ସମାଜ, ଗ୍ରାମ/ ଡାକ- ସଫା, ଜିଲ୍ଲା- କଟକ- ୭୫୪୦୨୨
ଦୂରଭାଷ ନମ୍ବର - ୯୭୭୭୭୬୩୪୬.


# ପୁସ୍ତକ ପରିଚୟ




କେଶରୀ ପ୍ରସାଦ ମହାନ୍ତି

**ଲେଖକଙ୍କ ବିଷୟରେ:**ବର୍ତ୍ତମାନ ନରସିଂହ ଚୌଧୁରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ (ସମ୍ମାନ) ଅଧ୍ୟୟନ କରୁଛନ୍ତି । ରଣଜିତ ଗ୍ରାମ ପଞ୍ଚାୟତ ଅଧିନସ୍ଥ ମହାମାଲିଆ ଗ୍ରାମର ଶ୍ରୀଯୁକ୍ତ ଅମୂଲ୍ୟ କୁମାର ମହାନ୍ତି ଓ ଶ୍ରୀମନ୍ତି ଗୀତାଞ୍ଜଳୀ ମହାନ୍ତିଙ୍କ ସୁପୁତ୍ର । ବିଜ୍ଞାନ ବିଭାଗର ଛାତ୍ର ହେଲେ ମଧ ସରସ୍ୱତୀଙ୍କ କୃପାରୁ ତାଙ୍କ ପାଖରେ ସାହିତ୍ୟର ଲୁକ୍କାୟିତ ପ୍ରତିଭା ପ୍ରତିଭାତ ହୋଇଛି ।

**ପୁସ୍ତକ ବିଷୟରେ:**ଏଇ ପୁସ୍ତକ ସମୟର ସ୍ରୋତ ରେ କପରି ଦୁଇଜଣ ଭାଇ ସମ୍ପର୍କ ର ପବିତ୍ର ବନ୍ଧନ ରେ ବାନ୍ଧି ହେଇ ଯାଇଛନ୍ତି ସେ କଥା କୁହା ଯାଇଛି । ପ୍ରଥମ ୧୦ ପୃଷ୍ଠା ସମ୍ପର୍କ ଉପରେ ଲେଖା ଯାଇଛି ଅର୍ଥାତ ସମ୍ପର୍କ ର ମହାନତା ବର୍ଣ୍ଣନା କରା ଯାଇଛି ଏବଂ ଦୁଇ ଭାଇଙ୍କ ସଂପର୍କ ବିଷୟରେ ବର୍ଣ୍ଣନା କରାଯାଇଛି । ଦୁଇଜଣ କେହି କାହାକୁ ଚିହ୍ନି ନଥିଲେ । କନ୍ତୁ ତାଙ୍କ ଭିତରେ ସଂପର୍କ ଗଢି ଉଠିଛି ଆଉ ଶେଷରେ ଜାଣିବାକୁ ମିଳଛି ଛୋଟ ସମୟରେ ବଡ ଜଣକ ସାନଟିକୁ ରକ୍ତଦାନ କରି ବଞ୍ଚାଇଥିଲା । ଆଉ ଏବେ ଯେତେବେଳେ ବଡର ଦରକାର ପଡିଛି, ସାନଟି ମଧ ରକ୍ତଦାନ କରିଛି । ଶେଷରେ ସେମାନଙ୍କ ବାପା ମାଆ ଆସିଛନ୍ତି ଏବଂ ସେତେବେଳେ ସେମାନଙ୍କୁ ଚିହ୍ନି ପାରିଛନ୍ତି ।



ସମସ୍ତ ସ୍ରୋତରେ ସମ୍ପର୍କ

(ଉପନ୍ୟାସ)

- ରଚନା : କେଶରୀ ପ୍ରସାଦ ମହାନ୍ତି
  ମହାମାଳିଆ
  ପରମାନନ୍ଦପୁର, ଭଦ୍ରକ – ୭୫୬୧୨୨
  ମୋ – ୯୯୩୮୧୯୪୬୦୧
- ପ୍ରକାଶକ : ରାଧାକାନ୍ତ ମହାନ୍ତି
- ପ୍ରଥମ ପ୍ରକାଶନ : କୁମାର ପୂର୍ଣ୍ଣିମା–୨୦୧୮
- ମୁଦ୍ରଣ : ଦୁର୍ଗା ପ୍ରେସ୍, ଯାଜପୁର
  ମୋ: ୯୪୩୭୦୮୯୫୮୦
- ମୂଲ୍ୟ : ୨୫/– ମାତ୍ର

*"Some times being a brother is ever better than to being a Super Hero".*

- Marc Brown

ଛାତ୍ର, ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଯାଜପୁର

# ଶିଶୁ ବିଭାଗ



# ମକର ଗଲ୍‌ଣି ଆ ବସନ୍ତ



ସତ୍ୟବ୍ରତ ସାହୁ

ଶୁଣିବା ଦିନଠୁ ମକର ଗୀତ
ମନମାରି ଏବେ ବସିଛି ଶୀତ
ସଭିଏଁ ଆନନ୍ଦେ ଗୃହିଁ ବସିଛନ୍ତି ମକର ଗଲ୍‌ଣି ଆ ବସନ୍ତ । ( ୧)
ରଖିଲେଣି ଲୋକେ ଟୋପି, ମଫଲର
ଜାକେଟ, ସୁଏଟର ଆଉ ଚଦର
ତୁ ଆସି ସୁଗନ୍ଧ ବାଆ ବାହିଦେଲେ ଚଉ ଶାନ୍ତି ହେବ ସବୁ ପ୍ରାଣୀର । ( ୨)
ଗଛମାନେ ପତ୍ରଝଡ଼ ଦେଲେଣି
ନୂଆ ପତ୍ର, ଫୁଲେ ହସିବେ ଜାଣି
ମକରଠୁ ଦିନ ବକର ହୋଇଛି ଚକରେ
ଚକରେ ବଢୁଛି ପୁଣି । ( ୩)
ଆମ୍ବ ଗଛେ ଶୋଭି ନୂଆ ବଉଳ
ଗଛ ଡାଳେ ନାନା ପକ୍ଷୀଙ୍କ ମେଳ
ବସନ୍ତ ଆସିବ ଗଛେ ବସା ବାନ୍ଧି ଶାବକଙ୍କ
ସାଥେ ଖେଳବେ ଖେଳ । ( ୪)
ମକର ଗଲ୍‌ଣି ଆ ବସନ୍ତ
ରହିପାରୁନ ହଳଦୀବସନ୍ତ
କୋଇଲି ନାନୀକୁ ସାଥୀ କରିଲ୍‌ଣି ଗାଇବ
ବୋଲି ସୁମଧୁର ଗୀତ । ( ୫)

ପଲ୍ଲାସାହି, କମାଳପୁର, ଅହିୟାସ, ଯାଜପୁର

# ଶୀତ ଆ ବସିବା ମିତ



ଚନ୍ଦ୍ର ଶେଖର ଗୋ

ଶୀତରେ ଶୀତ ଆ ବସିବା ମିତ
ଦୁହେଁ ମିଶି ହସି ହସି
ଗାଇବା ମିଠା ଗୀତ ||

ଶିଶୁଟିଏ ମୁଁ- କୁନକୁନ ମୋର ହାତ
କୁନକୁନ ମୋର ପାଦ
ଛୁଇଁବୁ ଯଦି ଜକେଇ
ଥରିବ ଦେହ ଶୀତେଇ
ମୁଁ କେମିତି ପଢ଼ିବି ପାଠ ଆ ବସିବା ମିତ ||

ଶୀତରେ ଶୀତ ଛୁଇଁବୁନ ମୋ ଆଇକୁ
ଛୁଇଁଲେ ଆଇ ଥରି ଉଠିବ
କମ୍ବଳ ଓଢି ଶୋଇ ପଡ଼ିବ
କା'ପାଶେ ବସି ଶୁଣିବି ଗପ ଆ ବସିବା ମିତ ||

ଶୀତରେ ଶୀତ ଛୁଇଁବୁନ ମୋ ମାଆକୁ
ଛୁଇଁଲେ ମାଆ ସକାଳୁ ଉଠି
ପିଠା ପକୋଡ଼ି ଚକୁଳ ରୁଟି
କେମିତି କରିବ କହତ ଆ ବସିବା ମିତ ||

ଶୀତରେ ଶୀତ ଛୁଇଁବୁନ ମୋ ପାପାଙ୍କୁ
ତାଙ୍କ କୋଳେ ବସି ହେବି ସେନେହ
ଆଉଁଷି ଦେବେ ସେମୋ'ରିମୁହଁ
ତୁ ବଢ଼େଇ ଦେ ତୋର ହାତ ଆ ବସିବା ମିତ ||

ଛୁଆଁ ତୋହର ଭ୍ଋରି ଶୀତଳ
ବରଫିଯାଏ ପାଣି ପବନ
ଏ ପରିବେଶ କ ଜଳଥଳ
ଶୀତଳଯାଏ ତିନ ଭୁବନ
ମୋ ଜନମ ଭୂଇଁ ଭ୍ଋରତ ଆ ବସିବା ମିତ ||

ଶୀତରେ ଶୀତ ତତେ ମୁଁ ଭଲପାଏ
ଦୀପ ଜାଳବା କେକ୍ କାଟିବା
ମିତ ବସିବା ସତ କହିବା
ମନଭରି ଖାଇବା
ଲୋ୍ ଟୋଗ୍ଲେକୋପାଏ ||

କର୍ଲାଖମାର, ନୂଆପଡ଼ା

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାର୍ ବିଶ୍ବରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଆସନ୍ତୁ ବୁଲିଯିବା ନନ୍ଦନକାନନ



ରାଜଶେଖର ସି "ଚମା"

ଆସନ୍ତୁ ବୁଲିଯିବା ଭୁବନେଶ୍ୱରସ୍ଥିତ ନନ୍ଦନକାନନ,
ନିଶ୍ଚୟ ଦର୍ଶନ କରିବା ଏହି ପ୍ରଖ୍ୟାତ ପ୍ରାଣୀଉଦ୍ୟାନ। ୧।

ବହୁତ ସୁନ୍ଦର ଏହି ମନୋରମ ନୈସର୍ଗିକ ସ୍ଥଳ,
ଏଇଠି ଭିନ୍ନ ଭିନ୍ନ ପଶୁପକ୍ଷୀଙ୍କ ସଂଖ୍ୟା ଅଛି ବହୁ ବିପୁଳ। ୨।

ଦେଖିବାକୁ ମିଳବେ ହାତୀ ଜଳହସ୍ତୀ ହରିଣ,
ରାଜହଂସ ଶୁକ୍ଲହଂସରୁ ମନୋରମ ଲାଗେ ଯେବଣ। ୩।

ଦିଶନ୍ତି ଏଇଠି ଭାଲୁ ଶିଆଳ କୋକଶିଆଳ,
ମାଙ୍କଡ଼ ହନୁମାଙ୍କଡ କରୁଛନ୍ତି ଏଇଠି ଗହଳ। ୪।

ଶରୀରରେ କଳାଚିହ୍ନ ରଖିଛନ୍ତି ବାଘ ଧଳାବାଘ ହେଟାବାଘ,
ତାଙ୍କ ପ୍ରାକୃତିକ ରୂପ ସଦା ଲାଗେ ଅଦ୍ୱିତୀୟ ଅମୋଘ। ୫।

ବହୁ ପର୍ଯ୍ୟଟକ କରନ୍ତି ଏଇଠି ବଣଭୋଜି,
ଅଳଆ ପକେଇବାକୁ କର୍ତୃପକ୍ଷ ଏଇଠି ଜମାନାହିଁ ରାଜି। ୬।

ଛୋଟପିଲା ମନୋରଞ୍ଜନ ପାଇଁ ଅଛି ଏଇଠି ଛୋଟ ରେଳଗାଡ଼ି,
ଚୁକୁଚୁକୁ ଧ୍ୱନରେ ଗ୍ଭଲୁଥାଏ ଏହି ଖେମାଞ୍ଚୀ ରେଳଗାଡ଼ି। ୭।

କଛି ଜୀବଜନ୍ତୁଙ୍କୁ ଖୋଲା ପରିବେଶ ଦିଏ ଲଘୁ ଅଭୟାରଣ୍ୟ,
ଏହାଯୋଗୁଁ ଯିବା ଉଦ୍ୟାନରେ ନନ୍ଦନକାନନ ହୋଇଛି ଅଗ୍ରଗଣ୍ୟ। ୮।

କାଞ୍ଜିଆ ହ୍ରଦରେ ଆହ୍ଲାଦ କରି ଲାଗେ ନୌକାବିହାର,
ଏସୁନ୍ଦର ଦୃଶ୍ୟ ବଢ଼େଇଛି ନନ୍ଦନକାନନର ଶୃଙ୍ଗାର। ୯।

ଆକର୍ଷକ ପୁଷ୍ପଙ୍କ ବାସସ୍ଥାନ ହେଲା ରାଜ୍ୟ ଉଦ୍ଭିଦଉଦ୍ୟାନ,
ବିଭିନ୍ନ ଜାତିର ପ୍ରଜାପତି ଆକର୍ଷିତକରେ ଦର୍ଶକଙ୍କ ଧ୍ୟାନ। ୧୦।

ନନ୍ଦନକାନନ ହେଲା ଛୋଟ ପିଲା ବୟସ୍କ ବୃଦ୍ଧଙ୍କ ପ୍ରିୟସ୍ଥାନ,
ବର୍ଣ୍ଣାତୀତ ସୌନ୍ଦର୍ଯ୍ୟର ଅଛି ଏଇଠି ଉପସ୍ଥାନ। ୧୧।

chvrajasekhar@gmail.com

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ମଶା ମାଛି କଳି



ଅବିନାଶ ବେହେରା

ମଶା ମାଛି ଦିନେ ଲାଗିଲେ କଳି,
ଦୁହେଁ ଦୁହିଁଙ୍କୁ କଲେ ଭାରି ଗାଳି ।
ମଶା କହେ, ମାଛିକୁ ତୁ ଡହରା,
ମାଛି କହିଲା, ତୁ ଭାରି ଛତରା ।
ରକତ ପିଇ ପିଇ ମଣିଷର,
ହେଇଛୁ ତାଙ୍କପରି ସ୍ୱାର୍ଥପର ।
ଛି, ଛିରେ ମାଛି, ତୁ ବଡ ଗନ୍ଧିଆ,
ରହୁ ସେଇଠି, ଯେଉଁଠି ଅଳିଆ ।
ରେ ମଶା, ତୁ ଅତି ସଫାସୁତୁରା,
ଜନମ ତୋର ଅଳିଆରୁ ପରା ।
ଘଉଡାନ୍ତିରେ ତୋତେ ଦେଇ ଧୂଆଁ,
କୁଗନ୍ଧ ଜନ୍ମୁ ଜାତ, ଗର୍ବ କିଆଁ ।

ରେ ମାଛି, ତୁ ରୋଗର ଗନ୍ତାଘର,

ତୋ ପାଇଁ ବଢଇ ପେଟ ବେମାର ।

ରେ ମଶା, ତୋରି ପାଇଁ ମ୍ୟାଲେରିଆ,

କାହିଁ ଦେଖେଇ ହଉ ବାହାପିଆ ।

ତୁ ମାଛି, ହେଉ କେତେ ଛି ଛାକର,

ଦେଖୁଛି ବଡ ବଡ କଥା ତୋର....

ଦୁହେଁ ଭାବିଲେ କଳ କାହିଁ ହେବ,

ରହିଲେ କଛି ସମୟ ନରବ ।

ମଶା ମାଛି ଭାବିଲେ ଏକ ହେବା,

ହଉ ତୋ ମୋ କଳ ଏଥର ସାରିବା ।

ତୁ ମୁଁ ସାଙ୍ଗ ସାଥି ହୋଇ ଚଳବା,

ଗୁଲ ଆମ କାମ ଆମେ କରିବା ।

ଆମକୁ କରିବ ଯେ ଅଣଦେଖା,

ରୋଗରେ ପଡିବ ସିଏ ହିଁ ଏକା ।

କୋହି, ମୟୂରଭଞ୍ଜ

# ଜଣା ପଡେନା ବେଳ



ଶେଖର କୁମାର ସ୍ୱାଇଁ

ଭୁଁଉ ଭୁଁଉ ଗ୍ଲେ ମଟର ଗାଡି
ଛୁକ ଛୁକ ଗ୍ଲେ ରେଳ,
ଦୂରକୁ ଗଲେ ତା ଦେହେ ବସି
ଜଣା ପଡେନା ବେଳ ।

ପାଦରେ ଗ୍ଲି ଗଲେ ଆମକୁ
ଦେହକୁ ଲ୍‌ଗେ ପୀଡା,
ସାଇକେଲରେ କୁଆଡେ ଗଲେ
ପଡେନା କଛି ଭଡା ।

ସାଇକେଲଟା ସବୁଠୁ ଭଲ
ତା ଠାରୁ ଭଲ ଗ୍ଲି,
ଭଲ ବ୍ୟାୟାମ ଗ୍ଲିବା ଗୋଟେ
ଦେହଟା ଲ୍‌ଗେ ଖାଲି ।

ଶ୍ରେଣୀ- ୩ୟ, ଏସ.ସି.ବି. ମେଡିକାଲ ପବ୍ଲିକ ସ୍କୁଲ, କଟକ


# ଫେବୃୟାରୀ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୩/ ୦୨/ ୨୦୧୯ | ରଟନ୍ତୀ ଚତୁର୍ଦ୍ଦଶୀ, ଉପବାସ ଓ ଶିବଚତୁର୍ଦ୍ଦଶୀ |
| ୦୪/ ୦୨/ ୨୦୧୯ | ତ୍ରିବେଣୀ ଅମାବାସ୍ୟା ଓ ମା ବିରଳା ଦେବୀଙ୍କ ଜନ୍ମୋତ୍ସବ |
| ୦୬/ ୦୨/ ୨୦୧୯ | ଶ୍ରୀ ଜଗନ୍ନାଥ ଦେବଙ୍କ ପଦ୍ମମୁଖ ବେଶ ଓ ଚନ୍ଦ୍ରଦର୍ଶନ |
| ୦୮/ ୦୨/ ୨୦୧୯ | ଶରଣ ଶେଷ |
| ୦୯/ ୦୨/ ୨୦୧୯ | ବରଦା ଚତୁର୍ଥୀ |
| ୧୦/ ୦୨/ ୨୦୧୯ | ଶ୍ରୀ ପଞ୍ଚମୀ, ସରସ୍ୱତୀ ପୂଜା, ଶ୍ରୀମନ୍ଦିରେ ବସନ୍ତୋତ୍ସବ |
| ୧୨/ ୦୨/ ୨୦୧୯<br>୧୩/ ୦୨/ ୨୦୧୯ | ମାଘ ସପ୍ତମୀ, ଚନ୍ଦ୍ରଭାଗା ତୀର୍ଥେ ସ୍ନାନ ଓ ମାସାନ୍ତ<br>କୁମ୍ଭ ସଂକ୍ରାନ୍ତୀ ଓ ଭୀଷ୍ମାଷ୍ଟମୀ |
| ୧୬/ ୦୨/ ୨୦୧୯ | ଭୈମୀ ଏକାଦଶୀ, ବରାହ ଦ୍ୱାଦଶୀ |
| ୧୭/ ୦୨/ ୨୦୧୯<br>୧୮/ ୦୨/ ୨୦୧୯ | ନିତ୍ୟାନନ୍ଦ ଗୋସ୍ୱାମୀଙ୍କ ଜନ୍ମ<br>ଶିବଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା |
| ୧୯/ ୦୨/ ୨୦୧୯ | ଅଗ୍ନୁତ୍ସବ ପୂର୍ଣ୍ଣିମା, ଯୋରନ୍ଦା ମେଳା ଓ ଚନ୍ଦ୍ରପୂଜା |

# ଚନ୍ଦ କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦- ୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com



ବେଶଭୂଷା ଦେଖି ପଗ୍ଭରିଲି -
ବାବା ତମର ପୁଣି ଏଡ଼େ ବେଗ୍ ପନ୍ଦ
ସେ ହସି କହିଲେ -
ଲଗେଜ୍ ନୁହେଁ ବାବୁ ପରମାୟୁ ନଥିପନ୍ଦ
ଅନଲାଇନ୍ ଅପଲୋଡ୍ ପାଇଁ ଆସିଚ ମୁଁ ଚନ୍ଦଗୁପ୍ତ

ଆଧାର ଲିଙ୍କହେବ ପରମାୟୁତଥ୍ୟ
"ଦୁର୍ଘଟଣାଜନତ ମୃତ୍ୟୁ"
ଏଡ଼ାଇବା ଯମରାଜଙ୍କ ମୂଳଲକ୍ଷ୍ୟ ।
ବିଜେତା: ଚନ୍ଦ୍ର ଶେଖର ଗୋ, କର୍ଲାଖମାର, ନୂଆପଡ଼ା

ତ୍ରିବେଣୀ ସଙ୍ଗମ କୁମ୍ଭ ମେଳା ହେତୁ ସୁପ୍ରସିଦ୍ଧ ଅଛି ପ୍ରୟାଗ,
କେଶରୀ ପୋଷାକ ଧୃତ ଏହି ବୈରାଗୀ କରିଥିବେ ବହୁ ତ୍ୟାଗ
ତାଙ୍କ ଜୀବନ ରେ ନାହିଁ କୌଣସି ମୋହମାୟା ବନ୍ଧନ ରାଗ ଅନୁରାଗ,
ଆଶୀର୍ବଚନ ଦେବା ଲାଗି କରୁଛନ୍ତି ବାମେତର ହସ୍ତ ର ପ୍ରୟୋଗ ।

ବିଜେତା: ଶ୍ରୀ ରାଜଶେଖର ସି

ବାବା ନୁହେଁ ମୁଁ ହାତ ଟେକୁଛି
ପେଟ ପାଇଁ ସବୁ ନାଟ କରୁଛି
ଭୋକଲ ପେଟ ମୋ ଜଳୁଛି
କିଛି ଦିଅ ବାବୁ ହେ ମୁଁ ମାଗୁଛି

ଶ୍ରୀ ପ୍ରକାଶ ସାହୁ

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା - **vedantimagazine@gmail.com**

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଗ୍ଭର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ। ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com।ଯଦି କୌଣସି କାରଣରୁ କୌଣସି ଲେଖକ/ ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**